ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୭/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, February 27/2023 | Page 14 | ₹ 7.00 | SAMBALPUR
୪୯ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 95 | ମୂଲ୍ୟ ₹୭/-



## ବେଥ୍ ମୁନିଙ୍କ ପ୍ରଭାବୀ ବ୍ୟାଟିଂ

ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆର ବେଥ୍ ମୁନି ଅପରାଜିତ ୭୪ରନ କରିଛନ୍ତି।

୧୪

୧୧

## ହେରାଫେରି-୪ରେ ସଞ୍ଜୟଙ୍କ ଏଣ୍ଟ୍ରି

ହେରାଫେରି-୪ରେ ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତଙ୍କୁ ଭିଲେନ୍ ଭୂମିକାରେ ଦେଖିବାକୁ ମିଳିବ।





ମେଘାଳୟ ବିଧାନସଭା ନିର୍ବାଚନ ପାଇଁ ସୋମବାରଠାରୁ ମତଦାନ ଆରମ୍ଭ ହେବାକୁ ଥିବାବେଳେ ଇଷ୍ଟ ଖାସି ହିଲ୍ସ ଭୋଟ କେନ୍ଦ୍ର ପାଇଁ ନିଯୁକ୍ତ ସୁରକ୍ଷା କର୍ମୀ ସହ ବାହାରିଥିବା ପୋଲିଂ ଅଧିକାରୀମାନେ।

# ସିସୋଡିଆଙ୍କୁ ଗିରଫ କଲା ସିବିଆଇ

## ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୬।୨**

ଯାହା ଆଶଙ୍କା କରାଯାଉଥିଲା ତାହା ସତ ହେଲା। ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ପ୍ରାୟ ୮ ଘଣ୍ଟା ଧରି ପ୍ରଶ୍ନ କରିବା ପରେ ଗିରଫ କରିଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାକୁ ଏକଛତ୍ରବାଦର ଚରମସୀମା ଭାବେ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଷମା କରାଯିବ ନାହିଁ ବୋଲି କହିଛି।

୨୦୨୧-୨୨ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଏଏପି ସରକାର ଏକ ଅବକାରୀ ନୀତି ପ୍ରଣୟନ କରିଥିଲେ। ଏହାକୁ କାର୍ଯ୍ୟକାରୀ କରାଯିବାବେଳେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଦର୍ଶାଇ ଉପରାଜ୍ୟପାଳ ଭି.କେ. ସାକ୍ସେନା ଗତବର୍ଷ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ସିବିଆଇ ଏକାଧିକ ଥର ସିସୋଡିଆଙ୍କ ଘରେ ଯାଞ୍ଚ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରିଥିଲା। ସପ୍ତାହେ ତଳେ ପୁନର୍ବାର ଜେରା ପାଇଁ ସିବିଆଇ ମୁଖ୍ୟାଳୟରେ ହାଜର ହେବାକୁ ନୋଟିସ୍ କରାଯାଇଥିଲା। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆ ମାର୍ଚ୍ଚ ୧ରେ ବିଧାନସଭାରେ ବଜେଟ ଉପସ୍ଥାପନ କରିବାକୁ ଥିବାରୁ ସିବିଆଇକୁ ସମୟ ମାଗିଥିଲେ। ନୂଆ ସମନ ଜାରି ପରେ ରବିବାର ପୂର୍ବାହ୍ନ ୧୧ଟା ୧୨ରେ ସିସୋଡିଆ ସିବିଆଇ ମୁଖ୍ୟାଳୟରେ ହାଜର ହୋଇଥିଲେ। ଗୋଆ ବିଧାନସଭା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ହୋଇଥିବା ଟଙ୍କା ସେ କାହାଠାରୁ ଲାଞ୍ଚ ଭାବେ ଗ୍ରହଣ କରିଥିଲେ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କ ପୂର୍ବତନ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୁଚ୍ଚିବାବୁ ଗୋରନ୍ତଲାଙ୍କ ସହ କ'ଣ ସମ୍ପର୍କ ରହିଛି ବୋଲି ତଦନ୍ତକାରୀ ଅଧିକାରୀମାନେ ସିସୋଡିଆଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ଏହି ମାମଲାରେ ରାଜସାକ୍ଷୀ ସାଜିଥିବା ଅଭିଯୁକ୍ତ ଦୀନେଶ ଆରୋରାଙ୍କ ସହ ସିସୋଡିଆଙ୍କୁ ସାମ୍ନାସାମ୍ନି ବସାଇ ପ୍ରଶ୍ନ କରାଯାଇଥିଲା। ସିବିଆଇ ତଦନ୍ତରେ ☞ପୃଷ୍ଠା-୪



ସିବିଆଇ ନିକଟରେ ହାଜର ହେବାକୁ ଯାଉଛନ୍ତି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ।

# ୩ରୁ ୩୦କୁ ଖସିଲେ ଆଦାନୀ

**ମୁମ୍ବାଇ/ନୂଆଦିଲ୍ଲୀ,୨୬।୨**

ମାସକ ପୂର୍ବରୁ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଏସିଆର ସବୁଠୁ ବିତ୍ତଶାଳୀ ଏବଂ ବିଶ୍ୱର ୩ ନମ୍ବର ଧନୀ ଥିଲେ। ୨୦୨୩ ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ସମୂହ ବିରୋଧରେ ଷ୍ଟକ୍ସ ଓ ଆକାଉଣ୍ଟ୍ସରେ ଅନିୟମିତତା ଅଭିଯୋଗ ଆଣିବା ପରେ ଆଦାନୀଙ୍କ ସାମ୍ରାଜ୍ୟ ଦୋହଲିଯାଇଛି। ସେବେଠୁ ଏହି କଙ୍ଗ୍ଲୋମେରେଟ୍‌ର ଷ୍ଟକ୍ସ ମୂଲ୍ୟ ଲଗାତର ହ୍ରାସ ପାଇବାରେ ଲାଗିଛି। ଅଦ୍ୟାବଧି ଆଦାନୀ ଟ୍ରାନ୍ସମିଶନ୍ ୭୪.୨୧% ମାର୍କେଟ ଭାଲ୍ୟୁ ହରାଇଥିବାବେଳେ ଆଦାନୀ ଏଣ୍ଟରପ୍ରାଇଜେସ୍ ୬୨% ତଳକୁ ଖସିଛି। ଆଦାନୀ ଟୋଟାଲ ଗ୍ୟାସ୍ ଲିଃ ୮୦.୬୮% ତଳକୁ ଖସିଥିବାବେଳେ ଆଦାନୀ ପାୱାର, ଆଦାନୀ ୱିଲମାର୍ ସମେତ ଏହାର ସିମେଣ୍ଟ ୟୁନିଟ୍, ମିଡିଆ କମ୍ପାନୀ ଏନ୍‌ଡିଟିଭି ଏବଂ ଆଦାନୀ ପୋର୍ଟ୍ସ ଆଣ୍ଡ ଏସ୍‌ଇଜେଡ୍ ମଧ୍ୟ ବିପୁଳ ମାର୍କେଟ ଭାଲ୍ୟୁ ହରାଇଛି। ଏଭଳି ଭାବେ ଆଦାନୀ ଗ୍ରୁପ୍‌ର ମୋଟ କ୍ଷତି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି। ଫଳରେ ୬୦ ବର୍ଷୀୟ ଆଦାନୀ ମାସକ ମଧ୍ୟରେ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ☞ପୃଷ୍ଠା-୪



ଗୌତମ ଆଦାନୀ

## ସତ ପ୍ରଘଟ ହେବାଯାଏ ପ୍ରଶ୍ନ କରୁଥିବୁ: ରାହୁଲ

ଆଦାନୀ ଗ୍ରୁପ୍ ଉପରେ ଭାରତୀୟ ନିବେଶକମାନଙ୍କ ଆସ୍ଥା ତୁଟିସାରିଥିବାବେଳେ ବିଦେଶୀ ଇନ୍‌ଭେଷ୍ଟର୍ସ ମଧ୍ୟ ମୁହଁ ଫେରାଇବାରେ ଲାଗିଛନ୍ତି। ଏସବୁ ଭିତରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡ଼ିବସିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି, ସତ ପଦାକୁ ନ ଆସିବା ଯାଏ ଆଦାନୀ ଗ୍ରୁପ୍ ଉପରେ ସରକାରଙ୍କୁ ପ୍ରଶ୍ନ କରିବା ଛାଡ଼ିବୁ ନାହିଁ। କାରଣ ଭାଜପା ନେତାମାନେ ପାର୍ଲାମେଣ୍ଟ ଭିତରେ ମଧ୍ୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ☞ପୃଷ୍ଠା-୪

# ପ୍ରଦୀପ ଜେନା ନୂଆ ମୁଖ୍ୟ ଶାସନ ସଚିବ

- **ଆସନ୍ତା ୧ରେ ଦାୟିତ୍ୱ ଗ୍ରହଣ କରିବେ**
- **ଓଇଆର୍‌ସି ଅଧ୍ୟକ୍ଷ ହେବେ ସୁରେଶ ଚନ୍ଦ୍ର ମହାପାତ୍ର**
- **ଅନୁ ଗର୍ଗ ହେଲେ ଉନ୍ନୟନ କମିଶନର**

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

ରାଜ୍ୟ ସରକାର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ଏହାସାଙ୍ଗକୁ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟ ତୁଲାଇବେ। ଆସନ୍ତା ମାର୍ଚ୍ଚ ୧ରୁ ସେ ଏହିସବୁ ଦାୟିତ୍ୱ ଗ୍ରହଣ କରିବେ। ଏବେ ସେ ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏମ୍‌ଡି ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହାସାଙ୍ଗକୁ ସେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆସନ୍ତା ୨୮ ତାରିଖରେ ଅବସର ନେବେ। ମହାପାତ୍ର ୨୦୨୨ ଫେବୃୟାରୀରେ ଅବସର ଗ୍ରହଣ କରିବାର ଥିଲା। ହେଲେ ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳ ୨ଥର ବୃଦ୍ଧି କରିଥିଲେ। ଏହାକୁ ନେଇ ବିଭିନ୍ନ ଆଲୋଚନା ଲାଗି ରହିଥିଲା। ତାଙ୍କ କାର୍ଯ୍ୟକାଳ ତୃତୀୟ ଥର ପାଇଁ ବୃଦ୍ଧି ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ରାଜ୍ୟ ସରକାର ପ୍ରଦୀପ କୁମାର ଜେନାଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ରବିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ଜେନାଙ୍କ ଉପରେ ରାଜ୍ୟ ସରକାର ଭରସା ପ୍ରକାଶ କରିଛନ୍ତି।

ଜେନା ଏସ୍‌ଆର୍‌ସି ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ୨୦୧୯ରୁ ସେ ଏସ୍‌ଆରସି ଭାବେ କାର୍ଯ୍ୟ କରୁଥିବାବେଳେ ରାଜ୍ୟକୁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା କରିବାର ସଫଳତା ଅର୍ଜିଛନ୍ତି। ଜେନା ୧୯୬୪ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ସେ ଧର୍ମଗଡ଼ ଉପଜିଲାପାଳ ଭାବେ ନିଜ ପ୍ରଶାସନିକ ସେବା ଜୀବନ ଆରମ୍ଭ କରିଥିଲେ। ☞ପୃଷ୍ଠା-୪



ପ୍ରଦୀପ ଜେନା

**ଆଜିର ସମ୍ପାଦକୀୟ**
ଦ୍ୱିତୀୟ ସାମ୍ମୁଖ୍ୟ

# ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ଥିଲେ ବୋଲି ୩୨% ଅଜ୍ଞ

**ଲଣ୍ଡନ, ୨୬।୨**

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାକୁ ସାରା ବିଶ୍ୱ ଅତି ନିକଟରୁ ଦେଖିଛି। ଏହା ଯୋଗୁ ବୈଶ୍ୱିକ ସଙ୍କଟ ମୁଣ୍ଡ ଟେକିଥିଲା। ଯୁଦ୍ଧ ପରେ ରାଷ୍ଟ୍ରଗୁଡ଼ିକ ନିଜ ପୂର୍ବ ସ୍ଥିତିକୁ ଫେରିବା ପାଇଁ ବହୁ ସମୟ ମଧ୍ୟ ଲାଗିଥିଲା। ନିକଟରେ ପ୍ରକାଶ ପାଇଥିବା ଏକ ସର୍ଭେ ରିପୋର୍ଟ ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ହୋଇଥିଲା ସେ ସମ୍ପର୍କରେ ବ୍ରିଟେନ୍‌ର ୩୭% ଯୁବପିଢ଼ି ଅବଗତ ନୁହନ୍ତି। ଗେମିଂ କମ୍ପାନୀ ସେଗା ୟୁରୋପ ଲିମିଟେଡ୍ ପକ୍ଷରୁ ଏହି ସର୍ଭେ କରାଯାଇଛି। ସେହିପରି ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ସାର୍ ୱିଲଷ୍ଟୋନ୍ ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ଥିଲେ ବୋଲି ୩୨% ଯୁବଗୋଷ୍ଠୀ ଜାଣିନାହାନ୍ତି।

ଚର୍ଚ୍ଚିଲ ଦୁଇଥର ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୪୦ରୁ ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ପ୍ରଧାନମନ୍ତ୍ରୀ ଥିଲେ। ପରେ ୧୯୫୧ରୁ ୧୯୫୫ ପର୍ଯ୍ୟନ୍ତ ମଧ୍ୟ ସେ ଏହି ଦାୟିତ୍ୱ ନିର୍ବାହ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟେନର ବିଜୟ ପଛରେ ଚର୍ଚ୍ଚିଲଙ୍କ ବଡ଼ ଭୂମିକା ଥିବା କୁହାଯାଏ। ୧୮୭୪ ନଭେମ୍ବର ୩୦ରେ ବ୍ଲେନହେମ ରାଜପ୍ରାସାଦରେ ଚର୍ଚ୍ଚିଲଙ୍କ ଜନ୍ମ। ଜଣେ ସେନା ଅଧିକାରୀ ଓ ପେସାରେ ଖବରଦାତା ହେବା ଯୋଗୁ ସେ ବହୁ ଦେଶ ଭ୍ରମଣ କରିଥିଲେ। ୧୯୦୦ ମସିହାରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଥିଲା। ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିବାବେଳେ ୧୯୪୫ରେ ଶେଷ ହୋଇଥିଲା। ୩୦ ଦେଶର ପାଖାପାଖି ୧୦୦ ନିୟୁତ ଲୋକ ଉକ୍ତ ଯୁଦ୍ଧରେ ସାମିଲ ହୋଇଥିଲେ। ୧୯୩୯ ସେପ୍ଟେମ୍ବର ୩ରେ ହିଟ୍‌ଲରଙ୍କ ନିର୍ଦ୍ଦେଶରେ ସେନା ପୋଲାଣ୍ଡ ଉପରେ ଆକ୍ରମଣ କରିଥିଲେ। ମିତ୍ର ଶକ୍ତି ଓ କେନ୍ଦ୍ର ଶକ୍ତି ମଧ୍ୟରେ ଏହି ଯୁଦ୍ଧ ୬ ବର୍ଷ ଧରି ଚାଲିଥିବାବେଳେ ମିତ୍ର ଶକ୍ତିର ବିଜୟ ହୋଇଥିଲା।

ଅନ୍ୟପକ୍ଷେ ଯୁଦ୍ଧରେ କାହାର ବିଜୟ ହୋଇଥିଲା ସେ ବିଷୟରେ ୩୮% ଲୋକ ଅବଗତ ନ ଥିବା ସର୍ଭେରୁ ଜଣାପଡ଼ିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପିସି ଗେମ୍ ପାଇଁ ଏହି ସର୍ଭେ କରାଯାଇଥିବାବେଳେ ୪୪% ଯୁବପିଢ଼ି ବିଶ୍ୱ ଯୁଦ୍ଧ-୨ ସମ୍ପର୍କରେ ଜାଣିଥିବା କୁହାଯାଇଛି। ଅନ୍ୟପକ୍ଷେ ୯%ଙ୍କ କ୍ଷେତ୍ରରେ ଯୁଦ୍ଧକୁ ନେଇ ଆଦୌ କୌଣସି ସୂଚନା ନାହିଁ। ଯୁଦ୍ଧ ସମୟରେ ଜାପାନର ☞ପୃଷ୍ଠା-୪



ସାର୍ ୱିଲଷ୍ଟୋନ୍ ଚର୍ଚ୍ଚିଲ

# ସଞ୍ଜ ହେଲେ ଗାଁରେ ଭାଲୁ

**ଆନନ୍ଦପୁର,୨୬।୨(ସ୍ୱ.ପ୍ର.)**

 କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅଳତୀ ଓ ବେଲସୁନ୍ଦରୀ ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଯାଇଛି। ସଞ୍ଜ ହେଲେ ପଲ ପଲ ହୋଇ ଭାଲୁ ଗାଁକୁ ପଶି ଆସୁଛନ୍ତି। ଫଳରେ ଲୋକେ ଘରୁ ବାହାରି ପାରୁ ନ ଥିବା ବେଳେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ରାତି ୮ ଟା ପରେ ଘରୁ ପଦାକୁ ବାହାରିବା ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଭାଲୁ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଅଞ୍ଚଳରୁ ନିୟମିତ ଭାବେ ଭାଲୁ ଯିବା ଆସିବା କରୁଛନ୍ତି। ସୂର୍ଯ୍ୟାସ୍ତ ହେବା ମାତ୍ରେ ଭାଲୁ ଗାଁ ଭିତରକୁ ପଶିଆସୁଛନ୍ତି। ଖରା ଦିନରେ ଲୋକଙ୍କ ବାଡ଼ି ବଗିଚାରେ ବରକୋଳି, ବେଲ, କାଜୁ ଆଦି ଖାଇବା ଲକ୍ଷ୍ୟରେ ଭାଲୁ ପଲ ହୋଇ ପଶିଆସୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟା ସମୟରେ ଅଳତୀ ଗ୍ରାମର ମଦନ ମୋହନ ବରାଳଙ୍କ ଅଗଣାରେ ପାଚି ପଡ଼ିଥିବା ବେଲ ୩ ଭାଲୁ ଖାଉଥିବା ଦେଖିବାକୁ ମିଳିଥିଲା। ପରେ ଗାଁ ଭିତରକୁ ପଶି ପ୍ରମୋଦ ବରାଳଙ୍କ ସମେତ ଅନେକ ଲୋକଙ୍କ ବାଡ଼ିରେ ପଶି କୋଳି ଖାଇବା ସହ ତୋରାଣୀ ପିଇ ଗାଁ ଦାଣ୍ଡରେ ବୁଲାବୁଲି କରିଥିଲେ। ଗାଁ ଲୋକେ ପାଟି କରିବାରୁ ଭାଲୁ ଜଙ୍ଗଲମୁହାଁ ହୋଇଥିଲେ। ଏପରିକି କିଛି ଦିନ ଧରି ଗାଁମୁଣ୍ଡରେ ଭାଲୁଙ୍କ ସହ ଲୋକଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ନଜର ରହିଛି। ତେବେ ଅଦ୍ୟାବଧି ଭାଲୁ କାହାର କୌଣସି କ୍ଷତି କରିନାହାନ୍ତି। ☞ପୃଷ୍ଠା-୪

- **ଅଳତୀ, ବେଲସୁନ୍ଦରୀବାସୀ ଭୟଭୀତ**
- **ବାଡ଼ିରେ ପଶି ବେଲ, ବରକୋଳି ଖାଉଛନ୍ତି**



ଗାଁରେ ଜଣଙ୍କ ବାଡ଼ିରୁ ଭାଲୁ ବେଲ ଖାଉଛନ୍ତି।



ଉତ୍ତରପ୍ରଦେଶ ବାଚସ୍ପତି ସତୀଶ ମାହାନାଙ୍କ ଦ୍ୱାରା ଲକ୍ଷ୍ନୌସ୍ଥିତ ତାଙ୍କ ବାସଭବନରେ ରବିବାର ଆୟୋଜିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଶିବପାଲ ଯାଦବ ଓ ଅନ୍ୟମାନେ।

# ତଦନ୍ତ ନବଙ୍କ ପରିବାର ସପକ୍ଷରେ ନା ଗୋପାଳଙ୍କୁ ପାଗଳ ସଜାଇବାକୁ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଶାସକ ଦଳ ପକ୍ଷରୁ ବିରୋଧୀ ଦଳ ପ୍ରତି ଆକ୍ଷେପ କରାଯାଉଥିବା ଦେଖାଯାଉଛି। ଏହାସହ ବିଜେଡି ନେତା, ବିଧାୟକ ଓ କାର୍ଯ୍ୟକର୍ତ୍ତାମାନେ ବିରୋଧୀଙ୍କ ବିପକ୍ଷରେ ଯେଉଁ ପ୍ରତିକ୍ରିୟା ରଖୁଛନ୍ତି ତାକୁ ଅନୁଶୀଳନ କଲେ ଶାସକ ବିଜେଡି ନବ ଦାସଙ୍କ ପରିବାର ସପକ୍ଷରେ ନା ହତ୍ୟା ଅଭିଯୁକ୍ତ ଗୋପାଳ ଦାସଙ୍କୁ ପାଗଳ ସଜାଇ ଖସାଇ ଦେବାକୁ ଅଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି , ନବ ଦାସ ହତ୍ୟାକାଣ୍ଡ ଘଟଣାରେ ଲଢେଇ ଜାରି ରହିବ।

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ଅଭିଯୁକ୍ତ ଗୋପାଳ ଦାସ ମାନସିକ ରୋଗରେ ପୀଡିତ ଥିବା କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ତାହାଲେ ମାନସିକ ରୋଗରେ ପୀଡିତ ଥିବା ପୋଲିସ ଅଧିକାରୀ ଭଲ ତଦନ୍ତ କିପରି କରିବା ସହ ପୁରସ୍କୃତ ହୋଇଥିଲେ। ଅଭିଯୁକ୍ତର ୨୮ ବର୍ଷର ଚାକିରି କାଳରେ ସେ ଏଏସଆଇ ପଦୋନ୍ନତି ପାଇ

### ରହସ୍ୟ ନ ଖୋଲିବା ପର୍ଯ୍ୟନ୍ତ ପ୍ରତିବାଦ ଚାଲିବ: ଜୟନାରାୟଣ

ଝାରସୁଗୁଡା ବଦଳି ହୋଇଥିଲେ। ସେଠାରେ ଦୀର୍ଘ ୧୨ରୁ ୧୪ ବର୍ଷ ରହିଥିବା ସତ୍ୟ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଝାରସୁଗୁଡାରେ ଥିବାବେଳେ ଏସ୍ଆଇ ପଦୋନ୍ନତିକୁ ଅଗ୍ରାହ୍ୟ କରିଥିବା କଥାରେ କେତେଦୂର ସତ୍ୟତା ଅଛି ନା ନାହିଁ। ଝାରସୁଗୁଡା ଜିଲାର ବହୁ କୋଇଲା ବ୍ୟବସାୟୀ ଓ କମ୍ପାନୀର ଏଜେଣ୍ଟ ଭାବେ କ୍ଷମତାରେ ଥିବା ରାଜନେତା ଓ ଅଫିସରଙ୍କୁ ଅର୍ଥ ଆଣି ଗୋପାଳ ଦେଉଥିଲେ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଏସବୁ ଦିଗରେ କ୍ରାଇମବ୍ରାଞ୍ଚ କାହିଁକି ତଦନ୍ତ କରୁନାହିଁ। ଅନ୍ୟପଟେ ଜୟନାରାଣ କହିଛନ୍ତି, ନବ ଦାସଙ୍କ ହତ୍ୟାର ରହସ୍ୟ ଖୁଲାସା ନ ହେବା ପର୍ଯ୍ୟନ୍ତ ଭାଜପା ଚୁପ୍ ବସିବନାହିଁ। ବିଧାନସଭାରୁ ରାଜରାସ୍ତା ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରତିବାଦ କରାଯିବ। ଚାଷୀଙ୍କ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ନେଇ ମଧ୍ୟ ସରକାରଙ୍କୁ ଘେରିବ ଦଳ। ସଂଖ୍ୟାଗରିଷ୍ଠତା ବଳରେ ବିଧାନସଭାରେ ସରକାର ବିରୋଧୀଙ୍କୁ ଚପାଇ ଦେଉଛନ୍ତି। ଏହି ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବେ ବୋଲି ସେ କହିଛନ୍ତି।

# ଆଜିଠୁ ଦୁଇ ଦିନିଆ ବମ୍ବେ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

### ଇନ୍‌ଭେଷ୍ଟର୍ସ ମିଟ୍ ପରେ ଆୱାର୍ଡ ଗ୍ରହଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୨ ଦିନିଆ ବମ୍ବେ ଗସ୍ତରେ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ ସେ ବମ୍ବେଠାରେ ୨ଟି କାର୍ଯ୍ୟକ୍ରମରେ ଯୋଗଦେବେ। ସ୍ପୋର୍ଟ୍ସଷ୍ଟାର୍ ମାଗାଜିନ ପକ୍ଷରୁ ଓଡ଼ିଶାକୁ ମିଳିବାକୁ ଥିବା ଆୱାର୍ଡକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବେ ବୋଲି ଜଣାପଡିଛି। ସେହିପରି ବମ୍ବେଠାରେ ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ମଧ୍ୟ ରହିଛି। ପ୍ରଥମେ ଇନଭେଷ୍ଟର୍ସ ମିଟ୍‌ରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀ ଆୱାର୍ଡ କାର୍ଯ୍ୟକ୍ରମକୁ ଯିବେ। ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ସ୍ପୋର୍ଟ୍ସ ଷ୍ଟାର ମାଗାଜିନ ପକ୍ଷରୁ ଏହି ଆୱାର୍ଡ ଦିଆଯାଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ବମ୍ବେ ଗସ୍ତରେ ଯିବେ ବୋଲି ଜଣାପଡିଛି।

# ଅଳିଆ ଗୋଟାଳିଙ୍କୁ ପ୍ରଶଂସାର ସୁଅ

**ବର୍ଜ୍ୟବସ୍ତୁରୁ ସମ୍ପଦ**

- **ମନ୍ କି ବାତ୍‌ରେ କେନ୍ଦ୍ରାପଡ଼ାର କମଳା ମହାରଣା**
- **ସ୍ୱଚ୍ଛତା ଅଭିଯାନ ସହ ମାସିକ ୬ ହଜାର ରୋଜଗାର**

କେନ୍ଦ୍ରାପଡ଼ା ଅଫିସ, ୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯୮ତମ ମନ୍ କି ବାତ୍‌କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁରୁ ସମ୍ପଦ ସହ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଆଲୋଚନା ସମୟରେ କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ପଞ୍ଚାୟତ ଖଇରାବାଦ ଗ୍ରାମର କମଳା ମହାରଣାଙ୍କୁ ମୋଦି ଉଦାହରଣ ଭାବେ ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା ପରେ ସ୍ଥାନୀୟ ଅଞ୍ଚଳରେ ଅଳିଆ ଗୋଟାଳି କମଳାଙ୍କ ନିକଟକୁ ଭାଜପାର ବରିଷ୍ଠ ନେତା ଭୁବନମୋହନ ଜେନା, ଦିଲୀପ ଦାଶ, ଦୁର୍ଯ୍ୟୋଧନ ସାହୁ ଓ ଅନ୍ୟ ବହୁ ସାମାଜିକ କର୍ମୀଙ୍କ ଶୁଭେଚ୍ଛାର ସୁଅ ଛୁଟିଛି। ବର୍ଜ୍ୟବସ୍ତୁରୁ ସାମଗ୍ରୀ ପ୍ରସ୍ତୁତ କରି କମଳାଙ୍କ ସଭାପତିତ୍ୱରେ ଥିବା ମା' ଥାନପତି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ମାସିକ ଅନ୍ୟୂନ ୬ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହି ଏସ୍ଏଚ୍‌ଜି ଗ୍ରୁପ୍‌ରେ ୨୮ରୁ ୬୩ ବର୍ଷୀୟା ୪୦ ଜଣ ମହିଳା ଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ସଦସ୍ୟା ସୁମିତ୍ରା ମହାରଣା କହିଛନ୍ତି, ଏସ୍ଏସ୍‌ଜି ଗୋଷ୍ଠୀର ସଭାପତି କମଳାଙ୍କ ଆଦର୍ଶ ଆମକୁ ରୋଜଗାର ଦେଇଛି। ଏବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ଆମକୁ ଶୁଭେଚ୍ଛା ସହ ସମ୍ମାନ ମିଳୁଛି। ତାଳପତ୍ର, କାଗଜ, ପ୍ଲାଷ୍ଟିକ ରଶି ଆଦି ସହଜ ଓ ସରଳ ଉପଲବ୍ଧ ସାମଗ୍ରୀର ଉପଯୋଗରେ ଘରୋଇ ସାମଗ୍ରୀ ପ୍ରସ୍ତୁତ କରିବା କମଳାଙ୍କ ଅଭ୍ୟାସ। ଏହି ଅଭ୍ୟାସ ଏବେ ରୋଜଗାର ଓ ମାନସମ୍ମାନ ଦେଉଛି। ପୂର୍ବରୁ ବର୍ଜ୍ୟ ସାମଗ୍ରୀ ସଂଗ୍ରହ ସମୟରେ କମଳାଙ୍କୁ ଅଳିଆ ଗୋଟେଇ ବୋଲି ସ୍ଥାନୀୟ ଅଞ୍ଚଳରେ ସମାଲୋଚନା ହେଉଥିଲା। ତେବେ ସେହି ସାମଗ୍ରୀକୁ ବିନିଯୋଗ କରି ରୋଜଗାର ପରେ ଗ୍ରାମଲୋକଙ୍କ ନଜର ବଦଳି ଯାଇଛି। ୨୦୧୬ରେ ଏସ୍ଏଚ୍‌ଜି ନିର୍ମାଣ କରି ତାଙ୍କର ଏହି ଅଭିଯାନକୁ ଆଗକୁ ନିଆଯାଇଛି। କମଳା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଆମକୁ ଅଧିକ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଛି। ତାଙ୍କର ୫ ଝିଅ ଓ ଗୋଟିଏ ପୁଅ। ପୁଅ କାଠ ମିସ୍ତ୍ରି କାମ କରନ୍ତି। ଅବସର ସମୟରେ ଘରୋଇ ସାମଗ୍ରୀ ପ୍ରସ୍ତୁତ ପାଇଁ ଆଖପାଖରୁ ପ୍ଲାଷ୍ଟିକ କ୍ଷୀର ପ୍ୟାକେଟ, ଗୁଟ୍‌ଖା ଜରି, ସିଗାରେଟ ପ୍ୟାକେଟ ଖୋଳ ଆଦି ବର୍ଜ୍ୟବସ୍ତୁ ସଂଗ୍ରହ କରୁଛନ୍ତି। ଏଥିରେ ହାତପଙ୍ଖା, ମୋବାଇଲ ଷ୍ଟାଣ୍ଡ, କଲମ ଷ୍ଟାଣ୍ଡ, ପେଡି, ଫୁଲଦାନୀ ଆଦି ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି ଆରମ୍ଭ ହେଲା। ଏହାର ଚାହିଦା ବଢ଼ିବା ପରେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ



କମଳା ମହାରଣା



ଅଳିଆ ଜରିରୁ ପ୍ରସ୍ତୁତ ସାମଗ୍ରୀ।

ସହଯୋଗରେ ଏହାକୁ ବ୍ୟାପକ କରାଯାଇଛି। କମଳାଙ୍କ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ତାଙ୍କର ଉଦ୍ୟମ ଯୋଗୁ ଆମ ଜିଲା ପାଇଁ ଗର୍ବ କରିବା ସମୟ ଆସିଛି। ପ୍ରତିଦିନ ଆମେ ବହୁ ସାମଗ୍ରୀକୁ ବ୍ୟବହାର ପରେ ପ୍ଲାଷ୍ଟିକ ପରି ପଦାର୍ଥକୁ ବର୍ଜ୍ୟ କରୁଛୁ। ଏହାକୁ ରୋଜଗାରର ମାଧ୍ୟମ କରିବା ଏକ ବଡ଼ କଥା। ଏହାଦ୍ୱାରା ସ୍ୱଚ୍ଛତା ଅଭିଯାନ ସହ ରୋଜଗାର ମିଳୁଛି। ବର୍ଜ୍ୟବସ୍ତୁରୁ ଖତ ପ୍ରସ୍ତୁତ କରାଯାଇ ଏବେ ପୌରସଂସ୍ଥା ପକ୍ଷରୁ ବିକ୍ରି କରାଯାଉଛି। କମଳାଙ୍କ ପରି ମହିଳାମାନେ ଏ ଦିଗରେ ଆଗକୁ ଆସିଲେ ସ୍ୱଚ୍ଛ ଭାରତ ଅଭିଯାନ ଅଗ୍ରଗତି କରିବ। ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ସମସ୍ତ ସାମଗ୍ରୀର ବିକ୍ରି ପାଇଁ ଜିଲା ପ୍ରଶାସନ ସର୍ବଦା ଉଦ୍ୟମ କରିଆସୁଛି। ମେଳାରେ ଏହାର ବହୁଳ ବିକ୍ରି ହେଉଥିବା ବେଳେ ଜିଲାର ବିଭିନ୍ନ ସାମଗ୍ରୀକୁ ଅନ୍‌ଲାଇନ ମାଧ୍ୟମରେ ବିକ୍ରି ପାଇଁ ସୁଯୋଗ ଦିଆଯାଉଛି। ଏ ଦିଗରେ ମିଶନ ଶକ୍ତି, ଓର୍‌ମାସ ଆଦି କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।

# ବିଜେଡି ଆଇନ ସାମ୍ଭୁଖ୍ୟ ତାଲିକାରେ ମୃତବ୍ୟକ୍ତି

ପାରଳାଖେମୁଣ୍ଡି, ୨୬।୨(ଡି.ଏନ୍.ଏ)

ବିଜେଡି ଆଇନ ସାମ୍ଭୁଖ୍ୟ ତାଲିକାରେ ସ୍ଥାନ ପାଇଛନ୍ତି ଜଣେ ମୃତବ୍ୟକ୍ତି। ସେ ହେଲେ ଗଜପତି ଜିଲା ପାରଳାଖେମୁଣ୍ଡିର ସ୍ୱର୍ଗତ ରାମନାଥ ମିଶ୍ର। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ସ୍ଥାଣୁଥିବା ବିଜେଡି ଆଇନ ସାମ୍ଭୁଖ୍ୟର ପୁନର୍ଗଠନ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଶନିବାର ୫୧ଜଣିଆ ଆଇନ ସାମ୍ଭୁଖ୍ୟ ଗଠନ କରାଯାଇଛି। ମିଳନ କାନୁନ୍‌ଗୋଙ୍କୁ ସାମ୍ଭୁଖ୍ୟର ରାଜ୍ୟ ସଭାପତି କରାଯାଇଥିବା ବେଳେ ତାଙ୍କ ସହିତ ୪ଜଣ ଉପଦେଷ୍ଟା, ୭ ଜଣ ଉପସଭାପତି, ଜଣେ ସମ୍ପାଦକ, ଜଣେ ରାଜ୍ୟ ସଂଯୋଜକ ଓ ୪ ଜଣ ଜୋନାଲ ସଂଯୋଜକଙ୍କୁ ନିଯୁକ୍ତି ମିଳିଛି। ଏଥିସହିତ ୩୩ଟି ସାଂଗଠନିକ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ତେବେ ଏହି ତାଲିକାରେ ସ୍ୱର୍ଗତ ରାମନାଥ ମିଶ୍ରଙ୍କୁ ଗଜପତି ଜିଲା ଆଇନ ସାମ୍ଭୁଖ୍ୟର ସଭାପତି କରାଯାଇଛି। ସ୍ୱର୍ଗତ ମିଶ୍ର ବିଜେଡିର ଜଣେ ବରିଷ୍ଠ ନେତା ଥିଲେ। ସେ ପାରଳାଖେମୁଣ୍ଡି ଓକିଲ ସଂଘର ସଭାପତି ଭାବେ ୨୫ ଥର ନିର୍ବାଚିତ ହୋଇଥିଲେ। ତେବେ ୨୦୨୨ ଅକ୍ଟୋବର ମାସରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ରାମନାଥଙ୍କ ଦେହାନ୍ତ ହେବାର ୪ମାସ ପରେ ବିଜେଡି ଆଇନ ସାମ୍ଭୁଖ୍ୟ ପାଇଁ ପ୍ରସ୍ତୁତ ତାଲିକାରେ ତାଙ୍କ ନାମ ପ୍ରକାଶ କରାଯିବାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ବିଜେଡି ମୃତ ଲୋକଙ୍କୁ ନେଇ ସାମ୍ଭୁଖ୍ୟ ଗଠନ କରୁଛି। କିଏ ଜୀବିତ କିମ୍ବା ମୃତ ଦଳ ପାଖରେ ସୂଚନା ରହୁନାହିଁ ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି।



ସ୍ୱର୍ଗତ ରାମନାଥ ମିଶ୍ରଙ୍କ ଫାଇଲ ଫଟୋ।




# ଆରମ୍ଭ ହେଲାଣି ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନୀ ଉଷ୍ମତା

- **ନିର୍ଣ୍ଣାୟକ ଭୂମିକା ନେବେ ଯୁବ ଆଇନଜୀବୀ**
- **ମାର୍ଚ୍ଚ ୧ରୁ ପ୍ରାର୍ଥୀପତ୍ର ଦାଖଲ**
- **ଏପ୍ରିଲ ୧୫ରେ ନିର୍ବାଚନ, ୨୧ରେ ଭୋଟ ଗଣତି**

କଟକ ଅଫିସ, ୨୬।୨

ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ ଆସନ୍ତା ଏପ୍ରିଲ ୧୫ରେ ଅନୁଷ୍ଠିତ ହେବ। କାଉନ୍‌ସିଲ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଇନଜୀବୀମାନଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଛି। ବିଭିନ୍ନ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ରଣକୌଶଳ ଆରମ୍ଭ ହୋଇଗଲାଣି। ଯୁବ ଆଇନଜୀବୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

କାଉନ୍‌ସିଲ ପକ୍ଷରୁ ରବିବାର ମିଳିଥିବା ପ୍ରେସ୍ ଇସ୍ତାହାର ଅନୁସାରେ, ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏଥିସହ ଆଇନଜୀବୀ ବାସୁଦେବ ପୂଜାରୀ ଓ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ସହକାରୀ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବେ। ବିଜ୍ଞପ୍ତି ଅନୁସାରେ, ଆସନ୍ତା ମାର୍ଚ୍ଚ ୧ରୁ ୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସମୟସୀମା ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। କୌଣସି ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ଚାହିଁଲେ ମାର୍ଚ୍ଚ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ମଧ୍ୟରେ କରିପାରିବେ। ମାର୍ଚ୍ଚ ୧୭ ତାରିଖ ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିପରି ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଏପ୍ରିଲ ୨୧ରେ ଭୋଟ ଗଣତି ହେବ। ଭୋଟ ଗଣତି ନିମନ୍ତେ ତାରିଖରେ କୌଣସି ପରିବର୍ତ୍ତନ କରାଗଲେ ତାହା ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ୱେବ୍‌ସାଇଟ୍‌ରେ ସୂଚାଇ ଦିଆଯିବ ବୋଲି ଜଣାଯାଇଛି।

ମୁଦ୍ରିତ ପ୍ରାର୍ଥୀପତ୍ର କାଗଜ ୧୦୦ ଟଙ୍କା ବିନିମୟରେ ବାର୍ କାଉନ୍‌ସିଲ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି। ମୋଟ ୨୫ଟି ପଦବୀ ନିମନ୍ତେ ନିର୍ବାଚନ ହେବ। ସେଥିମଧ୍ୟରୁ ୧୩ଟି ଆସନ ପାଇଁ ଅନ୍ୟୂନ ୧୦ ବର୍ଷ ଆଇନଜୀବୀ ଭାବେ ରାଜ୍ୟ ରୋଲ୍‌ରେ ପଞ୍ଜୀକରଣ ହୋଇଥିବା ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ନୋମିନେଶନ ଦେୟ ୩୦ ହଜାର ଟଙ୍କା ରଖାଯାଇଛି, ଯାହାକି ଫେରସ୍ତ ନୁହେଁ। ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରାର୍ଥୀଙ୍କ ସହ ସମର୍ଥକ ଓ ପ୍ରସ୍ତାବକ ନିଜେ ବାର୍ କାଉନ୍‌ସିଲ ଅଥବା ବାର୍ ଆସୋସିଏଶନ ପ୍ରଦତ୍ତ ପରିଚୟପତ୍ର ସହ ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ବିଭିନ୍ନ ପଦବୀ ଲାଗି ଶେଷଥର ପାଇଁ ୨୦୧୩ରେ ନିର୍ବାଚନ ହୋଇଥିଲା। ଏଥିପାଇଁ ରାଜ୍ୟବ୍ୟାପୀ ମତଦାନ କରାଯାଇଥିଲା। ନିର୍ବାଚିତ ପ୍ରାର୍ଥୀମାନେ ୨୦୧୪ରେ ଶପଥ ଗ୍ରହଣ କରିଥିଲେ। ୨୦୧୯ରେ ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପୁନର୍ବାର ଆଉ ୬ ମାସ ଲାଗି ବୃଦ୍ଧି କରାଯାଇଥିଲା। ଏହାପରେ ଆଉ ନିର୍ବାଚନ ହୋଇ ନ ଥିଲା। ଏକ ଅନ୍ତରୀଣ କମିଟି ଦ୍ୱାରା କାଉନ୍‌ସିଲ ପରିଚାଳିତ ହେଉଥିଲା। ଏଥିସହ କାଉନ୍‌ସିଲ ନିର୍ବାଚନ ପାଇଁ ହାଇକୋର୍ଟରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା।

# ବାୟୋଟେକ୍ନୋଲୋଜିରେ ପୁଞ୍ଜିନିବେଶ ପାଇଁ ଓଡ଼ିଶାର ଆମନ୍ତ୍ରଣ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**




## ଆନ୍ତର୍ଜାତିକ 'ବାୟୋ-ଏସିଆ' ସମ୍ମିଳନୀ

ହାଇଦ୍ରାବାଦରେ ଚାଲିଥିବା ଆନ୍ତର୍ଜାତିକ 'ବାୟୋ-ଏସିଆ' ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାୟୋଟେକ୍ନୋଲୋଜି ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହ ସେ ରାଜ୍ୟରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ପୁଞ୍ଜି ନିବେଶ ପାଇଁ ନିବେଶକ ତଥା ଶିଳ୍ପୋଦ୍ୟୋଗୀଙ୍କୁ ଆମନ୍ତ୍ରଣ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଶିଳ୍ପ ନୀତିରେ ବାୟୋଟେକ୍ନୋଲୋଜିକୁ ଅଗ୍ରାଧିକାର ଦିଆଯାଇଥିବାବେଳେ ସରକାର ସମ୍ପୃକ୍ତ କ୍ଷେତ୍ରର ଉଦ୍ୟୋଗୀମାନଙ୍କୁ ସବୁମତେ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ଭୁବନେଶ୍ୱର ନିକଟବର୍ତ୍ତୀ ଅନ୍ଧାରୁଆସ୍ଥିତ ବାୟୋଟେକ୍ ପାର୍କରେ ଭାରତ ବାୟୋଟେକ୍ ଟିକା ଉତ୍ପାଦନ କରିବାକୁ ଯାଉଛି। ଏଥିପାଇଁ ୫୦୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରାଯାଇଥିବାବେଳେ ଏହାର ସମ୍ପ୍ରସାରଣ ପାଇଁ ଆହୁରି ୭୦୦ କୋଟି ଟଙ୍କା ନିବେଶ ନିମନ୍ତେ ପ୍ରତିଶ୍ରୁତି ମିଳିଛି। ସେହିଭଳି ରାଜ୍ୟରେ ଥିବା ବାୟୋ-ଇନ୍‌କ୍ୟୁବେଟରଙ୍କ ଦ୍ୱାରା ଏକ ବର୍ଦ୍ଧିଷ୍ଣୁ ଷ୍ଟାର୍ଟଅପ୍ ପରିବେଶ ସୃଷ୍ଟି ହୋଇଛି। ଓଡ଼ିଶାରେ ଆନୁଷ୍ଠାନିକ ବ୍ୟବସ୍ଥା, ଦକ୍ଷ ମାନବସମ୍ବଳ, ଉନ୍ନତ ପ୍ରାକୃତିକ ଜୈବବିବିଧତା ଓ ସ୍ୱଳ୍ପ ବ୍ୟୟରେ ଉତ୍ପାଦନ କ୍ଷମତା ବୃଦ୍ଧି ପରି ସୁବିଧାଗୁଡ଼ିକ ଉପଲବ୍ଧ ହେଉଛି। ଆନ୍ତର୍ଜାତିକ ସଂସ୍ଥା ସହ ଓଡ଼ିଶାରେ ବାୟୋଟେକ୍ ଅଭିବୃଦ୍ଧି ନିମନ୍ତେ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହାସହିତ ଓଡ଼ିଶା ସରକାର ବାୟୋଟେକ୍ ପୁଞ୍ଜିନିବେଶକଙ୍କୁ ରିହାତି ସମେତ ଟିକସ ଛାଡ଼, ମୂଳଧନ ବିନିଯୋଗରେ ପ୍ରୋତ୍ସାହନ ଇତ୍ୟାଦି ଯୋଗାଇ ଦେଉଛନ୍ତି। ରାଜ୍ୟରେ ଉପଲବ୍ଧ ଜୈବସମ୍ବଳରୁ ବାୟୋଟେକ୍ନୋଲୋଜି ସହାୟତାରେ ନୂତନ ସାମଗ୍ରୀ ଉତ୍ପାଦନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ରାଜ୍ୟ ସରକାର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ନିମନ୍ତେ ଯୋଜନା କରୁଥିବା କଥା ମନ୍ତ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପଣ୍ଡା ତେଲଙ୍ଗାନାର ଶିଳ୍ପ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ କେ.ଟି. ରାମାରାଓଙ୍କୁ ସାକ୍ଷାତ କରି ରାଜ୍ୟରେ ବାୟୋଟେକ୍ନୋଲୋଜି ଶିକ୍ଷା ଓ ଗବେଷଣା ବିକାଶ ଉପରେ ଆଲୋଚନା କରିଥିଲେ। ଏଥିସହ ଡ. ରେଡ୍ଡି ଲାବରେଟୋରୀର ଡ. ସତୀଶ ରେଡ୍ଡି ଓ ଫେଡେରେଶନ୍ ଅଫ୍ ଏସିଆନ୍ ବାୟୋଟେକ୍ ଆସୋସିଏଶନ୍‌ର ପ୍ରତିନିଧିଙ୍କ ସହିତ ମଧ୍ୟ ମନ୍ତ୍ରୀ ପଣ୍ଡା ମତବିନିମୟ କରିଥିଲେ।

# ଆର୍ଥିକ କାରବାର, ଗୁପ୍ତ ତଥ୍ୟ ନେଇ ଖୋଳତାଡ଼

## ଚାନ୍ଦିପୁର ଆଇଟିଆର୍‌ରୁ ତଥ୍ୟ ଲିକ୍ ମାମଲା

### ରିମାଣ୍ଡର ପ୍ରଥମ ଦିନରେ ବାବୁରାମଙ୍କୁ ଜେରା କଲେ ଆଇଜି

**ବାଲେଶ୍ୱର ଅଫିସ,୨୬।୨**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରୁ ପ୍ରତିରକ୍ଷା ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିବା ଆଇଟିଆର୍‌ର ବରିଷ୍ଠ ବୈଷୟିକ ଅଧିକାରୀ ବାବୁରାମ ଦେଙ୍କୁ ପୋଲିସ ଶନିବାର ୪ ଦିନିଆ ରିମାଣ୍ଡରେ ନେଇଛି। ରବିବାର ପ୍ରଥମ ଦିନରେ ତାଙ୍କୁ ଜେରା କରି ଆର୍ଥିକ କାରବାର ଓ ଗୁପ୍ତ ତଥ୍ୟ ନେଇ ଖୋଳତାଡ଼ କରିଛନ୍ତି ଆଇଜି ହିମାଂଶୁ ଲାଲ। ଆର୍ଥିକ କାରବାର ସମ୍ପର୍କରେ ବିଭିନ୍ନ ଅଧିକାରୀଙ୍କ ସହାୟତା ନିଆଯିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହିଛନ୍ତି।

ଗିରଫ ବାବୁରାମ ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଥିଲେ। ଅଧିକାଂଶ ମିଶାଇଲ ଟେଷ୍ଟ ବେଳେ ତାଙ୍କୁ କାର୍ଯ୍ୟପାଇଁ ଆଇଟିଆର୍ ପକ୍ଷରୁ ନିୟୋଜିତ କରାଯାଉଥିଲା। ପୃଥ୍ୱୀ, ବ୍ରହ୍ମୋସ୍, ବଂଶୀ, କ୍ୟୁଆର୍‌ସାମ୍ ଆଦି ମିଶାଇଲ ପରୀକ୍ଷା ସମୟରେ ବାବୁରାମ ନିୟୋଜିତ ହେଉଥିଲେ। କ୍ଲଷ୍ଟର ବମ୍ ଟେଷ୍ଟରେ ମଧ୍ୟ ବାବୁରାମଙ୍କର ଭୂମିକା ଥିଲା। ଡିଆର୍‌ଡିଓର ବୈଜ୍ଞାନିକମାନଙ୍କ ସହିତ ବାବୁରାମଙ୍କର ସମ୍ପର୍କ ଥିଲା। ମିଶାଇଲ୍ ଟେଷ୍ଟ ସମ୍ପର୍କରେ ବାବୁରାମଙ୍କ ପାଖରେ କିଛିନିଖି ତଥ୍ୟ ରହୁଥିଲା। ପ୍ରାୟ ୧ ବର୍ଷ ପୂର୍ବରୁ ହନିଟ୍ରାପ୍‌ର ଶିକାର ହୋଇ ଆଇଟିଆର୍‌ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହ ମିଶାଇଲ ପରୀକ୍ଷଣ ସମ୍ପର୍କିତ ଭିଡିଓ ପାକିସ୍ତାନ ସୁନ୍ଦରୀଙ୍କୁ ଦେଉଥିଲେ। ତାଙ୍କ ମୋବାଇଲରୁ ପୋଲିସ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଗୁପ୍ତ ତଥ୍ୟ ଲିକ୍‌ର କିଛି ଭିଡିଓ ମଧ୍ୟ ପୋଲିସ ହାତରେ ଲାଗିଛି।

ସୂଚନାଯୋଗ୍ୟ, ହନିଟ୍ରାପ୍‌ରେ ଫସି ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେଉଥିବା ଅଭିଯୋଗରେ ବାବୁରାମ ଗିରଫ ହୋଇଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବାଗପୁଞ୍ଜି ଗ୍ରାମରେ। ପାକିସ୍ତାନୀ ମହିଳାଙ୍କ ମାୟାଜାଲରେ ପଡ଼ି ଭିଡିଓ କଲ୍ ମାଧ୍ୟମରେ ସେ ଆଇଟିଆର୍‌ର ଗୋପନୀୟ ତଥ୍ୟ ପ୍ରଦାନ କରିଥିଲେ। ପୋଲିସ ଅଧିକ ତଦନ୍ତ କରିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କୁ ଦିଆଯାଇଥିବା ଜାଣିବାକୁ ପାଇଥିଲା। ଦେଶର ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରଘଟ କରିଥିବା ଜଣାପଡ଼ିବା ପରେ ବାଲେଶ୍ୱର ପୋଲିସ ଏବଂ ସେଣ୍ଟ୍ରାଲ ଏଜେନ୍ସି ମିଳିତ ଭାବେ ତଦନ୍ତ କରି ବାବୁରାମଙ୍କୁ ଶୁକ୍ରବାର ଗିରଫ କରିଥିଲା।

# ସାମ୍ବାଦିକ ଅଜିତ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**


ଅଜିତ କୁମାର ମହାନ୍ତି

ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଖବରକାଗଜ 'ଧରିତ୍ରୀ'ର ପୂର୍ବତନ ଖବରଦାତା ଅଜିତ କୁମାର ମହାନ୍ତିଙ୍କ ରବିବାର ଅପରାହ୍ନ ୧୨ଟା ୪୩ରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡ଼ିତ ହୋଇ ଏମ୍ସରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ପୈତୃକ ଘର କଟକ କେଶରପୁରରେ। ସେ ଏକାଧାରାରେ ଜଣେ ନିରପେକ୍ଷ ସାମ୍ବାଦିକ, ଭଲ ଲେଖକ ତଥା କବି ଥିଲେ। 'ସମୟ', 'ଅନୁପମ ଭାରତ' ଓ 'ଓଡ଼ିଶା ଭାସ୍କର'ରେ ମଧ୍ୟ ସେ ଦୀର୍ଘବର୍ଷ ଧରି ସାମ୍ବାଦିକତା କରିଥିଲେ। ମୃତ୍ୟୁ ପୂର୍ବରୁ ସେ ଅମୃତ ଦୁନିଆ ଖବରକାଗଜରେ କାର୍ଯ୍ୟ କରୁଥିଲେ। ସାହିତ୍ୟ ପ୍ରତି ତାଙ୍କର ସ୍ୱତନ୍ତ୍ର ରୁଚି ଥିବାରୁ ସେ ଏକାଧିକ ପୁସ୍ତକ ରଚନା କରିଛନ୍ତି। ତାଙ୍କ କବିତା ପୁସ୍ତକ 'ଆ'-ଆଜି ନଈକୁ ଯିବା' ଖୁବ୍ ପାଠକୀୟ ଆଦୃତି ଲାଭ କରିଥିଲା। ଏଥିସହ ତାଙ୍କର ପ୍ରବନ୍ଧଭିତ୍ତିକ ପୁସ୍ତକ ମଧ୍ୟ ପାଠକଙ୍କ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଥିଲା। ଏଥିସହ ସ୍ୱର୍ଗତ ମହାନ୍ତିଙ୍କ ଆଧ୍ୟାତ୍ମିକ ପୁସ୍ତକ ପ୍ରତି ଅଧିକ ଦୁର୍ବଳତା ଥିଲା। ଶ୍ରୀମା, ଅରବିନ୍ଦଙ୍କ ପାଇଁ ତାଙ୍କର ଗଭୀର ଶ୍ରଦ୍ଧା ଥିଲା। ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ ଶଯ୍ୟାରେ ବି ସେ ପଢିବାକୁ ଚେଷ୍ଟା କରୁଥିଲେ। ସେହିଭଳି ସ୍ୱର୍ଗତ ମହାନ୍ତି 'ସାର୍ବଜନୀନ ଭାଇ' ଭାବେ ପରିଚିତ ଥିଲେ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ 'ଅଜିତ ଭାଇ' ବୋଲି ସମ୍ବୋଧନ କରୁଥିଲେ। ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଏବଂ ବନ୍ଧୁବତ୍ସଳ ମଣିଷ ଥିଲେ। ନିଷ୍ଠାପର ତଥା ନିର୍ଭୀକ ସାମ୍ବାଦିକତା ପାଇଁ ସେ ରାଜ୍ୟ ସରକାର ଓ ବିଭିନ୍ନ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଟ୍ରଷ୍ଟି ଥିଲେ। ଏମ୍ସରୁ ତାଙ୍କର ପାର୍ଥିବ ଶରୀର ୟୁନିଟ୍-୨ସ୍ଥିତ ସରକାରୀ ବାସଭବନକୁ ଅଣାଯିବା ପରେ ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଆନନ୍ଦ ମହାନ୍ତ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଶାନ୍ତି ମହାନ୍ତି, ପୁଅ ଆନନ୍ଦ, ଦୁଇ ଝିଅ ଆରୋଶ୍ରୀ ଓ ବାସବଦତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବହୁ ଗଣମାଧ୍ୟମ ପ୍ରତିନିଧି, ଶୁଭେଚ୍ଛୁ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭୁବନେଶ୍ୱରର ପଠାଣୀ ରାଉତ ପ୍ରମୁଖ ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନିଖୋଜ ୪ ଛାତ୍ର ଘରକୁ ଫେରିଲେ

**କେନ୍ଦୁଝର,୨୬।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଏକ ଘରୋଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲରୁ ଶୁକ୍ରବାର ରାତିରେ ଯୁକ୍ତ ୨ ପଢୁଥିବା ୪ ଛାତ୍ର ନିଖୋଜ ହୋଇଯାଇଥିଲେ। ସମସ୍ତେ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସେମାନଙ୍କ ନିଖୋଜ ଘଟଣାକୁ ନେଇ ପରିବାର ଲୋକେ, ସ୍କୁଲ କର୍ତ୍ତୃପକ୍ଷ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପହରଣ ମାମଲା (ନଂ. ୭୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ବିଳମ୍ବିତ ରାତିରେ ଘରକୁ ଫେରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଜଂଘିରା ବଜାରରୁ ଉଦ୍ଧାର କରି ଘରକୁ ପଠାଇଥିବା ପୋଲିସ ସୂଚନା ଦେଇଛି। ଯେହେତୁ କେସ ରୁଜୁ ହୋଇଛି ସମସ୍ତଙ୍କୁ କୋର୍ଟରେ ହାଜର କରିବା ପାଇଁ ସେମାନଙ୍କ ଅଭିଭାବକମାନଙ୍କୁ କୁହାଯାଇଛି। ହଷ୍ଟେଲରୁ କାହିଁକି ଯାଇଥିଲେ ସୋମବାର ପଚରାଉଚରା ବେଳେ ଜଣାପଡ଼ିବ ବୋଲି ଏସ୍‌ଆଇ ସୁନୀଲ ନନ୍ଦ ସୂଚନା ଦେଇଛନ୍ତି।

# ୫ଦିନ ପରେ ତାପମାତ୍ରା ଆହୁରି ବଢ଼ିବ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

ରାଜ୍ୟରେ ବଢୁଛି ତାତି। କିଛି ସ୍ଥାନରେ ପାରଦ ୩୮ ଡିଗ୍ରୀ ପାର୍ କଲାଣି। ଆଗାମୀ ୪ରୁ ୫ଦିନ ଯାଏ ଏଭଳି ସ୍ଥିତି ଲାଗି ରହିବ। ତେବେ ୫ ଦିନ ପରେ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ସକାଳେ ରାଜ୍ୟର କିଛି ସ୍ଥାନରେ କୁହୁଡ଼ି ଦେଖିବାକୁ ମିଳିଥିଲା। ବିଶେଷକରି କଟକ, ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଓ ଗଞ୍ଜାମର କିଛି ସ୍ଥାନରେ ଘନ କୁହୁଡ଼ି ହୋଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ଏବେ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ତାପମାତ୍ରାଠାରୁ ୨ରୁ ୪ ଡିଗ୍ରୀ ଅଧିକ ରହୁଛି। ରବିବାର ବୌଦ୍ଧ ଓ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୭.୫ ଡିଗ୍ରୀ ରହିଥିଲା। ସେହିପରି ଝାରସୁଗୁଡ଼ାରେ ୩୬.୬, ସମ୍ବଲପୁରର ୩୬.୨, ସୁନ୍ଦରଗଡ଼ ୩୬, ନୟାଗଡ଼ ୩୬.୫, ବରଗଡ଼ ୩୫.୨, ଫୁଲବାଣୀ ୩୫.୭, ଟିଟିଲାଗଡ଼ ୩୫, ଭବାନୀପାଟଣା ୩୫.୪, ତାଳଚେର ୩୫.୮, ହୀରାକୁଦ ୩୫.୭ ଓ ଭୁବନେଶ୍ୱରରେ ୩୪.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆଗକୁ ତାତି ଆହୁରି ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଷ୍ଟୁଡିଓ ମାଲିକଙ୍କ ଝୁଲନ୍ତା ମୃତଦେହ ଜବତ

## କରଜ ଟଙ୍କା ପାଇଁ ଚିନ୍ତାଗ୍ରସ୍ତ ଥିଲେ

**ଢେଙ୍କାନାଳ ଅଫିସ, ୨୬।୨**

ଢେଙ୍କାନାଳ ପୌରାଞ୍ଚଳର ୭ନଂ. ୱାର୍ଡରେ ରହୁଥିବା ଫଟୋଲାଇନ୍ ଷ୍ଟୁଡିଓ ମାଲିକ ତଥା ବିଶିଷ୍ଟ ଫଟୋଗ୍ରାଫର ସଚ୍ଚିଦାନନ୍ଦ ନାୟକ ଓରଫ ବାବୁଲି (୫୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ସନ୍ଧ୍ୟାରେ ଗୋହିରାଖାଲସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଫାର୍ମ ହାଉସ ପରିସରରେ ଥିବା ପରିତ୍ୟକ୍ତ ଘରୁ ସଦର ଥାନା ପୋଲିସ ଜବତ କରିଛି। ଋଣଭାର ଯୋଗୁ ମାନସିକ ଚିନ୍ତାରେ ଥିବା ବାବୁଲି ଅପମାନ ସହି ନ ପାରି ଆତ୍ମହତ୍ୟା କରିଥିବା ତାଙ୍କ ପୁତ୍ର ନିଶାନ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୫୫/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅନ୍ୟପଟେ ସହରର ଜଣେ ଖ୍ୟାତନାମା ଫଟୋଗ୍ରାଫରଙ୍କ ଏଭଳି ମୃତ୍ୟୁକୁ ନେଇ ସହରରେ ଶୋକର ଛାୟା ଖେଳିଯାଇଛି।

ପୋଲିସ ନିକଟରେ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ବାବୁଲି ବ୍ୟବସାୟ ପାଇଁ ସହରର କେତେଜଣ ବ୍ୟକ୍ତିଙ୍କଠାରୁ କରଜ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଟଙ୍କା ଫେରାଇ ଦେବା ପାଇଁ ଚାପ ପକାଉଥିଲେ। ଏପରି କି ଧମକଚମକ ମଧ୍ୟ ଦେଉଥିଲେ। ଏହାକୁ ନେଇ ସେ କିଛିଦିନ ହେଲା ଚିନ୍ତାଗ୍ରସ୍ତ ରହୁଥିଲେ। ତେବେ ମାନସିକ ଚାପ ସହି ନ ପାରି ସେ ଜୀବନ ହାରିଥିବା ଏଥିରେ ଦର୍ଶାଯାଇଛି। ଏ ନେଇ ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ କୁହନ୍ତି, ଅଭିଯୋଗ ଆଧାରରେ ଏହାର ତଦନ୍ତ କରାଯାଉଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଢେଙ୍କାନାଳ ବସଷ୍ଟାଣ୍ଡରେ ବାବୁଲିଙ୍କ 'ଫଟୋ ଲାଇନ୍ ଷ୍ଟୁଡିଓ' ରହିଛି। ଏହା ତାଙ୍କ ଉପାର୍ଜନର ଏକମାତ୍ର ମାଧ୍ୟମ ଥିଲା। ତାଙ୍କ ପରଲୋକରେ ପରିବାର ସଦସ୍ୟ, ବନ୍ଧୁ, ସହପାଠୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ପ୍ରିୟଙ୍କାଙ୍କ ହାତ ଧରିଲେ ଦିବ୍ୟଶଙ୍କର

**ପିପିଲି/ଭବାନୀପାଟଣା, ୨୬।୨(ଡି.ଏନ୍.ଏ./ସ୍ୱ.ପ୍ର.)**



- ଦ୍ୱିତୀୟ ବିବାହ ବନ୍ଧନରେ ଜୁନାଗଡ଼ ବିଧାୟକ
- ନିରାଡ଼ମ୍ବର ଭାବେ ଦିନକରେ ନିର୍ବନ୍ଧ, ବିବାହ ଉତ୍ସବ

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ରବିବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ନିଜ ନିର୍ବାଚନମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦେକୋଟ ଗ୍ରାମର ଭବାନୀ ଅଗସ୍ତିଙ୍କ ଝିଅ ପ୍ରିୟଙ୍କାଙ୍କ ହାତ ଧରିଛନ୍ତି। ପୁରୀ ଜିଲା ପିପିଲି ଶିଉଳା ନିକଟ ଦି ଆଡଭେଞ୍ଚର କନଭେନସନ ରିସର୍ଟରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ନିର୍ବନ୍ଧ ସରିଥିବା ବେଳେ ପରେ ଉଭୟଙ୍କ ବିବାହ ନିରାଡ଼ମ୍ବର ଭାବେ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ କନ୍ୟା ଘରର ୨୮ ଏବଂ ବରପକ୍ଷର ୩୨ ଜଣ ସାମିଲ ଥିଲେ। ପିପିଲି ନୂଆଶାସନ ଅଞ୍ଚଳର ଜଣେ ପୁରୋହିତ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ବିବାହ ଭୋଜି ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମନ୍ତ୍ରୀ, ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ଜଣାପଡ଼ିଛି। ସାଜସଜ୍ଜା ବିହୀନ ଉକ୍ତ ରିସର୍ଟକୁ ସର୍ବସାଧାରଣଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ ରହିଥିବା ବେଳେ ଗେଟ୍‌ରେ ତାଲା ପଡିଥିଲା। ଉଭୟଙ୍କ ବିବାହ ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ମୁତାବକ, ଗତ କିଛିଦିନ ତଳେ କ୍ୟାପେଟନ ମିଶ୍ର ଦ୍ୱିତୀୟ ବିବାହ କରୁଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା, ଯାହା ଏବେ ସତ ହୋଇଛି। ଏହା ପୂର୍ବରୁ ଦିବ୍ୟଶଙ୍କର ଜୟପାଟଣା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣରୁ ସେ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ସେମାନଙ୍କର ଗୋଟିଏ ୨୦ବର୍ଷର ପୁଅ ରହିଛି। ସେ ଲଣ୍ଡନରେ ପାଠ ପଢୁଥିବା ଜଣାପଡିଛି। ସେହିପରି ବେଙ୍ଗାଲୁରୁର ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ପ୍ରିୟଙ୍କା ପୂର୍ବରୁ ଧର୍ମଗଡ଼ର ଜଣେ ଯୁବକଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣରୁ ତାଙ୍କର ମଧ୍ୟ ଛାଡ଼ପତ୍ର ହୋଇଥିଲା।





| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, କାମଦୁଧା ରସ |
| ଆନିମିଆ | ହେମୋପ୍ଲସ୍, ନୱାୟସ୍ ଲୌହ |
| ଆର୍ଥ୍ରାଇଟିସ୍, ଗାଉଟ୍, ରୁମାଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ |
| ଡାଇବେଟିସ୍ | ମଧୁମେହାରୀ ଦାନା, ଡାଇବେଟ୍ ଗାର୍ଡ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ, ପ୍ରୋଷ୍ଟେଡ୍ |
| ଗ୍ୟାସ୍, ପେଟ ଫାମ୍ପିବା | ଗୈସାନ୍ତକ ଟ୍ୟାବ୍, ଚିତ୍ରକାଦି ବଟି |
| ଉଚ୍ଚ କୋଲେଷ୍ଟ୍ରଲ୍ | ଗୁଡହାର୍ଟ, କୋଲେଷ୍ଟ ଗାର୍ଡ |
| ଅନିଦ୍ରା | ନାଇଟ୍‌ଜ୍, ବ୍ରାହ୍ମୀ ବଟି |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଅର୍କ |
| ଲ୍ୟୁକୋରିଆ | ଲ୍ୟୁକୋନିଲ୍, ପତ୍ରାଙ୍ଗାସବ |
| ଯକୃତ ସମସ୍ୟା | ଲିଭ୍‌ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ୍ |
| ସ୍ମୃତି ବର୍ଦ୍ଧକ | ମେମୋରେକ୍ସ, ଶଙ୍ଖପୁଷ୍ପି ସରବତ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ପାଇଲ୍ସ | ପାଇରାଇଡ୍‌ସ୍ ଟ୍ୟାବ୍, ପାଇରାଇଡ୍‌ସ୍ ଅଏଣ୍ଟମେଣ୍ଟ |
| ଚାପ ଏବଂ ଚିନ୍ତା | ଷ୍ଟ୍ରେସ୍ ଗାର୍ଡ, ଷ୍ଟ୍ରେସ୍ ଗାର୍ଡ ମସାଜ ଅଏଲ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905

DSPL-89



ଓଡ଼ିଶା ସରକାର

**ପୂଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
**୨୭ ଫେବୃଆରୀ, ୨୦୨୩**

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାରଠାରେ ପୂଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି : – ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାଏ, ମାନ୍ୟବର ବିଧାୟକ, ସତ୍ୟବାଦୀ

ମୁଖ୍ୟବକ୍ତା : – ପ୍ରଫେସର ବସନ୍ତ କୁମାର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭାରତ ସରକାର, ଭୁବନେଶ୍ୱର

ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନର ମୂଳମନ୍ତ୍ର 'ଭଲ ମଣିଷ ହୁଅ' ଉପରେ ଆଧାରିତ ସାମାଜିକ ନାଟକ 'ବୋଉ' ପରିବେଷଣ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0258/2223

**ଆଜିର ମନ୍ତବ୍ୟ**

"କୋଭିଡ୍ ଲକ୍‌ଡାଉନ୍ ଆରମ୍ଭରେ ହୋଇଥିବା ସଂଘର୍ଷର ସମାଧାନ ନ ହେବା ପର୍ଯ୍ୟନ୍ତ ଚାଇନା ସହ ଭାରତର ସମ୍ପର୍କରେ ସ୍ୱାଭାବିକତା ଫେରିବ ନାହିଁ।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଳିକି, ଗୋସେଇଁ ଓଳିକି
ନା, ଭାତ ନାହିଁ ଆର ଓଳିକି।**

ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ଅତି ଦୁଃଖେ କଷ୍ଟେ ଜୀବନଯାପନ କରିଥାନ୍ତି। ଗରିବ ବ୍ୟକ୍ତି ଦିନକୁ ଦି' ଓଳି ଦି' ମୁଠେ ଖାଇବାକୁ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଳି ପାଣି ପଡେ ପିଣ୍ଡା ତଳକୁ,
ଝିଅ ଜନମ ପର ଘରକୁ।**

ଅଲିଅଳରେ ବଢି ଆସିଥିବା ଝିଅଟି ଯେତେବେଳେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ପିତାମାତା ଭଲ ଘର ଭଲ ବର ଦେଖି ଝିଅଟିର ବିବାହ କରାଇ ଦେଇଥାନ୍ତି। ବିବାହ ପରେ ଝିଅଟି ପରଗୋତ୍ରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବୁଲା କୁକୁରଙ୍କୁ ହଟାଇବା ନିର୍ଦ୍ଦେଶକୁ ବିରୋଧ

- ଅସନ୍ତୋଷ ବ୍ୟକ୍ତ କଲେ କୁକୁରପ୍ରେମୀ
- ପୁଣି ଟୁଇଟ୍ କରି ବୁଝାଇଲେ ମନ୍ତ୍ରୀ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ହାଇଦ୍ରାବାଦରେ ୪ ବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେବା ଘଟଣା ପରେ ଓଡ଼ିଶାରେ ରାସ୍ତାକଡ଼ରୁ ବୁଲା କୁକୁରଙ୍କୁ ହଟାଇବାକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ମନ୍ତ୍ରୀ ଗତ ୨୨ ତାରିଖରେ ଟୁଇଟ୍ କରି ଓଡ଼ିଶାର ସମସ୍ତ ଜିଲାର ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରି ଅଫିସର(ସିଡିଭିଓ)ଙ୍କୁ ସତର୍କ କରାଇବା ସହ ରାସ୍ତାରୁ ବୁଲା କୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ତେବେ ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବାବେଳେ କୁକୁରପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସେମାନେ ବିରୋଧ କରିଛନ୍ତି।

ଏ ସମ୍ପର୍କରେ କୁକୁରପ୍ରେମୀ ସ୍ୱାଗତିକା ଆଚାର୍ଯ୍ୟ କହିଛନ୍ତି, ଆମ ସମାଜରେ ବୁଲା କୁକୁରଙ୍କର ରହିବାର ଅଧିକାର ଅଛି। ଗୋଟିଏ ଘଟଣାକୁ କେନ୍ଦ୍ର କରି ରାସ୍ତାରୁ ବୁଲା କୁକୁର ହଟାଇବା ନିଷ୍ପତ୍ତି ଠିକ୍ ନୁହେଁ। ସବୁ କୁକୁର ପ୍ରତି ଏଭଳି ଅତ୍ୟାଚାର ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ ଜଣେ ସାଧାରଣ ଲୋକ ରାକେଶ ରଞ୍ଜନ ପ୍ରଧାନ କହିଛନ୍ତି, କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବୁଲା କୁକୁର କାମୁଡ଼ାରେ ଅନେକ ଆହତ ହେଉଛନ୍ତି। କୁକୁର ପାଇଁ ରାତି ଓ ସକାଳେ ରାସ୍ତାରେ ଯିବା ଆସିବା କରିବାକୁ ଭୟ ଲାଗୁଛି। ରାସ୍ତାରେ ଆକ୍ରମଣ କରୁଥିବା କୁକୁରଙ୍କୁ ହଟାଇବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। କିନ୍ତୁ ସେମାନଙ୍କୁ ଠିକ୍ ଭାବରେ ପୁନଃଥଇଥାନ କରାଯିବା ଉଚିତ। ପିପୁଲ ଫର୍ ଏଥିକାଲ ଟ୍ରିଟଖମେଣ୍ଟ ଅଫ୍ ଆନିମାଲ(ପେଟା) ଇଣ୍ଡିଆ କ୍ୟାମ୍ପେନର ମ୍ୟାନେଜର ରାଧିକା ସୂର୍ଯ୍ୟବଂଶୀ କହିଛନ୍ତି, ବନ୍ଧ୍ୟାକରଣ ହେଉଛି ଏହାର ଏକମାତ୍ର ସମାଧାନ। ତେବେ କୁକୁରପ୍ରେମୀଙ୍କ ମଧ୍ୟରେ ଏଭଳି ପ୍ରତିବାଦ ହେବା ପରେ ମନ୍ତ୍ରୀ ପୁଣି ଟୁଇଟ୍ କରି ତାଙ୍କ ପୂର୍ବ ଟୁଇଟ୍‌କୁ ଭୁଲ୍ ବୁଝିବା ଉଚିତ ନୁହେଁ ବୋଲି କହିଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ପଡ଼ୋଶୀ ରାଜ୍ୟରେ ବୁଲା କୁକୁରର ଆକ୍ରମଣାତ୍ମକ ଆଚରଣ ଘଟଣା ପରେ ଓଡ଼ିଶା ସରକାର ଏହି ଘଟଣାକୁ ନଜର ରଖିଛନ୍ତି। ଏବିସି କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ଧ୍ୟାକରଣକୁ ବୃଦ୍ଧି କରି ସମ୍ପୃକ୍ତ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ବୁଲା କୁକୁରଙ୍କ ସଂଖ୍ୟା ୧୭ଲକ୍ଷରୁ ଅଧିକ ରହିଛି। ଏହା ଦେଶରେ ଦ୍ୱିତୀୟ। ୨୦୧୯ ପଶୁପାଳନ ଗଣନା ବା ଲାଇଭ୍‌ଷ୍ଟକ ସେନ୍‌ସେସ୍ ଅନୁସାରେ ଓଡ଼ିଶାରେ ୧୭,୩୪,୩୯୯ ବୁଲା କୁକୁର ଥିବାବେଳେ ଉତ୍ତରପ୍ରଦେଶରେ ସର୍ବାଧିକ ୨୦,୫୯,୨୬୧ ରହିଛନ୍ତି। ଓଡ଼ିଶାରେ ୨୦୧୨ ଗଣନା ତୁଳନାରେ ୨୦୧୯ରେ ଏହି ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଥିଲା। ୨୦୧୨ରେ ଓଡ଼ିଶାରେ ୮,୬୨,୫୨୦ ବୁଲା କୁକୁର ଥିଲେ। ରାଜ୍ୟରେ ଆନିମାଲ ବାର୍ଥ କଣ୍ଟ୍ରୋଲ(ଏବିସି) କାର୍ଯ୍ୟକ୍ରମ ବିଫଳ ହୋଇଥିବା ଏହି ସଂଖ୍ୟାରୁ ପ୍ରମାଣିତ କରୁଛି। ପୁଣି ଶେଷ ୩ବର୍ଷରେ ରାଜ୍ୟରେ କୁକୁର ସଂଖ୍ୟା ଆହୁରି ବୃଦ୍ଧି ପାଇଥିବାରୁ ବୁଲା କୁକୁରଙ୍କୁ ନିୟନ୍ତ୍ରଣ କରିବା ରାଜ୍ୟ ପାଇଁ ଆହ୍ୱାନ ହୋଇଛି।

# ଦେଓମାଳୀ, କୋଟିଆରେ ମୁଖ୍ୟ ଶାସନ ସଚିବ



ଅଙ୍ଗନୱାଡି କେନ୍ଦ୍ରରେ ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ପୁସ୍ତକ ବଣ୍ଟନ କରୁଛନ୍ତି।

- ଇକୋ ଟୁରିଜମ୍ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କଲେ
- ଷ୍ଟ୍ରବେରୀ, ମହୁ ଚାଷ ବୁଲି ଦେଖିଲେ

ଭୁବନେଶ୍ୱର, (ବ୍ୟୁରୋ)/ ପଟାଙ୍ଗୀ (ଡି.ଏନ୍.ଏ.), ୨୬।୨

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋରାପୁଟ ଜିଲାର ଦେଓମାଳୀ ଓ କୋଟିଆ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଦେଓମାଳୀ ଠାରେ ଇକୋ ଟୁରିଜିମ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଚାରା ରୋପଣ କରିଛନ୍ତି। ସେହିଭଳି କୋଟିଆରେ ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରିଛନ୍ତି।

ମୁଖ୍ୟ ଶାସନ ସଚିବ ମହାପାତ୍ର ପ୍ରଥମେ କୋଟିଆ ପଞ୍ଚାୟତର ଦେଓମାଳି ପର୍ଯ୍ୟଟନସ୍ଥଳରେ ପହଞ୍ଚି ନିର୍ମାଣାଧୀନ କାର୍ଯ୍ୟ ତଦାରଖ କରିଥିଲେ। ଦେଓମାଳି କିପରି ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସ୍ଥାନ ହୋଇପାରିବ ସେନେଇ ଜିଲାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଜନୈକ ବାସନା ଗେମେଲଙ୍କ ଦ୍ୱାରା ଷ୍ଟ୍ରବେରୀ ଚାଷ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମହୁ ମାଛି ଚାଷ ବୁଲି ଦେଖିବା ସହ ଆବଶ୍ୟକୀୟ ପ୍ରୋତ୍ସାହନ ଦେବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସେଠାରେ ଏକ ଫରେଷ୍ଟ ଗେଷ୍ଟ ହାଉସ ଓ ଶୀତଳ ଭଣ୍ଡାରର ଉଦଘାଟନ ମଧ୍ୟ କରିଛନ୍ତି। ରଣାସିଂ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଶୁଭ ଉଦଘାଟନ କରିବା ସହ ପିଲାମାନଙ୍କୁ ପୋଷାକ ଓ ପାଠ୍ୟ ଉପକରଣ ବଣ୍ଟନ କରିଛନ୍ତି।

ସେହିଭଳି ସେମିଳିଗୁଡା ବ୍ଲକର ରାଜପୁଟ ଠାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ଏକ ମିଲେଟ ପ୍ରୋସେଙ୍ଗି ୟୁନିଟର ମଧ୍ୟ ତାଙ୍କ ଦ୍ୱାରା ଉଦଘାଟନ କରାଯାଇଛି। ଗାଲିଗାବଦର ଠାରେ ୱାଟରଫୁଲ ବୁଲି ଦେଖିବା ସହ ଏହାକୁ ସଠିକ ଭାବେ ପରିଚାଳନା କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେଠାରେ ଏକ ଇକୋ ରିସୋର୍ଟ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏତଦବ୍ୟତୀତ ସରକାରଙ୍କ ପକ୍ଷରୁ ଜିଲାରେ ଯାରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଅବଦ୍ଦଲ ଏମ୍ ଅକତାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଆଇ.ଟି.ଡି.ଏର କାରୁ ସୋରେନ, ଉପ ଜିଲାପାଳ ବେଣୁଧର ଶବର, ଡିଏଫଓ ଅମିତାରାଣୀ ରୟ, ପଟ୍ଟାଙ୍ଗି ବିଡଓ ସୌମ୍ୟ ସାର୍ଥକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଇଣ୍ଡିଗୋ ରିଚ୍ ଓ ଇଣ୍ଟର ଗ୍ଲୋବାଲ ଫାଉଣ୍ଡେଶନ ପକ୍ଷରୁ ରବିବାର 'ମାଇଁ ସିଟି ମାଇଁ ହେରିଟେଜ୍ ଅଭିଯାନ'ର ଦ୍ୱିତୀୟ ଐତିହ୍ୟ ପଦଯାତ୍ରାରେ ପର୍ଯ୍ୟଟକମାନେ ପୁରୁଣା ଭୁବନେଶ୍ୱରର ବୈତାଳ ମନ୍ଦିର ପରିଦର୍ଶନ କରୁଛନ୍ତି। (ଫଟୋ- ବିକାଶ)

## ପ୍ରଥମ ପୃଷ୍ଠାରୁ...

### ପ୍ରଦୀପ ଜେନା ନୂଆ ...



ସୁରେଶ ଚନ୍ଦ୍ର ମହାପାତ୍ର



ଅନୁ ଗର୍ଗ

ଏହାପରେ ସେ କଳାହାଣ୍ଡି ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୯୯ ମହାବାତ୍ୟା ସମୟରେ ସେ କଟକ ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ସେ ରାଜ୍ୟ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିସାରିଛନ୍ତି।

ଜେନାଙ୍କୁ ଓଡ଼ିଶା ପ୍ରଶାସନିକ ସେବା ମୁଖିଆ ପଦରେ ନିଯୁକ୍ତ କରାଯିବା ପରେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ଅନୁ ଗର୍ଗଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଦାୟିତ୍ୱ ସହ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟ ସରକାର ଥଇଥାନ କରିଛନ୍ତି। ତାଙ୍କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କୁ ଏହି ଦାୟିତ୍ୱ ମିଳିପାରେ ବୋଲି ପୂର୍ବରୁ ଆଲୋଚନା ହେଉଥିଲା। ଗର୍ଗ ଏବଂ ମହାପାତ୍ର ଆସନ୍ତା ୧ ତାରିଖରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ।

### ୩ରୁ ୩୦କୁ ଖସିଲେ ...

୩ରୁ ୩୦ ନମ୍ବରକୁ ଓହ୍ଲାଇଆସିଛନ୍ତି।

ବନ୍ଦରରୁ ବିମାନବନ୍ଦର, ଖାଇବା ତେଲରୁ ନେଇ କମୋଡିଟିଜ୍, ବିଦ୍ୟୁତ୍, ସିମେଣ୍ଟ ଏବଂ ଡାଟା ସେଣ୍ଟର ପର୍ଯ୍ୟନ୍ତ ବ୍ୟବସାୟ ପରିଚାଳନା କରୁଥିବା ଏହି ବିଜ୍‌ନେସ୍ ଗ୍ରୁପ୍‌ର ଶେୟାର ମାର୍କେଟରେ ତାଲିକାଭୁକ୍ତ ୧୦ କମ୍ପାନୀ ମାସକରେ ୧୨.୦୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଲାଣି। ଏହି କ୍ଷତିର ପରିମାଣ ଭାରତର ଦ୍ୱିତୀୟ ମୂଲ୍ୟବାନ୍ କମ୍ପାନୀ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍)ର ମାର୍କେଟ କ୍ୟାପିଟାଲାଇଜେଶନ୍ ସହ ସମାନ। ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧୨୦ ବିଲିୟନ ଡଲାର ଥିବାବେଳେ ୮୦.୬ ବିଲିୟନ ଡଲାର କ୍ଷତି ସହ ବର୍ତ୍ତମାନ ପ୍ରାୟ ୪୦ ବିଲିୟନ ଡଲାରରେ ସୀମିତ ରହିଛି। ଆଦାନୀଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ମୁଖ୍ୟ ମୁକେଶ ଅମ୍ବାନୀ ୮୧.୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ସହ ବର୍ତ୍ତମାନ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ଦଶମ ସ୍ଥାନ ଅଧିକାର କରିଛନ୍ତି। ଆମେରିକାର ପୂର୍ବତନ ଟ୍ରେଜେରି ସେକ୍ରେଟାରି ତଥା ହାର୍ଭାର୍ଡ ୟୁନିଭର୍ସିଟିର ପ୍ରାକ୍ତନ ଅଧ୍ୟକ୍ଷ ଲାରି ସମର୍ସ ଆଦାନୀ ଗ୍ରୁପ୍‌ର ସଙ୍କଟକୁ ଏନ୍‌ରନ୍ କ୍ରାଇସିସ୍ ସହ ତୁଳନା କରିଛନ୍ତି। ୨୦୦୧ ଅକ୍ଟୋବରରେ ଆମେରିକୀୟ ଏନର୍ଜି ମେଜର ଏନ୍‌ରନ୍ କର୍ପୋରେଶନ୍‌ର ସ୍କାଣ୍ଡାଲ ପଦାକୁ ଆସିଥିଲା। ହ୍ୟୁଷ୍ଟନ୍‌ରେ ମୁଖ୍ୟାଳୟ ଥିବା ଏହି ବିଦ୍ୟୁତ୍ କମ୍ପାନୀର ଦୁର୍ନୀତି ପ୍ରଘଟ ହେବା ପରେ ଏହାକୁ ଦେବାଳିଆ ଘୋଷଣା କରାଯାଇଥିଲା। ତେଣୁ ଆଦାନୀ ଗ୍ରୁପ୍‌ର ଅଧଃପତନ ଭାରତରେ 'ଏନ୍‌ରନ୍ ମୁମେଣ୍ଟ' ଭଳି ସ୍ଥିତି ଉପୁଯାଇପାରେ ବୋଲି ବ୍ଲୁମ୍‌ବର୍ଗର ୱାଲ୍ ଷ୍ଟ୍ରିଟ୍ ୱିକ୍‌କୁ ସାକ୍ଷାତ୍‌କାର ବେଳେ ଲାରି ଆଶଙ୍କା ବ୍ୟକ୍ତ କରିଛନ୍ତି। ଲାରି ଆହୁରି କହିଛନ୍ତି, ଭାରତ ବିଶ୍ୱର ସବୁଠୁ ଦ୍ରୁତତମ ଅର୍ଥନୀତି ଭାବେ ଉଭା ହେବାରେ ଲାଗିଛି। ଜି୨୦ ସମ୍ମିଳନୀର ଅଧ୍ୟକ୍ଷତା କରୁଥିବା ଭାରତ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିବାବେଳେ ଆଦାନୀ ସଙ୍କଟ ସବୁକିଛିକୁ ପାଣିରେ ପକାଇଦେଇପାରେ।

ପ୍ରକାଶ ଯେ, ଆଦାନୀ ଏଣ୍ଟରପ୍ରାଇଜେସ୍‌ର ବହୁପ୍ରତୀକ୍ଷିତ (୨୦,୦୦୦ କୋଟି ଟଙ୍କାର) ଫଲୋ-ଅନ୍ ପବ୍ଲିକ ଅଫର୍ (ଏଫ୍‌ପିଓ) ଆସିବା ପୂର୍ବରୁ ଗତ ଜାନୁୟାରୀ ୨୪ରେ ନ୍ୟୁୟର୍କଭିତ୍ତିକ ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୪୧୩ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ପ୍ରକାଶ କରିଥିଲା। ଆଦାନୀ ଗ୍ରୁପ୍‌ର ଷ୍ଟକ୍‌ଗୁଡ଼ିକରେ ଏବଂ ଆକାଉଣ୍ଟରେ ବ୍ୟାପକ ହେରଫେର ହୋଇଥିବା ଦର୍ଶାଇ ନାଥନ୍ ଆଣ୍ଡର୍ସନ୍‌ଙ୍କ ଏହି ସଂସ୍ଥା ଶର୍ଟ ସେଲିଂ କରିଥିଲା। ଏପରି କି ଆଦାନୀ ଗ୍ରୁପ୍‌ର ୧୦ କମ୍ପାନୀର ଶେୟାର ମୂଲ୍ୟ ୮୫% ପର୍ଯ୍ୟନ୍ତ ଖସିବ ବୋଲି ଭବିଷ୍ୟବାଣୀ କରିଥିଲା, ଯାହାକି ଏବେ ସତ ହେବାକୁ ଯାଉଛି।

### ସତ ପ୍ରଘଟ ହେବାଯାଏ ...

ସୁରକ୍ଷା ଦେବା ପାଇଁ ଆଗେଇ ଆସିଛନ୍ତି। ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କ କ'ଣ ବୋଲି ସଂସଦରେ ଆମେ ପ୍ରଶ୍ନ କରିଥିଲୁ। ଏହାର ଉତ୍ତର ମିଳିଲା ନାହିଁ। ଓଲଟା ଆମ ସମ୍ପୂର୍ଣ୍ଣ ଭାଷଣକୁ ସଂସଦୀୟ ରେକର୍ଡରୁ ବାଦ୍ ଦିଆଗଲା। ତେଣୁ ସତ ପ୍ରଘଟ ନ ହେବା ଯାଏ ଆମେ ନୀରବ ରହିବୁ ନାହିଁ ବୋଲି କଂଗ୍ରେସର ୮୫ତମ ମହାଅଧିବେଶନକୁ ସମ୍ବୋଧିତ କରି ରାହୁଲ କହିଛନ୍ତି। ୱାୟନାଡ୍ ଏମ୍‌ପି ରାହୁଲ ଆହୁରି କହିଛନ୍ତି, ଏହି କମ୍ପାନୀ ଦେଶକୁ ନଷ୍ଟ କରିବାକୁ ବସିଲାଣି। ଆଦାନୀ ଗ୍ରୁପ୍ ଭାରତର ସମସ୍ତ ଭିତ୍ତିଭୂମିକୁ ଛଡ଼ାଇନେଇଛି। ସ୍ୱାଧୀନତା ସଂଗ୍ରାମ ସବୁ ସମ୍ପତ୍ତି ଓ ବନ୍ଦରକୁ ଦଖଲ କରିନେଇଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ଲଢ଼ାଯାଇଥିଲା। ଏବେ ଇତିହାସର ପୁନରାବୃତ୍ତି ଘଟୁଛି। ଦେଶ ଭିତରର ଏକ କମ୍ପାନୀ ସବୁ ଲୁଟିନେଉଥିବାବେଳେ ଆମେ ଏହାକୁ ବିରୋଧ ଜାରି ରଖିବୁ। ମୋଦି-ଆଦାନୀଙ୍କ ସମ୍ପର୍କ ଉପରେ ପ୍ରଶ୍ନ କରୁଥିବୁ ବୋଲି ରାହୁଲ କହିଛନ୍ତି।

### ସିସୋଡିଆଙ୍କୁ ଗିରଫ ...

ସିସୋଡିଆ ସହଯୋଗ କରିବା ପରିବର୍ତ୍ତେ ତଦନ୍ତକାରୀ ଅଧିକାରୀମାନଙ୍କ ପ୍ରଶ୍ନଗୁଡ଼ିକୁ ଏଡ଼ାଇଦେଇଥିଲେ। କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ରାତିରେ ତାଙ୍କୁ ଗିରଫ କରାଯାଇଥିବା ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ସିବିଆଇ ଅଧିକାରୀମାନେ ଆହୁରି କହିଛନ୍ତି, ସିସୋଡିଆଙ୍କୁ ହାଜତରେ ରଖି ପ୍ରଶ୍ନ କରାଯିବ। ଏହି ପ୍ରସଙ୍ଗରେ ଖୁବ୍‌ଶୀଘ୍ର ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରାଯିବ। ସିବିଆଇ ଅଫିସକୁ ଯିବା ପୂର୍ବରୁ ସିସୋଡିଆ ତାଙ୍କୁ ଗିରଫ କରାଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ନିଜ ସମର୍ଥକମାନଙ୍କ ସହ ସେ ରାଜଘାଟକୁ ଯାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ଦିଲ୍ଲୀ ପୋଲିସ ଜେଏଲ୍‌ଏନ୍ ଷ୍ଟାଡିୟମ୍ ରୋଡ୍‌ରେ ୪ ସ୍ତରୀୟ ସୁରକ୍ଷା ବନ୍ଦୋବସ୍ତ କରିଥିଲା। ସିବିଆଇ ମୁଖ୍ୟାଳୟରୁ ୫୦୦ ମିଟର ଦୂରରେ ଥିବା ସ୍କୋପ୍ କମ୍ପ୍ଲେକ୍ସରେ ବିକ୍ଷୋଭ ଏଡ଼ାଇବା ଲାଗି ଲୋକଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ନିଜ ସରକାରୀ ଗାଡ଼ି (ଧଳା ରଙ୍ଗର ଇଭି)ରେ ଥାଇ ସମର୍ଥକ ଓ ଗଣମାଧ୍ୟମକୁ ସମ୍ବୋଧନ କରି ସିସୋଡିଆ କହିଥିଲେ, ମୋତେ ସେମାନେ ଗିରଫ କରିପାରନ୍ତି। ସାମ୍ବାଦିକତା ଛାଡ଼ିବା ପରେ ମୋ ସ୍ତ୍ରୀ ମୋତେ ସମର୍ଥନ କରିଥିଲେ। ଆଜି ମଧ୍ୟ ପରିବାର ମୋ ସହ ଛିଡ଼ା ହୋଇଛି। ମୁଁ ଗିରଫ ହେଲେ ମୋ କାର୍ଯ୍ୟ ପରିବାରର କାମରେ ଆସିବ। ୭-୮ ମାସ ଜେଲରେ ରହିବାକୁ ପ୍ରସ୍ତୁତ ବୋଲି ସିସୋଡିଆ କହିଛନ୍ତି।

ପ୍ରକାଶ ଯେ, ସିବିଆଇ ଏଫ୍‌ଆଇଆର୍‌ରେ ୧ ନମ୍ବର ଅଭିଯୁକ୍ତ ଥିବା ସିସୋଡିଆଙ୍କୁ ପ୍ରଥମେ ୨୦୨୨ ଅକ୍ଟୋବର ୧୭ରେ ପ୍ରଶ୍ନ କରାଯାଇଥିଲା। ଏହାର ମାସକ ପରେ ଅର୍ଥାତ୍ ନଭେମ୍ବର ୨୫ରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ସିବିଆଇ ସିସୋଡିଆଙ୍କ ସମେତ ଅର୍ବ ଗୋପୀ କ୍ରିଷ୍ଣା (ପୂର୍ବତନ ଅବକାରୀ କମିଶନର), ଆନନ୍ଦ ତିୱାରୀ (ତତ୍କାଳୀନ ଡେପୁଟି କମିଶନର), ପଙ୍କଜ ଭଟ୍ଟନାଗର (ଆସିଷ୍ଟାଣ୍ଟ କମିଶନର), ବିଜୟ ନାୟାର (ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀ 'ଓନ୍ଲି ମଚ୍ ଲାଉଡର୍' ପୂର୍ବତନ ସିଇଓ), ମନୋଜ ରାୟ (ପେର୍ନୋଡ୍ ରିଚାର୍ଡର ପୂର୍ବତନ କର୍ମଚାରୀ), ଅମନଦୀପ ଧଲ(ବ୍ରିଣ୍ଡକୋ ସେଲ୍ସ ନିର୍ଦ୍ଦେଶକ), ସମୀର ମହେନ୍ଦ୍ରୁ (ଇଣ୍ଡୋସ୍ପିରିଟ୍ ଗ୍ରୁପ୍ ଏମ୍‌ଡି)ଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଭାବେ ଦର୍ଶାଯାଇଛି।

### ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ...

ହିରୋସିମା ଓ ନାଗାସାକିରେ ପରମାଣୁ ବୋମା ଫିଙ୍ଗାଯାଇଥିବା ୩୦% ଲୋକ ଜାଣନ୍ତି। ତେବେ ଯୁଦ୍ଧ ସମ୍ପର୍କିତ ଅନେକ ତଥ୍ୟ ବିଷୟରେ ଯୁବପିଢ଼ି ଜାଣି ନ ଥିବା ସର୍ଭେରୁ ଜଣାପଡ଼ିଛି। ବ୍ରିଟେନ୍ ଯୁବପିଢ଼ିଙ୍କୁ ଯୁଦ୍ଧ ସମ୍ପର୍କରେ ଅବଗତ କରାଇବା ଏବେ ଜରୁରୀ ହୋଇପଡ଼ିଥିବା ରେଲିକ ଏଣ୍ଟରଟେନ୍‌ମେଣ୍ଟ ଆଇଏନ୍‌ସିର ଉପସଭାପତି ଡେଭିଡ୍ ଲିଟମାନ୍ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଶେଷଜ୍ଞ ତଥା କମେଡିଆନ୍ ଅଲ ମୁରେ ମଧ୍ୟ ଏହି ସର୍ଭେରେ ସାମିଲ ହୋଇଥିଲେ। ତେବେ ଭିଡିଓ ଗେମ୍ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ଜାଣିବାକୁ ଆଗ୍ରହ ଥିବା କାରଣରୁ ସେ ଏଥିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

### ସଞ୍ଜ ହେଲେ ...

ମାତ୍ର ଭାଲୁ ଏକ ହିଂସ୍ର ଜନ୍ତୁ ହୋଇଥିବାରୁ ତାକୁ ଦେଖିଲେ ତା'ଠାରୁ ଦୂରେଇ ଯିବା ସହ ତାକୁ ତା' ବାଟରେ ଯିବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି। ଭାଲୁଙ୍କୁ ଘଉଡ଼ାଇବା ଆବଶ୍ୟକ ପଡ଼ିଲେ ବନ କର୍ମଚାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି। ଅନ୍ୟପଟେ ଭାଲୁ ହିଂସ୍ର ସ୍ୱଭାବର ହୋଇଥିବାରୁ ଜଙ୍ଗଲ ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଏକୁଟିଆ ଘରୁ ବାହାରିବେନି, ଯଥାସମ୍ଭବ ସାଙ୍ଗରେ ୨ରୁ ୩ ଜଣ ଆବଶ୍ୟକ ପଡ଼ିଲେ ବାହାରକୁ ବାହାରିବାକୁ କୁହାଯାଇଛି। ଏଥିସହ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ସେ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ କାମରେ ଶିଥିଳତା ପରିଲକ୍ଷିତ ହେବ। ଅତ୍ୟାବଶ୍ୟକ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ରାଶିରେ ଚନ୍ଦ୍ର ଓ ମଙ୍ଗଳ ରହିଥିବାରୁ ସମ୍ପର୍କୀୟଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କଠୋର ଶ୍ରମ ଶେଷରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ** ସମସ୍ୟା ଲାଗି ରହୁଥିବାରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅର୍ଥପ୍ରାପ୍ତିର ଲାଳସା ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ପାଖ ପଡ଼ୋଶୀଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ସାମାନ୍ୟ ଖର୍ଚ୍ଚାନ୍ତ ହେବା ଦ୍ୱାରା ଦୀର୍ଘଦିନର ଆଶା ଫଳବତୀ ହୋଇପାରିବ। କର୍ମସ୍ଥ ରାହୁଙ୍କ ପ୍ରଭାବରୁ ଅଫିସ୍ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହାଯ୍ୟର ଗନ୍ଧ ନ ଥାଇ ସାଙ୍ଗମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ** ଆଗାମୀ କାର୍ଯ୍ୟ ସକାଶେ ସମ୍ପର୍କୀୟଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ କଲେ ଉପକୃତ ହେବେ। ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ, ସାମ୍ବାଦିକତାକୁ ନେଇ ସମ୍ମାନ ଲଭିବେ। କେତେକ ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** ମନ କଥା ଗୋପନ ରଖି, ଉପର ମନରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ରାଶିପ୍ରତି ଶୁଭଗ୍ରହର ଦୃଷ୍ଟିଜନିତ ପାରିବାରିକ ସ୍ତରରେ ସହମତିରେ କାମ କଲେ ଉପକୃତ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଶୁଭ କାର୍ଯ୍ୟରେ ବନ୍ଧୁମିଳନ ସାଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ସରକାରୀ ଦପ୍ତରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରୁ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ। ରାସ୍ତାରେ ଗମନାଗମନ କ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଅନୁରାଧାର ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ପାରିବାରିକ ଅସ୍ଥିରତା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପରିବହନ କ୍ଷେତ୍ରରେ ଅପରାହ୍ଣରେ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁମେଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସହକର୍ମୀମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ପାରିବାରିକ କ୍ଷେତ୍ରରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି। ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉଦ୍‌ବେଗଜନକ ରହିବ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟା ବିଜଡିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ। କିନ୍ତୁ ଶତଭିଷା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଖର୍ଚ୍ଚର ଭରଣା କରିବାକୁ ଧାର ଉଧାର କରିବାକୁ ପଡ଼ିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ରେବତୀ ନକ୍ଷତ୍ର ହାତପାହାନ୍ତାରେ ସୁଯୋଗ ପାଇବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ହଠାତ୍ ବିରୋଧୀ ମନୋବୃତ୍ତି ନେଇ ସକ୍ରିୟ ହୋଇ ଉଠିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ।

ଆଜି ଫାଲଗୁନ ଶୁକ୍ଳ ଅଷ୍ଟମୀ ସୋମବାର, ଫେବୃୟାରୀ ୨୭ ତାରିଖ, ରାଶି ନକ୍ଷତ୍ର-ରୋହିଣୀ / ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭ ଦିନ। ଦିବା ଘ.୦୬/୧୧ ମଧ୍ୟେ ଘ.୦୭/୩୮ ଗତେ, ଘ.୧୦/୫୦ ଗତେ, ଘ.୦୧/୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୩୮ ଗତେ, ଘ.୦୯/୦୫ ମଧ୍ୟେ ରାହୁକାଳ।

# ସୁଯୋଗର ସଦୁପଯୋଗ କରି ସଫଳ

**ଗ୍ରାହକ ସେବାରେ ଢେଙ୍କାନାଳ ଜିଲାର ହିରୋ ବାଇକ୍ ଓ ସ୍କୁଟର ଶୋ'ରୁମ୍ 'ସୋମ୍ ଅଟୋ' ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ଅଧିକୃତ ବିକ୍ରେତା ତଥା ସ୍ୱତ୍ୱାଧିକାରୀ ହର୍ଷବର୍ଦ୍ଧନ ସିଂହଦେଓ ୨ଚକିଆ ଯାନ ବ୍ୟବସାୟରେ ସଫଳତା ହାସଲ କରି ତାଙ୍କର ଲକ୍ଷ୍ୟ ଓ ସ୍ୱପ୍ନକୁ ବାସ୍ତବ ରୂପ ଦେଇଛନ୍ତି। ଦୀର୍ଘ ୧୬ ବର୍ଷ ଧରି ସୋମ ଅଟୋ ମାଧ୍ୟମରେ ହିରୋ ବାଇକ୍ ଓ ସ୍କୁଟର ବ୍ୟବସାୟରେ ଗ୍ରାହକମାନଙ୍କ ମଧ୍ୟରେ ସେ ଏକ ବିଶେଷତ୍ୱ ବଜାୟ ରଖିଛନ୍ତି। ଢେଙ୍କାନାଳ ରାଜ ପରିବାରର ସଦସ୍ୟ ହୋଇଥିଲେ ମଧ୍ୟ ବ୍ୟବସାୟ ପାଇଁ ତାଙ୍କ ମନରେ ସେଭଳି କୌଣସି ଭାବନା ନ ଥିଲା। ତେବେ ହିରୋ କମ୍ପାନୀ ପକ୍ଷରୁ ମିଳିଥିବା ସୁଯୋଗକୁ ସଦୁପଯୋଗ କରି ଆଜି ସେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ସୋମ୍ ଅଟୋର ପ୍ରୋପ୍ରାଇଟର ହର୍ଷବର୍ଦ୍ଧନ ସିଂହଦେଓଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**

ଧରିତ୍ରୀ | OrissaPOST
BUSINESS EMINENCE AWARDS



ହର୍ଷବର୍ଦ୍ଧନ ସିଂହଦେଓ

**ପ୍ରଶ୍ନ-୧: କୋଭିଡ୍ ପରବର୍ତ୍ତୀ ମାନ୍ଦାବସ୍ଥାକୁ କିଭଳି ସାମ୍ନା କରିଛନ୍ତି?**

ଉ- କୋଭିଡ୍ ବେଳେ କଟକଣା ଯୋଗୁ ଶଟ୍‌ଡାଉନ ହେବାରୁ ଉତ୍ପାଦନ ବନ୍ଦ ହେଲା ପରେ ଗାଡ଼ିଗୁଡ଼ିକର ଶୋ'ରୁମ୍ ବନ୍ଦ ହେଲା। କିଛି ଲୋକ ଚାକିରି ହରାଇଲେ। ପରବର୍ତ୍ତୀ ସମୟରେ ସ୍ୱାଭାବିକ ଅବସ୍ଥା ଫେରିବା ପରେ ଶୋ'ରମ୍‌ଗୁଡ଼ିକ ଖୋଲିବା ପରେ ମଧ୍ୟ ଲୋକଙ୍କର ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡିଥିବାରୁ ଗାଡ଼ି ବିକ୍ରି କମିଥିଲା। ଏଭଳି ପରିସ୍ଥିତିରେ ହିରୋ କମ୍ପାନୀ ମଧ୍ୟ ଆମକୁ ବହୁ ସହଯୋଗ କରିଥିଲା, ଯାହାକୁ କେବେ ଭୁଲି ହେବ ନାହିଁ। କମ୍ପାନୀ ତା'ର ଇଣ୍ଟରେଷ୍ଟ କମ୍ କରିବା ସହ ଷ୍ଟକ୍ ଦେଇ ଆମକୁ ସାହାଯ୍ୟ କଲେ। ଏପରି କି ଅର୍ଥଲଗାଣ ସଂସ୍ଥାମାନେ ମଧ୍ୟ ଗ୍ରାହକମାନଙ୍କ ପାଇଁ ଋଣର ସୁବିଧା କଲେ। ବର୍ତ୍ତମାନ ସୁଦ୍ଧା ଆମେ କୋଭିଡ୍ ପୂର୍ବ ସ୍ଥିତିରେ ଗାଡ଼ି ବିକ୍ରି କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନୁ। ଆଉ କିଛି ଦିନ ସମୟ ଲାଗିବ। ଡଲାର ମୂଲ୍ୟ ୨୦୧୯ରେ ୭୧ଟଙ୍କା ଥିଲା। ଆଜି ଏହାର ମୂଲ୍ୟ ୮୩ ଟଙ୍କା। ଏଥିଯୋଗୁ ଆମର ଯେତେ ଇମ୍ପୋର୍ଟେଡ କମ୍ପୋନେଣ୍ଟ ମୂଲ୍ୟ ବଢୁଥିବାରୁ ସମସ୍ୟା ହୋଇଛି।

**ପ୍ରଶ୍ନ-୨: ଅଟୋମୋବାଇଲ ଇଣ୍ଡଷ୍ଟ୍ରିର କେଉଁ ସବୁ ପ୍ରମୁଖ ସମସ୍ୟା ରହିଛି?**

ଉ- ଭାରତରେ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ପାଇଁ ବହୁ ନିୟମକାନୁନ୍ ରହିଛି। ଏପରିକି ଦେଶରେ ବେରୋଜଗାରୀ ସମସ୍ୟା ଯୋଗୁ ଲୋକଙ୍କ ହାତରେ ଲିକ୍ୟୁଡିଟିର ଅଭାବ ରହିଛି। ପେଟ୍ରୋଲ ଦର ଅହେତୁକ ବୃଦ୍ଧି ହେଉଥିବାରୁ ଗାଡ଼ି ଶିଳ୍ପ ପାଇଁ କ୍ଷତିକାରକ। ସେହିପରି ସେମିକଣ୍ଡକ୍ଟର ଅଭାବ ଯୋଗୁ ଏଥିରେ ୨ ଓ ୪ଚକିଆ ଗାଡ଼ି ଶିଳ୍ପ ଉପରେ ପ୍ରଭାବ ମଧ୍ୟ ପଡୁଛି।

**ପ୍ରଶ୍ନ-୩: ଗାଡି ବିକ୍ରି କିମ୍ବା ସେବାରେ କଭଳି ଉନ୍ନତି କରିପାରିବା?**

ଉ- ପ୍ରଥମେ କଷ୍ଟମରଙ୍କ ପାଇଁ ସୁବିଧା ସୁଯୋଗ ଜରୁରୀ। ଶୋ'ରୁମରେ କଷ୍ଟମରଙ୍କ ସମସ୍ୟା ସମାଧାନ କରିବା ଏବଂ ଋଣ ପ୍ରଦାନ ପାଇଁ ସୁବିଧା ଯେତେ ଭଲ ରହିବ, ସେତିକି ବ୍ୟବସାୟ ବଢ଼ିବ। କୋଭିଡ୍ ପରେ ଡିଜିଟାଲ ପ୍ଲାଟଫର୍ମର ଉପକାରିତା ବଢ଼ିଛି, ଗ୍ରାହକମାନେ ମୋବାଇଲରେ ନିଜ ପସନ୍ଦର ଗାଡ଼ି ଦେଖିବା ସହ ବାଛି ପାରୁଛନ୍ତି ଏବଂ କିଣି ମଧ୍ୟ ପାରୁଛନ୍ତି। ଏହା ମଧ୍ୟ ଏକ ଭଲ ସୁବିଧା। ସେହିପରି ସର୍ଭିସିଂ ପାଇଁ ଆମ ଶୋ'ରୁମର କର୍ମଚାରୀମାନେ ଘରେ ଘରେ ମଧ୍ୟ ସର୍ଭିସ୍ ଦେବା ଭଳି ସୁବିଧା କରାଯାଇଛି। କୌଣସିଠାରେ ଦୁର୍ଘଟଣା ହେଲେ ଫୋନ କଲେ ସେଠାରୁ ମଧ୍ୟ ଆମେ ଗାଡ଼ି ପଠାଇ କ୍ଷତିଗ୍ରସ୍ତ ଗାଡ଼ିକୁ ଆଣି ମରାମତି କରି ଗ୍ରାହକଙ୍କୁ ଦେଉଛୁ।

**ପ୍ରଶ୍ନ-୪: ବର୍ତ୍ତମାନ ସୁଦ୍ଧା ସୋମ୍ ଅଟୋର ଯାତ୍ରା କିଭଳି ରହିଛି?**

ଉ- ୨୦୦୭ରେ ଢେଙ୍କାନାଳ ଜିଲା ପାଇଁ ହିରୋ କମ୍ପାନୀର ଶୋ'ରୁମ୍ ସୋମ୍ ଅଟୋ ଆରମ୍ଭ ହୋଇଥିଲା। ଦୀର୍ଘ ୧୫ବର୍ଷ ମଧ୍ୟରେ ଆମେ ୪୦ହଜାର ଗ୍ରାହକଙ୍କୁ ଗାଡ଼ି ବିକ୍ରି କରିଛୁ। ଏପରି କି ୨ଗୁଣ ଅଧିକ ଗ୍ରାହକଙ୍କୁ ସର୍ଭିସିଂ ସେବା ଯୋଗାଇ ଦେଇଛୁ। ବିଶେଷ କରି କର୍ମଚାରୀମାନଙ୍କର ପରିଶ୍ରମ ଏବଂ ଅଞ୍ଚଳର ଗ୍ରାହକମାନଙ୍କ ନିକଟରେ ଗୁଡୱିଲ ଯୋଗୁ ୧୫ବର୍ଷର ଯାତ୍ରା ସଫଳ ହୋଇଛି।

**ପ୍ରଶ୍ନ-୫: ଇଭି ବଜାରକୁ ନେଇ କେତେ ଆଶାବାଦୀ ଅଛନ୍ତି?**

ଉ- କମର୍ସିଆଲ ଭେହିକିଲ ଆଗକୁ ଇଭି ହେବାକୁ ଯାଉଛି। ଏପରିକି ୨ ଓ ୩ ଚକିଆ ଯାନଗୁଡ଼ିକୁ ଇଭି କରିବା ପାଇଁ ଲକ୍ଷ୍ୟ ରହିଛି। ୨୦୨୨ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୪.୫ ଲକ୍ଷ ଇ-ଯାନ ବିକ୍ରି କରିଛି। ହିରୋ କମ୍ପାନୀ ପକ୍ଷରୁ ମଧ୍ୟ ଚାର୍ଜି ଭିତ୍ତିଭୂମି ବିସ୍ତାର ହେବାକୁ ଯାଉଛି। ପରିବେଶ ସୁରକ୍ଷା ପାଇଁ ସରକାର ଏହାକୁ ପ୍ରୋତ୍ସାହିତ କରିବା ସହ ସବ୍‌ସିଡି ମଧ୍ୟ ଦେଉଛନ୍ତି। ଏଥିସହିତ ଆଗକୁ ମଧ୍ୟ କଠିନ ନିୟମାବଳୀ ଆଣୁଛନ୍ତି। ବର୍ତ୍ତମାନ ଇ-ଯାନର ଚାହିଦା ୨୨% ବଢ଼ିଛି।

# ରାସ୍ତାରେ ପୋଲିସ-ବିଏସ୍ଏଫ୍ ଅଫିସର ହାତାହାତି

## କନ୍‌ଷ୍ଟେବଲଙ୍କୁ ମାଡ ଅଭିଯୋଗରେ ବିଏସ୍ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗିରଫ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ରାସ୍ତା ଉପରେ ଗାଡ଼ି ରଖିବାକୁ ନେଇ ପୋଲିସ-ବିଏସ୍ଏଫ୍ ଅଫିସର ହାତାହାତି ହୋଇଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗରରେ ରବିବାର ସକାଳ ପ୍ରାୟ ୧୦ଟାରେ ଏହି ଘଟଣା ଘଟିଛି। କନ୍‌ଷ୍ଟେବଲଙ୍କ ଗଳା ଚିପିବା ସହ ମାଡ଼ ମାରି ଲହୁଲୁହାଣ ଅଭିଯୋଗରେ ବିଏସ୍ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସଂଗ୍ରାମ କୁମାର ବିଶ୍ୱାଳ ଗିରଫ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୮୫/୨୩) ରୁଜୁ କରି ଅଭିଯୁକ୍ତ ସଂଗ୍ରାମଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କ ସ୍କୁଟିକୁ ମଧ୍ୟ ପୋଲିସ ଜବତ କରିଛି। ତାଙ୍କର ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଜାଣିବା ଲାଗି କମିଶନରେଟ ପୋଲିସ ପକ୍ଷରୁ ବିଏସ୍ଏଫ୍‌କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବିଏସ୍ଏଫ୍ ଅଫିସର ସଂଗ୍ରାମ ଶୈଳଶ୍ରୀ ବିହାରରେ ରୁହନ୍ତି। ରବିବାର ସକାଳ ୯ଟା ୩୦ରେ ସେ ମଟନ୍ କିଣିବାକୁ ଭିଏସ୍ଏସ୍ ନଗର ରେଲ୍‌ୱେ କ୍ରସିଂ ନିକଟରେ ଥିବା ଦୋକାନକୁ ଆସିଥିଲେ। ସେ ତାଙ୍କ ସ୍କୁଟିକୁ ରାସ୍ତା ଉପରେ ରଖି ମଟନ୍ କିଣୁଥିଲେ। ଫଳରେ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ଦେଖି ନିକଟରେ କାର୍ଯ୍ୟରତ ଥିବା କନଷ୍ଟେବଲ ମନୋଜ ବେହେରା ସ୍କୁଟି କାହାର ବୋଲି ପଚାରି ବୁଝିବା ସହ ଶୀଘ୍ର ହଟାଇବାକୁ କହିଥିଲେ। ହେଲେ ଅଭିଯୁକ୍ତ ସଂଗ୍ରାମ ନିଜକୁ ଡେପୁଟି ପୋଲିସ୍ ଅଧୀକ୍ଷକ (ଡିଏସ୍‌ପି) ପରିଚୟ ଦେଇ ତାଙ୍କୁ ଚୁପ୍ ରହିବାକୁ କହିଥିଲେ। ଏହା ପରେ ମନୋଜ ତାଙ୍କୁ ରାସ୍ତା ଜାମ୍ ହେଉଥିବା କହି ସ୍କୁଟି ହଟାଇବାକୁ ପୁଣି ପରାମର୍ଶ ଦେଇଥିଲେ। ହେଲେ ସଂଗ୍ରାମ ସ୍କୁଟିକୁ ସାଇଡ୍ କରିବେ ନାହିଁ ବୋଲି କହିଥିଲେ। ଏହାପରେ ମନୋଜ ନିଜ ମୋବାଇଲରେ ଉକ୍ତ ସ୍କୁଟିର ଫଟୋ ଉଠାଇବାରୁ ସଂଗ୍ରାମ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଗଳାକୁ ଚିପିଧରି ଧକ୍କା ମାରିଥିଲେ। ଫଳରେ ମନୋଜ ନିକଟରେ ଥିବା ଏକ ନାଳରେ ପଡିଯାଇଥିଲେ ଓ ତାଙ୍କ ଡାହାଣ ଆଣ୍ଠୁରେ ଗଭୀର ଆଘାତ ଲାଗିଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଉଭୟ ପରସ୍ପରକୁ ଧକ୍କାମାରିବା ସହ ହାତାହାତି ହୋଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ସେମାନଙ୍କୁ ମାର୍‌ପିଟ୍‌ରୁ କ୍ଷାନ୍ତ କରିବା ସହ ଥାନାକୁ ଖବର ଦେଇଥିଲେ। ଆହତ ମନୋଜଙ୍କ ଅଭିଯୋଗକ୍ରମେ ପୋଲିସ ପଦକ୍ଷେପ ଗ୍ରହଣ କରିଥିଲା।

# ସ୍ୱାମୀଙ୍କ ଏସିଡ୍ ମାଡ଼ରେ ଗୁରୁତର ସ୍ତ୍ରୀଙ୍କ ମୃତ୍ୟୁ

**ବାଲେଶର ଅଫିସ, ୨୬।୨**

ସ୍ୱାମୀଙ୍କ ଏସିଡ୍ ମାଡ଼ରେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ସ୍ତ୍ରୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ବନିତା ସିଂ। ଗତ ୨୦ ତାରିଖରେ ବନିତାଙ୍କୁ ତାଙ୍କ ସ୍ୱାମୀ ଚନ୍ଦନ ରଣା ଏସିଡ୍ ମାଡ଼ କରିଥିଲେ। ଆକ୍ରମଣ ବେଳେ ବନିତାଙ୍କ ବଡ଼ ଭଉଣୀ ସମେତ ୨ ଶିଶୁ ମଧ୍ୟ ଗୁରୁତର ହୋଇଥିଲେ। ସୂଚନା ଅନୁଯାୟୀ, ନୀଳଗିରି ସନ୍ତରାଗାଡ଼ିଆ ଅଞ୍ଚଳର ଚନ୍ଦନ ରଣାଙ୍କ ଏକ ସୁନା ଦୋକାନ ରହିଥିବା ବେଳେ ଭୀମପୁରା ଅଞ୍ଚଳର ବନିତା ସିଂଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ପରେ ଉଭୟେ ବିବାହ କରିଥିଲେ। ତେବେ ଚନ୍ଦନ ପୂର୍ବରୁ ବିବାହ କରିଥିବା ବେଳେ ତାଙ୍କର ୨ଟି ସନ୍ତାନ ଥିବା ବିବାହ ପରେ ବନିତା ଜାଣିବାକୁ ପାଇଥିଲେ। ଏନେଇ ବିବାଦ ସୃଷ୍ଟି ହେବାରୁ ଉଭୟ ଅଲଗା ହୋଇ ରହିଥିଲେ। ବନିତା ଭୀମପୁରାସ୍ଥିତ ଭଉଣୀ ଘରେ ରହିଥିବା ବେଳେ ଚନ୍ଦନ ସେଠାରେ ପହଞ୍ଚି ଏସିଡ ମାଡ଼ କରିଥିଲେ।

ଇଂଜୀନିୟର୍ସ ଇଂଡିୟା ଲିମିଟେଡ (भारत सरकार का उपक्रम) EIL ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର (ଓଡ଼ିଶା)ଠାରେ ଫିଟ୍-ଆଉଟ୍ ଆଇଟି ଭିତ୍ତିଭୂମି ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଘରୋଇ ବିଡର୍‌ମାନଙ୍କ ଲାଗି ପ୍ରାକ୍-ଟେଣ୍ଡର ବୈଠକ ଏବଂ ପ୍ରାକ୍-ନୋଟିସ ପାଇଁ ଆମନ୍ତ୍ରଣ**

ଏକ ପ୍ରମୁଖ ଆର୍ଥିକ କର୍ତ୍ତୃପକ୍ଷଙ୍କ ତରଫରୁ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ (ଇଆଇଏଲ୍) ନିମ୍ନଲିଖିତ କାର୍ଯ୍ୟ ପାଇଁ ଘରୋଇ ବିଡର୍‌ମାନଙ୍କୁ ପ୍ରାକ୍-ଟେଣ୍ଡର ବୈଠକ ଲାଗି ଆମନ୍ତ୍ରଣ କରୁଛି:

| ବର୍ଣ୍ଣନା | ପ୍ରାକ୍-ଟେଣ୍ଡର ବୈଠକର ତାରିଖ ଓ ସମୟ | ସ୍ଥାନ |
| --- | --- | --- |
| ଭୁବନେଶ୍ୱର (ଓଡ଼ିଶା)ଠାରେ ଆଇଟି ଭିତ୍ତିଭୂମିର ଫିଟ୍-ଆଉଟ୍ ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ | ୦୧ ମାର୍ଚ୍ଚ, ୨୦୨୩ ୧୫୦୦ ଘଟିକା (ଆଇଏସ୍‌ଟି)ରେ | ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍, ସେକ୍ଟର ୧୬, ଗୁରୁଗ୍ରାମ, ହରିୟାଣା, ୧୨୨୦୦୧ |

ସବିଶେଷ ବିଡ୍ ଆମନ୍ତ୍ରଣ (ଆଇଏଫ୍‌ବି) ଏବଂ ବିଡିଂ ଦସ୍ତାବିଜ ସମେତ ଉକ୍ତ ଟେଣ୍ଡର ପାଇଁ ଅଣ-ପ୍ରକଟନ ରାଜିନାମା (ଏନ୍‌ଡିଏ) ଖୁବ୍‌ଶୀଘ୍ର ୱେବ୍‌ସାଇଟ୍: http://eprocure.gov.in/eprocure/appରେ ପ୍ରକାଶିତ ହେବ । ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ପରେ ଆଇଏଫ୍‌ବି ତଥା ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ବିଡର୍‌ମାନଙ୍କୁ ପରାମର୍ଶ ଦିଆଯାଉଛି । ଇଆଇଏଲ୍ ଟେଣ୍ଡର ୱେବ୍‌ସାଇଟ୍ http://tenders.eil.co.inରେ ମଧ୍ୟ ଲିଙ୍କ୍ ଉପଲବ୍ଧ ହେବ । ସଦ୍ୟତମ ସୂଚନା ପାଇବା ପାଇଁ ବିଡର୍‌ମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ ।

ଏସ୍‌ଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ମାଓବାଦୀଙ୍କ ବୋମା ବିସ୍ଫୋରଣ, ଯବାନ ଶହୀଦ

**ମାଲକାନଗିରି,୨୬।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ମାଓବାଦୀମାନେ ଆଇଇଡି ବୋମା ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ସେ ସିଏସ୍ଏଫ୍-୧୬ ବାଟାଲିୟନର ହେଡ କନ୍‌ଷ୍ଟେବଲ ବୋଲି ଜଣାପଡିଛି। ନାରାୟଣପୁର ଜିଲା ଓରଛା ଥାନା ଅନ୍ତର୍ଗତ ବାଟୁମ୍ପାରା ନିକଟରେ ରବିବାର ମାଓବାଦୀ ଦମନ ପାଇଁ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ତେବେ ପୂର୍ବରୁ ଏହି ସ୍ଥାନରେ ମାଓବାଦୀମାନେ ଏକ ଆଇଇଡି ବୋମା ଖଞ୍ଜି ଥିଲେ। ଏହି ବୋମା ଯବାନଙ୍କ କୋମ୍ବିଂ ବେଳେ ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହେଡ କନ୍‌ଷ୍ଟେବଲ ଶହୀଦ ହୋଇଥିଲେ। ସୂଚନାଯୋଗ୍ୟ ଶନିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ଜଣ ଯବାନ ଶହୀଦ ହୋଇଥିଲେ। ୨ଜଣ ଆହତ ହୋଇଥିଲେ।

# ପୁଅ ହେବା ପାଇଁ ମଣିଷ ଖପୁରି ସଂଗ୍ରହ

- ଗୁଣିଆ କଥାରେ ପଡ଼ି ଧରାପଡ଼ିଲେ ଯୁବକ
- ସମୁଦ୍ର କୂଳରେ ପୋତାଯାଇଥିଲା ମୃତଦେହ

**ବାହାନଗା,୨୬।୨(ଡି.ଏନ.ଏ.)**

ଦୁଇ ଝିଅ ପରେ ପୁଅଟିଏ ଆଶା କରି ଜଣେ ଯୁବକ ଗୁଣିଆ କଥାରେ ପଡ଼ି ଜଣେ ସହଯୋଗୀଙ୍କ ସହ ସମୁଦ୍ର କୂଳରେ ପୋତା ହୋଇଥିବା ମୃତଦେହରୁ ଖପୁରି କାଟି ନେବାକୁ ଉଦ୍ୟମ କରି ଧରାପଡ଼ିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ବରଜଦେଉଳି ଅଞ୍ଚଳରେ ଏହି ଘଟଣା ଘଟିଛି। ଧରାପଡ଼ିଥିବା ଯୁବକ ଦ୍ୱୟ ହେଲେ ଗୋପାଳପୁର ଥାନା ଅଧୀନ ଆରୁହାବାଡ଼ ଗ୍ରାମର ବାପି କେସି ଓ ତାଙ୍କ ସହଯୋଗୀ ଭାସୁଆ ମହାଳିକ।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ଲୋକେ ଓ କେତେଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ଯିବାବେଳେ ୨ ଯୁବକ ସମୁଦ୍ର କୂଳଠାରୁ ଅଳ୍ପ ଦୂରରେ ଥିବା ବାଲିକୁ ଖୋଳୁଥିବା ଦେଖିବାକୁ ପାଇଥିଲେ। ବାଲି ଖୋଳି ଯୁବକଦ୍ୱୟ ସେଠାରେ ପୋତା ହୋଇଥିବା ମୃତଦେହରୁ ମୁଣ୍ଡ ଖପୁରି କାଟିବାକୁ ଉଦ୍ୟମ କରିଥିଲେ। ଗ୍ରାମବାସୀ ଓ ମତ୍ସ୍ୟଜୀବୀ ସେଠାରେ ପହଞ୍ଚି ଉଭୟଙ୍କୁ ଧରି ନିଘୁଞ୍ଚ ମାଡ଼ ମାରିଥିଲେ। ପରେ ୨୦ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଶିଶିର ଅଗସ୍ତି ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଗୋପାଳପୁର ଫାଣ୍ଡିକୁ ଖବର ଦେଇଥିଲେ। ମଣିଷ ଖପୁରି ଆଣି ପୂଜା କଲେ ପୁଅ ହେବ ବୋଲି ଜଣେ ଗୁଣିଆ କହିଥିବାରୁ ବାପି ବାଲି ଖୋଳି ଶବରୁ ଖପୁରି ସଂଗ୍ରହ କରୁଥିଲେ ବୋଲି ଲୋକଙ୍କୁ କହିଛନ୍ତି।

ତେବେ ସେଠାରେ କାହାର ମୃତଦେହ ପୋତା ଯାଇଥିଲା ତାହା କେହି କହିପାରୁ ନାହାନ୍ତି। ଧରାପଡ଼ିଥିବା ଯୁବକଦ୍ୱୟ ଖପୁରିକୁ ନେଇ ଗୁଣିଗାରେଡ଼ି କାମରେ ଲଗାଇଥାନ୍ତେ ବୋଲି ଲୋକେ କହିଛନ୍ତି। ପୋଲିସ ପହଞ୍ଚିଲା ବେଳକୁ ମତ୍ସ୍ୟଜୀବୀ ଓ ସ୍ଥାନୀୟ ଲୋକେ ସେ ସ୍ଥାନରୁ ପଳାଇଥିଲେ। ଧରାପଡ଼ିଥିବା ଯୁବକଦ୍ୱୟ ସଂଗ୍ରହ କରିଥିବା ଖପୁରିକୁ ସେଠାରେ ପୋତି ଦେଇଥିବା ସୂଚନା ମିଳିଛି।



ଧରାପଡ଼ିଥିବା ୨ ଯୁବକ ଓ ମଣିଷ ଖପୁରି।

# ପାଇପ୍‌ଲାଇନ କାଟି ତେଲ ଚୋରି ଘଟଣାର ପର୍ଦ୍ଦାଫାଶ

- ୟୁପିରୁ ଆସିଥିଲେ କଟର୍‌ମ୍ୟାନ, କଳାହାଣ୍ଡିରେ ତେଲ ବିକ୍ରି
- ଟ୍ୟାଙ୍କର, କାର୍ ଜବତ, ପମ୍ପ୍‌ମାଲିକଙ୍କ ସମେତ ୬ ଗିରଫ



ଗିରଫ ଅଭିଯୁକ୍ତ, ଜବତ ଟ୍ୟାଙ୍କର ଓ କାର୍।

**ସମ୍ବଲପୁର,୨୬।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଅନ୍ତର୍ଗତ ହାତିବାରୀଠାରେ ପାରାଦୀପ-ରାୟପୁର ପାଇପ୍‌ଲାଇନ କାଟି ତେଲ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଘଟଣାରେ ସମ୍ପୃକ୍ତ କଳାହାଣ୍ଡି ଜିଲା ଏମ୍ ରାମପୁରସ୍ଥିତ ପେଟ୍ରୋଲପମ୍ପ୍ ମାଲିକ ଅଟଳ ବିହାରୀ ସାହୁଙ୍କୁ ଚୋରି ତେଲ କିଣିବା ଅଭିଯୋଗରେ ଗିରଫ କରାଯାଇଛି। ଏହାସହ ଚୋରି ଅଭିଯୋଗରେ ଅବଦୁଲ ଅମିନ, ମହମ୍ମଦ ସୁଲତାନ, ଶେଖ ଅଜମଦ, କିଶୋର ସିଂ, ଚନ୍ଦ୍ରଶେଖର ଚାନ୍ଦ ଓ ସୁନୀଲ ପଣ୍ଡାଙ୍କୁ ଗିରଫ କରାଯାଇଛି। ଘଟଣାରେ ବ୍ୟବହୃତ ଟ୍ୟାଙ୍କର (ଓଡି-୦୫ୟୁ-୦୫୫୩), କାର୍ (ଓଡି୦୮କ୍ୟୁ-୯୦୪୧) ସହ ପାଇପ୍ ମଧ୍ୟ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬/୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଜାନୁୟାରୀ ୨୭ ତାରିଖରେ ପ୍ରଥମେ ତେଲ ଚୋରି ହୋଇଥିଲା। ହେଲେ କମ୍ପାନୀ ପକ୍ଷରୁ ଲିଖିତ ଅଭିଯୋଗ କରା ନ ଯାଇ କେବଳ ସୂଚନା ଦିଆଯାଇଥିଲା। ପୋଲିସ ସୂଚନା ପାଇବା ପରେ ଉକ୍ତ ଅଞ୍ଚଳରେ ନଜର ରଖିଥିଲା। ଅଭିଯୁକ୍ତମାନେ ପୁଣି ଫେବୃୟାରୀ ୧୦ ତାରିଖରେ ସମାନ ସ୍ଥାନରୁ ତେଲ ଚୋରି କରି ନେଇଥିଲେ। ଏହାକୁ ନେଇ କମ୍ପାନୀ ଅଧିକାରୀ ନରେନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ପ୍ରାୟ ୨୬ ଲକ୍ଷ ଟଙ୍କାର ଡିଜେଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କ ନେତୃତ୍ୱରେ ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ପୋଲିସ ସାଇବର ଟିମ୍‌ର ସହାୟତା ନେଇ ସୁରାକ ପାଇଥିଲା। ବିଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅନ୍ୟପଟେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ପାଇପ୍‌ଲାଇନ କାଟିବା ପାଇଁ ସ୍ୱତନ୍ତ୍ର ଟେକ୍‌ନିସିଆନ ଉତ୍ତରପ୍ରଦେଶରୁ ଆସିଥିଲେ। ତେଲ ଯାଉଥିବା ସମୟରେ ପାଇପ୍ କାଟି ଭାଲ୍‌ବ ଲଗାଇ ଦେଉଥିଲେ। ସମୟର ସୁଯୋଗ ନେଇ ଉକ୍ତ ଭାଲ୍‌ବ ଖୋଲି ଟାଙ୍କିରେ ତେଲ ଲୋଡ୍ କରୁଥିଲେ। ଗୋଟିଏ ଟ୍ୟାଙ୍କର ଲୋଡ୍ କରିବାକୁ ୧୫ ମିନିଟ ସମୟ ଲାଗୁଥିଲା। ଟ୍ୟାଙ୍କର ଲୋଡ୍‌ହେବା ପରେ ସେମାନେ ସଙ୍ଗେ ସଙ୍ଗେ ଫେରାର ହୋଇଯାଉଥିଲେ। ଚୋରି ତେଲ ବିକ୍ରି କରିବା ପାଇଁ ଆଉ ଏକ ସ୍ୱତନ୍ତ୍ର ଟିମ୍ ରହିଛନ୍ତି। ସେମାନେ ଲିଟର ପିଛା କମିଶନ ପାଇ କାମ କରନ୍ତି ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ।

NATIONAL HEALTH MISSION
DSPL-464

ସହରାଞ୍ଚଳ ବସ୍ତି ବିକାଶ କ୍ଷେତ୍ରରେ ଏକ ପ୍ରୟାସ
**ମହିଳା ଆରୋଗ୍ୟ ସମିତି**

**ବସ୍ତିର ୫୦-୧୦୦ ଘର କିମ୍ବା ୫୦୦ ଜନସଂଖ୍ୟାକୁ ନେଇ ଏକ 'ମହିଳା ଆରୋଗ୍ୟ ସମିତି' ଗଠନ।**

**ମହିଳା ଆରୋଗ୍ୟ ସମିତିର ଭୂମିକା**



୧. ୱାର୍ଡ ବା ବସ୍ତିର ବିଭିନ୍ନ ସମସ୍ୟା ଚିହ୍ନଟ କରିବା
୨. ଚିହ୍ନଟ ସମସ୍ୟାର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବା
୩. ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ପରିବାର କଲ୍ୟାଣ ସେବା, କିଶୋରୀମାନଙ୍କର ସ୍ୱାସ୍ଥ୍ୟସେବା, ପୁଷ୍ଟି, ପରିମଳ ଓ ସ୍ୱଚ୍ଛତା ବିଷୟରେ ଲୋକମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା
୪. ବସ୍ତି ବାସିନ୍ଦାଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ଠାରୁ ଦୂରେଇ ରଖିବା ନିମନ୍ତେ ସଚେତନତା ସୃଷ୍ଟି କରିବା
୫. ସୁସ୍ଥ ୱାର୍ଡ, ସୁସ୍ଥ ସହର, ସୁସ୍ଥ ଓଡ଼ିଶା ଗଢ଼ିବାରେ ମିଳିତ ଉଦ୍ୟମ କରିବା ।

**ସମିତିର ସଦସ୍ୟା (୧୧-୧୫ ଜଣ)**

- ଆଶା କର୍ମୀ
- ଅଙ୍ଗନୱାଡି କର୍ମୀ
- ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା
- ସଂପୃକ୍ତ ବସ୍ତିରେ ରହୁଥିବା ଆଗ୍ରହୀ ମହିଳା



OIPR-10003/13/0154/2223

ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଓ ସଚେତନତା ପାଇଁ ପ୍ରତ୍ୟେକ ସମିତିକୁ ବାର୍ଷିକ ୫୦୦୦ ଟଙ୍କାର ପାଣ୍ଠି ବ୍ୟବସ୍ଥା।

ଅଧିକ ଜାଣିବା ପାଇଁ ନିକଟସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର / ଏ.ଏନ୍.ଏମ୍ ବା ଆଶାଙ୍କ ସହ ଯୋଗାଯୋଗ କରନ୍ତୁ।

ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। **–ଶ୍ରୀମା**

# ଦ୍ୱିତୀୟ ସାମ୍ମୁଖ୍ୟ

ସାଧାରଣ ନିର୍ବାଚନ ୨୦୨୪ ପାଖେଇ ଆସୁଛି। ଏଥିପାଇଁ ସବୁ ରାଜନୈତିକ ଦଳ ନିଜ ତରିକାରେ ଭୋଟରଙ୍କ ପାଖରେ ପହଞ୍ଚିବା ସକାଶେ ଉଦ୍ୟମ ଜୋରଦାର କଲେଣି। ଭାଜପା ନେତୃତ୍ୱାଧୀନ ସରକାର କେନ୍ଦ୍ରରେ ଆସନ୍ତାବର୍ଷ ଦଶନ୍ଧି ରାଜୁତି ସାରି ଆଗକୁ ବଢ଼ିବା ପାଇଁ ପାଗ ଭିଡୁଥିବା ବେଳେ କଂଗ୍ରେସ ତା'ର ଗତିରୋଧ କରିବା ସକାଶେ ଅଣ୍ଟା ଭିଡ଼ିଛି। ଗଣତନ୍ତ୍ରରେ ପରିବର୍ତ୍ତନ ନ ଆସି ଦୀର୍ଘ ଶାସନ ରହିଲେ, ତାହା ପ୍ରଜାମାନଙ୍କ ପାଇଁ କାଳ ହୋଇଥାଏ ବୋଲି କୁହାଯାଇଥାଏ। ଛତିଶଗଡ଼ର ରାୟପୁରଠାରେ କଂଗ୍ରେସର ୮୫ତମ ମହାଅଧିବେଶନରେ ସୋନିଆ ଗାନ୍ଧୀ କେନ୍ଦ୍ରର ଭାଜପା ସରକାରଙ୍କୁ ଉପଲକ୍ଷ୍ୟ କରି ଦେଇଥିବା ମନ୍ତବ୍ୟ ଏବେ ଆଲୋଚନାର ବିଷୟ ହୋଇଛି। ସେ କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଘୃଣାର ନିଆଁ ଜାଳି ସଂଖ୍ୟାଲଘୁ, ଦଳିତ, ଆଦିବାସୀଙ୍କୁ ଟାର୍ଗେଟ କରୁଛି। ଭାଜପା–ଆର୍‌ଏସ୍‌ଏସ୍ ଶାସନ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଅକ୍ତିଆର କରିନେଇଛନ୍ତି। ତେଣୁ ଧର୍ମନିରପେକ୍ଷ ଓ ସମାଜବାଦୀ ଶକ୍ତି ମିଶିପାରିଲେ ଭାଜପାର ଗତିରୋଧ କରାଯାଇପାରିବ ବୋଲି ସେ ଯେଉଁ ଆହ୍ୱାନ ଦେଇଛନ୍ତି, ତାହାର ପ୍ରାସଙ୍ଗିକତା ରହିଛି ବୋଲି ଅନେକେ ମତ ଦେଉଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଗୌତମ ଆଦାନୀଙ୍କୁ 'ଏକ' ବୋଲି କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଯେତେବେଳେ ଆଦାନୀଙ୍କ ସହ ମୋଦିଙ୍କର କି ସମ୍ପର୍କ ଅଛି ବୋଲି ପ୍ରଶ୍ନ କରାଯାଉଛି, ସେତେବେଳେ ସମଗ୍ର ସରକାର ଆଦାନୀଙ୍କୁ ସୁରକ୍ଷା ଦେବାକୁ ରାସ୍ତାକୁ ଓହ୍ଲାଇ ଆସୁଛନ୍ତି। ତେବେ ମହାଅଧିବେଶନରେ କଂଗ୍ରେସ କର୍ମୀ ଓ ନେତାମାନେ ଉତ୍ସାହିତ ଥିବା ଦେଖାଯାଉଥିବାରୁ ଏହା ଏକ ସଙ୍କେତ ଦେଉଛି ଯେ, ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରା ପରେ ଏହି ପୁରୁଣା ଦଳ ଭିତରେ ଏକ ଶକ୍ତି ସଞ୍ଚରିତ ହୋଇଛି। ମାତ୍ର ସେହି ଶକ୍ତିକୁ ମହାଶକ୍ତିରେ ରୂପାନ୍ତରିତ କରାଯାଇ ନ ପାରିଲେ ଭାଜପା ଭଳି ବଡ଼ ଆକାର ଧାରଣ କରିଥିବା ଦଳକୁ ସହଜରେ ପ୍ରତିହତ କରାଯାଇପାରିବ ନାହିଁ। ଗତ କିଛି ବର୍ଷ ହେବ ଦେଖାଯାଉଛି, ନିର୍ବାଚନ ଆସିଲେ ଏକ ତୃତୀୟ ସାମ୍ମୁଖ୍ୟ ବିଷୟରେ ଚର୍ଚ୍ଚା ହୋଇଥାଏ। ସେହି ସାମ୍ମୁଖ୍ୟ ସମାଜବାଦୀ ଓ ଧର୍ମନିରପେକ୍ଷ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦଳଗୁଡ଼ିକୁ ନେଇ ଗଢ଼ି ଉଠିଥାଏ। ଏହାଦ୍ୱାରା ଉଭୟ କଂଗ୍ରେସ ଓ ଭାଜପାକୁ ଦୂରେଇ ରଖିବାର ଉଦ୍ୟମ ହେଉଥିଲା। ଏବେ କିନ୍ତୁ ତୃତୀୟ ପରିବର୍ତ୍ତେ ଦ୍ୱିତୀୟ ସାମ୍ମୁଖ୍ୟ ଚିନ୍ତା ହେଉଛି ବୋଲି କହିହେବ। ଏମାନେ ସମସ୍ତେ ଭାଜପା ବିଶେଷକରି ମୋଦିଙ୍କ ବିରୋଧରେ ଏକଜୁଟ ହେଉଥିବାର ଲକ୍ଷ୍ୟ କରାଯାଉଛି। ଏହା ଏକ ମୌଳିକ ତ୍ରୁଟି ବୋଲି କୁହାଯାଇପାରେ। ମୌଳିକ ତ୍ରୁଟି ଏଇଥିପାଇଁ କୁହାଯାଇପାରେ ଯେ, ଏମାନେ ରାଜନୈତିକ ଦୃଷ୍ଟିକୋଣରୁ ଯଦି କ୍ଷମତା ପାଇଁ ଏକଜୁଟ ହେବେ ତାହା ହେଲେ ଦେଶବ୍ୟାପୀ ବୁଲି କେବଳ ମୋଦିଙ୍କ ବିରୋଧରେ ଗର୍ଜନ କରିବେ। ଫଳରେ ମୋଦିଙ୍କ ନାମ ଦେଶବ୍ୟାପୀ ଗୁଞ୍ଜରିତ ହେବ। ତାହା ଦ୍ୱାରା ମୋଦିଙ୍କୁ ଲାଭ ପହଞ୍ଚିବ। ତେଣୁ ବୁଦ୍ଧିର କଥା ହୁଅନ୍ତା, ଯଦି ବିଗତ ଦଶନ୍ଧିରେ ଦେଶର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ଯେଉଁଭଳି କ୍ଷତି ପହଞ୍ଚାଯାଇଛି; ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇପାରନ୍ତା।

> ନିର୍ବାଚନ ଆସିଲେ ତୃତୀୟ ସାମ୍ମୁଖ୍ୟ ବିଷୟରେ ଚର୍ଚ୍ଚା ହୋଇଥାଏ। ସେହି ସାମ୍ମୁଖ୍ୟ ସମାଜବାଦୀ ଓ ଧର୍ମନିରପେକ୍ଷ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦଳଗୁଡ଼ିକୁ ନେଇ ଗଢ଼ି ଉଠିଥାଏ। ଏହାଦ୍ୱାରା ଉଭୟ କଂଗ୍ରେସ ଓ ଭାଜପାକୁ ଦୂରେଇ ରଖିବାର ଉଦ୍ୟମ ହେଉଥିଲା। ଏବେ କିନ୍ତୁ ତୃତୀୟ ପରିବର୍ତ୍ତେ ଦ୍ୱିତୀୟ ସାମ୍ମୁଖ୍ୟ ଚିନ୍ତା ହେଉଛି ବୋଲି କହିହେବ।

ଆଜିର ରାଜନୈତିକ ଦଳଗୁଡ଼ିକର ରଣକୌଶଳ ପୂର୍ବାପେକ୍ଷା ଯଥେଷ୍ଟ ତୀବ୍ର ଓ ତୀକ୍ଷ୍ଣ ହେଉଥିବା ଦେଖାଯାଉଛି। ଭାଜପା ବର୍ଷତମାମ ନିର୍ବାଚନରେ ଜିତିବା ଲାଗି ଅନେକ ଭଙ୍ଗାଗଢ଼ା କରୁଥିବାରୁ ସେଥିରୁ ପ୍ରେରଣା ପାଇ ଅନ୍ୟ ଦଳଗୁଡ଼ିକ ପ୍ରସ୍ତୁତି ଚଳାଇଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳର ଲକ୍ଷ୍ୟ ଥାଏ କିଭଳି ଶାସନ ଅକ୍ତିଆର କରିବା। ତାହାକୁ ଖୁଣି ହେବ ନାହିଁ। କିନ୍ତୁ ସେହି ଲକ୍ଷ୍ୟ ଭିତରେ ନାଗରିକଙ୍କ ମଙ୍ଗଳ ନିହିତ ରହିବା ଆବଶ୍ୟକ। କେନ୍ଦ୍ରରେ ଭାଜପା ସରକାର କେବଳ ଦଳ ଓ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସୁହାଇଲା ଭଳି ନିଷ୍ପତ୍ତି ନେଉଥିବାରୁ ତାହା ଜନସାଧାରଣଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। କିନ୍ତୁ ଭାରତରେ ହିନ୍ଦୁଙ୍କ ମନରେ ଗଭୀର ଚେର ସୃଷ୍ଟି କରିଥିବା ମୁସଲମାନ ବିରୋଧୀ ଚିନ୍ତାକୁ ଭାଜପା ଅତି ଭଲ ଭାବେ ରାଜନୈତିକ ମୋଡ଼ ଦେଇ ବ୍ୟବହାର କରିପାରିଛି। ଏହାକୁ ଏକଜୁଟ ହେଉଥିବା ଦଳଗୁଡ଼ିକ ଠିକ୍ ଭାବେ ନିରୀକ୍ଷଣ କରିବା ଦରକାର।

ଏବେ ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲେ ମଧ୍ୟ ତାହାକୁ ସୁଧାରିବା ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁ ନାହିଁ। ସେହିଭଳି ଶିଳ୍ପପ୍ରୀତି, ଧର୍ମ ଓ ଜାତି ଭିତରେ ଅସହିଷ୍ଣୁତା ସୃଷ୍ଟି କରାଯାଇ ଯେଉଁ ବିଭାଜନ ରାଜନୀତି ହେଉଛି, ତାହା ଦେଶର ବିଭିନ୍ନ କ୍ଷେତ୍ରରେ ଅସ୍ୱାଭାବିକ ସ୍ଥିତି ଆରମ୍ଭ କରିଦେଇଛି। ୨୬ ଫେବୃୟାରୀରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଫନ୍ଦିଫିକର କରି ଗିରଫ କରାଯିବା ସଦ୍ୟ ଦୃଷ୍ଟାନ୍ତ। ଏଭଳି ସ୍ଥଳେ ଉତ୍ତମ ଶାସନ ଲାଗି ନାଗରିକମାନେ ଭଲ ଭାବେ ହୃଦ୍‌ବୋଧ କରୁଥିବା ପ୍ରାର୍ଥୀଙ୍କୁ ବାଛିବା ଦରକାର। ଅନ୍ୟପକ୍ଷରେ ଏଇଠି କୁହାଯାଇପାରେ ଯେ, ଉପା–୧ ଓ ଉପା–୨ ସରକାର ଅମଳରେ କଂଗ୍ରେସର ବିଶୃଙ୍ଖଳିତ ବ୍ୟବହାର ଓ ଦୁର୍ନୀତି ଦଳକୁ ଶାସନଠାରୁ ଦୀର୍ଘ ବର୍ଷ ହେବ ଦୂରେଇ ରଖିଛି। ତେଣୁ କଂଗ୍ରେସ ସମେତ ଅନ୍ୟସବୁ ଅଣଭାଜପା ଦଳ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟାକୁ ବୁଝି ନିଜର ରଣକୌଶଳ ପ୍ରସ୍ତୁତ କଲେ ଦେଶ ପାଇଁ ମଙ୍ଗଳ ହୋଇପାରନ୍ତା।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 9 | | | | | | |
| 8 | 4 | 3 | | 2 | | | | |
| | | | | | | | | |
| | 6 | | 4 | | | 2 | | |
| | | 1 | | | 3 | | | |
| | | | 1 | 5 | | | 9 | |
| | 2 | 8 | 6 | | | | | 3 |
| 3 | | | | 4 | | 7 | 8 | |
| | | | | 7 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 8 | 9 | 3 | 5 | 1 | 7 |
| 5 | 9 | 1 | 6 | 7 | 2 | 4 | 3 | 8 |
| 3 | 8 | 7 | 5 | 1 | 4 | 6 | 2 | 9 |
| 7 | 6 | 4 | 3 | 8 | 9 | 1 | 5 | 2 |
| 2 | 3 | 9 | 7 | 5 | 1 | 8 | 6 | 4 |
| 1 | 5 | 8 | 2 | 4 | 6 | 7 | 9 | 3 |
| 9 | 7 | 6 | 1 | 3 | 8 | 2 | 4 | 5 |
| 4 | 2 | 5 | 9 | 6 | 7 | 3 | 8 | 1 |
| 8 | 1 | 3 | 4 | 2 | 5 | 9 | 7 | 6 |

ଗତକାଲିର ଉତ୍ତର

# ଏଫ୍‌ବିଆଇ ବି ପଲିଟିକାଲ ହୋଇପାରେ



ସହଦେବ ସାହୁ

ଇଂଲଣ୍ଡ, ଇସ୍ରାଏଲ ଭଳି ଗଣତାନ୍ତ୍ରିକ ଦେଶରେ ପୋଲିସ ପ୍ରଧାନମନ୍ତ୍ରୀଙ୍କୁ ବି ଆଇନଭଙ୍ଗ ଦୋଷରେ ଦଣ୍ଡିତ କରିଥାଏ। କାରଣ ସେଠାରେ ସାଂସଦମାନେ ଓ ସେମାନଙ୍କ ପ୍ରଭାବରେ ସ୍ୱଳ୍ପକାଳୀନ ଏକଜିକ୍ୟୁଟିଭ୍ (ପ୍ରଶାସନିକ) ହେଡ୍ ଅର୍ଥାତ୍ ପାଞ୍ଚବର୍ଷୀୟ ମନ୍ତ୍ରୀମାନେ ସେମାନଙ୍କ ଅଧୀନରେ କାମ କରୁଥିବା ସ୍ଥାୟୀ ଅଧିକାରୀମାନଙ୍କୁ ଆଇନର ଶାସନ ଚଳାଇବାକୁ ଛାଡ଼ିଦିଅନ୍ତି। ସୁଇଡେନ୍, ନରୱେ, ଫିନ୍‌ଲାଣ୍ଡ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶରେ ପ୍ରଧାନମନ୍ତ୍ରୀମାନେ ନିଜ ଦଳରେ ବି ସଂଖ୍ୟାଗରିଷ୍ଠତା ଉପରେ ନିର୍ବାଚିତ ହୁଅନ୍ତି, ଦଳ ଭିତରେ ବିପରୀତ ଚିନ୍ତାର ସଦସ୍ୟ ରହିପାରନ୍ତି; ହେଲେ ପ୍ରଧାନମନ୍ତ୍ରୀ ଯାହା କହିବେ ତାହା ବେଦର ଗାର ହୁଏ ନାହିଁ। ନିଜର ଅକ୍ଷମତା ସ୍ୱୀକାର କରି ନ୍ୟୁଜିଲାଣ୍ଡର ମହିଳା ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ ନିକଟରେ ପଦତ୍ୟାଗ କରିଛନ୍ତି। ରାଷ୍ଟ୍ରପତିପ୍ରଧାନ ଗଣତାନ୍ତ୍ରିକ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ରେ ସଂଘୀୟ ବ୍ୟବସ୍ଥା ଥିବାରୁ ଆମ ଦେଶ ଭଳି ପ୍ରାଦେଶିକ ଓ କେନ୍ଦ୍ରୀୟ ସରକାର ଭିତରେ ଦଳଗତ ମତଭେଦ ବେଳେ ବେଳେ ବିଶୃଙ୍ଖଳା ଆଣେ, କିନ୍ତୁ ୟୁଏସ୍‌ଏରେ କାଳକ୍ରମେ ଶୃଙ୍ଖଳା ଆସିଯାଏ। କିନ୍ତୁ ଆମ ଦେଶରେ ପ୍ରତି କଥା ଓ ପ୍ରତି କାମ ଭିତରେ ରାଜନୀତି (ଖରାପ ଅର୍ଥରେ ପଲିଟିକ୍ସ) ପଶୁଛି। ସରକାରୀ ଅଧିକାରୀମାନେ ଆଉ ରେଗୁଲେଟୋରି ଅଥରିଟି ନ ହୋଇ ରେଗୁଲେଟେଡ୍ ସେବକ ହୋଇଯାଉଛନ୍ତି। ଆମ ପ୍ରଦେଶରେ ଗୋପାଳ ଦାସ ନାମକ ଜଣେ ପୋଲିସ ଏଏସ୍‌ଆଇଙ୍କ ଗୁଳିରେ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାର ତଦନ୍ତ ଏମିତି ପଲିଟିକାଲ ହୋଇଗଲାଣି ଯେ ବିରୋଧୀଙ୍କ ଦାବିରେ ରାଜ୍ୟ ସରକାର ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)କୁ ତଦନ୍ତ ଭାର ଦେବାକୁ ଚାହୁଁଛନ୍ତି ବୋଲି କେନ୍ଦ୍ର ସରକାରଙ୍କୁ ଲେଖିଛନ୍ତି। ଫଳ କ'ଣ ହେବ ସମୟ କହିବ।

ଏଫ୍‌ବିଆଇ ଯେ ପଲିଟିକାଲ ହୋଇପାରେ ତାହା ସଦ୍ୟ ଏକ ଖବର କହୁଛି। ୨୧ ଫେବୃୟାରୀ ୧୯୬୫ରେ ସିଭିଲ ରାଇଟ୍ସ ନେତା, ନାଗରିକ ଅଧିକାର ଆନ୍ଦୋଳନର ପ୍ରବକ୍ତା ମାଲକମ୍ ଏକ୍ସ (୩୯ବର୍ଷ) ନ୍ୟୁୟର୍କର ୱାଶିଂଟନ ହାଇଟ୍ସ ପଡ଼ାରେ ଥିବା ଅଡିଟୋରିୟମରେ ଭାଷଣ ଦେବାକୁ ଯାଉଥିଲା ବେଳେ ୩ ଜଣ ବନ୍ଧୁକଧାରୀ ଅତି କମ୍‌ରେ ୨୧ ଥର ଗୁଳିମାରି ତାଙ୍କୁ ହତ୍ୟା କରିଥିଲେ। ଏଫ୍‌ବିଆଇ, ନ୍ୟୁୟର୍କ ପୋଲିସ ଓ ସିଆଇଏ ଦୋଷାରୋପ ପତ୍ର ଦାଏର କଲେ ଓ ବର୍ଷକ ଭିତରେ ୧୯୬୬ରେ ରାୟ ବାହାରିଲା (ଆମ ଦେଶରେ ୧୦ ବର୍ଷ କି ବେଶି ନେଇଥାନ୍ତା!) ଯେ ଦୁଇଜଣ ଦଣ୍ଡିତ ହୋଇଥିଲେ। ମାଲକମ୍ ଏକ୍ସ 'ଅର୍ଗାନାଇଜେଶନ ଅଫ୍ ଆଫ୍ରୋଆମେରିକାନ୍ ୟୁନିଟ୍' ନାମକ ସଂଗଠନ ଗଢ଼ି ତା' ବିଷୟରେ କହିବା ପାଇଁ ନ୍ୟୁୟର୍କସ୍ଥ ଅଡୁବନ୍ ହଲ୍‌ରେ ପ୍ରସ୍ତୁତ ହେଉଥିବା ବେଳେ ଗୁଳିମାଡ଼ ହୋଇଥିଲା। ସେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ ଏବଂ କୃଷ୍ଣକାୟମାନଙ୍କ ସଶକ୍ତୀକରଣ ପାଇଁ ଉଦ୍ୟମ ଜାରି ରଖିଥିଲେ। ମାଲକମ୍ ବର୍ଣ୍ଣବିଦ୍ୱେଷକୁ ନିନ୍ଦା କରୁଥିଲେ, ଶ୍ୱେତାଙ୍ଗମାନଙ୍କୁ 'ନୀଳଆଖିଆ ରାକ୍ଷସ' କହୁଥିଲେ, କୃଷ୍ଣକାୟଙ୍କ ସମାଜକୁ ଅଲଗା କରି ସ୍ୱତନ୍ତ୍ର ଦେଶ ଗଠନ ଚାହୁଁଥିଲେ। ତେଣୁ ଆମେରିକାନ୍ ପୋଲିସ ତାଙ୍କୁ ସଫା କରିଦେବାକୁ ଚାହୁଁଥିଲା ବୋଲି ଏବେ ଜନରବ। କିନ୍ତୁ ପୋଲିସ ରିପୋର୍ଟ ହେଲା ଯେ ସେ ଭାଷଣ ଦେବାକୁ ମଞ୍ଚ ଉପରକୁ ଉଠିଲା ବେଳେ ଦର୍ଶକମାନଙ୍କ ଭିତରେ ହଇଚଇ ଶୁଭିଲା, ଜଣେ ଲୋକ ଷ୍ଟେଜ୍ ଉପରକୁ ଦଉଡ଼ି ଯାଇ ମାଲକମ୍ ଏକ୍ସଙ୍କୁ ଗୁଳି ମାରିଲା। ପରେ ପରେ ଆଉ ଦୁଇ ଜଣ ମଞ୍ଚ ଉପରକୁ ଉଠି ଗୁଳି ମାରିଥିଲେ, ମୋଟ ୨୧ଟା ଗୁଳି। ଟମାସ୍ ହାଗାନ୍ (ଅନ୍ୟ ନାମ ମୁଜାହିଦ୍ ଅବଦୁଲ ହଲିମ୍) ନାମକ ଜଣେ ବ୍ୟକ୍ତିଙ୍କୁ ଜଣେ ବଡିଗାର୍ଡ ଗୁଳିମାରି ଧରିପକାଇଲେ, ସେ ଗୁଳି କରିଛି ବୋଲି ମାନିଗଲା, ତାକୁ ଆଜୀବନ ଜେଲ୍ ହେଲା। ବଟଲର କି ଜନସନ କାହା ନାଁରେ ଅଭିଯୋଗ ସହ ସମ୍ପୃକ୍ତି ସିଧାସଳଖ ନ ଥିଲେ ବି ସେମାନେ ଦଣ୍ଡିତ ହେଲେ।




୧୯୭୭ରେ (୧୧ବର୍ଷ ପରେ) ନାସନ୍ ଅଫ୍ ଇସ୍‌ଲାମ ନେତା ଏଲିଜା ମହମ୍ମଦଙ୍କ ପ୍ରଶଂସକ ଶ୍ରୀ ହେୟର କହିଲେ ଯେ 'ନାସନ୍ ଅଫ୍ ଇସ୍‌ଲାମ' (ନେୱାର୍କ ଶାଖା)ର ମେମ୍ବର ଦ୍ୱୟ ମେ' ୧୯୬୪ରେ ମାଲକମ୍‌ଙ୍କୁ ହତ୍ୟା କରିବା ଯୋଜନା କରିଥିଲେ। ଯେଉଁମାନେ ପ୍ରକୃତ ଦୋଷୀ ସେମାନଙ୍କୁ ବିଚାରକୁ ଅଣାଯାଇ ନାହିଁ, ନିରୀହ ଲୋକଙ୍କୁ ଦଣ୍ଡ ଦିଆଯାଇଛି। ୨୦୨୦ରେ ନେଟ୍ ଫ୍ଲିକ୍ସ ଡକ୍ୟୁମେଣ୍ଟାରି ସିରିଜରେ ଗୋଟିଏ ଡକ୍ୟୁମେଣ୍ଟାରି ଥିଲା 'ମାଲକମ୍ ଏକ୍ସଙ୍କୁ କିଏ ମାରିଲା'। ତାକୁ ଦେଖି ନ୍ୟୁୟର୍କ ଡିଷ୍ଟ୍ରିକ୍ଟ ଆର୍ଟର୍ନି ଅଫିସ୍ ପୁରୁଣା ନଥି ଖୋଲିଲା, ନୂଆ ଇନ୍‌ଭେଷ୍ଟିଗେଶନ୍ ଚାଲୁ କଲା। ମାଲକମ୍ ସମ୍ପର୍କରେ ତଥା ସିଭିଲ୍ ରାଇଟ୍ସ ମୁଭ୍‌ମେଣ୍ଟ ଉପରେ ଇତିହାସ ଲେଖୁଥିବା ଅବଦୁର ରହମାନ ମହମ୍ମଦ ନୂଆ ପ୍ରମାଣ ବାହାର କଲେ, ଲେସ୍ ପେଇନେ ନାମକ ଜଣେ ଅନିସନ୍ଧିତ୍ସୁ ସାମ୍ବାଦିକ ଖବର ପରିବେଷଣ କଲେ ଯେ ପ୍ରକୃତ ଆତତାୟୀମାନେ ନେୱାର୍କର ମସ୍‌ଜିଦର ସଦସ୍ୟ ଥିଲେ, ହାର୍‌ଲେମ ମସ୍‌ଜିଦର ନୁହେଁ। ଜନଜାଗରଣ ହୋଇସାରିଥିଲା। ସିଆଇଏ(ଆମେରିକାର ଗୋଇନ୍ଦା ସଂସ୍ଥା) ଓ ଏଫ୍‌ବିଆଇ ଲୋକେ ଭୁଲ ପ୍ରମାଣ ଯୋଗାଇଛନ୍ତି ବୋଲି ଲୋକଙ୍କ ଧାରଣା ହେଲା ଓ ସେମାନଙ୍କୁ ଦଣ୍ଡିତ କରାଯାଉ ବୋଲି ପାଟି ହେଲା। ମାନହାଟାନ ଡିଷ୍ଟ୍ରିକ୍ଟ ଆର୍ଟର୍ନି ସାଇରସ୍ ଭାନ୍ସ (ଜୁନିୟର୍) ପୁରୁଣା ଦଣ୍ଡାଦେଶର ପୁନର୍ବିଚାର ଦାବି କରି କୋର୍ଟରେ ଦରଖାସ୍ତ ପେଶ୍ କଲେ। ଆମ ଦେଶରେ ସରକାରୀ ଓକିଲ (ପ୍ରସିକ୍ୟୁଟର) କେବେ ନିଜ ଅଫିସର ଦୋଷ ସ୍ୱୀକାର କରି କୋର୍ଟରେ ପୁନର୍ବିଚାର ପାଇଁ ଦରଖାସ୍ତ କରିବେ? ଆମର ସବୁ ସଂସ୍ଥା ତ ପଲିଟିକାଲ! ଶାସକ ଦଳର ସମର୍ଥକ ନ ହେଲେ ସରକାର କୌଣସି ଆଡ୍‌ଭୋକେଟଙ୍କୁ ସରକାରୀ ଓକିଲ ନିଯୁକ୍ତି ଦେବେ ନାହିଁ! ଏବେ ମାର୍କିନ୍ ଲୋକେ କହୁଛନ୍ତି– ପୋଲିସ, ଏଫ୍‌ବିଆଇ ଓ ସିଆଇଏ 'ମାଲକମ୍ ଏକ୍ସ'ଙ୍କୁ ଜଣେ ବିପଜ୍ଜନକ ବ୍ଲାକ୍ (କୃଷ୍ଣକାୟ) ବୋଲି ମନେକରୁଥିଲେ। ତେଣୁ ତାଙ୍କୁ ସଫା କରିଦେବାର ଷଡ଼ଯନ୍ତ୍ର ଭିଆଇ ଥିଲେ। ୧୯୫୩ ମାର୍ଚ୍ଚରୁ ଏଫ୍‌ବିଆଇ ମାଲକମ୍ ଏକ୍ସ ନାଁରେ ଫାଇଲା ଖୋଲିଥିଲା ଓ ତାଙ୍କ ଉପରେ ନଜର ରଖିଥିଲା। ୧୯୬୪ ଜୁନ ୬ରେ ଏଫ୍‌ବିଆଇ ଡାଇରେକ୍ଟର ଜେ. ଏଡ୍‌ଗାର ହୁଭର(୧୯୭୨ରେ ମୃତ) ନ୍ୟୁୟର୍କ ଏଫ୍‌ବିଆଇ ଅଫିସକୁ ଚିଠି ଲେଖିଲେ ଯେ ମାଲକମ୍ ବଡ ବିପଦ ସୃଷ୍ଟି କଲାଣି, କିଛି ଗୋଟାଏ କର। ପୋଲିସ୍ ଆଉ ଏଫ୍‌ବିଆଇ ଅଣ୍ଡରକଭର୍ ଅଫିସର ବି ବରାଦ କରିଦେଲେ। ନ୍ୟୁୟର୍କର ସରକାରୀ ଓକିଲ (ଆର୍ଟର୍ନି) କୋର୍ଟଙ୍କୁ ଏମିତି ଏକ ଷଡ଼ଯନ୍ତ୍ର ଜଣାଇ ମକଦ୍ଦମାର ପୁନର୍ବିଚାର ଚାହିଁଲେ। କୋର୍ଟ ଜେଲ୍ ଭୋଗୁଥିବା ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ କଲେ ଓ ସେମାନଙ୍କୁ ନ୍ୟୁୟର୍କ ରାଜ୍ୟ ସରକାର ୨୬ ମିଲିୟନ ଡଲାର କ୍ଷତିପୂରଣ ଦିଅନ୍ତୁ ବୋଲି ବି ଆଦେଶ ଦେଲେ।

ମାଲ୍‌କମ୍ ହତ୍ୟା ସ୍ଥାନରେ ଏବେ ଏକ ମେମୋରିଆଲ କରାହୋଇଛି, ସେହିଠାରେ ତାଙ୍କ ମୃତ୍ୟୁବାର୍ଷିକୀ ପାଳନ ଅବସରରେ ଫେବୃୟାରୀ ୨୧(୨୦୨୩)ରେ ତାଙ୍କ ଝିଅ ଇଲିଶା ସାବାଜ ଏକ ସାମ୍ବାଦିକ ସମ୍ମିଳନୀ ଡାକି କହିଛନ୍ତି – ତାଙ୍କ ପରିବାର ସତ କଥାକୁ ପଦାକୁ ଆଣିବାକୁ ବର୍ଷ ବର୍ଷ ଧରି ଲଢେଇ କରିଆସିଛି। ଗୁଳିକାଣ୍ଡ ପଛରେ ଥିବା ଷଡ଼ଯନ୍ତ୍ରକାରୀ ପୋଲିସ ଅଧିକାରୀମାନଙ୍କୁ ଚିହ୍ନଟ କରି ଦଣ୍ଡ ଦିଆଯାଉ ଏବଂ ତାଙ୍କ ପରିବାରକୁ ସରକାର ୧୦ କୋଟି ଡଲାର କ୍ଷତିପୂରଣ ଦିଅନ୍ତୁ ବୋଲି ସେ ନାଲିସ୍ କରିବେ। ସିଭିଲ୍ ରାଇଟ୍ସ ଓକିଲ ବେନ୍ କ୍ରମ୍ପ ମଧ୍ୟ ସମର୍ଥନ କରିଛନ୍ତି। ଆତତାୟୀ ସରକାରୀ ପ୍ରାୟୋଜିତ ହୋଇଥିବାରୁ ଏଫ୍‌ବିଆଇ, ନ୍ୟୁୟର୍କ ପୋଲିସ ଓ ସିଆଇଏ ନାଁରେ ୧୦ କୋଟି ଡଲାର କ୍ଷତିପୂରଣ ନାଲିସ୍ କରିବାକୁ ଇଲିଶା ସାବାଜ ସଜବାଜ ହେଉଛନ୍ତି। ଏପରି ଅଭିଯୋଗ ନବକିଶୋର ଦାସଙ୍କ କ୍ଷେତ୍ରରେ ଉଠିବା ଅସମ୍ଭବ ନୁହେଁ! କିନ୍ତୁ ପଲିଟିକାଲ ପେଞ୍ଚ ତାକୁ ରୋକିପାରେ!

sahadevas@yahoo.com

# ମାଇକ୍ରୋ ଫାଇନାନ୍ସ ଓ ମହିଳା ସଶକ୍ତୀକରଣ



ସୌରଜିତ୍ ପ୍ରଧାନୀ

ନବେ ଦଶକର ପ୍ରାରମ୍ଭରେ ଭାରତୀୟ ଅର୍ଥନୀତି ଉଦାରୀକରଣରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିଲା ଏବଂ ଆର୍ଥିକ ଅଭିବୃଦ୍ଧିର ଗତି ଉପରମୁହାଁ ହୋଇଥିଲା। କିନ୍ତୁ ବିତର୍କର ବିଷୟ ହେଉଛି– ସମାଜର ପ୍ରତ୍ୟେକ ବର୍ଗରେ ଏହି ଅଭିବୃଦ୍ଧି ପହଞ୍ଚିଛି ନା ଏହା କେବଳ ଏକ ନିର୍ଦ୍ଦିଷ୍ଟ ବର୍ଗରେ ସୀମିତ ରହିଛି। ୧୯୮୦ରୁ ୨୦୧୬ ମଧ୍ୟରେ ସମସ୍ତ ପ୍ରମୁଖ କ୍ଷେତ୍ରର ଅସମାନତାରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି ଏବଂ ଦେଶର ଆୟର ୫୫% ଧନ ୧୦% ଲୋକଙ୍କ ହାତରେ ରହିଛି।

ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଏବଂ ସହରାଞ୍ଚଳରେ ଆୟର ଅସମାନ ପ୍ରସାର ଯୋଗୁ ଏହି ବ୍ୟବଧାନ ଦେଖାଦେଇଛି। ବ୍ୟାଙ୍କିଙ୍ଗ୍ ଏବଂ ସ୍ୱାସ୍ଥ୍ୟ ସେବା ଭଳି ସେବାର ଅଭାବ ସହିତ ସେମାନଙ୍କୁ କ୍ରମାଗତ ଭାବେ ଚ୍ୟାଲେଞ୍ଜ କରାଯାଉଛି। ଫଳସ୍ୱରୂପ ଗ୍ରାମାଞ୍ଚଳ ଭାରତର ପ୍ରକୃତ ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରାଯାଇପାରିନାହିଁ, ବିଶେଷକରି ସେହି ମହିଳାମାନଙ୍କ କ୍ଷେତ୍ରରେ ଯେଉଁମାନେ କି ଉତ୍ତମ ଉଦ୍ୟୋଗିକ ଦକ୍ଷତା ଏବଂ ନେତୃତ୍ୱ କ୍ଷମତା ସମ୍ପନ୍ନ।

ବିଶ୍ୱବ୍ୟାପୀ ଅନେକ ଗବେଷଣାରେ ସ୍ପଷ୍ଟ ହୋଇଛି ଯେ ମହିଳା ସଶକ୍ତୀକରଣ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସହିତ ନିବିଡ଼ ଭାବେ ଜଡ଼ିତ ଏବଂ କୌଣସି ସଚେତନତା କାର୍ଯ୍ୟକ୍ରମ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ନ ହେଲେ ଘରୁ ବାହାରକୁ ବାହାରିବା ପାଇଁ ପ୍ରବର୍ତ୍ତାଇ ପାରିବ ନାହିଁ। ଦେଶର ଦୁର୍ଗମ ଅଞ୍ଚଳରେ ଔପଚାରିକ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ସୁବିଧା ନ ଥିବାରୁ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ସହଜରେ ଋଣ ଉପଲବ୍ଧ କରାଇବା ଦିଗରେ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛନ୍ତି। କାରଣ ଜଣେ ସଶକ୍ତ ଓ ଆର୍ଥିକ ସ୍ୱାବଲମ୍ବୀ ମହିଳା ନିଜ ପରିବାର ଓ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଓ ଉତ୍ପାଦକତାରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବେ। ଯଦି ମହିଳାମାନେ ବିକାଶ ପ୍ରକ୍ରିୟାରେ ସମାନ ଭାବେ ଭାଗିଦାର ନ ହୁଅନ୍ତି ତେବେ କୌଣସି ଦେଶ ପ୍ରଗତି କରିପାରିବ ନାହିଁ। ହେଲେ ଭାରତରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ମାତ୍ର ୨୮%।

ମାଇକ୍ରୋଫାଇନାନ୍ସ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚି ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଛି। ବିଶେଷକରି ଆଶାୟୀ ମହିଳାମାନଙ୍କ ନିକଟରେ ପହଞ୍ଚିବା ପାଇଁ ଏହାକୁ ଏକ ପ୍ରଭାବୀ ତଥା ବ୍ୟାପକ ସାଧନ ଭାବେ ଦେଖାଯାଏ। ମହିଳାମାନେ ନିକଟରେ ଉଠାଇଥିବା ଋଣରୁ ଦେଶରେ ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ(ଏମ୍‌ଏଫ୍‌ଆଇ)ର ଗୁରୁତ୍ୱକୁ ବୁଝିହେବ। ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ ନେଟ୍‌ୱର୍କ ଅନୁଯାୟୀ, ଏହି ସଂସ୍ଥାଗୁଡ଼ିକ ସହିତ ୨.୬୫ କୋଟିରୁ ଅଧିକ ଋଣଗ୍ରହୀତା ଜଡ଼ିତ ଅଛନ୍ତି। ଏଥିରେ ୧,୪୮,୦୯୭ କୋଟି ଟଙ୍କାର ବ୍ୟୟବରାଦ ରହିଛି। ସେଥିମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା, ଯେଉଁମାନଙ୍କ ପାଖରେ ଔପଚାରିକ ଋଣର ସୁବିଧା ନାହିଁ। ମୁଦ୍ରା ଯୋଜନାର ଶୁଭାରମ୍ଭ ଏବଂ ଏନ୍‌ବିଏଫ୍‌ସି–ଏମ୍‌ଏଫ୍‌ଆଇ ପାଇଁ ଆର୍‌ବିଆଇର ସଂଶୋଧିତ ନିର୍ଦ୍ଦେଶାବଳୀ ଭଳି ସଂସ୍ଥାଗତ ବ୍ୟବସ୍ଥା ଉଦ୍ୟୋଗକୁ ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ କରିଛି।



ଏହାଛଡ଼ା କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ମହିଳା ଉଦ୍ୟୋଗୀମାନଙ୍କୁ କ୍ଷୁଦ୍ର ମିଳିତ ଦାୟାଦ ଗୋଷ୍ଠୀ ମାଧ୍ୟମରେ ଯୋଡୁଛନ୍ତି। ଏହି ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ବିନା କୌଣସି ବନ୍ଧକ କିମ୍ବା ଜଟିଳ ଡକ୍ୟୁମେଣ୍ଟେଶନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଋଣ ମିଳିଥାଏ, ଯାହା ପଶୁପାଳନ, କୃଷି, ହସ୍ତଶିଳ୍ପ, ବ୍ୟବସାୟ ଏବଂ ଅନ୍ୟାନ୍ୟ ପ୍ରକାର ବ୍ୟବସାୟରେ ଆୟ ସୃଷ୍ଟି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଶାଖାଗୁଡ଼ିକ ଋଣର ସହଜ ଉପଲବ୍ଧତା ଏବଂ ବିତରଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା।

ଅଭିଜ୍ଞତା କହୁଛି, ପୁରୁଷଙ୍କ ତୁଳନାରେ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ଅଧିକ ଶୃଙ୍ଖଳିତ। ତେଣୁ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରତ୍ୟେକ କ୍ଷୁଦ୍ର ଋଣ ନିଯୁକ୍ତି, ଦାରିଦ୍ର୍ୟ ଦୂରୀକରଣ ଏବଂ ଏକ ସମୃଦ୍ଧ ସମାଜ ଗଠନକୁ ଗତିଶୀଳ କରାଇଥାଏ। ତେଣୁ ଏହା ଯୁକ୍ତି କରାଯାଇପାରେ ଯେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଜାତୀୟ ଅଭିବୃଦ୍ଧିରେ ଯୋଗଦାନକାରୀ ଭାବେ ସେମାନଙ୍କୁ ପ୍ରସ୍ତୁତ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେବେ ଏହା ଏକ ସାମୂହିକ ଦାୟିତ୍ୱ, ଯାହା ବ୍ୟାଙ୍କିଙ୍ଗ୍ ସମୁଦାୟ, ମାଇକ୍ରୋ–ଫାଇନାନ୍ସ ସଂସ୍ଥା ଏବଂ ସରକାରଙ୍କ ଦ୍ୱାରା ସମାନ ଭାବେ ଭାଗ କରାଯିବା ଉଚିତ। ଭାରତର ଭୌଗୋଳିକ ଏବଂ ଜନସଂଖ୍ୟାଗତ ବିବିଧତାକୁ ଦୃଷ୍ଟିରେ ରଖି ଏକ ଆର୍ଥିକ ଅନ୍ତର୍ଭୁକ୍ତ ଏବଂ ସଶକ୍ତ ସମାଜ ଗଠନ କରିବା କୌଣସି ସହଜ କାର୍ଯ୍ୟ ନୁହେଁ।

ତେଣୁ ଏଭଳି ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି, ଯାହା କେବଳ ଆର୍ଥିକ ଦୃଷ୍ଟିରୁ ଅନ୍ତର୍ଭୁକ୍ତ ସମାଜ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ମହିଳାଙ୍କୁ ଆତ୍ମନିଯୁକ୍ତିର ମୌଳିକ ଦକ୍ଷତା ସହ ସଶକ୍ତ ଓ ସଜ୍ଜିତ କରିବ। ଏହା ନିଃସନ୍ଦେହରେ ଏକ ନୂତନ ଏବଂ ପ୍ରଗତିଶୀଳ ଭାରତର ମୂଳଦୁଆ ପକାଇବ, ଯାହାର ମୂଳରେ ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିତିସ୍ଥାପକତା ରହିଛି।

ମୋ–୯୯୬୭୧୦୨୨୬୪

## ଏଇ ଭାରତରେ

ହିନ୍ଦୁଧର୍ମ ପରମ୍ପରାରେ ହୋଲି ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ପ୍ରତିବର୍ଷ ଦୋଳରେ ଏହାକୁ ଧୁମ୍‌ଧାମରେ ପାଳନ କରାଯାଉଥିବାବେଳେ ଅନେକ ଗାଁ ଅଜବ ବିଶ୍ୱାସକୁ ଆଧାରକରି ହୋଲି ପାଳନ ନ କରିବା ଦେଖାଯାଏ। ଏଭଳି ଦୁଇଟି ଗାଁ ରହିଛି ଛତିଶଗଡ଼ର କୋରବା ଜିଲାରେ। ପ୍ରଥମ ଗାଁଟି ହେଉଛି ଖରହରି। ଏଠାରେ ଦୀର୍ଘ ୧୫୦ ବର୍ଷ ହେଲା ହୋଲି ପାଳନ କରାଯାଇନାହିଁ। ଏହା ପଛରେ ବି ଏକ ଅନ୍ଧବିଶ୍ୱାସ ରହିଛି। କୁହାଯାଏ, ୧୫୦ ବର୍ଷ ପୂର୍ବେ ଗାଁରେ ଭୀଷଣ ନିଆଁ ଲାଗି ସ୍ଥିତି ପୂରା ଆୟତ୍ତ ବାହାରକୁ ଚାଲିଯାଇଥିଲା। ନିଆଁ ଲାଗିବା ପରେ ଗାଁରେ ମହାମାରୀ ମଧ୍ୟ ବ୍ୟାପିଥିଲା। ଏହି ମହାମାରୀରୁ ରକ୍ଷା ପାଇବା ଲାଗି ଦେବୀ ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ଦେଇ କହିଥିଲେ ଯେ, ଗ୍ରାମବାସୀ ହୋଲି ପାଳନ ନ କଲେ ଗାଁକୁ ଶାନ୍ତି ଫେରିବ। ସ୍ୱପ୍ନାଦେଶ ମାନି ସେବେଠାରୁ ଗାଁ ଲୋକେ ହୋଲି ପାଳନ କରୁନାହାନ୍ତି। କେବଳ ଏହି ଗାଁ ନୁହେଁ, ଛତିଶଗଡ଼ର ଧମନଗୁଡ଼ି ଗାଁରେ ମଧ୍ୟ ୨୦୦ ବର୍ଷ ହେଲା ହୋଲି ପାଳନ ହେଉନତ। ଉକ୍ତ ଗାଁରେ ଦେବୀଙ୍କ କୋପରୁ ସେବେଠାରୁ ହୋଲି ପାଳନ କରାଯାଉନାହିଁ। ଲୋକେ ଲାଲ୍ ରଙ୍ଗ ଓ ହୋଲିକା ଦହନରୁ ଦୂରେଇ ରୁହନ୍ତି। ଏପରି କି ହୋଲି ଦିନ ରଙ୍ଗକୁ ଏତେ ଡରନ୍ତି ଯେ ସେମାନେ ଘରୁ ବାହାରକୁ ବାହାରନ୍ତିନି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଫେବୃୟାରୀ ୧୯୯୮

- ଉତ୍ତରପ୍ରଦେଶ ବିଧାନସଭାରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନୁଷ୍ଠିତ ଏକ ମିଳିତ ଶକ୍ତି ପରୀକ୍ଷାରେ କଲ୍ୟାଣ ସିଂ ବିଜୟୀ।
- ଜାତିସଂଘର ଅସ୍ତ୍ରଶସ୍ତ୍ର ତଦାରଖକାରୀ ୨୫ ଦିନ ଭିତରେ ରାଷ୍ଟ୍ରପତି ଭବନର ୮ଟିଯାକ ପ୍ରାସାଦ ତନଖି ଶେଷ କରିବାକୁ ଇରାକ ଉପପ୍ରଧାନମନ୍ତ୍ରୀ ତାରିକ ଅଜିଜ ପ୍ରସ୍ତାବ ଦେଇଛନ୍ତି।

## ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ
ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି
ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତି ସହରାଞ୍ଚଳକୁ ମୋ ବସ୍ ଚାଲୁ

ମହାଶୟ,

ବିରଜା କ୍ଷେତ୍ର ସମେତ ପ୍ରତ୍ୟେକ ସହରାଞ୍ଚଳକୁ ପର୍ଯ୍ୟାୟକ୍ରମେ ମୋ ବସ୍ ଚାଲିବା ଉଚିତ। ଫଳରେ ଯାତ୍ରୀ ଭିଡ଼ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକମାନେ ବିଶେଷ ଉପକୃତ ହେବେ। ଘରୋଇ ବସ୍‌ଗୁଡ଼ିକ ମନଇଚ୍ଛା ରହଣି କରୁଥିବାରୁ ଯାତ୍ରୀମାନେ ହୀନସ୍ତା ହେଉଛନ୍ତି। ଜାତୀୟ ରାଜପଥ ୧୬ନଂ.ରେ ଓଭର ବ୍ରିଜ ହେବା ଫଳରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକେ ବସ୍ ରହଣି ସୁବିଧା ପାଇପାରୁ ନାହାନ୍ତି। ବଡ଼ଚଣା ରହଣିସ୍ଥଳ ଦୂର ହେଉଥିବାରୁ ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ବାରମ୍ବାର ଘରୋଇ ବସ୍ ମାଲିକ ସଂଘ ଓ ଆରଟିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବସ୍‌ଯାତ୍ରା ସୁବ୍ୟବସ୍ଥିତ ହୋଇପାରୁ ନାହିଁ। ମୋ ବସ୍ ଭୁବନେଶ୍ୱରରୁ ଭାୟା କଟକ ଦେଇ ସାଲେପୁର ପର୍ଯ୍ୟନ୍ତ ପ୍ରତିଦିନ ଚାଲିବା ଫଳରେ ଲୋକେ ତା'ର ସୁଫଳ ପାଉଛନ୍ତି। ଉକ୍ତ ମୋ ବସ୍ ଚଣ୍ଡିଖୋଲ ଦେଇ ବିରଜା କ୍ଷେତ୍ର ପର୍ଯ୍ୟନ୍ତ ଚଳାଇଲେ ହଜାର ହଜାର ଶ୍ରଦ୍ଧାଳୁ ଅନାୟାସରେ ଯାତାୟାତ କରିପାରିବେ। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି।

**–ନିର୍ମଳ ଚନ୍ଦ୍ର ସାମଲ, ବରିଷ୍ଠ ନାଗରିକ ମଞ୍ଚ, ବଡ଼ଚଣା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କେନାଲରୁ ଅଜଣା ମୃତଦେହ ଉଦ୍ଧାର

**ବରପାଲି,୨୬।୨(ଡି.ଏନ୍.ଏ.):** ବରପାଲି ମୁଖ୍ୟ କେନାଲରୁ ରବିବାର ଏକ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ରବିବାର ସକାଳେ ବରଗଡ଼ ବରପାଲି ମୁଖ୍ୟ କେନାଲର ଟିଙ୍ଗୀପାଲି ଗ୍ରାମ ନିକଟରେ ଏକ ମୃତଦେହ ଭାସୁଥିବା ବରପାଲି ପୋଲିସ ଖବର ପାଇଥିଲା। ଅଗ୍ନିଶମ ବିଭାଗ ସହାୟତାରେ ପୋଲିସ ତାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ଗୋଟେ ଲୁଙ୍ଗି ପିନ୍ଧିଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ । ମୃତକଙ୍କ ବୟସ ପାଖାପାଖି ୪୫ ହେବ। ଏହା ହତ୍ୟା ନା ଦୁର୍ଘଟଣା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ପଦ୍ମପୁର,୨୬।୨(ଡି.ଏନ୍.ଏ.):** ବରଗଡ଼ ଜିଲା ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୱତ୍ ପରିଷଦ ଶିକ୍ଷା ବିକାଶ ସମିତି ସଭାପତି ଡ଼ଃ ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଔପଚାରିକ ଓ ଅନୌପଚାରିକ ଶିକ୍ଷା ସଂସ୍କାର ଓ ଚରିତ୍ର ନିର୍ମାଣ ବିଷୟରେ ଆଲୋକପାତ କରିଥିଲେ। ଦିନବନ୍ଧୁ ଦେହେରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁଶ୍ରୀ ମିନତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୫୦ ଜଣ ମାତା ପିତା ଯୋଗ ଦେଇଥିଲେ ।

### ବ୍ଲକସ୍ତରୀୟ ତୈଳିକ ସମାଜ ବୈଠକ

**ପାଇକମାଲ,୨୬।୨(ଡି.ଏନ.ଏ.):** ବରଗଡ ଜିଲା ନୃସିଂହନାଥ ସ୍ଥିତ ତୈଳିକ (ସାହୁ) ସମାଜ ଧର୍ମଶାଳା ପରିସରରେ ରବିବାର ବ୍ଲକସ୍ତରୀୟ ବୈଠକ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ବିଭିନ୍ନ ପ୍ରକାର କୁସଂସ୍କାର ପ୍ରଥା ଉପରେ ପ୍ରତିବନ୍ଧକ ଲଗାଇବା, ସମାଜର ସଦ୍‌ଭାବନା ଏବଂ ଏକତା ବୃଦ୍ଧି, ନିର୍ମାଣଧୀନ ଧର୍ମଶାଳାକୁ ପୂର୍ଣ୍ଣାଙ୍ଗ କରିବା, ମାର୍ଚ୍ଚ ୨୬ରେ ନୃସିଂହନାଥଠାରେ ବ୍ଲକସ୍ତରୀୟ ବାର୍ଷିକ ଉତ୍ସବ ପାଳନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ପିତାମ୍ବର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱରପୁର ସମିତି ସଭ୍ୟ ପଙ୍କଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଉଗ୍ରସେନ ସାହୁ, ଡା. ଚୈତନ୍ୟ ସାହୁ, ମହେନ୍ଦ୍ର ସାହୁ, କୌତୁକ ସାହୁ, କିଶୋର ସାହୁ, ହୁତାସନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଡୁରୁକୁସୁମରେ ଭାଜପା କର୍ମୀ ସମ୍ମିଳନୀ

**ଜାମଟିକ୍ରା, ୨୬।୨(ଡି.ଏନ.ଏ.):** ଅତାବିରା ବ୍ଲକ ପାହାଡଶ୍ରୀଗିଡା ପଞ୍ଚାୟତର ଡୁରୁକୁସୁମଠାରେ ଭାଜପା କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପାହାଡଶ୍ରୀଗିଡା ମଣ୍ଡଳ ସଭାପତି ସଦାଶିବ ପଧାନ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କାଠଡେରା ମଣ୍ଡଳ ସଭାପତି ସତ୍ୟନାରାୟଣ ଭୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ସଂକ୍ରାଡା ମଣ୍ଡଳ ସଭାପତି ଭୀମସେନ ମଲ୍ଲିକ, ଏମ୍‌ପି ପ୍ରତିନିଧି ବିପିନ ଭୋସାଗର, ଜିଲା ସମ୍ପାଦିକା କ୍ଷୀରେଶ୍ୱରୀ ସ୍ୱାଇଁ, କୁଲୁଣ୍ଡା ମଣ୍ଡଳ ସଭାପତି ଦୀପକ ପଧାନ, ଯୁବମୋର୍ଚ୍ଚା ଉପସଭାପତି ନିରୋଜ ବାରିକ, ଆଦିତ୍ୟ ରାଉତ, ବୈଶାଖୁ ସାହୁ, ରଞ୍ଜନ ସେଠ, ଦେବଦତ୍ତ ତାଣ୍ଡି, ବିରେନ୍ଦ୍ର ହୋତାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଅତାବିରା ନିର୍ବାଚନ ମଣ୍ଡଳୀରେ ଆମକୁ ଏକତା ବଜାୟ ରଖିବାକୁ ହେବ ବୋଲି ସଂକ୍ରାଡା ମଣ୍ଡଳ ସଭାପତି ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଥିଲେ।

# ଗୁଡ଼ିଆ ସମାଜକୁ ସଂରକ୍ଷଣ ଦିଅ



ଗୁଡ଼ିଆ ସମାଜର ଦୁଇଦିନିଆ ରାଜ୍ୟସ୍ତରୀୟ ବୈଠକରେ ଉପସ୍ଥିତ ଅତିଥିଗଣ।

## ରାଜ୍ୟସ୍ତରୀୟ ମହାସଭା ବୈଠକରେ ଉଠିଲା ଦାବି

**ବରପାଲି,୨୬।୨(ଡି.ଏନ.ଏ.)**

ବରପାଲିଠାରେ ଗୁଡ଼ିଆ ସମାଜର ଦୁଇଦିନିଆ ରାଜ୍ୟସ୍ତରୀୟ ମହାସଭା ବରପାଲି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟ ସଭାପତି ପ୍ରଭାତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସରକାର ଗୁଡ଼ିଆ ଜାତି ପାଇଁ ଶତକଡା ୩୦ ଭାଗ ସଂରକ୍ଷଣ କରିବାକୁ ଗୁଡ଼ିଆ ସମାଜର ରାଜ୍ୟସ୍ତରୀୟ ମହାସଭାରେ ଦାବି କରାଯାଇଥିଲା। ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ନଗରପାଳ ଦିନେଶ ଗହୀର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, ବିରେନ୍ଦ୍ର ସାହୁ, ରଞ୍ଜନ ସାହୁ, ରଞ୍ଜିତ ସାହୁ, ଜୟଦେବ ସରାଫ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରମୋଦ ସାହୁ, ରତ୍ନାକର ସାହୁ, ରାଜକିଶୋର ସାହୁ, ନନ୍ଦକିଶୋର ସାହୁ, ମନୋଜ ସାହୁ, ସରୋଜ ସାହୁ, ସଞ୍ଜୁଲତା ସାହୁ, ସୁରଭି ସାହୁ, ଭାଗ୍ୟଲକ୍ଷ୍ମୀ ସାହୁ, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

# ମନ୍ଦିର ପ୍ରତିଷ୍ଠା ଅବସରରେ କଳସଯାତ୍ରା


ନବ ନିର୍ମିତ ଜଗନ୍ନାଥ ମନ୍ଦିର।


ପ୍ରତିଷ୍ଠା ଉତ୍ସବରେ ଅତିଥିବୃନ୍ଦ।

**ଅମ୍ବାଭୋନା,୨୬।୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବେହେରା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ହୁଲହୁଲି, ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟ ଆଦି ବାଦ୍ୟଦଳ ସାମିଲ ହୋଇଥିଲା। ଗ୍ରାମର ଶତାଧିକ ମହିଳା ଏଥିରେ ଭାଗ ନେଇଥିଲେ। ସ୍ଥାନୀୟ ବୁରୋମୁଣ୍ଡା ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳୀରେ ସ୍ଥାପନ କରିଥିଲେ । ୬ଦିନ ଧରି ହେବାକୁ ଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସରେ ବ୍ଲକର ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ୯ଦମ୍ପତି କର୍ତ୍ତା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ବରପାଲି ସବ୍‌ଡିଭିଜନ ଦାବି ତେଜିଲା

**ବରପାଲି,୨୬।୨(ଡି.ଏନ.ଏ.)**

ବରପାଲିକୁ ସବ୍‌ଡିଭିଜନ କରିବା ଦାବି ନେଇ ଏକ ପ୍ରସ୍ତୁତି ବୈଠକ କେନାଲ ରୋଡ ସ୍ଥିତ ଆମ୍ବେଡ଼କର ଭବନରେ ରବିବାର ଅନୁଷ୍ଠିତ ହୋଇଛି। ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଣ୍ଡା, ବରପାଲି ବଣିକ ସଂଘ ସଭାପତି ଅଶୋକ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଆଲୋଚନା କରି ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବନ୍ତରାମ ସେଠ, କିଶୋର ଥଇତ, ନରେଶ ଅଗ୍ରୱାଲ, ଧର୍ମରାଜ ସିଂ ବରିହା, ବିରୋସନ ସାହୁ, ବୀରେନ ମହାନନ୍ଦ, ଅକ୍ଷୟ ଗଡତୀୟା, ଯୋଗେଶ୍ୱର ଠାକୁର, ସୁବୋଧ କୁମାର ସାହୁ, ହର୍ଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କୁଶଭଟାକୁ ହରାଇ ମାଣ୍ଡୋସିଲ ଚାମ୍ପିୟନ


ଅତିଥିମାନଙ୍କ ଗହଣରେ କୃତୀ ଖେଳାଳିଗଣ।

## ମାଣ୍ଡୋସିଲ ରେବେଲ ଇଲେଭେନ କ୍ରିକେଟ

**ପାଇକମାଲ, ୨୬।୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ବଡ ଖେଳ ପଡ଼ିଆରେ ଚାଲିଥିବା ୨୩ତମ ରେବେଲ ଇଲେଭେନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଫାଇନାଲ ସମେତ ଦୁଇଟି ସେମି ଫାଇନାଲ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ସେମିଫାଇନାଲ କୁଶଭଟା ଓ ବିସୋରା ମଧ୍ୟରେ ହୋଇ କୁଶଭଟା ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ମାଣ୍ଡୋସିଲ ରେବେଲ ଇଲେଭେନ ଓ ଶୁକଲିପାହାଡ ମଧ୍ୟରେ ମ୍ୟାଚ୍ ମାଣ୍ଡୋସିଲ ବିଜୟୀ ହୋଇଥିଲା। ମାଣ୍ଡୋସିଲ ରେବେଲ ଇଲେଭେନ ଓ କୁଶଭଟା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କୁଶଭଟାକୁ ହରାଇ ମାଣ୍ଡୋସିଲ ରେବେଲ ଇଲେଭେନ ଚାମ୍ପିୟନ ହୋଇଛି। ସରୋଜ ପ୍ରଧାନ ଓ ଦେବସିଂ ଭରାସାଗର ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମାଣ୍ଡୋସିଲ ସରପଞ୍ଚ ଓମପ୍ରକାଶ ନାୟକ ମୁଖ୍ୟ ଅତିଥି ଓ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ଜିଲା ପରିଷଦ ସଭ୍ୟା ତ୍ରିପୁରା ବରିହା, ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ, ଲଳିତ ଜଗତ, କମିଟି ସଭାପତି ରାଜୀବ ଲୋଚନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ନଗଦ ୧୪ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ମୁକେଶ ନନ୍ଦ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଆକାଶ ଚନ୍ଦନଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପ୍ରଦାନ କରାଯାଇଥିଲା। ନିର୍ମଳ ନାୟକ, ହେମାନନ୍ଦ ବିଶ୍ୱାଳ, ମହେନ୍ଦ୍ର ମଲିକ, ହୃଷୀକେଶ ପ୍ରଧାନ, ଅନିଲ ଦାସ, ମାଧବ ମହାନନ୍ଦ, ମହେନ୍ଦ୍ର ଚନ୍ଦ୍ର ନାୟକ, ଯୋଗେଶ ବିଶ୍ୱାଳ ସହଯୋଗ କରିଥିଲେ। ଲଳିତ ଜଗତ ଧନ୍ୟବାଦ ଅପଣ କରିଥିଲେ।

## ନକଲି ଏସ୍‌ସି ହଟାଅ, ଦଳିତ ବଞ୍ଚାଅ ଅଭିଯାନ ବୈଠକ

**ବିନିକା, ୨୬।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କମ୍ୟୁନିଟି ସେଣ୍ଟରରେ ଦଳିତ ନେତା ଦୁର୍ଗାଚରଣ କଳତାଙ୍କ ଅଧ୍ୟକ୍ଷତାରେ ନକଲି ଏସ୍‌ସି ହଟାଅ, ଦଳିତ ବଞ୍ଚାଅ ଅଭିଯାନ ବୈଠକ ବସିଥିଲା। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଲକ୍ଷଣ ଭରାସାଗର, ମୁଖ୍ୟବକ୍ତା ପ୍ରକାଶ ହରିପାଲ, ସମ୍ମାନୀତ ଅତିଥି କୈଳାସ ଗଣ୍ଡ, କୃଷ୍ଣଚନ୍ଦ୍ର କୁମାର, ବେଣୁଧର ବାଘ ପ୍ରମୁଖ ଯୋଗଦେଇ ନକଲି ଏସସି ହଟାଅ ଅଭିଯାନ ଉପରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ହରିପାଲ ତାଙ୍କ ବକ୍ତବ୍ୟରେ କେଉଁଟ, ଧୀବର କ୍ଷତ୍ରୀୟ। ପୁରାଣ ଅନୁସାରେ ଏମାନେ ଶ୍ରୀରାମଙ୍କର ପାଦଧ୍ୱତ କରିଥିଲେ। ମହାଭାରତରେ ରାଜା ଶାନ୍ତନୁ, ରାଣୀ ସତ୍ୟବତୀଙ୍କର ବଂଶଧର ଏମାନଙ୍କ ଉଖୁଡା ଭୋଗ ମନ୍ଦିରରେ ଲାଗି ହୁଏ। ମୋହନ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ମସ୍ତରମ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପରେଅସ୍ଥାୟୀ କମିଟି ଗଠନ କରାଯାଇ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ସହରାଞ୍ଚଳ ସଭାପତିଭାବେ କୈଳାସ ଗଣ୍ଡ, ସମ୍ପାଦକ ମସ୍ତରମ ସୁନାଙ୍କୁ ମନୋନୀତ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com


@ ନୀକିତା


@ ଆଶୁତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସାମଗ୍ରୀ ବ୍ୟବହାର ତାଲିମ


ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସାମଗ୍ରୀ ବ୍ୟବହାର ତାଲିମ କାର୍ଯ୍ୟକ୍ରମ ଚାଲିଛି।

**ବଲାଙ୍ଗୀର ଅଫିସ, ୨୬।୨**

ବଲାଙ୍ଗୀର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ତିନିଦିନିଆ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସାମଗ୍ରୀ ବ୍ୟବହାର ଉପରେ ଗୋଷ୍ଠୀ ସାଧନ କର୍ମୀ ସଂଯୋଜକମାନଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ୭ଟି ବ୍ଲକ୍‌ରୁ ୯୨ଗୋଷ୍ଠୀ ସାଧନ କର୍ମୀ ସଂଯୋଜକ ଅଂଶଗ୍ରହଣ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ରେ ଧାର୍ଯ୍ୟ ମୌଳିକ ସାକ୍ଷରତ ଏବଂ ସଂଖ୍ୟାଜ୍ଞାନ ଉପରେ ଛାତ୍ରମାନେ ହାସଲ କରିବାକୁ ଥିବା ବିଭିନ୍ନ କୌଶଳ ସାଧନ କର୍ମୀ ମାନଙ୍କଠାରୁ ସେମାନେ ତାଲିମ ନେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ତାଲିମ ଶିବିର ସଂଯୋଜକ ଗଣେଶ ପ୍ରସାଦ ଜେନା ତାଲିମ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧନ କର୍ମୀ ସ୍ୱପ୍ନା ସେଠ୍, ପ୍ରଜ୍ଞା ପାରମିତା ବହିଦାର, ଅମ୍ବୁଜ୍ ହୋତା, ସଞ୍ଜୟ ସରାପ, ଦେବରାଜ ପାଣିଗ୍ରାହୀ, ଅଞ୍ଜନ ସାହା, ରଶ୍ମିତା ମହାନ୍ତି ଓ କ୍ଷୀରେଦ ଦଲାଇ ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଅନୁଷ୍ଠାନ ସହକର୍ମୀ ଏହେଶାନ ଖାଁ, ପ୍ରେମରାଜ ମିଶ୍ର, ବିଭୁଦତ୍ତ ମିଶ୍ର, ସୁଶାନ୍ତ ପ୍ରଧାନ ଓ ପଞ୍ଚାନନ ଦ୍ୱାରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଲ ପରିସରରୁ ମୋଟରପମ୍ପ ଚୋରି

**ଅମ୍ବାଭୋନା,୨୬।୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଲଖନପୁର ପଞ୍ଚାୟତ ଅନ୍ତର୍ଗତ ଚାଳ ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ସ୍କୁଲ ତଥା ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ରହିଥିବା ଗଭୀର ନଳକୂପର ମୋଟର ପମ୍ପ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଗ୍ରାମବାସୀ ଅମ୍ବାଭୋନା ଥାନାରେ ଏତଲା ଦେବା ପରେ ପୋଲିସ ଏହାର ତଦନ୍ତ କରୁଛି। ମୋଟର ପମ୍ପ ଚୋରି ହେବା ପରେ ସ୍କୁଲରେ ପାନୀୟଜଳ ତଥା ମଧ୍ୟାହ୍ନ ଭୋଜନ ରନ୍ଧନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହିତ ସ୍କୁଲରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବିଞ୍ଝାଲ ସମାଜର ବ୍ଲକସ୍ତରୀୟ ବାର୍ଷିକ ସଭା

**ପଦ୍ମପୁର,୨୬।୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଲୁହାରପାଲିଠାରେ ସର୍ବଭାରତୀୟ ବିଞ୍ଝାଲ ସମାଜର ବ୍ଲକସ୍ତରୀୟ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ଇଷ୍ଟଦେବୀ ମାଁ ବିନ୍ଧ୍ୟବାସିନୀ ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଫଟୋଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଲାଟ୍ ସଭାପତି ହୃଷୀକେଶ ବରିହାଙ୍କ ସଭାପତିତ୍ୱର ଅନୁଷ୍ଠିତ ସଭାକୁ ବାରଭାଇ ବେଷ୍ଟକାର ସଦସ୍ୟ ସୁଦର୍ଶନ ବରିହା ସଭା ପରିଚାଳନା କରିଥିବା ବେଳେ ବ୍ଲକ ସଭାପତି କରୁଣା ବରିହା ବାର୍ଷିକ ବିବରଣୀ ପଠନ କରିଥିଲେ। ଯୁବନେତା ଭୋଜରାଜ ସିଂ ବରିହା ମୁଖ୍ୟଅତିଥି, ଶିକ୍ଷାବିତ ଶଙ୍କର ପ୍ରସାଦ ମାଝୀ ମୁଖ୍ୟବକ୍ତା, ଉପଲାଟ୍ ସଭାପତି ଚନ୍ଦ୍ର ଶେଖର ବାଗ, ସମ୍ପାଦକ ଆଶାରାମ ବରିହା, ବଲାଙ୍ଗୀର ଜିଲା ସମ୍ପାଦକ ଗନ୍ଧର୍ବ ବରିହା, କୋଷାଧ୍ୟକ୍ଷ ଯୁଗଳ କିଶୋର ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ଲାଲବାହାଦୁର ସିଂ ବରିହା, ବ୍ଲକ ସଭାପତି କରୁଣା ବରିହା, ପଦ୍ମପୁର ବ୍ଲକ ଚେୟାରମେନ ରଞ୍ଜିତ ବରିହା, ଅଶ୍ୱିନୀ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜରେ ୯୦ ଶତକଡା ମାର୍କ ରଖି ପାସ୍ କରିଥିବା ଝିଅପୁଅଙ୍କୁ ଉଚ୍ଚ ଶିକ୍ଷା ପାଇଁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସମ୍ପାଦକ ଆଶାରାମ ବରିହା ଘୋଷଣା କରିଥିଲେ। ଏଥିରେ ୨୨ଟି ପଞ୍ଚାୟତର ସଭାପତି ଓ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଞ୍ଝାଲ ସମାଜର ଶତାଧିକ କର୍ମକର୍ତ୍ତା ଓ ବାରଭାଇ ବେଷ୍ଟକାର ସଦସ୍ୟମାନେ ସହଯୋଗ କରିଥିଲେ।



ବ୍ଲକସ୍ତରୀୟ ବାର୍ଷିକ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଟ୍ରାକ୍ଟର ଧକ୍କାରେ ନାବାଳିକା ମୃତ, ରାସ୍ତାରୋକୋ

**ବିନିକା,୨୬।୨( ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅନ୍ତର୍ଗତ କଟାପାଲି ଗାଁରେ ରବିବାର ମେଟାଲ ପଥର ବୋଝେଇ ଟାକ୍ଟର ମାଡିଯିବାରୁ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗାଁର ଅନିରୁଦ୍ଧ ପଧାନଙ୍କ ଝିଅ ସ୍ନେହାରାଣୀ ପଧାନ(୧୦)। ସେ ରାମପୁର ନୋଡାଲ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବରଗଡ-ସୋନପୁର ମୁଖ୍ୟରାସ୍ତାର କଟାପାଲି ଛକରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ୫ଘଣ୍ଟା ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ସିଘିଯୁବା ଆରଆଇ ସରୋଜ ବାଘ, ରାମପୁରଆଇ ଆଇଆଇସି ଭାନୁ ଶଙ୍କର ଯାଦବ, ବିନିକାଆଇ ଆଇଆଇସି ପବିତ୍ର କୁମାର ସାହ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ। ଗାଡ଼ି ଚାଳକଙ୍କୁ ତୁରନ୍ତ ଗିରଫ କରାଯିବା, ଗ୍ରାମ ରାସ୍ତାରେ ଲୋଡିଂ ଗାଡ଼ି ଚଳାଚଳ ବନ୍ଦ କରିବା ଆଦି ଦାବିକୁ କାର୍ଯ୍ୟକାରୀ କରାଯିବା ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ବିନିକାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।


କାଠଗଣ୍ଡି ପକାଇ ଲୋକେ ରାସ୍ତାରୋକୋ କରିଛନ୍ତି। ଇନ୍‌ସେଟ୍‌ରେ ମୃତା ସ୍ନେହାରାଣୀ ପଧାନ।

## ସଂକ୍ଷେପରେ

### ଡିଏଭି ପୋଖରୀରେ ବୁଡ଼ି ଯୁବକ ନିଖୋଜ

**ରାଉରକେଲା ଅଫିସ,୨୬।୨:** ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପୋଖରୀରେ ବୁଡି ଜଣେ ଯୁବକ ନିଖୋଜ ଅଛନ୍ତି। ସେ ହେଲେ ଆକାଶ ଟପ୍ପୋ। ରିପୋର୍ଟ ଲେଖିବା (ରାତି ସାଢେ ୯ଟା) ଯାଏ ଯୁବକଙ୍କ କୌଣସି ଖୋଜଖବର ମିଳିନାହିଁ। ପୋଲିସ ସୂଚନା ଅନୁଯାୟୀ, ବାସନ୍ତୀ କଲୋନୀ ଡିଏଭି ପଡିଆରେ ଶନିବାରଠାରୁ ରାଜସ୍ଥାନୀ ମେଳା ଆରମ୍ଭ ହୋଇଛି। ରବିବାର ସନ୍ଧ୍ୟାରେ ଦୁଇଜଣ ବନ୍ଧୁ ମେଳା ବୁଲିବାକୁ ଆସି ଉକ୍ତ ପୋଖରିକୁ ଯାଇଥିଲେ ଏବଂ ସେଠାରେ ଆକାଶ ବୁଡିଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଖୋଜାଖୋଜି କରିଥିଲେ ମଧ ଆକାଶଙ୍କ ପତ୍ତା ମିଳି ନ ଥିଲା। ରାତି ହୋଇଯିବାରୁ ନିଖୋଜ ଯୁବକଙ୍କୁ ଉଦ୍ଧାର କରାଯାଇପାରି ନ ଥିବା ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି।

### ବଦଳିବ ଆରଜିଏଚ୍‌ର ରୂପରେଖ

**ରାଉରକେଲା ଅଫିସ, ୨୬।୨:** ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ରାଜ୍ୟ ସରକାରଙ୍କ ଆମ ହସ୍ପିଟାଲ ଯୋଜନାରେ ସାମିଲ ହୋଇଛି। ଫଳରେ ଏହି ହସ୍ପିଟାଲର ଭିତ୍ତିଭୂମି ସୁଦୃଢ ହେବ ଏବଂ ରୋଗୀମାନେ ଉନ୍ନତ ସେବା ପାଇବେ। ମୋଟାମୋଟି ଭାବେ ଯୋଜନା କାର୍ଯ୍ୟକାରୀ ହେଲେ ଆରଜିଏଚ୍‌ର ସମ୍ପୂର୍ଣ୍ଣ ରୂପରେଖ ପରିବର୍ତ୍ତନ ହେବ। ଏ ନେଇ ଆରଜିଏଚ୍ ନିର୍ଦ୍ଦେଶକ ମୋହିତ ଶ୍ରୀବାସ୍ତବଙ୍କୁ ପଚାରିବାରୁ ଆର୍‌ଜିଏଚ୍ ଆମ ହସ୍ପିଟାଲ ଯୋଜନାରେ ସାମିଲ ହେଲେ ହସ୍ପିଟାଲ ଭିତ୍ତିଭୂମି ଉନ୍ନତୀକରଣ ଓ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ରାଜ୍ୟର ୧୪୭ଟି ଡାକ୍ତରଖାନାକୁ ମୋ ହସ୍ପିଟାଲ ଯୋଜନାରେ ସାମିଲ କରି ବଜେଟ୍‌ରେ ବ୍ୟୟବରାଦ କରାଯାଇଛି।

# କୋଇଡ଼ାରେ ଗୁଳିମାଡ଼: ଢାବା ମାଲିକ ମୃତ

**ଟେନ୍‌ସା,୨୬।୨(ଡି.ଏନ୍.ଏ.)**

■ ଘଟଣାସ୍ଥଳରେ ୪ ରାଉଣ୍ଡଗୁଳି ଫୁଟିଛି
■ ଗୁଳିମାଡ଼ର କାରଣ ଅସ୍ପଷ୍ଟ

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ଛକରେ ରବିବାର ରାତି ୯ଟା ସମୟରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଢାବା ମାଲିକଙ୍କ ମୃତ୍ୟୁ ଘଟିଛି। ତେବେ ଢାବା ମାଲିକ ପାଖ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ନାମ ଓ ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ିନାହିଁ। ଗୁଳିକାଣ୍ଡର ଠିକ୍ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରେ ୪ରାଉଣ୍ଡ ଗୁଳି ଫୁଟିଛି। କୋଇଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁଳିମାଡ଼ କରି ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଛନ୍ତି। ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ଗୁଡ଼ିଆ ସମାଜକୁ ସଂରକ୍ଷଣ ଦିଅ



ଗୁଡ଼ିଆ ସମାଜର ଦୁଇଦିନିଆ ରାଜ୍ୟସ୍ତରୀୟ ବୈଠକରେ ଉପସ୍ଥିତ ଅତିଥିଗଣ।

## ରାଜ୍ୟସ୍ତରୀୟ ମହାସଭା ବୈଠକରେ ଉଠିଲା ଦାବି

**ବରପାଲି,୨୬।୨(ଡି.ଏନ.ଏ.)**

ବରପାଲିଠାରେ ଗୁଡ଼ିଆ ସମାଜର ଦୁଇଦିନିଆ ରାଜ୍ୟସ୍ତରୀୟ ମହାସଭା ବରପାଲି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟ ସଭାପତି ପ୍ରଭାତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସରକାର ଗୁଡ଼ିଆ ଜାତି ପାଇଁ ଶତକଡା ୩୦ ଭାଗ ସଂରକ୍ଷଣ କରିବାକୁ ଗୁଡ଼ିଆ ସମାଜର ରାଜ୍ୟସ୍ତରୀୟ ମହାସଭାରେ ଦାବି କରାଯାଇଥିଲା। ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ନଗରପାଳ ଦିନେଶ ଗହୀର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, ବିରେନ୍ଦ୍ର ସାହୁ, ରଞ୍ଜନ ସାହୁ, ରଞ୍ଜିତ ସାହୁ, ଜୟଦେବ ସରାଫ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରମୋଦ ସାହୁ, ରତ୍ନାକର ସାହୁ, ରାଜକିଶୋର ସାହୁ, ନନ୍ଦକିଶୋର ସାହୁ, ମନୋଜ ସାହୁ, ସରୋଜ ସାହୁ, ସଞ୍ଜୁଲତା ସାହୁ, ସୁରଭି ସାହୁ, ଭାଗ୍ୟଲକ୍ଷ୍ମୀ ସାହୁ, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ନୀକିତା


@ ଆଶୁତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସାମଗ୍ରୀ ବ୍ୟବହାର ତାଲିମ

**ବଲାଙ୍ଗୀର ଅଫିସ, ୨୬।୨**

ବଲାଙ୍ଗୀର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ତିନିଦିନିଆ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସାମଗ୍ରୀ ବ୍ୟବହାର ଉପରେ ଗୋଷ୍ଠୀ ସାଧନ କର୍ମୀ ସଂଯୋଜକମାନଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ୭ଟି ବ୍ଲକ୍‌ରୁ ୯୨ଗୋଷ୍ଠୀ ସାଧନ କର୍ମୀ ସଂଯୋଜକ ଅଂଶଗ୍ରହଣ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ରେ ଧାର୍ଯ୍ୟ ମୌଳିକ ସାକ୍ଷରତ ଏବଂ ସଂଖ୍ୟାଜ୍ଞାନ ଉପରେ ଛାତ୍ରମାନେ ହାସଲ କରିବାକୁ ଥିବା ବିଭିନ୍ନ କୌଶଳ ସାଧନ କର୍ମୀ ମାନଙ୍କଠାରୁ ସେମାନେ ତାଲିମ ନେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ଅଧକ୍ଷ ଜ୍ଞାନେନ୍ଦ୍ର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ତାଲିମ ଶିବିର ସଂଯୋଜକ ଗଣେଶ ପ୍ରସାଦ ଜେନା ତାଲିମ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧନ କର୍ମୀ ସ୍ୱପ୍ନା ସେଠ୍, ପ୍ରଜ୍ଞା ପାରମିତା ବହିଦାର, ଅମ୍ବୁଜ୍ ହୋତା, ସଞ୍ଜୟ ସରାପ, ଦେବରାଜ ପାଣିଗ୍ରାହୀ, ଅଞ୍ଜନ ସାହା, ରଶ୍ମିତା ମହାନ୍ତି ଓ କ୍ଷୀରେଦ ଦଲାଇ ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଅନୁଷ୍ଠାନ ସହକର୍ମୀ ଏହେଶାନ ଖାଁ, ପ୍ରେମରାଜ ମିଶ୍ର, ବିଭୁଦତ୍ତ ମିଶ୍ର, ସୁଶାନ୍ତ ପ୍ରଧାନ ଓ ପଞ୍ଚାନନ ଦ୍ୱାରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତାକଡ଼ରୁ ଅଜଣା ମୃତଦେହ ଜବତ

**ରାଉରକେଲା ଅଫିସ,୨୬।୨**

ରାଉରକେଲା ରିଂରୋଡ କଡ଼ରୁ ପ୍ଲାଣ୍ଟସାଇଟ ପୋଲିସ ଏକ ଅଜଣା ମୃତଦେହକୁ ରବିବାର ଜବତ କରିଛି। ରିପୋର୍ଟ ଲେଖିବା (ରାତି ୯ଟା) ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିନାହିଁ। ମୃତକଙ୍କ ବୟସ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହକୁ ଆର୍‌ଜିଏଚ ମର୍ଗ ହାଉସ୍‌ରେ ରଖିବା ସହ ଏକ ମାମଲା (ନଂ.୫।୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ରାଉରକେଲା ରିଂରୋଡ ସାତତାଲା ଛକ ସମ୍ମୁଖରେ ସନ୍ଧ୍ୟା ସାଢେ ୭ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସକୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

# ମାର୍ଚ୍ଚ ୩ରୁ ରାଉରକେଲା ଦିବସ

**ରାଉରକେଲା ଅଫିସ,୨୬।୨**

ରାଉରକେଲା ସେକ୍ଟର-୪ ସ୍ଥିତ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ କାନ୍‌ଭାସ୍ ପରିବାର ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସେକ୍ଟର-୧୭ ଟାଟା ପଡିଆ ପେଟ୍ରୋଲ ପମ୍ପ ପଛପଟେ ଆସନ୍ତା ମାର୍ଚ୍ଚ ୩ରୁ ରାଉରକେଲା ଦିବସ ପାଳନ ହେବ। ରାଉରକେଲା ସହରର ଐତିହ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା। ଉତ୍ସବରେ ସମାଜସେବୀ ଜାଗୀମଙ୍ଗତ ପଣ୍ଡାଙ୍କୁ ଉତ୍କଳ ରତ୍ନ, ଡାକ୍ତର ଶଙ୍କର ରାମଚନ୍ଦ୍ରାନୀଙ୍କୁ ଓଡିଶା ଗୌରବ ସମ୍ମାନ, କ୍ରୀଡ଼ାବିତ୍ ନଟରାଜ ବେହେରାଙ୍କୁ ରାଉରକେଲା ରତ୍ନ ଓ ରାଜୀବ ସିଂଙ୍କୁ ରାଉରକେଲା ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ସାହିତ୍ୟ ସାମାଜିକ ଅନୁଷ୍ଠାନ ଆଦର୍ଶ ପାଠାଗାରକୁ ରାଉରକେଲା ଗୌରବ ଓ ସ୍ୱର୍ଗତ ଆଇନଜୀବୀ ରମେଶ ବଳ ଓ ମନୋଜ ପ୍ରଧାନଙ୍କୁ ମରଣତ୍ତୋର କାନ୍‌ଭାସ୍ ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ସୁରେଶ ପ୍ରଧାନ, ସୁଧୀର ସୁନ୍ଦରରାୟ, ମିଟୁ ବେଉରିଆ, ପ୍ରଶାନ୍ତ ନାୟକ, ଦେବାଶିଷ ମହାନ୍ତିଙ୍କ ସମେତ କାନ୍‌ଭାସ୍‌ର ଅନ୍ୟ ର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟର ୩୪ତମ ବାର୍ଷିକୋତ୍ସବ

**ବେଲପାହାଡ଼,୨୬।୨(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟର ୩୪ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଜିଲାପାଳ ସରୋଜ ସାମଲ ମୁଖ୍ୟଅତିଥି ଓ ଡା. ନକୁଳ ଚରଣ ସାମଲ, କଲେଜ ଅଧକ୍ଷ ଆଶିଷ ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧକ୍ଷ ଦାଶ ଅଧକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ ପରିଷଦ ଉପସଭାପତି ଅଧ୍ୟାପକ ବୃନ୍ଦାବନ ନାହାକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଧର୍ମେନ୍ଦ୍ର ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ସହଦେବ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତୀଛାତ୍ରଙ୍କଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଭାବ ବିନିମୟ ପାଇଁ ଓଡ଼ିଶାରେ ସିକିମ ନିଟ୍ ଛାତ୍ରୀଛାତ୍ର


ରାଉରକେଲା ନିଟ୍ କ୍ୟାମ୍ପସରେ ସିକିମର ବିଦ୍ୟାର୍ଥୀଗଣ।

**ରାଉରକେଲା ଅଫିସ,୨୬।୨**

ଯୁବା ସଂଗମ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସିକିମର ୨୫ ଜଣ ଛାତ୍ର ଏବଂ ୫ଜଣ କର୍ମଚାରୀ ଓଡିଶାର ପର୍ଯ୍ୟଟନ, ପରମ୍ପରା, ବିକାଶ, ପ୍ରଯୁକ୍ତି ବିଦ୍ୟା ଓ ଲୋକସମ୍ପର୍କ ବିଷୟରେ ଜ୍ଞାନ ଲାଭ କରିବେ। ଏଥିପାଇଁ ସେମାନେ ଶନିବାର ଇସ୍ପାତ ଟ୍ରେନ ଯୋଗେ ରାଉରକେଲାରେ ପହଞ୍ଚିଛନ୍ତି। ସିକିମ୍‌ର ଏହି ଛାତ୍ରୀଛାତ୍ରମାନେ ରାଉରକେଲାରେ ପହଞ୍ଚିବା ପରେ ନିଟ୍‌ର କୁଳସଚିବ ପ୍ରଫେସର ରୋହନ ଧୀମାନ, ପ୍ରଫେସର ଏସ୍. ଜେନା, ପ୍ରଫେସର ଅନୀଲ ସିଂଙ୍କ ସମେତ ନିଟ୍ ଯୁବ ସଂଗମ ସଂଯୋଜକ ଓ ଛାତ୍ରୀଛାତ୍ରମାନେ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ନିଟ୍‌ର ପ୍ରଫେସର କେ. ଉମା ମହେଶ୍ୱର ରାଓ ମଧ୍ୟ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସିକିମ ସଂଯୋଜକ ସୁମିତ କୁମାର ରାଉରକେଲା ନିଟ୍‌ର ଆତିଥ୍ୟ ସେବାକୁ ପ୍ରଶଂସା କରିଥିଲେ। ରବିବାର ସିକିମର ବିଦ୍ୟାର୍ଥୀମାନେ ରାଉରକେଲା ନିଟ୍‌ର ୭ଶହ ଏକର ପରିମିତ କ୍ୟାମ୍ପସ ପରିଦର୍ଶନ କରିବା ସହ ବିଭିନ୍ନ ବିଭାଗ ଏବଂ ସ୍ମାର୍ଟ କ୍ଲାସ, ବୈଷୟିକ ବିଭାଗ ସଦନ ଓ ଲାବ୍ ପରିଦର୍ଶନ କରିଥିଲେ। ଏହାସହ ସେମାନେ ରାଉରକେଲା ନିଟ୍ ବିଦ୍ୟାର୍ଥୀ ଓ ଅଧିକାରୀମାନଙ୍କ ସହ ଭାବ ବିନିମୟ କରିଥିଲେ।

# ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ, ଇଷ୍ଟି ଦୀପନା ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୬।୨**

ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମୋସବ ଓ ୬ଷ୍ଟ ଇଷ୍ଟି ଦୀପନା ମହୋତ୍ସବ ସେକ୍ଟର-୧୩ ମେଳଣ ପଡିଆରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ସକାଳେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏହାକୁ ଉଦ୍‌ଘାଟନ କରି ସମାଜରୁ ମାନବୀୟ ମୂଲ୍ୟବୋଧ ଲୋପ ହେଉଛି। ଏକମାତ୍ର ସତ୍‌ସଙ୍ଗ ହିଁ ମାନବ ଚେତନାକୁ ଜାଗ୍ରତ କରୁଛି ବୋଲି କହିଥିଲେ। ଏହି ଅବସରରେ ସେକ୍ଟର-୫ ଗୁଣ୍ଡିଚା ମନ୍ଦିରରୁ ମହୋତ୍ସବ ମଣ୍ଡପ ଯାଏ ଶୋଭାଯାତ୍ରା ହୋଇଥିଲା। ପରେ ସତ୍‌ସଙ୍ଗ ସାଧାରଣ ସଭାକାର୍ଯ୍ୟ ରାଧାକାନ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଭାରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ଜୀବନର ହିତକର କାହାଣୀମାନ ଉତ୍‌ଥାପନ କରିଥିଲେ। ଶାନ୍ତନୁ କୁମାର ନାୟକ, ସତସଙ୍ଗ ବିହାର ସମ୍ପାଦକ ବସନ୍ତ କୁମାର ଜେନା ଏବଂ ଶ୍ରୀଧର ସୁନ୍ଦର ମିଶ୍ର ବକ୍ତବ୍ୟ ଦେଇଥିଲେ। ଡଃ ତ୍ରିଲୋଚନ ନେପାକଙ୍କ ସଂଯୋଜନା ଏବଂ ଡଃ ଫକୀର ଚନ୍ଦ୍ର ମେହେତା ଓ ସଞ୍ଜୀବ ବାରିକଙ୍କ ପରିଚାଳନାରେ ସ୍ୱାସ୍ଥ୍ୟ ସମ୍ମିଳନୀ ହୋଇଥିଲା। ଗୀତାଞ୍ଜଳି ଜେନାଙ୍କ ସଂଯୋଜନାରେ ମାତୃ ସମ୍ମିଳନୀରେ ଆଲୋଚନାଚକ୍ର ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ମଧୁରମ୍ ପରିଷଦ ପକ୍ଷରୁ ଆଧାମ୍ନିକ ନୃତ୍ୟ ପରିବେଷଣ କରାଯାଇଥିଲା।

# ଝାଡ଼ଖଣ୍ଡକୁ ହରାଇ ଛତିଶଗଡ଼ ଚାମ୍ପିୟନ

**ବ୍ରଜରାଜନଗର,୨୬।୨(ଡି.ଏନ.ଏ.)**

ବ୍ରଜରଜନଗର ଓ ଆମ୍ବିସନ କ୍ରିକେଟ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧିଜାମ କ୍ରିକେଟ ପଡିଆରେ ଚାଲିଥିବା ଜି ଶ୍ୟାମଳ ରାଓ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ଝାଡ଼ଖଣ୍ଡର ରକ ଅନ ରାଞ୍ଚିକୁ ହରାଇ ଛତିଶଗଡ଼ ମଧବନ୍ତି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଝାଡ଼ଖଣ୍ଡ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ଓଭରରେ ୨୭୩ରନ କରିଥିଲା। ଜବାବରେ ଛତିଶଗଡ଼ ୩୯.୪ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଛତିଶଗଡ଼ର ଦୁର୍ଗେସଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ସମ୍ମାନିତ କରାଯାଇଥିଲା। ପୂର୍ବତନ କ୍ରିକେଟିଅର ମହମ୍ମଦ ଯଭେଦ ଜାଫର ମୁଖ୍ୟଅତିଥି ଓ ଜିଲା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ତାପସ ଚୌଧୁରୀ, ଓଡ଼ିଶା ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି, ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ, ସମ୍ପାଦକ ମେହେତାବ ଖାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଦସ୍ୟ ରବିନ୍ଦର ସିଂହ, ଅନିରୁଦ୍ଧ କେଟ, ସଞ୍ଜୟ ଦୁବେ ପ୍ରମୁଖ ସହାୟତା କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ଟ୍ରାକ୍ଟର ଧକ୍କାରେ ନାବାଳିକା ମୃତ, ରାସ୍ତାରୋକୋ

**ବିନିକା,୨୬।୨( ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅନ୍ତର୍ଗତ କଟାପାଲି ଗାଁରେ ରବିବାର ମେଟାଲ ପଥର ବୋଝେଇ ଟାକ୍ଟର ମାଡିଯିବାରୁ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗାଁର ଅନିରୁଦ୍ଧ ପଧାନଙ୍କ ଝିଅ ସ୍ନେହାରାଣୀ ପଧାନ(୧୦)। ସେ ରାମପୁର ନୋଡାଲ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବରଗଡ-ସୋନପୁର ମୁଖ୍ୟରାସ୍ତାର କଟାପାଲି ଛକରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ୫ଘଣ୍ଟା ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ସିଘିଯୁବା ଆରଆଇ ସରୋଜ ବାଘ, ରାମପୁରଆଇ ଆଇଆଇସି ଭାନୁ ଶଙ୍କର ଯାଦବ, ବିନିକାଆଇ ଆଇଆଇସି ପବିତ୍ର କୁମାର ସାହ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ। ଗାଡ଼ି ଚାଳକଙ୍କୁ ତୁରନ୍ତ ଗିରଫ କରାଯିବା, ଗ୍ରାମ ରାସ୍ତାରେ ଲୋଡିଂ ଗାଡ଼ି ଚଳାଚଳ ବନ୍ଦ କରିବା ଆଦି ଦାବିକୁ କାର୍ଯ୍ୟକାରୀ କରାଯିବା ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ବିନିକାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।


କାଠଗଣ୍ଡି ପକାଇ ଲୋକେ ରାସ୍ତାରୋକୋ କରିଛନ୍ତି। ଇନ୍‌ସେଟ୍‌ରେ ମୃତା ସ୍ନେହାରାଣୀ ପଧାନ।

**ଡହଗାଁ ହାଇସ୍କୁଲରେ ଗଭୀର ନଳକୂପ ଖନନ**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତ ଡ଼ହଗାଁ ସରକାରୀ ହାଇସ୍କୁଲରେ ରବିବାର ଗଭୀର ନଳକୂପ ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ଫଳରେ ପାନୀୟ ଜଳ ପାଇଁ ଲାଗି ରହିଥିବା ଦୀର୍ଘ ଦିନର ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଉଛି । ପାଣି ସମସ୍ୟା ନେଇ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଓ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ଜିଲା ପରିଷଦ ବୈଠକରେ ଦାବି କରିଥିଲେ। ଜନ ପ୍ରତିନିଧିଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏହି ପଦକ୍ଷେପ ନିଆଯାଇଛି ।

# ୨୫ ଯୋଡ଼ା ସାମୂହିକ ଆଦର୍ଶ ବିବାହ

**ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ପତ୍ନୀଙ୍କ ଉଦ୍ୟମରେ ସାମୂହିକ ବିବାହ**

ନୂଆପଡ଼ା ଅଫିସ୍, ୨୬।୨

ନୂଆପଡ଼ା ଜିଲା ଖରିଆରରୋଡସ୍ଥିତ କାଞ୍ଚନବେନ ରସିକଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଗୁରୁକୁଳ ଆଶ୍ରମ ଆମସେନାଠାରେ ସାମୂହିକ ଆଦର୍ଶ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ୨୫ ଯୋଡ଼ା ଯୁବତୀଯୁବକ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଓ ତାଙ୍କ ସ୍ତ୍ରୀ କଳ୍ପନା ଢୋଲକିଆଙ୍କ ଫେବୃୟାରୀ ୨୬ରେ ବିବାହ ହୋଇଥିବାରୁ ତାଙ୍କ ବିବାହ ୩୯ ବର୍ଷରେ ପଦାର୍ପଣ କରି ସାରିଲାଣି। ବିବାହ ବାର୍ଷିକୀ ପାଳନ ଅବସରରେ ଏକ ସାମୂହିକ ଆଦର୍ଶ ବିବାହ ଉତ୍ସବ ପାଳନ କରିବା ପାଇଁ ଯୋଜନା କରି ୨୦୧୩ ମସିହାଠାରୁ ଏହା ଆରମ୍ଭ କରିଛନ୍ତି। ଢୋଲକିଆ ଦମ୍ପତି ୧୧ ବର୍ଷରେ ୭ଶହ ଯୋଡ଼ା ସାମୂହିକ ଆଦର୍ଶ ବିବାହ କରାଇ ସାରିଲେଣି। ରବିବାର ଅନୁଷ୍ଠିତ ଏହି ବିବାହ ଉତ୍ସବରେ ନୂଆପଡ଼ା ଜିଲା ସମେତ କଳାହାଣ୍ଡି,


ବିବାହ ବନ୍ଧନରେ ବାନ୍ଧି ହୋଇଥିବା ବରକନ୍ୟା ଯୋଡ଼ି।

ବଲାଙ୍ଗୀର, ବରଗଡ଼ ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ମୋଟ ୨୫ ଯୋଡ଼ା ଯୁବତୀ ଯୁବକଙ୍କୁ ୧୨ଟି ବିବାହ ବେଦୀରେ ଗୁରୁକୁଳ ଆଶ୍ରମ ଆମସେନାର ଆଚାର୍ଯ୍ୟମାନଙ୍କ ଦ୍ୱାରା ସାମାଜିକ ରୀତିରେ ବିବାହ କରାଯାଇଥିଲା। ଗରିବ, ଅସହାୟ ଶ୍ରେଣୀର ଯୁବତୀଯୁବକ ବିବାହ ହୋଇ ନ ପାରି ରହିଯାଉଛନ୍ତି। ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧି ସୁଖମୟ ଜୀବନ କାମନା କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ମନ୍ତ୍ରୀ ଏହି ଅଭିନବ ପ୍ରୟାସ କରିଛନ୍ତି। ଏହି ବିବାହରେ ସାମୂହିକ ଭୋଜିଭାତର ଆୟୋଜନ କରାଯାଇ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଭୋଜିଭାତ ଖାଇ ବରକନ୍ୟାଙ୍କୁ ଆଶୀର୍ବାଦ କରି ସମସ୍ତେ ହସଖୁସିରେ ଯାଇଥାନ୍ତି। ଫଳରେ ଯୁବତୀଯୁବକ ବିବାହ କରି ନୂତନ ଘର ସଂସାର ଆରମ୍ଭ କରିବା ପାଇଁ ସୁଯୋଗ ପାଇଛନ୍ତି। ତେଣୁ ନବବଧୂମାନଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ଅଶେଷ ଶୁଭେଚ୍ଛା ଜଣାଇବା ସହ ଏଭଳି ଉଦ୍ୟମ ପାଇଁ ସେ ପ୍ରଶଂସାରପାତ୍ର ଅଟନ୍ତି ବୋଲି ସେମାନେ କହିଛନ୍ତି। ଏହି ବିବାହ ଉତ୍ସବରେ ଜୟ ଢୋଲକିଆ, ଭୈରବ ସାହୁ, ପୁଷ୍ପାଞ୍ଜଳି ପାଣ୍ଡେ, ମନ୍ଦାକିନି ବଘେଲ, ଦୀପିକା କୌଶଲ୍ୟା, ଉମା ଠାକୁର, ଅନୁସୂୟା କୁମ୍ଭାର, ତାରେଶ୍ୱରୀ ସାହୁ, ରମାକାନ୍ତ ଠାକୁର, ଅବନୀରଞ୍ଜନ ଯୋଶୀ, ମହମ୍ମଦ ଆଦାମ, କାର୍ତ୍ତିକ ଦୀପ, ନିଶାନ୍ତ ଡାଗା ପ୍ରମୁଖ ଓ ଗୁରୁକୁଳ ଆଶ୍ରମ ଆମସେନାର ବ୍ରହ୍ମଚାରୀମାନେ ସହଯୋଗ କରିଥିଲେ।

## ରାମଜୀପଡ଼ା ରାମଲୀଳା ଆଖଡ଼ା ଆରମ୍ଭ


ବଲାଙ୍ଗୀର ରାମଜୀପଡା ରାମଲୀଳା ଆଖଡାଶାଳାରେ କଳାକାରମାନେ ଅଭିନୟ ପ୍ରଶିକ୍ଷଣ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୬।୨

ବହୁଚର୍ଚ୍ଚିତ ବଲାଙ୍ଗୀର ରାମଜୀପଡା ରାମଲୀଳା ଆଖଡା ଆରମ୍ଭ ହୋଇଛି। ଲୀଳାଗୁରୁ ବାଲମୁକୁନ୍ଦ ବେହେରାଙ୍କ ନିର୍ଦ୍ଦେଶନାରେ ଆଖଡାଶାଳାରେ ୬୫ରୁ ଉର୍ଦ୍ଧ୍ୱ କଳାକାର ଅଭିନୟ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ପ୍ରତିବର୍ଷ ଭଳି ଶ୍ରୀରାମ ନବମୀରୁ ଲୀଳା ନାଟକ ରାମଲୀଳା ଆରମ୍ଭ ହେବ । ଏଥର ପୁରାତନ କଳାକାର ଓ ନୂତନ ଗାଁର କଳାକାର ମିଳିତ ଭାବେ କଳା ପ୍ରଦର୍ଶନ କରିବେ । ରାବଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସାଭାଜନ ହୋଇଥିବା ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ତ୍ରୀରୋଗ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡା. ରୁଦ୍ରନାରାୟଣ ପଟେଲ ପୁଣି ଥରେ ରାବଣ ଭୂମିକାରେ ତାଙ୍କର କଳା ଦକ୍ଷତା ପ୍ରଦର୍ଶନ କରିବେ। ଚଳିତ ରାମଲୀଳା ପାଇଁ ବାଦ୍ୟକାର, କଣ୍ଠଶିଳ୍ପୀଙ୍କ ସହ ୬୫ରୁ ଉର୍ଦ୍ଧ୍ୱ କଳାକାରଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ପ୍ରତ୍ୟେକ ସନ୍ଧ୍ୟାରେ ଆଖଡା ଅନୁଷ୍ଠିତ ହୋଇଛି । ଆଖପାଖ ଅଞ୍ଚଳରୁ ବହୁ କଳାକାର ଏ ଅଖଡାଶାଳାରେ ସାମିଲ ହେଉଥିବା ଜଣାପଡିଛି।

## ସଂକ୍ଷେପରେ

### କଲେଜ ଛାତ୍ରୀଛାତ୍ରଙ୍କ ସମସ୍ୟା ଉପରେ ଆଲୋଚନା

ଖଡ଼ିଆଳ,୨୬।୨(ଡି.ଏନ୍.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ଜିଲାର ବିଭିନ୍ନ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସେମାନଙ୍କର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ପାଇଁ ଏକ ଆଲୋଚନାଚକ୍ର ଟୁଲୁ ବାବୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଅବହେଳିତ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର, ବିଭିନ୍ନ କଲେଜରେ ଅଧାପକ ଓ ଅନ୍ୟାନ୍ୟ ପଦବି ଖାଲିଥିବା ସମନ୍ଧେ, ଶ୍ରେଣୀ ଗୃହର ଅଭାବ, ଲାଇବ୍ରେରିରେ ପୁସ୍ତକର ଅଭାବ, ବିଜ୍ଞାନ ବିଭାଗର ପ୍ରାକ୍ଟିକାଲ ପାଇଁ ଉପକରଣର ଅଭାବ, ନୂଆ ବିଭାଗ ଖୋଲିବା ସମନ୍ଧେ ଆଲୋଚନା ହୋଇଥିଲା। ବସ୍‌ରେ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ୫୦ ପ୍ରତିଶତ ରିହାତି, କଲେଜର ଆଡମିସନ ଓ ରି-ଆଡ୍‌ମିଶନ ଫିରେ ଅହେତୁକ ବୃଦ୍ଧିକୁ ରୋକକରିବା ପାଇଁ ଦାବି କରାଯିବ। ଛାତ୍ରୀଛାତ୍ରଙ୍କୁ ଅଧାପକ କିମ୍ବା କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ମାନସିକ ନିର୍ଯାତନା ଦିଆଯାଉଥିଲେ ତାର ସମାଧାନ ଜିଲାର ଛାତ୍ର ସଂଘ କରିବ ବୋଲି ଆଲୋଚନା ହୋଇଥିଲା। ଏହି ଆଲୋଚନା ସଭାରେ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ହୋଇଥିଲେ। ଏହି ସଭାରେ ସଭାପତିତ୍ୱ କରିଥିଲେ ଯଶବନ୍ତ ସାହୁ। ମତାମତ ଦେଇଥିଲେ ପ୍ରବଣ ନିଆଲ, ଦୀପ୍ତିମୟୀ ତାଣ୍ଡି, ସାଗର ମାଝି, ପଙ୍କଜ ମାଝି, କହ୍ନାଇ ରଣା, ରାକେଶ ରଣା ଓ ଈଶ୍ୱର ସାହୁ। ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଛାତ୍ର ସଂଘ କରାଯିବା ପାଇଁ ସମସ୍ତ ଛାତ୍ରୀଛାତ୍ର ପ୍ରସ୍ତାବ ଦେଇଥିଲେ। ଛାତ୍ର ସଂଘର ନାମକରଣ 'ଜିଲା ଛାତ୍ର ସଂଘ ନୂଆପଡ଼ା' କରାଯାଉ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି।

### କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ପ୍ରତିଷ୍ଠା ଦିବସ

ପାଟଣାଗଡ,୨୬।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ କ୍ରିମିନାଲ କୋର୍ଟ ବାର ଆସୋସିଏଶନର ୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ବିପିନ ବିହାରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇଥିଲେ। କ୍ରିମିନାଲ କୋର୍ଟ ବାର ଆସୋସିଏସନ ପ୍ରତିଷ୍ଠାତା ସ୍ୱର୍ଗତ ଉଦୟନାଥ ଚନ୍ଦନଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଦର୍ପଗଞ୍ଜନ ପଟ୍ଟନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଜୟନ୍ତ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର ଆସୋସିଏସନର ପ୍ରତିଷ୍ଠାତ ସଭ୍ୟମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅତିଥି ବିଶି ନିଜସ୍ୱ ଲ୍ୟାଡରୁ ବାର ଆଶୋସିଏଶନ ସଭାଗୃହ ଓ ଲାଇବ୍ରେରୀ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଏଡି ଅବସରରେ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ବାସୁଦେବ ପାଢୀ, ରାଜେଶ ପୁରୋହିତ, ଭକ୍ତରାମ ବାଗ, ପ୍ରକାଶ ଭୋଇ, ଶଙ୍କର ପ୍ରସାଦ ପ୍ରଧାନ, ରମେଶ ମେହେର, କିଶୋର ସାହୁ, ଦୁର୍ଯ୍ୟୋଧନ ମେହେର ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ । ଶେଷରେ ହରିବନ୍ଧୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## 'କେସିଙ୍ଗା ବିଦ୍ୟାପୀଠରୁ ମସୁରୀ' ପୁସ୍ତକ ଉନ୍ମୋଚିତ


ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିଗଣ।

କେସିଙ୍ଗା,୨୬।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବିଦ୍ୟାପୀଠ ପରିସରରେ ରବିବାର ଗାଳ୍ପିକା ଯାଜ୍ଞସେନୀ ସାହାଙ୍କ ରଚିତ ପୁସ୍ତକ 'କେସିଙ୍ଗା ବିଦ୍ୟାପୀଠରୁ ମସୁରୀ' ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ରାସ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ପି . ଅନ୍ୱେଷା ରେଡ୍ଡୀ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ.ନୃପରାଜ ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ରାଜ୍ୟ ପ୍ରକଳ୍ପ ଅଧିକାରୀ (ଓସେପା) ଅନୁପମ ସାହା ଯୋଗ ଦେଇଥିଲେ । ଡେପୁଟି ଆର୍‌ଓସି ଓଡ଼ିଶା କଟକ ତୃପ୍ତି ଶର୍ମା, ଗାଳ୍ପିକା ଯାଜ୍ଞସେନୀ ସାହା, ନବଦିଗନ୍ତର ପ୍ରକାଶକ ବିଭୁ ପ୍ରସାଦ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

ଏଠାରେ ପ୍ରକାଶଥାଉ କି, ଗାଳ୍ପିକା ସାହା ଏହାପୂର୍ବରୁ ତିନୋଟି ପୁସ୍ତକ ରଚନା କରିଛନ୍ତି ସେଗୁଡିକ ହେଲା ଶାମୁକାର ସ୍ୱପ୍ନ, ମାଟିରୁ ଆକାଶ ଓ ଚିଠି। ତାଙ୍କ ପୁସ୍ତକଗୁଡିକ ପାଠକୀୟ ଆଦୃତି ଲାଭ କରିପାରିଛି। କେସିଙ୍ଗାର ଅନୁପମ ସାହା କିପରି ସରକାରୀ ସ୍କୁଲରେ ପାଠ ପଢି ଆଇଏଏସ ହୋଇ ମସୁରି ଯାଇ ଆଜି ରାଜ୍ୟ ପ୍ରକଳ୍ପ ଅଧିକାରୀ ହୋଇ ପାରିଛନ୍ତି ତାହା ହିଁ ଏହି ପୁସ୍ତକରେ ବର୍ଣ୍ଣିତ ଅଛି। ଅନ୍ୟମାନଙ୍କ ମଧ୍ୟରେ ଅନୁପମ ଙ୍କ ଅଜା ଭୁବନେଶ୍ୱର ସାହା,ବାପା ଡ. ହେମସାଗର ସାହା, ଡ. ଗୁଣସାଗର ସାହା ଅଞ୍ଚଳର ଶିକ୍ଷାବିତ୍ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ମଞ୍ଚରେ ଅତିଥି ପରିଚୟ ପ୍ରଦାନ କରିଥିଲେ ରମେଶ କୁମାର ଜେନା । ମଞ୍ଚ ପରିଚାଳନା କରିଥିଲେ ଡ. ଗୀତାଶ୍ରୀ ପ୍ରିୟମ୍ବଦା । ତାଙ୍କୁ ସହଯୋଗ କରିଥିଲେ ରୁବି ଚୌଧୁରୀ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ରଞ୍ଜନ କୁମାର ପଣ୍ଡା।

## କିନ୍ନରଙ୍କୁ ଆକ୍ରମଣ ଘଟଣା: ଥାନାରେ ଆପୋସ ବୁଝାମଣା

ଦେଓଗାଁ, ୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ନୂଆପଡା ବ୍ରାହ୍ମଣପଡାର ଜନୈକ କିନ୍ନରକୁ ତାଙ୍କ ଭଉଣୀଭାଇ ମାଡ ମାଡିବା ନେଇ ବନ୍ଧପଡା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏନେଇ ରବିବାର ବନ୍ଧପଡା ଫାଣ୍ଡିରେ ପରିବାର ବର୍ଗଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ହୋଇଛି । ଗତ ଶୁକ୍ରବାର ରାତିରେ ନୂଆଁପଡାର ଏକ ପରିବାରରେ ଜନୈକ କିନ୍ନରଙ୍କର ତାଙ୍କ ସମ୍ପର୍କିୟ ବଡଭାଇ ଓ ଭଉଣୀଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା । ପରେ ଉକ୍ତ କିନ୍ନରଙ୍କୁ ସେମାନେ ଆକ୍ରମଣ କରିଥିଲେ। ସମ୍ପୃକ୍ତ କିନ୍ନର ଜଣକ ଶନିବାର ବନ୍ଧପଡା ଫାଣ୍ଡି ଓ ଦେଓଗାଁ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ ପରେ ରବିବାର ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ଏନେଇ ବନ୍ଧପଡା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରାଙ୍କୁ ପଚାରିବାରୁ ପରିବାର ସଦସ୍ୟ ଘଟଣାର ଆପୋଷ ବୁଝାମଣା କରିଛନ୍ତି ବୋଲି କହିଛନ୍ତି ।

## ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ


ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ନୂଆପଡ଼ା ଅଫିସ୍,୨୬ ।୨

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ଫିରୋଜ ଖାନ ମୁଖ୍ୟ ଅତିଥି ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବଳ ଶ୍ୟାମ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ କ୍ଲଷ୍ଟରସ୍ତର, ବ୍ଲକସ୍ତର, ଜିଲାସ୍ତରରୁ ରାଜ୍ୟସ୍ତରକୁ ଯାଇଥିବା ୬୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପରସ୍କାର ପ୍ରଦାନ କରିଥିଲେ। ଖେଲୋ ଇଣ୍ଡିଆ ଖେଲୋ ମାଧ୍ୟମରେ ସରକାରଙ୍କ ତରଫରୁ ଦିଆଯାଇଥିବା ଉପକରଣ ଠିକ ଭାବରେ ବ୍ୟବହାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆହ୍ୱାନ କରିଥିଲେ। ବିଦ୍ୟାଳୟ ସ୍ତରରୁ ଶିଶୁ ପ୍ରତିଭାମାନଙ୍କୁ ଆଗକୁ ନେବା ପାଇଁ ଅବିଭାବକମାନେ ମଧ୍ୟ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ସୁଜାତା ରଣା ଧନ୍ୟବାଦ ଅର୍ପଣ କରିଥିଲେ। କଳ୍ପନା ଦାସ, ପୁଷ୍ପାଞ୍ଜଳି ପାତ୍ର, ଲିଲିମନି ତରାଇ, ନନ୍ଦିନୀ ମାଝି, ଯଶୋଦା ମାଝି, ରୀନା ମାଝି ପ୍ରମୁଖ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଖଡ଼ିଆଳ, ୨୬।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟକ୍ରମକୁ ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉକ୍ତ



ସଡ଼କ ସୁରକ୍ଷା ସଚେତନତା ନେଇ ଶୋଭାଯାତ୍ରା।

କାର୍ଯ୍ୟକ୍ରମରେ ଅଧାପକ ସୁନିଲ କୁମାର ପାଢ଼ୀ, ରାଜକୁମାର ରତେ, ରମାକାନ୍ତ ସିଂ ସାହାଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସରୋଜ କଲତା, ସୁବାସ ଚନ୍ଦ୍ର ବାଗ, ଗଣେଶ ଜଗତ, ଶୁଭମ ସିଂ ନିନା, ତେଜ କୁମାର ଯାଦବ, ଚୋକ୍ରାମ ସାହୁ, ସ୍ନେହା ଦାସ ଓ ଦିପ୍ତିମୟୀ ବେହେରା ଯୋଗଦେଇଥିଲେ। ମହାବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ସ୍ୱେଚ୍ଛାସେବୀମାନେ କଲେଜ ଗେଟ ସାମ୍ନା ତଥା ଜାତୀୟ ରାଜପଥ ପାର୍ଶ୍ୱର ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ମୋବାଇଲ ବ୍ୟବହାର ନ କରିବା, ସିଲ୍ଟ ବେଲ୍ଟପରିଧାନ କରିବା ତଥା ସଡ଼କ ସୁରକ୍ଷା ନିୟମ ପାଳନ କରି ନିଜେ ସୁରକ୍ଷିତ ରହିବା ସହ ନିଜ ପରିବାରକୁ ମଧ ସୁରକ୍ଷିତ ରଖିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ।

## ଥାନାପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ

ନୂଆପଡ଼ା ଅଫିସ୍ ୨୬।୨

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଥାନାପଡାଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଶତାଧିକ ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ସହ ଏକ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପୋଖରୀରୁ କଳସ ଆଣି ଯଜ୍ଞବେଦୀରେ ସ୍ଥାପନ ପରେ ରବିବାର ନାମଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନାମଯଜ୍ଞରେ ଅଞ୍ଚଳର ୬ଟି ସଂକୀର୍ତ୍ତନ ଦଳ ଭାଗ ନେଇଛି। ଯଦୁମଣି ବନଛୋର ଓ ତାଙ୍କ ସ୍ତ୍ରୀ ସୁରତି ବନଛୋର କର୍ତ୍ତାକତ୍ରୀ ଭାବରେ ଦାୟୀତ୍ୱ ତୁଲାଉଥିବାବେଳେ ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଜପକ ତ୍ରିଭୂଜ ପଣ୍ଡା ଅଛନ୍ତି । ରାଧାମାଧବ ଯଜ୍ଞ କମିଟି ଥାନାପଡା ଆୟୋଜନ କରୁଛନ୍ତି। କମିଟି ସଭାପତି ଘାସି ଭୋଇ, ସମ୍ପାଦକ ଅଜୟ କୁମାର ଅହିର, କୋଷାଧ୍ୟକ୍ଷ ଦୟାନିଧି ଶବର, ଉପ ସଭାପତି ମନୋଜ ବିଶ୍ୱାଳ, ଯୁଗ୍ମ ସମ୍ପାଦକ କୈଳାଶ ଭୋଇ, ଚନ୍ଦ୍ରଶେଖର ଅହିର ପରିଚାଳନା କରିଛନ୍ତି। ଟୁନା ମାଝି, ବିରଞ୍ଚି ଜାନି, ପଞ୍ଚାନନ ପ୍ରଧାନ, ଡିଙ୍ଗର କାଣ୍ଡ, ଖଗେଶ୍ୱର ମାଝି, ବଦ୍ରି ସେଠୀ, ଲୋକନାଥ ସୋନି, ବନମାଳି ନିଆଲ, ଦୟାନିଧି ବନଛୋର, ପବନ ଅହିର ପ୍ରମୁଖ ସହଯୋଗ କରିଛନ୍ତି।


ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସ୍ଥିତି ଅନୁଧାନ

କୋକସରା,୨୬।୨(ଡି.ଏନ.ଏ.)

ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଡିଶାର ଦକ୍ଷିଣରୁ ପଶ୍ଚିମ ଓଡିଶାକୁ ସଂଯୋଗ ପାଇଁ ନିର୍ମାଣ ହୋଇଥିବା ବିଜୁ ଏକ୍ସପ୍ରେସ ୱେ, ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରା ସମେତ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରବିବାର କଳାହାଣ୍ଡି ଜିଲା ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ବିଜୁ ଏକ୍ସପ୍ରେସ ୱେ ଓ ମୁଖ୍ୟମନ୍ତ୍ରୀଙ୍କ ଆସିବା ରାସ୍ତାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧାନ କରିଛନ୍ତି। ଏହି ଅବସରରେ ସେ କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଠାରୁ ଆରମ୍ଭ ହୋଇଥିବା ବିଜୁ ଏକ୍ସପ୍ରେସ ୱେର କାର୍ଯ୍ୟ ତଦାରଖ ଓ


ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଦଳୀୟ କର୍ମୀଙ୍କ ଗହଣରେ ଆମପାଣିଠାରେ ସ୍ଥିତି ଅନୁଧାନ କରୁଛନ୍ତି ।

ଆମପାଣି ପଥପ୍ରାନ୍ତ କେନ୍ଦ୍ରରେ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ପରେ ଜିଲା ସଭାପତି କନ୍ଦାଗଡ ନିକଟରେ ଥିବା ହେଲିପ୍ୟାଡ ପରିଦର୍ଶନ ସହ ଗୋଟୋମୁଣ୍ଡା, ବେହେରାଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନେଇ ଦଳୀୟ କର୍ମକର୍ତ୍ତା ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ଜିଲା ସଭାପତି ସିଂଦେଓଙ୍କ ସହ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ବ୍ଲକ ସଭାପତି ସୁଶାନ୍ତ ବେହେରା, ବିଧାୟକ ପ୍ରତିନିଧି ମାନସ ବାଗ, ଆମପାଣି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ, ଆଦିବାସୀ ଯୁବନେତା ଋତୁରାଜ ମାଝୀ, ଆଶୁତୋଷ ପୁରୋହିତ, ଶିବରାମ ପାତ୍ର, ସଞ୍ଜୟ ସିଙ୍ଘଲ, ସୁରେଶ ସାହୁ, ବ୍ଲକ ସମ୍ପାଦକ ପଞ୍ଚକ ପୋଢ଼, ପ୍ରମୋଦ କୁମାର ପ୍ରଧାନୀ, ତାପସ ରାୟ ଓ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### କବାଟ ଭାଙ୍ଗିଲା, ଧାନ ଖାଇଲା ଦନ୍ତାହାତୀ

ଉଲୁଣ୍ଡା, ୨୬।୨ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଦକ୍ଷିଣପାଲିରେ ଏକ ଦନ୍ତାହତୀ ଶନିବାର ରାତିରେ ଆତଙ୍କ ସୃଷ୍ଟି କରିଥିଲା। ଗାଁର ମନୋଜ ମୁଣ୍ଡାଙ୍କ ଘର କବାଟ ଭାଙ୍ଗି ଧାନ ଖାଇବା ସହ ଫିଙ୍ଗା ଫେଂପଡା କରିଥିଲା। ଏଥି ସହିତ ତାଙ୍କ ବାରି ପଟରେ ଥିବା କଦଳୀ ଗଛ ଭାଙ୍ଗି ପକାଇଥିଲା। ରବିବାର ସକାଳେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି।

### ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜାମଟିକ୍ରା, ୨୬।୨(ଡି.ଏନ.ଏ.): ଅତାବିରା ବ୍ଲକ ଝିଲିମିଣ୍ଡା ସ୍ଥିତ ଜଗନ୍ନାଥ ଉଚ୍ଚବିଦ୍ୟାଳୟର ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ୨୧ଟି ସ୍କୁଲର ୧୨୨ ଜଣ ଯୋଗ ଦେଇଥିଲେ। ଅତାବିରା ଏବିଇଓ ତପନ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଜୁନିୟର ରେଡକ୍ରସ ସାଧନ କର୍ମୀ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସମାଜସେବୀ ଜୟଦେବ ମେହେର ମୁଖ୍ୟ ଅତିଥି, ବ୍ଲକ ସମ୍ପାଦକ ଲବ ସାହୁ, ସମିତି ସଭ୍ୟା ମଞ୍ଜୁଲତା ବଡ଼େଇ, ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ବିଶ୍ୱାଳ ଏବଂ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିଶିର କୁମାର ଭୋଇ ସମ୍ମାନୀତ ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗୋପୀନାଥ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ଜୁନିୟରମାନେ ମାର୍ଚ୍ଚ ୧ରେ ରୁଚିଦା ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଭାଗ ନେବେ। ହିନ୍ଦି ଶିକ୍ଷକ ଦୟାନିଧି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜି-୨୦ ଯୁବପିଢ଼ିଙ୍କୁ ବାଟ ଦେଖାଇବ

## ନେହେରୁ ଯୁବକେନ୍ଦ୍ରର ଯୁବ ସଂସଦ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍, ୨୬।୨



ଯୁବ ସଂସଦ କାର୍ଯ୍ୟକ୍ରମରେ ଆୟୋଜକ, ଅତିଥିବୃନ୍ଦ ।

ବରଗଡ଼ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ରବିବାର ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ସାହୁ, ମୋହନ ସାହୁ, ଅମରେନ୍ଦ୍ର ନାରାୟଣ ଯାଦବ, ସଦାଶିବ କର, ପଙ୍କଜ କୁମାର, ମମତା ଶତପଥି ଅତିଥି ଭାବେ ଯୋଗଦାନ କରିଥିଲେ। ଡଃ ସୁଜିତ ପୃଷେଠ୍, ଓଡ଼ିଶା ମିଲେଟ୍ ମିଶନର ଜିଲା ସଂଯୋଜକ ନାରାୟଣ ପାଣିଗ୍ରାହୀ ବକ୍ତା ଭାବେ ଯୋଗଦେଇ ଯଥାକ୍ରମେ ଜି-୨୦, ୱାଇ-୨୦ ଏବଂ ମିଲେଟ୍ ମିଶନ ଉପରେ ବକ୍ତବ୍ୟ ରଖିଥିଲେ। ଜି-୨୦ରେ ଭାରତ ଅଧ୍ୟକ୍ଷତା କରୁଥିବା ଗର୍ବର ବିଷୟ ଏବଂ ଏହା ଆଗାମୀ ପିଢ଼ିର ଯୁବଗୋଷ୍ଠୀଙ୍କୁ ବାଟ ଦେଖାଇବ ବୋଲି ଡଃ ପୃଷେଠ୍ କହିଥିଲେ। ଅନ୍ୟତମ ବକ୍ତା ପାଣିଗ୍ରାହୀ ମିଲେଟ୍ ମିଶନ ଉପରେ ଆଲୋକପାତ କରିଥିଲେ। ସେହିପରି ତର୍କରେ ଅନ୍ୱେଷ କୁମାର ସାହୁ, ଶ୍ରୁତି ଚୌଧୁରୀ, ଦୀପ୍ତିମୟୀ ସାହୁ, ଅବିନାଶ ନାଗ, ବିଦେଶୀ ବିଶ୍ୱାଳ, ବବିତା ସାହୁ, ଅଙ୍କିତା ସାହୁ ଭାଗ ନେଇଥିଲେ । ଏହି ଅବସରରେ ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୁତି ଚୌଧୁରୀ, ଜୟନ୍ତ ମେହେର, ସୁବ୍ରତ ବିର୍ଲିଆ, ଆଶୀର୍ବାଦ ମହାପାତ୍ର, ଯଶୋବନ୍ତ ପୂଜାରୀ, ଜାରିଂ ଆଥଲେଟିକ ଆସୋସିଏଶନକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସରିତା ବେହେରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ଶେଷରେ ଲସ୍ତଲାର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନିଲ ସାହୁ, ପ୍ରୀତି ପ୍ରଧାନ, ଜ୍ୟୋତି ନାୟକ, ଠାକୁର ବିଶ୍ୱାଳ, ଦୁର୍ଯ୍ୟୋଧନ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଜିଲା ଯୁବ ଅଧିକାରୀ ଟଣ୍ଡନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳନ୍ଧର ରାଜ ଉଦ୍‌ଘାଟିତ

ଉଲୁଣ୍ଡା, ୨୬।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ହାଇସ୍କୁଲ ପଡିଆଠାରେ ଚାଲିଥିବା ମେଟାକାନୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରବିବାର ଜଳନ୍ଧର ରାଜ ଉଦ୍‌ଘାଟିତ ହୋଇଛି। ପୌରାଣିକ କଥା ବସ୍ତୁକୁ ନେଇ ନାଟ୍ୟାଭିନୟରେ ଜଳନ୍ଧର ଜନ୍ମ ମଞ୍ଚସ୍ଥ ହୋଇଛି । ଦେବରାଜ ଏବଂ ଦେବଗୁରୁ ବୃହସ୍ପତିଙ୍କ ମଧ୍ୟରେ ଝଗଡା ହେବା ପରେ ସମାଧାନ ପାଇଁ ଶିବଙ୍କ ପାଖକୁ ଯାଆନ୍ତି। ସେଠାରେ ଶିବ କ୍ରୋଧାନ୍ୱିତ ହୁଅନ୍ତି । ଶିବଙ୍କ ତୃତୀୟ ନୟନ ପ୍ରସ୍ଫୁଟିତ ହୋଇ ଏକ ଅଗ୍ନି ପିଣ୍ଡୁଳା ଜାତ ହୁଏ । ସେହି ଅଗ୍ନି ପିଣ୍ଡୁଳା ସମୁଦ୍ର ଗର୍ଭରେ ଭଗବାନ ଶିବ ନିକ୍ଷେପ କରିବା ପରେ ଅଗ୍ନିପିଣ୍ଡୁଳା

## ପ୍ରଥମ ଦିନରେ ଜଳନ୍ଧର ଜନ୍ମ

ଏକ ମୀନ ଗର୍ଭରେ ରହି ଜଳନ୍ଧର ଜନ୍ମ ହୋଇଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇ ସାଂସ୍କୃତିକ ପରିବେଷଣ କରିଥିଲେ। ଶନିବର ଆୟୋଜକ କମିଟି ସଭାପତି ରୁଷି ପଟେଲଙ୍କ ସଭାପତିତ୍ୱରେ ଅଧାପକ ଡ଼. ସୌରଭ ରଞ୍ଜନ ଖମାରି ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ଅଧାପକ ଦେବାଶିଷ ପଧାନ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଧର୍ମନିରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଉପସଭାପତି ଗୋପାଳ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଶୁକୁଟାପାଲି ସ୍କୁଲର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ଅତାବିରା, ୨୬।୨(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଶୁକୁଟାପାଲି ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନାତନ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନାପଡ଼ା ସରପଞ୍ଚ ସୁକାନ୍ତୀ ଦୀପ ମୁଖ୍ୟ ଅତିଥି, ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ ସ୍ୱତନ୍ତ୍ର ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ତପନ ଦାସ, କଣ୍ଠଶିଳ୍ପୀ ଦିଲୀପ ସୁନା, ସମିତିସଭ୍ୟା ପିଙ୍କି ତାଣ୍ଡି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଦୀପାଞ୍ଜଳି ସେଟ୍, ପୁଷ୍ପଲତା ଦୋରା, ଶିକ୍ଷକ ଉମାକାନ୍ତ ପ୍ରଧାନ, ପରିଚାଳନା କମିଟି ଅଧ୍ୟକ୍ଷ ପିଙ୍କୁ ସେଠଙ୍କ ସମେତ କମିଟିର ସମସ୍ତ ସଭ୍ୟାସଭ୍ୟ, ଅଭିଭାବକ ଉପସ୍ଥିତ ଥିଲେ। ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସିଂହପାଲି ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମିଶନରଙ୍କ ଦ୍ୱାରସ୍ଥ ହେବେ ଆବେଦନକାରୀ

## ତଥ୍ୟ ଦେଉନି ସୁବର୍ଣ୍ଣପୁର ପୌର ପରିଷଦ

ସୋନପୁର, ୨୬।୨(ନି.ପ୍ର.)

ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ(ଆରଟିଆଇ)ର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ସୂଚନା ଅଧିକାର କର୍ମୀ ଅଭିଯୋଗ କରିଛନ୍ତି। ଆରଟିଆଇରେ ତଥ୍ୟ ମାଗିଲେ ପୌର କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉନି। ସୋନପୁର ସହର ମଝିପଡାର ସୂଚନା ଅଧିକାର କର୍ମୀ ସୁପ୍ରଭା ପ୍ରଧାନ ଏଥିପାଇଁ ରାଜ୍ୟ ସୂଚନା ଅଧିକାର କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ପୌର ପରିଷଦ ପକ୍ଷରୁ ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ସହରାଞ୍ଚଳର ସମସ୍ତ ୧୫ଗୋଟି ୱାର୍ଡର କେତେଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାରେ ଘର ଯୋଗାଇ ଦିଆଯାଇଛି। ହିତାଧିକାରୀଙ୍କ ନାମ ଓ କାଗଜପତ୍ର ସମ୍ପର୍କିତ ସୂଚନା ଦେବା ପାଇଁ ଆରଟିଆଇରେ ପ୍ରଧାନ ଗତ ୨୦୨୨ ଅଗଷ୍ଟ ୮ ତାରିଖରେ ମାଗିଥିଲେ। କିନ୍ତୁ ଏହି ସୂଚନା ପୌର କର୍ତ୍ତୃପକ୍ଷ ଦେଇନାହାନ୍ତି । ପରବର୍ତ୍ତୀ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ପୌର ପରିଷଦର ଜନସୂଚନା ଅଧିକାରୀଙ୍କୁ ତଥ୍ୟ ପ୍ରଦାନ ପାଇଁ ଚିଠି ଲେଖିଥିଲେ। ଏହାପରେ ମଧ୍ୟ ପୌର କର୍ତ୍ତୃପକ୍ଷ ଆବଶ୍ୟକ ସୂଚନା ଏ ପର୍ଯ୍ୟନ୍ତ ଦେଇନାହାନ୍ତି। ପ୍ରତିବାଦରେ ସୂଚନା କର୍ମୀ ପ୍ରଧାନ ରାଜ୍ୟ ସୂଚନା ଅଧିକାର କମିଶନରଙ୍କ ନିକଟରେ ଆବଶ୍ୟକ କାଗଜପତ୍ର ସହ ସୂଚନା ଅଧିକାର ଅଧିନିୟମ ମୁତାବକ ଅଭିଯୋଗ ଦାଖଲ କରିବେ ବୋଲି କହିଛନ୍ତି। ଆଇନ ଅନୁଯାୟୀ ତଥ୍ୟ ନ ଦେବା ସୂଚନା ଅଧିକାର ଆଇନର ଉଲ୍ଲଂଘନ ବୋଲି କହିବା ସହ ମହିଳା ସୂଚନା ଅଧିକାର କର୍ମୀ ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି।

# ଫାଟକ ତାଲା ଭାଙ୍ଗି ବୁଲେଟ ଚୋରି

ସୋନପୁର, ୨୬।୨(ନି.ପ୍ର.)

ସୋନପୁର ସହର ରାମକୃଷ୍ଣ ନଗର ଅଞ୍ଚଳର ରୋମ୍ୟ ରଞ୍ଜନ ମିଶ୍ରଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଦୁର୍ବୃତ୍ତମାନେ ଫାଟକ ତାଲା ଭାଙ୍ଗି ବୁଲେଟ ନମ୍ବର ଓଡି୩୧ଜେ-୧୫୩୧କୁ ଚୋରି କରି ନେଇଥିବା ସୋନପୁର ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରିଥିଲେ ହେଁ ଅଭିଯୁକ୍ତଙ୍କ ଧରିବାରେ କିମ୍ବା ଚୋରି ବୁଲେଟକୁ ଠାବ କରିବାରେ ବିଫଳ ହୋଇଛି। ରୋମ୍ୟ ରଞ୍ଜନ ଶନିବାର ରାତିରେ ଘରେ ନଥିବା ସମୟରେ ଚୋରି ହୋଇଥିବା ଜଣାପଡିଛି ।

# ନାଟ୍ୟ ମହର୍ଷିଙ୍କ ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ ।

ଜାମଟିକ୍ରା, ୨୬।୨(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ଛକରେ ଅତାବିରା ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ରବିବାର ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ଡଃ ମନୋରଞ୍ଜନ ମେହେର ମୁଖ୍ୟଅତିଥି, ଡଃ ରବିନାରାୟଣ ସାହୁ ମୁଖ୍ୟବକ୍ତା, ଆକାଶବାଣୀ ଗୀତିକାର କବି ସରୋଜ କୁମାର ରଥ, କୈଳାସ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନାଟ୍ୟ ମହର୍ଷି ସ୍ୱର୍ଗତ ସାହୁ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ଦକ୍ଷ କଳାକାର ଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ନାଟ୍ୟକାର ମନୋଜ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଞ୍ଚଳିକ ସାହିତ୍ୟ ପରିଷଦ ସଭାପତି ଦଶରଥ ଭୋଇ, ସମ୍ପାଦକ ସୁରେନ୍ଦ୍ର କଠାର, ଅମୃତ ବାରିକ, ବିରେନ୍ଦ୍ର କର, କିଶୋର ପାତ୍ର, ସଞ୍ଜୁ ପ୍ରଧାନ, ଦୁର୍ଲ୍ଲଭ ଗଡ଼ତିଆ, ସୁବାଷ ପ୍ରଧାନ, ଗୁରୁଦାଲ ଭୋଇ, ସତ୍ୱ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ କବି କିଶୋର ପାତ୍ରଙ୍କ ରଚିତ ପୁସ୍ତକ ତିର୍ ଭଙ୍ଗିଆକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସୁବାଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିମୁରା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

ତରଭା, ୨୬।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଣିମୁରା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବଡଭଇଁରୋ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶଙ୍କର ପ୍ରସାଦ ମହଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବା ସହ ଖେଳକୁଦରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ବଡଭଇଁରୋ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ତାଣ୍ଡିଆ ଓ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବରଞ୍ଜନ କୁଅଁର ଯୋଗଦାନ କରିଥିଲେ। ପାଣିମୁରା ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ସଭାରେ ଅଧକ୍ଷତା କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ମହାରଣା ଅତିଥ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ସବିତା ବେହେରା ଓ ଯାମିନୀ ମେହେର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମାତା ପିତା ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ ବାର୍ଷିକ କ୍ରୀଡାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆସ୍ତିଆ ସାହୁ ଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ସସ୍ମିତା କୁମାରୀ ସାହୁ, ଛବି ଭୋଇ, ସଞ୍ଜୁକ୍ତା ଧରୁଆ ଓ ଶରତକାନ୍ତି କୁଅଁର ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ପୁଅ ଗିରଫ

## ଛାତ୍ରୀଙ୍କୁ ମାଡ଼ ମାମଲା

ବରଗଡ଼ ଅଫିସ୍, ୨୬।୨

ବରଗଡ଼ ସହର ମଧ୍ୟରେ ଥିବା ଖଜୁରଟିକ୍ରା ନିକଟ ରାଧାମାଧବ ପ୍ରାଥମିକ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ଘଟଣାରେ ପୋଲିସ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ରଥଙ୍କ ପୁଅ ସ୍ୱାଭିମାନ ଶତପଥିଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଏକ ମାମଲା (ନଂ.୧୨୯/୨୩) ରୁଜୁ କରି ସ୍ୱାଭିମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

ବରଗଡ଼ ପରିଷଦ ଅଧୀନ ୱାର୍ଡ ନଂ-୭ ନଳିଆଖଣ୍ଡି ନିବାସୀ ଜୀବର୍ଦ୍ଧନ ଚନ୍ଦ୍ରାଙ୍କ ଝିଅ ରାଧାମାଧବ ପ୍ରାଥମିକ ସ୍କୁଲର ପଞ୍ଚମ ଶ୍ରେଣୀରେ ପଢ଼ନ୍ତି । ସବୁଦିନ ଭଳି ଶୁକ୍ରବାର ସେ ସ୍କୁଲକୁ ଯାଇଥିଲେ। ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ରଥଙ୍କ ଅନୁପସ୍ଥିତିରେ ତାଙ୍କ ପୁଅ ସ୍ୱାଭିମାନ ସ୍କୁଲକୁ ଆସିଥିଲେ ଏବଂ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ବୋଲି ଛାତ୍ରୀ କବିତାଙ୍କ ବାପା ଜୀବର୍ଦ୍ଧନ ବରଗଡ଼ ଟାଉନ ଥାନାରେ ଶନିବାର ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରିବା ସହ ପ୍ରଧାନ ଶିକ୍ଷୟିତ୍ରୀ ରଥଙ୍କ ପୁଅଙ୍କୁ ଗିରଫ କରିଥିଲା। ଅନ୍ୟପଟେ ଏହି ଘଟଣାରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିବାକୁ ବରଗଡ଼ ଜିଲା ଅଭିଭାବକ ସଂଘ ସଭାପତି ବିମଳ କୁମାର ଦାଶ ଦାବି କରିଛନ୍ତି ।

# ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର

ବାଉଁଶୁଣୀ, ୨୬।୨(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହଯୋଗରେ ତିନିଦିନିଆ ଜିଲାସ୍ତରୀୟ ନେତୃତ୍ୱ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରରେ ବୌଦ୍ଧ, ସୋନପୁର, ଅନୁଗୋଳ ଜିଲା ଅନ୍ତର୍ଗତ ୧୦ଟି ମହାବିଦ୍ୟାଳୟର ସମୁଦାୟ ୧୧୦ ଜଣ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ ପୌରୋହିତ୍ୟ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ସୁମନ୍ତ କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ । ବୌଦ୍ଧ, ସୋନପୁର ଓ ଅନୁଗୁଳ ଜିଲାର ଜାତୀୟ ସେବା ଯୋଜନାର ଜିଲା ଅଧିକାରୀ ଡ. ମନୋରଞ୍ଜନ ଘଡେଇ ଶିବିରର ଅଭିମୁଖ୍ୟ ସମ୍ବନ୍ଧରେ ବିବରଣୀ ଉପସ୍ଥାପନା କରିଥିଲେ। ଅଧାପକ ବବାରାମ ଦେହୁରୀ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକା ଓ କର୍ମଚାରୀ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ

ବରଗଡ଼ ଅଫିସ୍, ୨୬।୨

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ପ୍ରତିପକ୍ଷ ସୋନପୁରର ରାମଧୂନ କ୍ଲବକୁ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବର ଜୟନ୍ତ ମାହତୋ ଏବଂ ରାଜୁ ବେହେରା ଗୋଲ ସ୍କୋର କରିଥିଲେ। ଫାଇନାଲ ଖେଳର ଶ୍ରେଷ୍ଠ ଖେଳାଳି ଭାବେ ରାମଧୂନ କ୍ଲବର ଦେବରାଜ ସାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରତିଯୋଗିତାରେ ୫ଟି ଗୋଲ ସ୍କୋର କରିଥିବା ଯୋଗୁ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବର ରାଜୁ ବେହେରାଙ୍କୁ ଟପ୍ ସ୍କୋରର ତଥା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ପରେ ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚରେ ବେଙ୍ଗଲ ମହିଳା ଏକାଦଶ ଟାଇବ୍ରେକର ସହାୟତାରେ ଓଡ଼ିଶା ଏକାଦଶକୁ ୬-୫ ଗୋଲରେ ପରାସ୍ତ କରିଥିଲା।

ସଚ୍ଚୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର, ସୁମିତ କୁମାର ଦାଶ, କ୍ରିକେଟ ସଂଘ ସଭାପତି ହରିହର ପ୍ରଧାନ, ଗୋକୁଳ ଗହୀର, ବାବଲୁ ଦେବତା, ତୌଫିକ ଖାନ୍, ଦିଲୀପ ସାୱଡ଼ିଆ, ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ସମ୍ପାଦକ ଅତିଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ କୃତୀ ଦଳ ଏବଂ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କାର୍ତ୍ତିକ ଦାଶ, ଦେବାଶିଷ ବାଗ, ଲିଙ୍ଗରାଜ ପ୍ରଧାନ, ନିରଞ୍ଜନ ମହାକୁଡ଼, ଦିପେଶ ପ୍ରଧାନ, ପିଣ୍ଟୁ ସାହୁ, ସଚିନ ଭୁଏ, ସ୍ୱର୍ଣ୍ଣଲତା ରାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶେଖ୍ ସବଦର, ସୁରେଶ ଦାଶ, ପ୍ରତାପ ଦାଶ, ସଚ୍ଚୀ ପଣ୍ଡା, ଶୁଭ୍ରାଂଶୁ ଶେଖର ମହାପାତ୍ର, ମୋହନ କିଙ୍ଗ, ପିଣ୍ଟୁ ଡାଙ୍ଗ, ଶତ୍ରୁଘ୍ନ ଡାଙ୍ଗ, ଉଦ୍ଧବ ଡାଙ୍ଗ ପ୍ରତିଯୋଗିତା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

## ବାଇକ୍‌ରୁ ପଡ଼ି ୩ ଆହତ, ଜଣେ ଗୁରୁତର

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ନମ୍ବର ରାଜ୍ୟ ରାଜପଥ ବିରିଙ୍ଗାଟୋଲି ଛକରେ ବାଇକ୍‌ରୁ ପଡି ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଏକ ବାଇକ୍ ଯୋଗେ ରାତି ପ୍ରାୟ ୮ଟା ୩୦ରେ ଲାଞ୍ଜିବେରନାରୁ ବାମରା ପଟକୁ ତିନିଜଣ ଯାଉଥିବାବେଳେ ବିରିଙ୍ଗାଟୋଲି ଛକରେ ଭାରସାମ୍ୟ ହରାଇ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଫଳରେ ଯାଉରୁ କୁଜୁରଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଛି ଏବଂ ଆଉ ଦୁଇଜଣ ଆହତ ହୋଇଛନ୍ତି। ତେବେ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ କୁତ୍ରା ଡାକ୍ତରଖାନାକୁ ପଠାଇଥିଲେ।

## ସଂକ୍ଷେପରେ

### ଅଶୋକ ସ୍ୱାଇଁ ସୁନ୍ଦରଗଡ଼ ଜିଲା ଆଇନ ସାମ୍ମୁଖ୍ୟ ସଭାପତି

ସୁନ୍ଦରଗଡ,୨୬।୨(ଡି.ଏନ୍.ଏ.): ଆଡଭୋକେଟ ଅଶୋକ କୁମାର ସ୍ୱାଇଁ ସୁନ୍ଦରଗଡ଼ ଜିଲା ଆଇନଜୀବୀ ସାମ୍ମୁଖ୍ୟର ସଭାପତି ଭାବେ ଦ୍ୱିତୀୟ ଥର ପାଇଁ ନିଯୁକ୍ତି ପାଇଛନ୍ତି।



ସେ ଏନେଇ ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରେ କୃତଜ୍ଞତା ଜଣାଇଛନ୍ତି। ରାଉରକେଲା ସହର ପାଇଁ ସତ୍ୟ ନାରାୟଣ ମହାପାତ୍ରଙ୍କୁ ଓ ସ୍ୱାଇଁଙ୍କ ଉପରେ ଆସ୍ଥା ପ୍ରକଟ କରି ଦ୍ୱିତୀୟ ଥର ପାଇଁ ଆଇନଜୀବୀ ସାମ୍ମୁଖ୍ୟର ସୁନ୍ଦରଗଡ଼ ଜିଲ୍ଲା ସଭାପତି ପରି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି ତାକୁ ସଫଳତାର ସହ ପୁରା କରିବାକୁ ଚେଷ୍ଟା କରିବେ। ସର୍ବଦା ଜିଲ୍ଲାର ସମସ୍ତ ଓକିଲ ସଂଘର ଓକିଲମାନଙ୍କ ପାଇଁ ନିସ୍ୱାର୍ଥପର ଭାବରେ ଉନ୍ନତିମୂଳକ କାମ କରିବାକୁ ଚେଷ୍ଟା କରିବେ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି। ଏହା ସହ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କ ଠାରେ ମଧ କୃତଜ୍ଞତା ଜଣାଇଛନ୍ତି।



ଧାରଣା ସ୍ଥଳରେ ବିସ୍ଥାପିତମାନଙ୍କ ସହିତ ପୂର୍ବତନ ବିଧାୟକ ଯୋଗେଶ ସିଂ।

# ଖଣି ବିସ୍ଥାପିତଙ୍କ ଧାରଣା ଆରମ୍ଭ

- ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ଧାରଣା
- ଧାରଣାରେ ସାମିଲ ହେଲେ ପୂର୍ବତନ ବିଧାୟକ ଯୋଗେଶ ସିଂ

ହେମଗିର,୨୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଏମ୍‌ସିଏଲ ବସୁନ୍ଧରା ମହାଲକ୍ଷ୍ମୀ କୋଇଲା ଖଣି ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ପକ୍ଷରୁ ରବିବାରଠାରୁ ଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଜଣାପଡ଼ିଛି। ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ଚାକିରୀ, ପୁନର୍ବାସ ଓ ଥଇଥାନ, କ୍ଷତିପୂରଣ ରାଶି ଆଦି ବିଭିନ୍ନ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଅରମ୍ଭ ହୋଇଛି। ସରକାରଙ୍କ ନିର୍ଦ୍ଧାରିତ ଆଇନକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବେଖାତିର କରି ନିଜ ଇଛାରେ କାମ କରୁଛନ୍ତି। କୋଇଲା ଖଣି କର୍ତ୍ତୃପକ୍ଷ ନିଜସ୍ୱ ଆଇନ ବାହାର କରି ବିସ୍ଥାପିତ ପରିବାରଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି। ସୁପ୍ରିମକୋର୍ଟ, ହାଇକୋର୍ଟଙ୍କ ଦ୍ୱାରା ଗଠିତ କରାଯାଇଥିବା କ୍ଲେମ କମିଶନଙ୍କ ନିର୍ଦ୍ଦେଶଗୁଡିକୁ ଅମାନ୍ୟ କରୁଥିବାରୁ ୧୪ ଖଣ୍ଡ ଗ୍ରାମ ଓ ବସୁନ୍ଧରା ମହାଲକ୍ଷ୍ମୀ ମିଳିତ ସହଯୋଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ରବିବାର ଦିନ ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ ଯୋଗଦେଇ ଧାରଣା ଶୁଭାରମ୍ଭ କରିଥିଲେ। ଏହି ଆନ୍ଦୋଳନରେ ସେ ବିସ୍ଥାପିତମାନଙ୍କ ସହିତ ସାମିଲ ହୋଇ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଏହି ଅବସରରେ ରାଜେନ୍ଦ୍ର ନାଏକ ମଧ୍ୟ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ବିସ୍ଥାପିତ ହେବାକୁ ଥିବା ଗ୍ରାମର ମହିଳା, ପୁରୁଷ ଧାରଣାରେ ସାମିଲ ହୋଇଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୨୬।୨(ଡି.ଏନ.ଏ.)

ଦେବଗଡ ଧରଣୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ଦେବୀଙ୍କୁ ରବିବାର ପୌରାଞ୍ଚଳ କ୍ଲଷ୍ଟର ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସିଆରସିସି ଚୂଡ଼ାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତିଳେଇବଣି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସୁଜିତ ପାତ୍ର, ତିଳେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଶାନ୍ତ କୁମାର ନନ୍ଦ, ସମ୍ପାଦକ ଡୋଳାଧର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସେମାନଙ୍କ ଅଭିଭାଷଣ ପ୍ରଦାନ କରିଥିଲେ। ଉପସ୍ଥିତ ଶିକ୍ଷକ ଭବାନୀକାନ୍ତ ପ୍ରଧାନ, ସୌମିତ୍ରୀ ମହାପାତ୍ର, ଘନଶ୍ୟାମ ବେହେରା, ଶିକ୍ଷୟିତ୍ରୀ ସବିତା ନନ୍ଦ, ଜ୍ୟୋତ୍ସ୍ନାମୟୀ ପାଣିଗ୍ରାହୀ ଓ ବିଦାୟୀ ଶିକ୍ଷୟିତ୍ରୀ ପଦ୍ମିନୀ ଦେବୀ ସେମାନଙ୍କର ଅନୁଭୂତି ବୟାନ କରିଥିଲେ। ବିଦାୟୀ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ,ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଜସ୍ମିନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ହେମଗିର ରାଜାଙ୍କ ଦ୍ୱାରା ସାପ୍ତାହିକ ହାଟ ଉଦ୍‌ଘାଟନ

ହେମଗିର,୨୬।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ଆରଆର କଲୋନି ୨ରେ ରବିବାର ସାପ୍ତାହିକ ହାଟର ଉଦ୍‌ଘାଟନ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ହେମଗିର ରାଜା ସାହେବ ସୁନୀଲ କୁମାର ସିଂଦେଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଏବିଡିଓ ଜିତେନ୍ଦ୍ରୀୟ ମୁଣ୍ଡା, ହେମଗିର ସରପଞ୍ଚ ଗୀତା କୁଅଁର, କନିକା ସରପଞ୍ଚ ଶାନ୍ତ ଧୂଆ ପ୍ରମୁଖ ଯୋଗ ଦେଇଥିଲେ । ଆରଆର କଲୋନି ୨ର ଜନସାଧାରଣ ଉପସ୍ଥିତ ଥିଲେ।

## ବିଜେଡି ଆଇନ ସାମ୍ମୁଖ୍ୟର ନୂତନ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ରଞ୍ଜନ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ଦେବଗଡ଼, ୨୬।୨(ଡି.ଏନ୍.ଏ.)

ବିଜୁ ଜନତାଦଳ (ବିଜେଡି) ଦେବଗଡ଼ ଜିଲା ଆଇନ ସାମ୍ମୁଖ୍ୟ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରଞ୍ଜନ କୁମାର ସାହୁ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତାଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏହି ପଦବୀରେ ନିଯୁକ୍ତ କରିଛନ୍ତି। ଫଳରେ ଜିଲା ବିଜେଡି ମହଲରେ ଏନେଇ ଆନନ୍ଦ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲା ଆଇନ ସାମ୍ମୁଖ୍ୟ ସଭାପତି ଭାବେ ସାହୁଙ୍କ ନିଯୁକ୍ତିକୁ ଜିଲା ବିଜୁ ଜନତା ଦଳ ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାହୁଙ୍କୁ ସାକ୍ଷାତକରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିବା ଜଣାପଡିଛି।

## ବଜରଙ୍ଗବାଲି, ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଡ଼ଗାଁ, ୨୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗାଁରେ ପର୍ଶୁରାମବାଦୀ ଓ ତାଙ୍କ ସ୍ତ୍ରୀ ଦୁଲାରିଙ୍କ ସହଯୋଗରେ ଦୁଇ ବର୍ଷ ପୂର୍ବେ ଏକ ଶିବ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏହି ମନ୍ଦିର ପରିସରରେ ଗତ ଦୁଇ ମାସ ମଧ୍ୟରେ ଗ୍ରାମର ସୁନ୍ଦରମଣୀ ସେନାପତି, ତାଙ୍କ ସ୍ତ୍ରୀ ସରସ୍ୱତୀ ଏବଂ ଦିଲ୍ଲୀପ ସେନାପତି ଓ ପରିବାର ଗ୍ରାମବାସୀଙ୍କ ସହଯୋଗରେ ଗଣେଶ ଓ ବଜରଙ୍ଗବାଲି ମନ୍ଦିର ନିର୍ମାଣ କରାଯାଇଥିଲା। ବଜରଙ୍ଗବାଲି ମନ୍ଦିର ପ୍ରତିଷ୍ଠା ଓ ପ୍ରତିମା ସ୍ଥାପନରେ ସୁନ୍ଦରଗଡର ପ୍ରସନ୍ନ କୁମାର ନାୟକ ଓ ତାଙ୍କ ସ୍ତ୍ରୀ ରୂପାଲି ସହଯୋଗ କରିଥିଲେ। ଶୁକ୍ରବାରରୁ ରବିବାର ତିନି ଦିନ ହୋଇଥିଲା। ଶୁକ୍ରବାର ଆରମ୍ଭ ହୋଇଥିବା ମନ୍ଦିର ପ୍ରତିଷ୍ଠା ଓ ପ୍ରତିମା ସ୍ଥାପନ କାର୍ଯ୍ୟକ୍ରମ ପାଇଁ କଳସ ଶୋଭାଯାତ୍ରା କରାଯାଇଥିଲା। ଶନିବାର ଗଣେଶ ମନ୍ଦିରରେ ଏବଂ ରବିବାର ବଜରଙ୍ଗବାଲି ମନ୍ଦିରରେ ପ୍ରତିମା ସ୍ଥାପନ କରାଯାଇଛି। ବଜରଙ୍ଗବାଲି ମନ୍ଦିରରେ ପ୍ରତିମା ସ୍ଥାପନ କାର୍ଯ୍ୟକ୍ରମରେ ଦୀପକ ସେନାପତି ଓ ତାଙ୍କ ସ୍ତ୍ରୀ ଲିଲି କର୍ତ୍ତାକର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ସେହିପରି ଗଣେଶ ମନ୍ଦିରରେ ପ୍ରତିମା ସ୍ଥାପନ କାର୍ଯ୍ୟକ୍ରମରେ ବିକାଶ ସେନାପତି ଓ ତାଙ୍କ ସ୍ତ୍ରୀ ଲିଜା କର୍ତ୍ତୀକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଜରଙ୍ଗଲୋଇ ଗ୍ରାମର କୁଳ ପୁରୋହିତ ମନୋରଞ୍ଜନ ପୂଜାରୀ, ରତ୍ନାକର ପୂଜାରୀଙ୍କ ସହିତ ବୀରମହାରାଜପୁରର ଆନନ୍ଦ ମିଶ୍ର ଯଜ୍ଞ ଓ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଓ ପ୍ରତିମା ସ୍ଥାପନ କାର୍ଯ୍ୟକ୍ରମରେ ଦୈନିକ ୫ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପ୍ରତିମା ସ୍ଥାପନ ପୂଜନ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା।



ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

## କ୍ରିକେଟ ମ୍ୟାଚ: ପଞ୍ଚରା ଚାମ୍ପିୟନ

କୁତ୍ରା, ୨୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା କ୍ରିକେଟ ପଡିଆରେଠାରେ ଜୟ ଶ୍ରୀରାମ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚଦିନାତ୍ମକ କ୍ରିକେଟ ମ୍ୟାଚ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ପଞ୍ଚରା ଓ ଖଡକୁରବାହାଲ ମଧ୍ୟରେ ହୋଇଥିଲା। ଏଥିରେ ପଞ୍ଚରା ୧୦ ଓଭରରେ ୧୦୪ ରନ ସଂଗ୍ରହ କରିଥିବାବେଳେ ଖଡକୁରବାହାଲ ୧୦ ଓଭରରେ ୭୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ବିହାରିଲାଲ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିଙ୍କୁ ସାହୁ, ଅମିତ କୁମାର ନାଗଙ୍କ ସହିତ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଜେତା ଦଳକୁ ୧୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିବାବେଳେ ରନର୍ସ ଟିମ୍‌କୁ ୯ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। କୁଶ ରଣା ଓ ସୁଶୀଲ ପ୍ରଧାନ ଅମ୍ପାୟାର ଦାୟିତ୍ୱ ତୁଲାଇଥିବାବେଳେ କମିଟିର ସଦସ୍ୟ ରିଙ୍କୁ ସାହୁ, ସମୀର ଗନ୍ଧା, କିରନ ଗନ୍ଧା, ରକି ପାତ୍ର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



କ୍ରିକେଟ ମ୍ୟାଚରେ ଅତିଥିଙ୍କ ସହ ଖେଳାଳି।

## ଟ୍ରକ୍ ଧକ୍କାରେ ଗ୍ରାମରକ୍ଷୀ ମୃତ, ଉତ୍ତେଜନା

ଦେବଗଡ଼,୨୬।୨(ଡି.ଏନ୍.ଏ.)

ଦେବଗଡ଼ ଥାନା ବଳମ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ମାଲ ବୋଝେଇ ଟ୍ରକ ଧକ୍କାରେ ବାଇକ୍‌ରେ ଯାଉଥିବା ଜଣେ ଗ୍ରାମରକ୍ଷୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଗ୍ରାମରକ୍ଷୀ ଭାବେ କାର୍ଯ୍ୟରତ ବସାଲଇ ଗ୍ରାମର ଭୁବନେଶ୍ୱର କଲେତ ରବିବାର ଅପରାହ୍ନ ପ୍ରାୟ ୪ଟାରେ ବଳମ ଗ୍ରାମରୁ ସଉଦା ସାରି ଏକ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ତେବେ ବଳମ ସ୍ଥିତ ମା' ତାରିଣୀ ପେଟ୍ରୋଲ ପମ୍ପ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ମାଲବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ବାଇକ୍‌ଟି ଚୁରମାର ହୋଇପଡିବା ସହ ଘଟଣାସ୍ଥଳରେ ଭୁବନେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ କିଛି ସମୟ ପାଇଁ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଲୋକଙ୍କୁ ବୁଝାଇ ସୁଝାଇ ଶାନ୍ତ କରିଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ୍‌କୁ ଜବତ କରିବାସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେହିପରି ଭୁବନେଶ୍ୱରଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି।

## କୁଆଁରମୁଣ୍ଡାରେ ପାଡହା ଘର ଉଦ୍‌ଘାଟନ

କୁଆଁରମୁଣ୍ଡା,୨୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ନିକଟସ୍ଥ ସିରାସିତାଟୁଙ୍ଗୁରୀରେ ରବିବାର ଓରାମ ସମାଜର ନୂତନ ପାଡ଼ହା ଘର ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବିଧାୟକ ଶଙ୍କର ଓରାମ, ରାଉରକେଲା ଏଡିଏମ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆମକୁ ଆଗାମୀ ନିର୍ବାଚନରେ ଓରାମ ସମାଜ ସାହାଯ୍ୟ କଲେ ଓରାମ ସମାଜର ଉନ୍ନତି ନିମନ୍ତେ ଆମେ ଆହୁରି ଅଧିକ ସାହାଯ୍ୟ କରିବୁ ବୋଲି ଏମ୍‌ପି ଓରାମ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓରାମ ସମାଜର ଜିଲା ଓ ରାଜ୍ୟସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହିଅବସରରେ ଆତଖା ପାଡହା ପଦାଧିକାରୀଙ୍କର ଏକ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ପଦାଧିକାରୀ ବସନ୍ତ ଓରାମ, ବିକ୍ରମ ଓରାମ, ରଥୁ ଓରାମ, ବାନ୍ଧନା ବେକ, ସରପଞ୍ଚ ରିନା ଓରାମ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।




ପାଡହା ଘର ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଅତିଥିମାନେ।

# ମହାବୀର କ୍ଲବକୁ ପରାସ୍ତ କରି ଲିଟିଲ ଷ୍ଟାର ଚାମ୍ପିୟନ

### ରାଜ୍ୟସ୍ତରୀୟ ବଜରଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦେବଗଡ଼,୨୬।୨(ଡି.ଏନ୍.ଏ.)

ମହାବୀର କ୍ଲବ ପକ୍ଷରୁ ସ୍ଥାନୀୟ ମହୁଲଡିପା ସାହି ନାଳପଡିଆଠାରେ ଚାଲିଥିବା ତ୍ରୟୋଦଶ ରାଜ୍ୟସ୍ତରୀୟ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆୟୋଜକ ମହାବୀର କ୍ରିକେଟ କ୍ଲବକୁ ପରାସ୍ତ କରି ଝାରସୁଗୁଡାର ଲିଟିଲ ଷ୍ଟାର କ୍ଲବ ଚାମ୍ପିୟନ ହୋଇଛି। ମହାବୀର କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ପାଇଁ ଲିଟିଲ ଷ୍ଟାର କ୍ଲବକୁ ଆମନ୍ତ୍ରଣ କରିଥିଲା। ଲିଟିଲ ଷ୍ଟାର କ୍ଲବ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୨୯ରନ ସଂଗ୍ରହ କରିଥିଲା। ଏହାର ଜବାବରେ ମହାବୀର କ୍ଲବ ୧୭ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୪୨ ରନ ସଂଗ୍ରହ କରିବା ସହ ପରାଜିତ ହୋଇଥିଲା। ମ୍ୟାଚକୁ ଅମ୍ପାୟାର ଦିଲୁ ଦଶଭାୟା ଓ ଭରତ ସାହୁ ପରିଚାଳନା କରିଥିବା ବେଳେ ଚେତନ ସିହ୍ନା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ଓ ଦେବାର୍ଚ୍ଚନ ବେହେରା ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ।




ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତାର ଅତିଥିଙ୍କ ସହ ଖେଳାଳି।

ଅପରାହ୍ନରେ ମହାବୀର କ୍ଲବର ସଭାପତି କାର୍ତ୍ତିକ ମହାକୁଲଙ୍କ ସଭାପତିତ୍ୱ ଓ ଉପସଭାପତି ପ୍ରିତମ କୁମାର ବେହେରାଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଓକିଲ ସଂଘର ସଭାପତି ସଚ୍ଚିକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ, ଦେବଗଡ ଜିଲା ସରପଞ୍ଚ ସଂଘର ସମ୍ପାଦକ ପ୍ରକାଶ କୁମାର ଆଚାର୍ଯ୍ୟ, ସିଦ୍ଧାର୍ଥ ଗୁରୁ, ଶଶାଙ୍କ ଶେଖର ଝାଙ୍କର, ସଞ୍ଜୀବ କୁମାର ପାଣିଗ୍ରାହୀ, ୯ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ, ବ୍ୟବସାୟୀ ଭୋଳେଶ୍ୱର ପ୍ରଧାନ ଓ ରମଣୀରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଝାରସୁଗୁଡାର ଲିଟିଲ ଷ୍ଟାର କ୍ଲବକୁ ଟ୍ରଫିସହ ନଗଦ ୪୦ ହଜାର ଟଙ୍କା ଓ ରନର୍ସ ଅପ୍ ମହାବୀର କ୍ଲବକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଆଜିର ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲିଟିଲ ଷ୍ଟାର କ୍ଲବର ସୁରିନ୍ଦର ଶର୍ମାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ, ମହାବୀର କ୍ଲବର ଜିତେନ୍ଦ୍ର ବିଶ୍ୱାଳଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ସୁରିନ୍ଦର ଶର୍ମାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ପ୍ରକାଶ କୁମାର ସାହୁଙ୍କୁ ଶ୍ରେଷ୍ଠ ବୋଲର, ବବି ସିଂଙ୍କୁ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପ୍ରଦାନ କରାଯିବା ସହ ଶ୍ରେଷ୍ଠ ଉଦୀୟମାନ ଖେଳାଳୀ ଭାବେ ଶ୍ରେୟାଂଶ ଆଚାର୍ଯ୍ୟ ଓ ସ୍ୱୟଂ ସମ୍ଭବ ରାଜଗୁରୁ, ଦେବଗଡ ଜିଲାର କ୍ରିକେଟର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରାକ୍ତନ ଖେଳାଳି ସୁଜିତ କୁମାର ଦତ୍ତ ଓ ଅନ୍ନଦା ପ୍ରସାଦ ନାୟକଙ୍କୁ ପଦକ ଏବଂ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମହାବୀର କ୍ଲବର ସମ୍ପାଦକ ରାଜୀବ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ କୁମାର ବେହେରା, ସୌମ୍ୟକାନ୍ତ ପ୍ରଧାନ, ମଙ୍ଗଲୁ ବାଘ, ଆକାଶ ବାରିକ, ଅଜିତ ଦଣ୍ଡିଆ, ତେମିୟ ରଞ୍ଜନ ପ୍ରଧାନ, ବାବଲୁ ବାରିକ, ତନ୍ମୟ ଦାଶ, ପଞ୍ଚାନନ ଆଚାର୍ଯ୍ୟ, ତନ୍ମୟ ଘୋଷ, କରନ ଜିନ୍ଦଲ ଓ ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ସୁନାଆଡକି ଜଙ୍ଗଲ ନିଆଁକୁ ଆୟତ୍ତ କଲା ବନବିଭାଗ**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ସୁନାଆଡକି ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିଛି ବନବିଭାଗ। ରେଞ୍ଜର ଆଲୋକ କୁମାର ମାଝିଙ୍କ ନିର୍ଦ୍ଦେଶକ୍ରମେ ଫାୟାର ସ୍ୱାର୍ଡ ଓ ପାରାଷ୍ଟାଫ ଦୀର୍ଘ ଦୁଇଘଣ୍ଟା ଧରି ନିଆଁ ଲିଭାଇବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ରବିବାର ସନ୍ଧ୍ୟାରେ ଦେଓଗାଁ-ଗାଇବାହାଲ ରାସ୍ତାର ସୁନାଆଡକି ପ୍ରୋଜେକ୍ଟ ଉପରେ ଥିବା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯାଇଥିବା ଜଣା ପଡିଥିଲା।

## ସଂକ୍ଷେପରେ

### ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ କଳାହାଣ୍ଡି ଗସ୍ତ

**ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦାନ**

ଭବାନୀପାଟଣା,୨୬।୨(ସ୍ୱ.ପ୍ର.): ରବିବାର ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଦିନିକିଆ କଳାହାଣ୍ଡି ଜିଲା ଗସ୍ତରେ ଆସିଥିଲେ । ଏହି ଅବସରରେ ସେ ଭବାନୀପାଟଣା ସହରର ଟାଉନ ହଲକୁ ଆସି ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ତାଙ୍କୁ ଦଳୀୟ ନେତା ଓ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମ ଐତିହାସିକ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସିଧାସଳଖ ଲୋକଙ୍କ ସହ ବାର୍ତ୍ତାଳାପ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭରଶୀଳ ଭାରତର ଏହା ଏକ ନିଛକ ନିଦର୍ଶନ ବୋଲି ରାଷ୍ଟ୍ରୀୟ ଉପାଧକ୍ଷ ପଣ୍ଡା କହିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ସମେତ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଭାରତ ଦେଓ, ଭବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ପାଟଣେଶ୍ୱରୀ, ଦ୍ୱାରସେନୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚୂଡାନ୍ତ

ଦେଓଗାଁ,୨୬।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧରେ ନବନିର୍ମିତ ପାଟଣେଶ୍ୱରୀ ଓ ଦ୍ୱାରସେନୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ପାଟଣେଶ୍ୱରୀ ମନ୍ଦିର ନିର୍ମାଣ କମିଟି ତଥା ଗ୍ରାମବାସୀଙ୍କ ଆୟୋଜନରେ ୩ଦିନଧରି ଅନୁଷ୍ଠିତ ଉତ୍ସବର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ସୋମବାର ଅଧିବାସ ସମ୍ପନ୍ନ ପରେ ମଙ୍ଗଳବାର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଓ ରାମାୟଣ ପାରାୟଣ ଅନୁଷ୍ଠିତ ହେବ। ବୁଧବାର ଦେବୀଙ୍କ ସ୍ନାନ ଉତ୍ସବ, ଗୁରୁବାର ମନ୍ଦିରର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଯଜ୍ଞକର୍ତ୍ତାଭାବେ ଓଁକାର ଚିନ୍ଦା ଓ ସବିତା ଚିନ୍ଦା, ପାରାୟଣ କର୍ତ୍ତାଭାବେ ବୁଲୁ ଚିନ୍ଦା ଓ ଶୁଭଶ୍ରୀ ଚିନ୍ଦା, ଚଣ୍ଡୀପାଠ କର୍ତ୍ତା ଭାବେ ଭବାନୀ ବଗର୍ତ୍ତି ଓ ସସ୍ମିତା ବଗର୍ତ୍ତି ଦାୟିତ୍ୱରେ ରହଛନ୍ତି। ପୂଜକ ସୁଦର୍ଶନ କର ଓ ପାରାୟଣ ଗାୟକ ଭାବେ ଶାନ୍ତନୁ କୁମାର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିବେ । ବରଗଡ ସେହେଲାର ଶ୍ରୀଗଣେଷ ଅପେରା ଓ ହରିଶଙ୍କରର ମୀନାବଜାର ଆକର୍ଷଣ ହେବ ବୋଲି ଆୟୋଜକ କମିଟି ତରଫରୁ ପ୍ରକାଶ ।

### ଜାଲ ନୋଟ୍ କାରବାର, ଜଣେ ଅଟକ

ଖପ୍ରାଖୋଲ,୨୬।୨ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଜାଲ ନୋଟ କାରବାରକୁ ନେଇ ରବିବାର ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖିଛି। ଜଣେ ବ୍ୟକ୍ତି ଏକ ଦୋକାନକୁ କିଣିବାକୁ ଯାଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ତାଙ୍କ ଠାରୁ କିଛି ଜାଲ ନୋଟ ଜବତ ହୋଇଥିବା ଜଣାପଡିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଏନେଇ ଖପ୍ରାଖୋଲ ଥାନା ପୋଲିସ କୌଣସି ତଥ୍ୟ ଦେବାକୁ ମନା କରି ଦେଇଛି।

# ଗଣତନ୍ତ୍ରବାଦୀ ପ୍ରତିକ୍ରିୟାଶୀଳ ହୋଇଥାଏ

**ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୭ତମ ଜୟନ୍ତୀ ସମାରୋହ**

ବଲାଙ୍ଗୀର ଅଫିସ, ୨୬।୨

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ରବିବାର ବିପ୍ଳବୀ କବି, ସର୍ବହରାର ଆଜୀବନ ପକ୍ଷଧର ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୭ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। କବି ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ର ସ୍ୱର୍ଗତ ପାଣ୍ଡିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥି ତାଙ୍କ ବକ୍ତବ୍ୟରେ ଛୁରିଆ ସ୍ୱର୍ଗତ ପାଣ୍ଡିଆ ଜଣେ ଆଦର୍ଶ ଶିକ୍ଷକ, ସଫଳ ଜୀବନବୀମା ଅଭିକର୍ତ୍ତା, ଜ୍ୟୋତିଷ ବିଶାରଦ, ପାଟଣାଗଡ ଗ୍ରାମପଞ୍ଚାୟତର ପ୍ରଥମ ସରପଞ୍ଚ, ଏନ୍‌ଏସିର ପ୍ରଥମ ଚେୟାରମ୍ୟାନ୍, ଜଣେ ନିର୍ଭୀକ ସାମ୍ବାଦିକ ଏବଂ ସମ୍ପାଦକଭାବେ କିଭଳି ଜନମାନସରେ ଛାପ ଛାଡି ଯାଇଛନ୍ତି କହିଥିଲେ। ଜରିବେଟୁ, ସର୍ବହରା ଏବଂ ସମାଜର ସବାତଳ ବର୍ଗ ମଣିଷ ଶୁକୁରୁ ଡୁଗୁରୁଙ୍କ ନ୍ୟାୟ ଏବଂ



ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୭ତମ ଜୟନ୍ତୀରେ ମଞ୍ଚାସୀନ ଅତିଥି।

ଅଧିକାରର ଲଢ଼େଇକୁ ନେଇ ତାଙ୍କ ସଂଘର୍ଷ ବିଷୟରେ କହିଥିଲେ। ଜଣେ ଗଣତନ୍ତ୍ରବାଦୀ ଭାବେ ସେ ପ୍ରତିକ୍ରିୟାଶୀଳ ହୋଇଉଠୁଥିଲେ ଏବଂ କୌଣସି କଥାରେ ସାଲିସ କରୁ ନ ଥିଲେ ବୋଲି କହିଥିଲେ।

ଅନ୍ୟତମ ଅତିଥି ଡ. ମିଶ୍ର ସ୍ୱର୍ଗତ ପାଣ୍ଡିଆଙ୍କ ଧ୍ୱନିମୟ କାବ୍ୟିକ ଆବେଦନରେ ସର୍ବହରାର ଶୋଷଣ ଓ କଷଣ କଥା ରହିଥିଲା। ରୁଦ୍ରଆହ୍ୱାନ କବିତା ଏକ ଆନ୍ଦୋଳନର ରୂପ ନେଇଥିଲା ବୋଲି କହିଥିଲେ। ଏହି ଅବସରରେ ସ୍ୱର୍ଗତ ପାଣ୍ଡିଆଙ୍କ ସୁପୁତ୍ର ଶିକ୍ଷାବିତ୍ ସୁଶୀଳ କୁମାର ପାଣ୍ଡିଆ ଓ ବୁଦ୍ଧିଜୀବୀ ଆହ୍ଲାଦ ପୂଜାରୀ ସ୍ୱର୍ଗତ ପାଣ୍ଡିଆଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସଭାପତୀୟ ବକ୍ତବ୍ୟରେ ଅଧ୍ୟାପକ କୁଅଁର ସ୍ୱର୍ଗତ ପାଣ୍ଡିଆଙ୍କ ସାମ୍ବାଦିକତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ କହିଥିଲେ। ସଭା ପ୍ରାରମ୍ଭରେ ବରଗଡରୁ ଆସିଥିବା ବିପ୍ଳବୀ କଣ୍ଠଶିଳ୍ପୀ ସୁଜିତ କୁମାର ପାଣିଗ୍ରାହୀ ବିପ୍ଳବୀ ସଙ୍ଗୀତ ପରିବେଷଣ କରିଥିଲେ। ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ଅତିଥି ପରିଚୟ ଏବଂ ସଭା ଆଭିମୁଖ୍ୟ ଉପରେ କହିଥିଲେ। ସଭାରେ ଅବସରପ୍ରାପ୍ତ ଅଧକ୍ଷ ଡ. ଶିବପ୍ରସାଦ ନନ୍ଦ, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପ୍ରଭାକର ମିଶ୍ର, ପୂର୍ବତନ ଶିକ୍ଷକ ମୋହନ ଝାଙ୍କର, ସମାଜକର୍ମୀ ବିଷ୍ଣୁ ପ୍ରସାଦ କେଡିଆ, ବରିଷ୍ଠ ସାମ୍ବାଦିକ ସୁବାସ ପଣ୍ଡା, ସାହିତ୍ୟିକ ଭବାନୀ ଶଙ୍କର ପଟେଲ, ଜଗବନ୍ଧୁ ଖମାରୀ ଶର୍ମା, ସଙ୍ଗଠକ ସୁରୁଲାଲ ମଟାରୀ, ପ୍ରେସକ୍ଲବ୍ ସଭାପତି ଅରୁଣ ମିଶ୍ର, ଆଡଭୋକେଟ ଶୁଭ୍ରାଂଶୁ ଶେଖର ପଣ୍ଡା, ଡ ପ୍ରେମଚାନ୍ଦ ମହାନ୍ତି, ଉଦିତ୍ ଚନ୍ଦ୍ର ପଣ୍ଡା, କୁନୁ ପଣ୍ଡା, ସରିତା ଆଚାର୍ଯ୍ୟ, ବନମାଳୀ ପୋଢ଼ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ରଣା, ଯୁଜେଷ୍ଟି ମେହେର, ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁ, ଲୋୟର ସୁକ୍‌ତେଲ ଆନ୍ଦୋଳନର ସତ୍ୟ ବନ୍‌ଛୋର, ଉପେନ୍ଦ୍ର ସାହୁ, ଶିଶୁ ସାହିତ୍ୟିକ ପ୍ରଶାନ୍ତ ଯୋଷୀ, ସଞ୍ଜୟ ଭୋଇ, ସତ୍ୟ ମିଶ୍ର, ପ୍ରଶାନ୍ତ ମହାକୁର, ପ୍ରଭାତ ରଞ୍ଜନ ପାଣ୍ଡିଆ, ବୁଦ୍ଧି ସାଗର ଯୋଷୀ, ମୋହନ ରଞ୍ଜନ ପାଣ୍ଡିଆ, ଟିଂକଲ ପଟେଲ, ଚନ୍ଦ୍ରଭାନୁ ମୋଲାଣା, ଅର୍ଜୁନ ସାହୁ ଓ ପାଣ୍ଡିଆ ପରିବାର ସଦସ୍ୟ ଜୟନ୍ତୀ ସମାରୋହରେ ଉପସ୍ଥିତ ଥିଲେ।

# ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କରୁଆଁମୁଣ୍ଡା ଗାଁ ନିକଟ ବିର୍ଣ୍ଣା-ଡାଙ୍ଗବାହାଲି ପତ୍ରା ଜଙ୍ଗଲରୁ ରବିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତଦେହ ନିକଟରେ ଏକ ଟିଭିଏସ ଆପାଚି ବାଇକ(ଓଡି୧୭ୟୁ୬୧୪୩)ରହିଥିବା ଦେଖାଯାଇଛି। ମୃତଦେହ ଏକ ଚାକୁଣ୍ଡା ଗଛରେ ଝୁଲୁଥିଲେ ମଧ ଯୁବକଙ୍କ ପାଦ ମାଟିରେ ଲାଗି ରହିଥିବା ଦେଖାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତବ୍ୟକ୍ତି ଜଣକ କିଏ ଏବଂ କିଭଳି ପରିସ୍ଥିତିରେ ଏଠାକୁ ଆସିଲେ ତାହା ସ୍ପଷ୍ଟ ହୋଇନାହିଁ। ସକାଳେ ଜଙ୍ଗଲକୁ ବିର୍ଣ୍ଣା ଗାଁର କେତେକ ଲୋକ ଯାଇଥିବାବେଳେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ ।

# ଅବହେଳିତଙ୍କ ପାଇଁ ନିଷ୍ଠାପର କାମ କର



ପ୍ରତିଜ୍ଞା ସମାଜସେବା ସଂଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ପ୍ରତିଜ୍ଞା ସମାଜସେବା ସଂଗଠନର ବାର୍ଷିକ ଉତ୍ସବ**

ଲୋଇସିଂହା,୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମ ପରିସରରେ ପ୍ରତିଜ୍ଞା ସମାଜସେବା ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ସଂଗଠନ ସଭାପତି ବନୀତା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁଶାନ୍ତ ନାଗ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ମୁଖ୍ୟ ଅତିଥି, ସରପଞ୍ଚ ସୁଦୀପ କୁମାର ସା, ନବକିଶୋର ନାଏକ, ଯାଜ୍ଞସିନୀ କୁମାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମାଜର ଅବହେଳିତ ଲୋକଙ୍କ ପାଇଁ ନିଷ୍ଠାପର କାମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ମୁଖ୍ୟ ଅତିଥି ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମାଜରେ ଘଟୁଥିବା ଅନ୍ୟାୟ, ଅନୀତି, ଦୁର୍ନୀତି, ଅତ୍ୟାଚାର ବିରୋଧରେ ମହିଳାମାନେ ଏକାଠି ହୁଅନ୍ତୁ। ସମାଜର ତଳସ୍ତର ଲୋକଙ୍କୁ ନ୍ୟାୟ ଦେବା ପାଇଁ ମୂଳଲକ୍ଷ୍ୟ ରହୁ ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଲୋଇସିଂହାର ଅମିତ ମେହେର, ସାଧାରଣତନ୍ତ୍ର ଦିବସରେ ଦିଲୀ ପରେଡରେ ଅଂଶଗ୍ରହଣ କରିଥିବା ଲୋଇସିଂହା କଲେଜର ଏନସିସି ଛାତ୍ର ରତନ ମେହେର, ସମାଜ ସେବା ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା। ଏହିଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମୁଖ୍ୟ ଆକର୍ଷଣ ରାବଣ ଦରବାର**

ଖପ୍ରାଖୋଲ,୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ଗାଁରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ଏହି ଅବସରରେ ହୋମଯଜ୍ଞ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ହୋଇଛି । ଶୁକ୍ରବାର ମହିଳାମାନେ ଗାଁ ପୋଖରୀରୁ କଳସରେ ପାଣି ଆଣି ପୂଜାମଣ୍ଡପରେ ସ୍ଥାପନ ପରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ୨୪ ପ୍ରହାର ନାମଯଜ୍ଞ, ରାମାୟଣ ପରାୟଣ ଏବଂ ରାବଣ ଦରବାର ଅନଷ୍ଠିତ ହେଉଛି। ସେହିପରି ଅପେରା, ଦଣ୍ଡନୃତ୍ୟ, ସଂଚାର ଓ ମୀନା ବଜାର ଭଳି ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଉତ୍ସବ ଆଗାମୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପଣ୍ଡିତ ସୁରେନ୍ଦ୍ର ତ୍ରିପାଠୀ ରାମାୟଣ ପରାୟଣ କରୁଛନ୍ତି। ରାବଣ ଦରବାରରେ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ଭୁବନେଶ୍ୱର ପଧାନ ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ମନ୍ଦିର ପ୍ରତିଷ୍ଠା ଉତ୍ସବ ମୁଖ୍ୟକର୍ତ୍ତା ଗୌନ୍ତିଆ ରମାକାନ୍ତ ବରିହା ସସ୍ତ୍ରୀକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି ପଣ୍ଡିତ ବଳରାମ ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠା କମିଟି ସଭାପତି ଗୋପବନ୍ଧୁ ସାହୁ, ସମ୍ପାଦକ ରାଜକିଶୋର ମେହେର, କୋଷାଧକ୍ଷ ମିନିକେତନ ସାହୁ, ସରପଞ୍ଚ ଦେବାଶିଷ ସାହୁ, ସମିତି ସଭ୍ୟ କୀର୍ତ୍ତି ନାରାୟଣ ରାଏ, ସତ୍ୟରାମ ସାହୁ, ଦିଲୀପ ମେହେର, ରବି ସାହୁ, ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ଲାଞ୍ଜିଗଡ,୨୬।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ଥିବ ତାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ସଞ୍ଜୁ ମାଝୀ, ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟାପକ କାଶୀ ବିଶ୍ୱନାଥ ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ମନୁଷ୍ୟର ସର୍ବୋତ୍ତମ ଉନ୍ନତି ମାର୍ଗ


ଉତ୍ସବରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର।

**ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ଟିଟିଲାଗଡ଼, ୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଦ୍ୱିଦିବସୀୟ ବାର୍ଷିକ ଉତ୍ସବ ରବିବାର ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ମେଜର ଡ. ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ। କଲେଜର ବିବିଧ ସମସ୍ୟା ଦୂର କରି ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ଯାହା ଅବଶ୍ୟକ ତାହା କରାଯିବ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ତାଙ୍କ ବକ୍ତବ୍ୟରେ ଶିକ୍ଷା ହିଁ ମନୁଷ୍ୟର ସର୍ବୋତ୍ତମ ଉନ୍ନତି ମାର୍ଗ ବୋଲି କହିଥିଲେ। ତେଣୁ ଛାତ୍ରୀଛାତ୍ରମାନେ ସଂସ୍କାରିତ ହେବା ସହ ଦେଶ ପାଇଁ ଉତ୍ସର୍ଗୀକୃତ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ଉପଜିଲାପାଳ ଦୟାମୟ ପାଢୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସହାୟକ ଜିଲାପାଳ ଡ. ଲଳିତ ବାଗ, କଲେଜର ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶି, ଯୁକ୍ତ ୨ କଲେଜ ଅଧକ୍ଷ ପ୍ରଣବ କିଶୋର ପୁରୋହିତ, ବ୍ଲକ ଅଧକ୍ଷା ସଂଯୁକ୍ତା ନାୟକ ମଞ୍ଚାସୀନ ଥିଲେ। ସଭାରେ ବିଶିଷ୍ଟ ଶିକ୍ଷାବିତ ରାଜିବ ଲୋଚନ ପାଢୀ, ଚିନ୍ତାମଣି ମହାପାତ୍ର, ଘିନୁ ଆଡୟୁଆଡ, ହେମେନ୍ଦ୍ର ହଂସଦା, ଭିକାରି ଚରଣ ମିଶ୍ର, ନିଳମଣୀ ସାହୁ, ବନମାଲି ବେହେରା, ଜିଲା ସରପଞ୍ଚ ସଂଘ ସଭାପତି ବିରବର ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଗୀତା ବିଶି, ବ୍ଲକ ସରପଞ୍ଚ ସଂଘ ସମ୍ପାଦକ ନରେଶ ଅଗ୍ରୱାଲ, ପୌର ଉପାଧକ୍ଷା ପୁଷ୍ପାମଞ୍ଜରି ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ: ମୁନିଗୁଡ଼ାକୁ ହରାଇ ଜୟପାଟଣା ଚାମ୍ପିୟନ

ଲାଞ୍ଜିଗଡ଼,୨୬।୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଦୁର୍ଗାମଣ୍ଡପ ପଡ଼ିଆରେ ବିଶ୍ୱନାଥପୁର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୪ ଦଳ ଭାଗ ନେଇଥିଲେ। ଜୟପାଟଣା ଓ ମୁନିଗୁଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁନିଗୁଡ଼ା ଟିମ୍‌କୁ ଜୟପାଟଣା ଟିମ୍ ୨୧-୧୯ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ପ୍ରଦୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ମନୋଜ ପାଣିଗ୍ରାହୀ, କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସମ୍ପାଦକ ସନ୍ଦୀପ ମିଶ୍ର, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆ, ବିଜେଡି ନେତା ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, ନର୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରବୀନ୍ଦ୍ର କୁମାର ସାହୁ, କୋଷାଧକ୍ଷ ଦେବଦତ୍ତ ମିଶ୍ର, ଧର୍ମଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷୀରେଶ୍ୱର ପ୍ରଧାନ, ସୁଶୀଲ କୁମାର ବାଗ, ବଣିକ ସଂଘ ସଭାପତି ପ୍ରମୋଦ ଗୋୟଲ, ଉପେନ୍ଦ୍ର ସାହୁ, ହିମାଂଶୁ ନାଏକ ପ୍ରମୁଖ ଯୋଗଦେଇଥିଲେ। ରେଫରି ଭାବେ ରବୀନ୍ଦ୍ର କୁମାର ସାହୁ, କିଶୋର କୁମାର ଘଡ଼େଇଙ୍କ ସମେତ ସ୍କୋରର ଭାବେ ପିଣ୍ଟୁ ବିଶି, ଆଶିଷ ଶତପଥୀ, ସୁକେଶ ସାହୁ ଖେଳ ପରିଚାଳନା କରିଥିଲେ । ବିଶ୍ୱନାଥପୁର ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସଭାପତି ଗଣେଶ ବେହେରା, ଉପସଭାପତି ଆଲୋକ ଦେହୁରୀ, ରଞ୍ଜନ ସାମଲ, ସାଧାରଣ ସମ୍ପାଦକ ଧବଳେଶ୍ୱର ଠେଲା, ସହସମ୍ପାଦକ ସୁଜିତ ପାତ୍ର, କୋଷାଧକ୍ଷ ପ୍ରଣବ ପୃଷ୍ଟି, ସହକୋଷାଧକ୍ଷ ରିଙ୍କୁ ପ୍ରଧାନୀ, ସଦସ୍ୟ ସନ୍ତୋଷ ପାତ୍ର, ସଞ୍ଜୀବ ସାହୁ, ଅଞ୍ଜିବ ସାହୁ, ବିଶ୍ୱଜିତ୍ ମହାପାତ୍ର, ଧୀରଜ ଦାସ, କାଳିଆ, ପ୍ରିନ୍ସ, ନରେନ୍ଦ୍ର ବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ୨୮ରେ ଜିଲାପାଳ ଅଫିସ ଘେରିବ ଆମ୍ ଆଦ୍‌ମୀ ପାର୍ଟି

ବଲାଙ୍ଗୀର ଅଫିସ, ୨୬।୨

ଆମ ଆଦମୀ ପାର୍ଟି ବଲାଙ୍ଗୀର ଜିଲା କମିଟି ପକ୍ଷରୁ ଆସନ୍ତା ୨୮ ତାରିଖରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ରବିବାର ସ୍ଥାନୀୟ ଯାଦବ ଭବନଠାରେ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବର୍ଗ ଏହି ସୂଚନା ଦେଇଛନ୍ତି। ମିଶନ ଶକ୍ତି ଅଧିନରେ କାମ କରୁଥିବା ଷ୍ଟାଫ ଯଥା ଏମ୍‌ବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲ୍‌ଏସ୍‌ପିମାନଙ୍କ ଚାକିରିକୁ ସ୍ଥାୟୀ କରିବା ଏବଂ ଦରମା ବୃଦ୍ଧି କରିବା ପାଇଁ ଏହି ଆନ୍ଦୋଳନ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଦୀର୍ଘଦିନରୁ କାମ କରୁଥିବା ଏହି ସହାୟକ ଷ୍ଟାଫ ମାନଙ୍କ ଯୁକ୍ତିଯୁକ୍ତ ଦାବିକୁ ଅଣଦେଖା କରାଯାଉଥିବା ଅଭିଯୋଗ କରାଯାଇଛି। ମିଶନ ଶକ୍ତିକୁ ନିଜ ସରକାରର ସବୁଠାରୁ ସଫଳ କାର୍ଯ୍ୟକ୍ରମ ଭାବରେ ପ୍ରଚାର କରୁଥିବାବେଳେ ନବୀନ ସରକାର ଏଥିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ କିଭଳି ପଦକ୍ଷେପ ନେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି। ତୁରନ୍ତ ମିଶନ ଶକ୍ତି ସହାୟକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଏବଂ ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ରବିବାର ଆମ ଆଦମୀ ପାର୍ଟି ପକ୍ଷରୁ ଦାବି କରାଯାଇଛି । ଏହାର ପ୍ରତିବାଦରେ ଆଗାମୀ ୨୮ ତାରିଖରେ ମିଶନ ଶକ୍ତିର ସହାୟକ କର୍ମଚାରୀମାନଙ୍କୁ ନ୍ୟାୟ ଦେବା ପାଇଁ ଦଳ ପକ୍ଷରୁ ଧାରଣ ଓ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବ ବୋଲି ପାର୍ଟିର ଜିଲା ଆବାହାକ ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ରମାକାନ୍ତ ବେହେରା, ଜୟପ୍ରକାଶ ମିଶ୍ର, ପ୍ରହ୍ଲାଦ ବାଗ, ଅମନ ମହାପାତ୍ର, ଚୈତନ୍ୟ ମଟାରୀ, ସମାରୁ ଭୋଇ, ସରୋଜ ସାମଲ, ହେମନ୍ତ ଜାଲ, ଚୈରନ ପ୍ରଧାନୀ ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆମ୍ ଆଦ୍‌ମୀ ପାର୍ଟି ନେତୃବର୍ଗ।

# ପ୍ରକଳ୍ପ ହେଲା, ଜଳଯୋଗାଣ ହେଉନି

**ଗ୍ରୀଷ୍ମ ପୂର୍ବରୁ ଜଳଯୋଗାଣ ଦାବିକଲେ ଗ୍ରାମବାସୀ**

ଲାଠୋର, ୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ପାଲିପଡ଼ାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଏକ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି। ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ ପରେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ପାଇପ ସଂଯୋଗ କରାଯାଇଛି। ପରୀକ୍ଷାମୂଳକଭାବେ ଗୋଟିଏ ଦିନ ଜଳଯୋଗାଣ କରାଯାଇଥିଲା। ଏଡାପରଠାରୁ ଜଳଯେଗାଣ ସ୍ୱାଭାବିକ ହୋଇନାହିଁ। ଇତିମଧ୍ୟରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ଜଳ ଯୋଗାଣ କରାଯାଉନାହିଁ। ପଡ଼ାବାସୀ ଜଳ ଯୋଗାଣ ପାଇଁ ଦାବି କରି ଆସୁଥିଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଫଳରେ ପଡ଼ାବାସୀ ଅନ୍ୟନୋପାୟ ହୋଇ ନଳକୂପ ଉପରେ ଭରଷା କରି ଚଳୁଥିବା ପଡ଼ାର ବିଦେଶି ଛତ୍ରିଆ, ଦୁଆନ ମଲ୍ଲିକ, ଲିଙ୍ଗରାଜ ବର୍ଗେ, ହେମସାଗର ଧରୁଆ, ରତନ କେତକୀ ଓ ମହେଶ୍ୱର ବର୍ଗେ ଅଭିଯୋଗ କରିଛନ୍ତି। ପାଲିପଡ଼ାରେ ୪୦ପରିବାରର ୨ଶହରୁ ଉର୍ଦ୍ଧ୍ୱ ଅଧିବାସୀ ବାସ କରୁଛନ୍ତି। ପଡ଼ାରେ ୩ ଗୋଟି ନଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏରୁ କମ୍ ପାଣି ବାହାରୁଛି। ଅନ୍ୟ ୨ଟି ନଳକୂପର ପାଣି ଆବଶ୍ୟକତାକୁ ମେଣ୍ଟାଉ ନାହିଁ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ପଡ଼ାବାସୀ ନିରନ୍ତର ଜଳଯୋଗାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ ଘଟଣା ବିଷୟରେ ବୁଝି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।



ସାନଗୁର୍ଜିଭଟା ପାଲିପଡ଼ାରେ ଥିବା ପମ୍ପଘର।

## ସୁନାଆଡକି ଜଙ୍ଗଲ ନିଆଁକୁ ଆୟତ୍ତ କଲା ବନବିଭାଗ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ସୁନାଆଡକି ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିଛି ବନବିଭାଗ। ରେଞ୍ଜର ଆଲୋକ କୁମାର ମାଝିଙ୍କ ନିର୍ଦ୍ଦେଶକ୍ରମେ ଫାୟାର ସ୍ୱାର୍ଡ ଓ ପାରାଷ୍ଟାଫ ଦୀର୍ଘ ଦୁଇଘଣ୍ଟା ଧରି ନିଆଁ ଲିଭାଇବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ରବିବାର ସନ୍ଧ୍ୟାରେ ଦେଓଗାଁ-ଗାଇବାହାଲ ରାସ୍ତାର ସୁନାଆଡକି ପ୍ରୋଜେକ୍ଟ ଉପରେ ଥିବା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯାଇଥିବା ଜଣା ପଡିଥିଲା।



## ସଂକ୍ଷେପରେ

### ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ କଳାହାଣ୍ଡି ଗସ୍ତ

**ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦାନ**

ଭବାନୀପାଟଣା,୨୬।୨(ସ୍ୱ.ପ୍ର.): ରବିବାର ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଦିନିକିଆ କଳାହାଣ୍ଡି ଜିଲା ଗସ୍ତରେ ଆସିଥିଲେ । ଏହି ଅବସରରେ ସେ ଭବାନୀପାଟଣା ସହରର ଟାଉନ ହଲକୁ ଆସି ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ତାଙ୍କୁ ଦଳୀୟ ନେତା ଓ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମ ଐତିହାସିକ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସିଧାସଳଖ ଲୋକଙ୍କ ସହ ବାର୍ତ୍ତାଳାପ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭରଶୀଳ ଭାରତର ଏହା ଏକ ନିଛକ ନିଦର୍ଶନ ବୋଲି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଣ୍ଡା କହିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ସମେତ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଭାରତ ଦେଓ, ଭବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ପାଟଣେଶ୍ୱରୀ, ଦ୍ୱାରସେନୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚୂଡାନ୍ତ

ଦେଓଗାଁ,୨୬।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧରେ ନବନିର୍ମିତ ପାଟଣେଶ୍ୱରୀ ଓ ଦ୍ୱାରସେନୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ପାଟଣେଶ୍ୱରୀ ମନ୍ଦିର ନିର୍ମାଣ କମିଟି ତଥା ଗ୍ରାମବାସୀଙ୍କ ଆୟୋଜନରେ ୩ଦିନଧରି ଅନୁଷ୍ଠିତ ଉତ୍ସବର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ସୋମବାର ଅଧିବାସ ସମ୍ପନ୍ନ ପରେ ମଙ୍ଗଳବାର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଓ ରାମାୟଣ ପାରାୟଣ ଅନୁଷ୍ଠିତ ହେବ। ବୁଧବାର ଦେବୀଙ୍କ ସ୍ନାନ ଉତ୍ସବ, ଗୁରୁବାର ମନ୍ଦିରର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଯଜ୍ଞକର୍ତ୍ତାଭାବେ ଓଁକାର ଚିନ୍ଦା ଓ ସବିତା ଚିନ୍ଦା, ପାରାୟଣ କର୍ତ୍ତାଭାବେ ବୁଲୁ ଚିନ୍ଦା ଓ ଶୁଭଶ୍ରୀ ଚିନ୍ଦା, ଚଣ୍ଡୀପାଠ କର୍ତ୍ତା ଭାବେ ଭବାନୀ ବଗର୍ତ୍ତି ଓ ସସ୍ମିତା ବଗର୍ତ୍ତି ଦାୟିତ୍ୱରେ ରହଛନ୍ତି। ପୂଜକ ସୁଦର୍ଶନ କର ଓ ପାରାୟଣ ଗାୟକ ଭାବେ ଶାନ୍ତନୁ କୁମାର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିବେ। ବରଗଡ ସେହେଲାର ଶ୍ରୀଗଣେଷ ଅପେରା ଓ ହରିଶଙ୍କରର ମୀନାବଜାର ଆକର୍ଷଣ ହେବ ବୋଲି ଆୟୋଜକ କମିଟି ତରଫରୁ ପ୍ରକାଶ ।

### ଜାଲ ନୋଟ୍ କାରବାର, ଜଣେ ଅଟକ

ଖପ୍ରାଖୋଲ,୨୬।୨ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଜାଲ ନୋଟ କାରବାରକୁ ନେଇ ରବିବାର ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖିଛି। ଜଣେ ବ୍ୟକ୍ତି ଏକ ଦୋକାନକୁ କିଣିବାକୁ ଯାଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ତାଙ୍କ ଠାରୁ କିଛି ଜାଲ ନୋଟ ଜବତ ହୋଇଥିବା ଜଣାପଡିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଏନେଇ ଖପ୍ରାଖୋଲ ଥାନା ପୋଲିସ କୌଣସି ତଥ୍ୟ ଦେବାକୁ ମନା କରି ଦେଇଛି।

### ରେଶମ ପ୍ରକଳ୍ପ ବିଦ୍ୟାଳୟର ବାର୍ଷିକୋତ୍ସବ

ଭେଡେନ,୨୬।୨(ଡି.ଏନ.ଏ.): ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ରେଶମ ପ୍ରକଳ୍ପ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ସଞ୍ଜୁକ୍ତା ବେହେରା, ସମିତିସଭ୍ୟା ବାସନ୍ତୀ ତରିଆ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ପଧାନ ମୁଖ୍ୟବକ୍ତା ଏବଂ ବିବେକା ନାଏକ, ବିଦ୍ୟାଧର ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରୋହିତ ନାଏକ ବାର୍ଷିକ ବିବରଣୀ ପଠନ, ଶିକ୍ଷକ ବିନୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଭେଡ଼େନ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବିକା ଅଭିଭାବକମାନେ ସହଯୋଗ କରିଥିଲେ।

# ଗଣତନ୍ତ୍ରବାଦୀ ପ୍ରତିକ୍ରିୟାଶୀଳ ହୋଇଥାଏ

**ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୭ତମ ଜୟନ୍ତୀ ସମାରୋହ**

ବଲାଙ୍ଗୀର ଅଫିସ, ୨୬।୨

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ରବିବାର ବିପ୍ଳବୀ କବି, ସର୍ବହରାର ଆଜୀବନ ପକ୍ଷଧର ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୭ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। କବି ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ର ସ୍ୱର୍ଗତ ପାଣ୍ଡିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥି ତାଙ୍କ ବକ୍ତବ୍ୟରେ ଛୁରିଆ ସ୍ୱର୍ଗତ ପାଣ୍ଡିଆ ଜଣେ ଆଦର୍ଶ ଶିକ୍ଷକ, ସଫଳ ଜୀବନବୀମା ଅଭିକର୍ତ୍ତା, ଜ୍ୟୋତିଷ ବିଶାରଦ, ପାଟଣାଗଡ ଗ୍ରାମପଞ୍ଚାୟତର ପ୍ରଥମ ସରପଞ୍ଚ, ଏନ୍‌ଏସିର ପ୍ରଥମ ଚେୟାରମ୍ୟାନ୍, ଜଣେ ନିର୍ଭୀକ ସାମ୍ବାଦିକ ଏବଂ ସମ୍ପାଦକଭାବେ କିଭଳି ଜନମାନସରେ ଛାପ ଛାଡି ଯାଇଛନ୍ତି କହିଥିଲେ। ଜରିବେଟ୍ଟୁ, ସର୍ବହରା ଏବଂ ସମାଜର ସବାତଳ ବର୍ଗ ମଣିଷ ଶୁକୁରୁ ଢୁଗୁରୁଙ୍କ ନ୍ୟାୟ ଏବଂ




ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୭ତମ ଜୟନ୍ତୀରେ ମଞ୍ଚାସୀନ ଅତିଥି।

ଅଧିକାରର ଲଢ଼େଇକୁ ନେଇ ତାଙ୍କ ସଂଘର୍ଷ ବିଷୟରେ କହିଥିଲେ। ଜଣେ ଗଣତନ୍ତ୍ରବାଦୀ ଭାବେ ସେ ପ୍ରତିକ୍ରିୟାଶୀଳ ହୋଇଉଠୁଥିଲେ ଏବଂ କୌଣସି କଥାରେ ସାଲିସ କରୁ ନ ଥିଲେ ବୋଲି କହିଥିଲେ।

ଅନ୍ୟତମ ଅତିଥି ଡ. ମିଶ୍ର ସ୍ୱର୍ଗତ ପାଣ୍ଡିଆଙ୍କ ଧ୍ୱନିମୟ କାବ୍ୟିକ ଆବେଦନରେ ସର୍ବହରାର ଶୋଷଣ ଓ କଷଣ କଥା ରହିଥିଲା। ରୁଦ୍ରଆହ୍ୱାନ କବିତା ଏକ ଆନ୍ଦୋଳନର ରୂପ ନେଇଥିଲା ବୋଲି କହିଥିଲେ। ଏହି ଅବସରରେ ସ୍ୱର୍ଗତ ପାଣ୍ଡିଆଙ୍କ ସୁପୁତ୍ର ଶିକ୍ଷାବିତ୍ ସୁଶୀଳ କୁମାର ପାଣ୍ଡିଆ ଓ ବୁଦ୍ଧିଜୀବୀ ଆହ୍ଲାଦ ପୂଜାରୀ ସ୍ୱର୍ଗତ ପାଣ୍ଡିଆଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସଭାପତୀୟ ବକ୍ତବ୍ୟରେ ଅଧ୍ୟାପକ କୁଅଁର ସ୍ୱର୍ଗତ ପାଣ୍ଡିଆଙ୍କ ସାମ୍ବାଦିକତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ କହିଥିଲେ। ସଭା ପ୍ରାରମ୍ଭରେ ବରଗଡରୁ ଆସିଥିବା ବିପ୍ଳବୀ କଣ୍ଠଶିଳ୍ପୀ ସୁଜିତ କୁମାର ପାଣିଗ୍ରାହୀ ବିପ୍ଳବୀ ସଙ୍ଗୀତ ପରିବେଷଣ କରିଥିଲେ। ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ଅତିଥି ପରିଚୟ ଏବଂ ସଭା ଆଭିମୁଖ୍ୟ ଉପରେ କହିଥିଲେ। ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବପ୍ରସାଦ ନନ୍ଦ, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପ୍ରଭାକର ମିଶ୍ର, ପୂର୍ବତନ ଶିକ୍ଷକ ମୋହନ ଝାଙ୍କର, ସମାଜକର୍ମୀ ବିଷ୍ଣୁ ପ୍ରସାଦ କେଡିଆ, ବରିଷ୍ଠ ସାମ୍ବାଦିକ ସୁବାସ ପଣ୍ଡା, ସାହିତ୍ୟିକ ଭବାନୀ ଶଙ୍କର ପଟେଲ, ଜଗବନ୍ଧୁ ଖମାରୀ ଶର୍ମା, ସଙ୍ଗଠକ ସୁରୁଲାଲ ମଟାରୀ, ପ୍ରେସକ୍ଲବ୍ ସଭାପତି ଅରୁଣ ମିଶ୍ର, ଆଡଭୋକେଟ ଶୁଭ୍ରାଂଶୁ ଶେଖର ପଣ୍ଡା, ଡ ପ୍ରେମଚାନ୍ଦ ମହାନ୍ତି, ଉଦିତ୍ ଚନ୍ଦ୍ର ପଣ୍ଡା, କୁନୁ ପଣ୍ଡା, ସରିତା ଆଚାର୍ଯ୍ୟ, ବନମାଳୀ ପୋଢ଼ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ରଣା, ଯୁଜେଷ୍ଟି ମେହେର, ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁ, ଲୋୟର ସୁକ୍‌ତେଲ ଆନ୍ଦୋଳନର ସତ୍ୟ ବନ୍‌ଛୋର, ଉପେନ୍ଦ୍ର ସାହୁ, ଶିଶୁ ସାହିତ୍ୟିକ ପ୍ରଶାନ୍ତ ଯୋଷୀ, ସଞ୍ଜୟ ଭୋଇ, ସତ୍ୟ ମିଶ୍ର, ପ୍ରଶାନ୍ତ ମହାକୁର, ପ୍ରଭାତ ରଞ୍ଜନ ପାଣ୍ଡିଆ, ବୁଦ୍ଧି ସାଗର ଯୋଷୀ, ମୋହନ ରଞ୍ଜନ ପାଣ୍ଡିଆ, ଟିଙ୍କଲ ପଟେଲ, ଚନ୍ଦ୍ରଭାନୁ ମୋଲାଣା, ଅର୍ଜୁନ ସାହୁ ଓ ପାଣ୍ଡିଆ ପରିବାର ସଦସ୍ୟ ଜୟନ୍ତୀ ସମାରୋହରେ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କରୁଆଁମୁଣ୍ଡା ଗାଁ ନିକଟ ବିର୍ଣ୍ଣା-ଡାଙ୍ଗବାହାଲି ପତ୍ରା ଜଙ୍ଗଲରୁ ରବିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତଦେହ ନିକଟରେ ଏକ ଟିଭିଏସ ଆପାଚି ବାଇକ(ଓଡି୧୭ୟୁ୬୧୪୩)ରହିଥିବା ଦେଖାଯାଇଛି। ମୃତଦେହ ଏକ ଚାକୁଣ୍ଡା ଗଛରେ ଝୁଲୁଥିଲେ ମଧ୍ୟ ଯୁବକଙ୍କ ପାଦ ମାଟିରେ ଲାଗି ରହିଥିବା ଦେଖାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତବ୍ୟକ୍ତି ଜଣକ କିଏ ଏବଂ କିଭଳି ପରିସ୍ଥିତିରେ ଏଠାକୁ ଆସିଲେ ତାହା ସ୍ପଷ୍ଟ ହୋଇନାହିଁ। ସକାଳେ ଜଙ୍ଗଲକୁ ବିର୍ଣ୍ଣା ଗାଁର କେତେକ ଲୋକ ଯାଇଥିବାବେଳେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ ।

# ଅବହେଳିତଙ୍କ ପାଇଁ ନିଷ୍ଠାପର କାମ କର

**ପ୍ରତିଜ୍ଞା ସମାଜସେବା ସଂଗଠନର ବାର୍ଷିକ ଉତ୍ସବ**




ପ୍ରତିଜ୍ଞା ସମାଜସେବା ସଂଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମ ପରିସରରେ ପ୍ରତିଜ୍ଞା ସମାଜସେବା ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ସଂଗଠନ ସଭାପତି ବନୀତା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁଶାନ୍ତ ନାଗ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ମୁଖ୍ୟ ଅତିଥି, ସରପଞ୍ଚ ସୁଦୀପ କୁମାର ସା, ନବକିଶୋର ନାଏକ, ଯାଜ୍ଞସିନୀ କୁମାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସମାଜର ଅବହେଳିତ ଲୋକଙ୍କ ପାଇଁ ନିଷ୍ଠାପର କାମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ମୁଖ୍ୟ ଅତିଥି ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମାଜରେ ଘଟୁଥିବା ଅନ୍ୟାୟ, ଅନୀତି, ଦୁର୍ନୀତି, ଅତ୍ୟାଚାର ବିରୋଧରେ ମହିଳାମାନେ ଏକାଠି ହୁଅନ୍ତୁ। ସମାଜର ତଳସ୍ତର ଲୋକଙ୍କୁ ନ୍ୟାୟ ଦେବା ପାଇଁ ମୂଳଲକ୍ଷ୍ୟ ରହୁ ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଲୋଇସିଂହାର ଅମିତ ମେହେର, ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ପରେଡରେ ଅଂଶଗ୍ରହଣ କରିଥିବା ଲୋଇସିଂହା କଲେଜର ଏନସିସି ଛାତ୍ର ରତନ ମେହେର, ସମାଜ ସେବା ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା। ଏହିଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମୁଖ୍ୟ ଆକର୍ଷଣ ରାବଣ ଦରବାର**

ଖପ୍ରାଖୋଲ,୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ଗାଁରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ଏହି ଅବସରରେ ହୋମଯଜ୍ଞ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ହୋଇଛି । ଶୁକ୍ରବାର ମହିଳାମାନେ ଗାଁ ପୋଖରୀରୁ କଳସରେ ପାଣି ଆଣି ପୂଜାମଣ୍ଡପରେ ସ୍ଥାପନ ପରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ୨୪ ପ୍ରହାର ନାମଯଜ୍ଞ, ରାମାୟଣ ପରାୟଣ ଏବଂ ରାବଣ ଦରବାର ଅନଷ୍ଠିତ ହେଉଛି। ସେହିପରି ଅପେରା, ଦଣ୍ଡନୃତ୍ୟ, ସଂଚାର ଓ ମୀନା ବଜାର ଭଳି ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଉତ୍ସବ ଆଗାମୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପଣ୍ଡିତ ସୁରେନ୍ଦ୍ର ତ୍ରିପାଠୀ ରାମାୟଣ ପରାୟଣ କରୁଛନ୍ତି। ରାବଣ ଦରବାରରେ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ଭୁବନେଶ୍ୱର ପଧାନ ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ମନ୍ଦିର ପ୍ରତିଷ୍ଠା ଉତ୍ସବ ମୁଖ୍ୟକର୍ତ୍ତା ଗୌନ୍ତିଆ ରମାକାନ୍ତ ବରିହା ସସ୍ତ୍ରୀକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି ପଣ୍ଡିତ ବଳରାମ ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠା କମିଟି ସଭାପତି ଗୋପବନ୍ଧୁ ସାହୁ, ସମ୍ପାଦକ ରାଜକିଶୋର ମେହେର, କୋଷାଧ୍ୟକ୍ଷ ମିନିକେତନ ସାହୁ, ସରପଞ୍ଚ ଦେବାଶିଷ ସାହୁ, ସମିତି ସଭ୍ୟ କୀର୍ତ୍ତି ନାରାୟଣ ରାଏ, ସତ୍ୟରାମ ସାହୁ, ଦିଲୀପ ମେହେର, ରବି ସାହୁ, ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ଲାଞ୍ଜିଗଡ,୨୬।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ଥିବ ତାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ସଞ୍ଜୁ ମାଝୀ, ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧାପକ କାଶୀ ବିଶ୍ୱନାଥ ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଶନ ଶକ୍ତି ସହାୟକ ଷ୍ଟାଫ୍‌ଙ୍କୁ ଧୋକା ଦେଉଛି ବିଜେଡି: ଆପ୍




ଖବରଦାତା ସମ୍ମିଳନୀରେ ଆପ୍ ନେତୃବୃନ୍ଦ ।

ବରଗଡ଼ ଅଫିସ,୨୬।୨

ମିଶନ ଶକ୍ତିରେ ସହାୟକ ଷ୍ଟାଫ୍ ଭାବେ ଏମ୍‌ବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର, ଏଲ୍‌ଏସ୍‌ପିମାନେ କାର୍ଯ୍ୟ କରୁଛନ୍ତି। ଏହି ସହାୟକ କର୍ମଚାରୀଙ୍କୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କୁ ସ୍ଥାୟୀ କରାଯାଇନାହିଁ ଏବଂ ମିଶନ ଶକ୍ତି ଷ୍ଟାଫ୍‌ଙ୍କୁ ରାଜ୍ୟର ବିଜେଡି ସରକାର ଧୋକା ଦେଇଛି ବୋଲି ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆମ ଆଦମୀ ପାର୍ଟି (ଆପ୍)ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ଅଭିଯୋଗ କରିଛନ୍ତି।

ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଗତ ୨୦ତାରିଖରେ ମିଶନ ଶକ୍ତି ସହାୟକ ଷ୍ଟାଫମାନେ ସେମାନଙ୍କ ଚାକରିକୁ ସ୍ଥାୟୀ କରିବା ସହିତ ଦରମା ବୃଦ୍ଧି ଦାବି ନେଇ ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲେ। ଏହାସତ୍ତ୍ୱେ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କଲେ ନାହିଁ । ଗତ ବଜେଟ୍‌ରେ ସେମାନଙ୍କ ପାଇଁ କିଛି ଘୋଷଣା ହେବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ବି ହେଲାନାହିଁ। ମିଶନ ଶକ୍ତି ସହାୟକ ଷ୍ଟାଫଙ୍କ ପ୍ରତି ସରକାରଙ୍କ ଏଭଳି ବୈମାତୃକ ମନୋଭାବକୁ ବରଦାସ୍ତ କରାଯିବ ନାହିଁ ବୋଲି ସାହୁ କହିଛନ୍ତି। ସରକାରଙ୍କ ସେଭଳି ଅଣଦେଖା ମନୋଭାବ ପ୍ରତିବାଦରେ ଆପ୍ ପକ୍ଷରୁ ଆସନ୍ତା ୨୮ତାରିଖରେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଆପ୍ ଜିଲା ଆବାହକ ସାହୁ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆପ୍‌ର ଜିଲା କାର୍ଯ୍ୟକାରୀ ସଭ୍ୟ ସ୍ୱରୂପ ଭୋଇ, ଅତାବିରା ବ୍ଲକ ସଭାପତି ଯଦୁମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଉଁଶୁଣୀ,୨୬।୨(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ କଲେଜରେ ରବିବାର ଅଗ୍ନିଶମ ବାହିନୀ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ଅଗ୍ନିଶମ ବାହିନୀ ପକ୍ଷରୁ ଶିଡିରେ ଚଢି ନିଆଁକୁ ଆୟତ୍ତ କରିବା ଏବଂ ଲିଭାଇବା ପାଇଁ ସମସ୍ତ ପ୍ରକାର କୌଶଳ ପ୍ରଦର୍ଶନ କରାଯାଇଥିଲା । ଏଥିସହ ବିପର୍ଯ୍ୟୟ ସମୟରେ କେମିତି ମୁକାବିଲା କରିବାକୁ ହେବ ଓ ତାହାର ସମସ୍ତ କୌଶଳ ଓ ନିୟମ ବିଷୟରେ ତାଲିମ ଦିଆଯାଇଥିଲା । ହାବିଲଦାର ଚିତ୍ତରଞ୍ଜନ ମାହାରଙ୍କ ସମେତ ଆଗ୍ନିକ କୃଷ୍ଣଚନ୍ଦ୍ର ପ୍ରଧାନ, ସୁରଥ ମହାକୁଡ,



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ ଓ ଅନ୍ୟମାନେ।

ସତ୍ୟନାରାୟଣ ବାଘ,କୈଶିକ ମାଝୀ, ଟୁବୁଲୁ ବେସନ, ଯୋଗୀନ୍ଦ୍ର ଭୋଇ ଏବଂ ବିଭାଗୀୟ ସହଯୋଗୀମାନେ ଅଧକ୍ଷ ଅନିରୁଦ୍ଧ ମହାକୁଳ, ମନୋରଞ୍ଜନ ଘଡେଇଙ୍କ ସମେତ କର୍ମଚାରୀ, ଛାତ୍ରୀଛାତ୍ର ଓ ଉପସ୍ଥିତ ବ୍ୟକ୍ତିମାନଙ୍କୁ ତାଲିମ ଦେଇଥିଲେ।

## ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା: ପୁଅ ମୃତ, ମା' ଗୁରୁତର

ଭେଡେନ,୨୬।୨(ଡି.ଏନ.ଏ.)

ବରଗଡ ଜିଲା ଗୋଡଭଗା-ସୋନପୁର ୫୪ ନଂ. ରାଜ୍ୟ ରାଜପଥର ବଇପୁର ଛକ ନିକଟରେ ରବିବାର ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀ ସୋନପୁର ଜିଲା ବିନିକା ଥାନା ଭାଲୁପାଲି କମ୍ପିରା ଗ୍ରାମର ବାଳଗୋପାଳ ସାହୁ (୩୫)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ତାଙ୍କ ମା' ଦେବକୀ (୫୫) ଗୁରୁତର ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ରବିବାର ଅପରାହ୍ନରେ ବଇପୁର ଛକରେ ଗର୍ଭଣା ପଟରୁ ଆସୁଥିବା ଟ୍ରାକ୍ଟର ଏବଂ ଗୋଡଭଗା ପଟରୁ ଆସୁଥିବା ବାଇକ୍ (ନଂ.ଓଡି୩୧ଏଫ/୨୫୬୨) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ବାଇକ୍‌କୁ ଘୋଷାଡି ନେଇ ଚାଷଜମିରେ ଚାପି ଦେଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ବୁର୍ଲା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାଳଗୋପାଳଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରୁଷୁଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

# ପ୍ରକଳ୍ପ ହେଲା, ଜଳଯୋଗାଣ ହେଉନି

ଲାଠୋର, ୨୬।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ପାଲିପଡ଼ାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଏକ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି। ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ ପରେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ପାଇପ ସଂଯୋଗ କରାଯାଇଛି। ପରୀକ୍ଷାମୂଳକଭାବେ ଗୋଟିଏ ଦିନ ଜଳଯୋଗାଣ କରାଯାଇଥିଲା। ଏତାପରଠାରୁ ଜଳଯେଗାଣ ସ୍ୱଭାବିକ ହୋଇନାହିଁ। ଇତିମଧ୍ୟରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ଜଳ ଯୋଗାଣ କରାଯାଉନାହିଁ। ପଡ଼ାବାସୀ ଜଳ ଯୋଗାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ




ସାନଗୁର୍ଜିଭଟା ପାଲିପଡ଼ାରେ ଥିବା ପମ୍ପଘର।

କରାଯାଉନାହିଁ। ଫଳରେ ପଡ଼ାବାସୀ ଅନ୍ୟୋନୋପାୟ ହୋଇ ନଳକୂପ ଉପରେ ଭରଷା କରି ଚଳୁଥିବା ପଡ଼ାର ବିଦେଶି ଛତ୍ରିଆ, ଦୁଆନ ମଲ୍ଲିକ, ଲିଙ୍ଗରାଜ ବର୍ଗେ, ହେମସାଗର ଧରୁଆ, ରତନ କେତକୀ ଓ ମହେଶ୍ୱର ବର୍ଗେ ଅଭିଯୋଗ

**ଗ୍ରୀଷ୍ମ ପୂର୍ବରୁ ଜଳଯୋଗାଣ ଦାବିକଲେ ଗ୍ରାମବାସୀ**

କରିଛନ୍ତି। ପାଲିପଡ଼ାରେ ୪୦ପରିବାରର ୨ଶହରୁ ଊର୍ଦ୍ଧ୍ୱ ଅଧିବାସୀ ବାସ କରୁଛନ୍ତି। ପଡ଼ାରେ ୩ ଗୋଟି ନଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏରୁ କମ୍ ପାଣି ବାହାରୁଛି। ଅନ୍ୟ ୨ଟି ନଳକୂପର ପାଣି ଆବଶ୍ୟକତାକୁ ମେଣ୍ଟାଉ ନାହିଁ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ପଡ଼ାବାସୀ ନିରନ୍ତର ଜଳଯୋଗାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ ଘଟଣା ବିଷୟରେ ବୁଝି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣା: ଖବରକାଗଜ ବିତରକ ଗୁରୁତର

**ସମ୍ବଲପୁର,୨୬।୨(ବ୍ୟୁରୋ):** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ଛକରେ ରବିବାର ଏକ ବସ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ସିନ୍ଦୂରପଙ୍କ ଗ୍ରାମର ସୁଜିତ ପୂଜାରୀ (୨୫)। ସୁଜିତ ଜଣେ ଖବରକାଗଜ ବିତରକ ଭାବେ କାମ କରି ଆସୁଛନ୍ତି। ସଦର ଥାନା ପୋଲିସ ତାଙ୍କୁ ପ୍ରଥମେ ସଦର ମେଡିକାଲ ଓ ପରେ ବୁର୍ଲା ଭିମ୍‌ସାର ମେଡିକାଲ ନେଇଥିଲେ। ବସ୍ ଓ ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ କିଛିସମୟ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଅଟକି ରହିଥିଲା।

### ଟାଉନ ହାଇସ୍କୁଲ ପୁରାତନ ଛାତ୍ରସଂଘ ବୈଠକ

**ସମ୍ବଲପୁର,୨୬।୨(ବ୍ୟୁରୋ):** ନୃସିଂହ ଗୁରୁ ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଦାନିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଦିବଂଗତ ସଭ୍ୟ ଶରତ ଚନ୍ଦ୍ର ସାହୁ, କାଳୀ ପ୍ରସାଦ ମହାପାତ୍ର, ଆଦିତ୍ୟ ପୂଜାରୀ, ହରିହର ଦାଶ, ଲଳିତ ମିଶ୍ର ଓ ମାୟାଧର ପ୍ରଧାନଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଅରବିନ୍ଦ ମିଶ୍ର, ଗୋରେଖ ଲାଲ ଦାଶ, ଅବିନାଶ ପାଣିଗ୍ରାହୀ, କୈଳାସ ମେହେର ଓ ରାମକୃଷ୍ଣ ନନ୍ଦ ପୁରାତନ ଛାତ୍ର ଭାବେ ସ୍କୁଲର ଉନ୍ନତି ତଥା ବର୍ତ୍ତମାନ ଛାତ୍ରଙ୍କ ବୌଦ୍ଧିକ ବିକାଶରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୫ରେ ସମସ୍ତ ଆଲୁମ୍‌ନି ସଭ୍ୟଙ୍କ ବାର୍ଷିକ ବନ୍ଧୁମିଳନ ସ୍ଥିର ହୋଇଛି। ସରକାରଙ୍କ ୫-ଟି ଓ ମୋ ସ୍କୁଲ ଅଭିଯାନ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଯୁଗ୍ମ ସମ୍ପାଦକ କୈଳାସ ମିସ୍ତ୍ରି ଧନ୍ୟବାଦ ଦେଇଥିଲେ।

### ମାନେଶ୍ୱରରେ ୩୩ କେଭି ଗ୍ରୀଡ୍ ଉଦ୍‌ଘାଟିତ

**ସମ୍ବଲପୁର,୨୬।୧୨(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ରାଶନପୁରଠାରେ ୩୩କେଭି ଗ୍ରୀଡ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ନିର୍ବାହୀଯନ୍ତ୍ରୀ ରାଜୀବ ରଞ୍ଜନ, ଧନୁପାଲି ଏସ୍‌ଡିଓ କୈଳାସ ଚନ୍ଦ୍ର ବଳ, ମାନେଶ୍ୱର ସେକ୍ସନ ଜେଇ ଉମାକାନ୍ତ ଶତପଥି, ବାବୁନ ଚାକୋ, ସୁନିଲ ଶର୍ମା ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ଗ୍ରୀଡ୍‌କୁ ଚାଲୁ କରାଯାଇଥିଲା। ଏହା ଦ୍ୱାରା ମାନେଶ୍ୱର ସେକ୍ସନ ଓ ଆଖପାଖ ଅଞ୍ଚଳରେ ଲୋ ଭୋଲ୍‌ଟେଜ ସମସ୍ୟା ଦୂର ହେବ ବୋଲି ଏସ୍‌ଡିଓ ବଳ କହିଛନ୍ତି। ସୂଚନାଥାଉ କି ଗ୍ରୀଡ୍ କାର୍ଯ୍ୟକ୍ଷମ କରିବା ନେଇ ପୂର୍ବରୁ ଧରିତ୍ରୀ ଓ ଓଡିଶା ପୋଷ୍ଟରେ ଖବର ପ୍ରକାଶ ପାଇଥିଲା।

### ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

**ସମ୍ବଲପୁର,୨୬।୨(ବ୍ୟୁରୋ):** ସମ୍ବଲପୁର ବିଜୁ ଯୁବ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ସୌଜନ୍ୟରୁ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମ୍ବଲପୁର ମହାନଗର ନିଗମ ୱାର୍ଡ଼ ନଂ.୧୨ରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଜିଲା ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ସମ୍ପାଦକ ମଞ୍ଜୁ ଓରାମ, ଯୁବ ନେତା ମୁଟ୍ଟୁ କିଷାନ, ସୁଶାନ୍ତ ଓରାମ, ବିନୋଦ ଓରାମ, ସଞ୍ଜୟ ଓରାମ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ବିଧାୟକ ରମେଶ ପଟୁଆ, ଦିଲୀପ ଦୂରିଆ, ଚିନ୍ତା ବାଗ୍, ସସ୍ମିତା ଦୀପ୍, ବିଜୁ ଅନୁଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରେଡକ୍ରସ ସହଯୋଗରେ ଅନୁଷ୍ଠିତ ଶିବିରରେ ମୋଟ ୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ସାମାଜିକ କାମରେ ସଚେତନତା ବାର୍ତ୍ତା

## ନାମକରଣ କାର୍ଯ୍ୟକ୍ରମରେ ମନ୍ କି ବାତ୍ ପ୍ରସାରଣ

ସମ୍ବଲପୁର/ନାକଟିଦେଉଳ, ୨୬।୨(ବ୍ୟୁରୋ/ଡି.ଏନ.ଏ.)


ମନ୍ କି ବାତ୍ କାର୍ଯ୍ୟକ୍ରମ ଦେଖୁଥିବା ବ୍ୟକ୍ତିବିଶେଷ।

ସାମାଜିକ କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ପାଇଁ ଲୋକେ କିଛି ଅଲଗା କରିବାକୁ ପ୍ରୟାସ କରିଥାନ୍ତି। ଏଭଳି ଏକ ନିଆରା ପ୍ରୟାସ ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଇ ଚର୍ଚ୍ଚାକୁ ଆସିଛନ୍ତି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଉପରମୁଣ୍ଡା ଗ୍ରାମର ସୌମ୍ୟରଞ୍ଜନ ରାଉଳ। ସୌମ୍ୟ ପେସାରେ ଜଣେ ସ୍କୁଲ ଶିକ୍ଷକ। ଶିକ୍ଷାଦାନ ସହ ସଚେତନତାମୂଳକ କାର୍ଯ୍ୟ କରିବାକୁ ସେ ଆଗ୍ରହ ରଖନ୍ତି। ଏ ପରିପ୍ରେକ୍ଷୀରେ ନବଜାତ ଶିଶୁକନ୍ୟାର ନାମକରଣ ଉତ୍ସବରେ ସେ ପୂଜାର୍ଚ୍ଚନା ସହ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟରରେ ପରିବେଷଣ କରାଇ ସଚେତନ କରିବାକୁ ଚେଷ୍ଟା କରିଥିଲେ। ଏ ସମ୍ପର୍କରେ ଶିକ୍ଷକ ରାଉଳ କହିଥିଲେ, ନାମକରଣ କାର୍ଯ୍ୟକ୍ରମ ରହିଥିଲା। ମାସର ଶେଷ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ହୋଇଥାଏ। ମୋଦି ଦେଉଥିବା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଘରକୁ ଆସିଥିବା ଅତିଥି ଓ ବନ୍ଧୁ ପରିଜନ ଏହାକୁ ଆଗ୍ରହର ସହ ଶୁଣିଥିଲେ। ଭୋଜି ଭାତ ଖାଇ ଉତ୍ସବ ମନାଇ ନବଜାତ ଝିଅକୁ ଆଶୀର୍ବାଦ ଦେଇଥିଲେ।

ମନ୍ କି ବାତ୍ କାର୍ଯ୍ୟକ୍ରମର ରେଢାଖୋଲ ବିଧାନସଭା କ୍ଷେତ୍ର ସଂଯୋଜକ ଜୟନ୍ତ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍‌ରେ ଦେଶର କୋଣ ଅନୁକୋଣରୁ କଳା, ସଂସ୍କୃତି ତଥା ଅନ୍ୟ ବ୍ୟକ୍ତି ବିଶେଷ ସାମିଲ ହୋଇ ବିଭିନ୍ନ ପ୍ରସଙ୍ଗ ଉପରେ କହନ୍ତି। ଏହାସହ କେତେଜଣ ବ୍ୟକ୍ତିଙ୍କ ସହ ଆଲୋଚନା ମଧ୍ୟ କରନ୍ତି। କିଛିଦିନ ପୂର୍ବରୁ ଶିକ୍ଷକ ରାଉଳ ତାଙ୍କ ଘରେ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି ଓ ସେ ମନ୍ କି ବାତ୍ ପରିବେଷଣ କରିବାକୁ ଇଚ୍ଛା ପ୍ରକାଶ କରୁଥିବା କହିଥିଲେ। ଏଥିରେ ରାଜି ହୋଇ ଯଥା ସମ୍ଭବ ସହଯୋଗ କରାଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ ନେତୃବୃନ୍ଦ ମଧ୍ୟ ପହଞ୍ଚି ସହଯୋଗ କରିଥିଲେ। ନାମକରଣ କାର୍ଯ୍ୟକ୍ରମକୁ ଆସିଥିବା ରାଉଳଙ୍କ ବନ୍ଧୁ ପରିଜନ ଏହାକୁ ଦେଖି ଓ ଶୁଣି ବେଶ ଉତ୍ସାହିତ ହେଉଥିବା ଦେଖିବାକୁ ମିଳିଥିଲା। ଆଗକୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତି ଯୋଗାଯୋଗ କଲେ ସହଯୋଗ କରାଯିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ସସ୍ମିତା ଦେହୁରି, ପରିକ୍ଷିତ ନାଏକ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତମାଖୁ ବର୍ଜନ, ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ

## ପାନ ଦିବସ ପାଳିତ

ସମ୍ବଲପୁର,୨୬।୨(ବ୍ୟୁରୋ)

ଭାରତୀୟ ସଂସ୍କୃତିରେ ପାନର ସ୍ୱତନ୍ତ୍ରତା ରହିଛି। ପୂଜାପାଠଠାରୁ ଆରମ୍ଭ କରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ପରମ୍ପରାର ଏକ ଅଂଶ ହେଉଛି ପାନ। ଏହା ଔଷଧୀୟ ଗୁଣଯୁକ୍ତ ଓ ଅନେକ ବ୍ୟକ୍ତିଙ୍କୁ ରୋଜଗାର ଯୋଗାଉଥିଲେ ମଧ୍ୟ ତମାଖୁ ଯୋଗୁ ବର୍ତ୍ତମାନ ପାନ ତା'ର ଅସଲ ସ୍ୱାଦକୁ ହରାଇ ଚାଲିଛି। ଏଭଳି ସ୍ଥିତିରେ ପାନ ପ୍ରତି ସମସ୍ତଙ୍କ ମନରେ ଆଗ୍ରହ ସୃଷ୍ଟି ଓ ତମାଖୁ ବର୍ଜନ ନେଇ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ରବିବାର ଜିଲା ସମ୍ବାଦିକ ଭବନଠାରେ କଲମ ପରିବାର ଆୟୋଜିତ ପାନ ଦିବସରେ ବକ୍ତାମାନେ ଏହା କହିଛନ୍ତି। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଆବାହକ ମହମ୍ମଦ ତଫିଜୁଲ ହୋସେନ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ କମଳ ଲୋଚନ ପଣ୍ଡା ମନ୍ତ୍ରପାଠ କରିଥିଲେ। ଅତିଥି ଭାବେ ଆକାଶବାଣୀ ଓ ଦୂରଦର୍ଶନ କାର୍ଯ୍ୟକ୍ରମ ମୁଖ୍ୟ ମନୋଜ ପୂଜାରୀ, ସୁଶାନ୍ତ କୁମାର ମିଶ୍ର, ଲକ୍ଷ୍ମୀନାରାୟଣ ପଣ୍ଡା, ଐତିହାସିକ ଦୀପକ କୁମାର ପଣ୍ଡା, ଡ. ସତ୍ୟନାରାୟଣ ଠାକୁର, ଜ୍ଞାନବ୍ରତ ଭୋଇ, ସମୀର ରଞ୍ଜନ ବାବୁ, ଜୟନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ପାନ ଶୀର୍ଷକ କବିତା ପାଠ ଓ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ଉପସଭାପତି ଲଳିତ ମୋହନ ବେବର୍ତ୍ତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ହାସ୍ୟକବି ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ସବିତା ମିଶ୍ର, ପଙ୍କଜିନୀ ମେହେର, ମମତା ନାଥ, କୃଷ୍ଣଚନ୍ଦ୍ର ବାଗ, ପଙ୍କଜିନୀ ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ବିଶ୍ୱେଷ କୁମାର ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ।



ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଜଗନ୍ନାଥଙ୍କ ଚେତନା ଅବିଚ୍ଛେଦ୍ୟ ଅଙ୍ଗ

ସମ୍ବଲପୁର,୨୬।୨(ବ୍ୟୁରୋ)

ମହାପ୍ରଭୁ ଶ୍ରୀ ଜଗନ୍ନାଥ ତ୍ୟାଗ ଓ ଗୁଣାନୁରାଗରେ ମହନୀୟ। ପ୍ରାଣୀଜଗତକୁ ପ୍ରତିନିଧିତ୍ୱ ଦେଇ ସେ ଜଗତର ନାଥ ଜଗନ୍ନାଥ। ସ୍ୱୀକାର ପତ୍ରିକା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଗବେଷକ ଡା. କୃଷ୍ଣକେଶବ ଷଡଙ୍ଗୀ ଏହା କହିଥିଲେ। ସମାରୋହକୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ଓ ସାମାଜିକ ଜୀବନରେ ଜଗନ୍ନାଥ ଚେତନା ଏକ ଅବିଚ୍ଛେଦ୍ୟ ଅଙ୍ଗ। ପରମ୍ପରାଗତ ଭାବେ ଭାରତବର୍ଷର ଅନ୍ୟତମ ଦେବାଳୟଠାରୁ ଜଗନ୍ନାଥ ଧାମର ଅନେକ ସ୍ୱତନ୍ତ୍ରତା ରହିଛି। ଜଗନ୍ନାଥଙ୍କ ସହିତ ପ୍ରତ୍ୟେକ ଓଡିଆର ପାରିବାରିକ ନିବିଡତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଜଗନ୍ନାଥ ଚେତନାର ସାର୍ବଜନୀନତା ସମ୍ପର୍କରେ ମତ ରଖିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଅଧ୍ୟକ୍ଷତା କରି ଭାରତବର୍ଷର ବିଭିନ୍ନ ଅଞ୍ଚଳର ଭକ୍ତ ମାନଙ୍କ ଭଗବତ ଭକ୍ତି ସମ୍ପର୍କରେ ପ୍ରେରଣାପ୍ରଦ ଅଭିବ୍ୟକ୍ତି ରଖିଥିଲେ। ଡ. ଶ୍ୟାମ ସୁନ୍ଦର ଧରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶଷରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି।

# ରାଧାରାଣୀ ବିହାରରେ ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୮ନଂ. ୱାର୍ଡ ରାଧାରାଣୀ ବିହାର (ଭାଲୁପାଲି)ଠାରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଡା ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନାକୁ ଗୋଟିଏ ସ୍ଥାନରେ ରଖାଯାଇଥିଲା। ମହାନଗର ଆବର୍ଜନା ଗାଡି ଆସିଲେ ସେଥିରେ ରଖି ସ୍ଥାନାନ୍ତର କରାଯିବ। ରାଧାରାଣୀ ବିହାରର ସଭାପତି ବିଦ୍ୟାଧର ପ୍ରଧାନ, ସହସମ୍ପାଦକ ନିଶିକାନ୍ତ ବିଶ୍ୱାଳ, ଶାନ୍ତନୁ ପଣ୍ଡା, କିଶୋର ସିଂ, ଅଜୟ ସିଂ, ମିହିର ପୂଜାରୀ, ମୀନକେତନ ସାହୁ, ବିନୟ ମିଶ୍ର, ବିରମିତ୍ର ସେଠୀ, ଚେତନ ସାହୁ, ଭଗବାନ ବଡ଼ପଣ୍ଡା, ବ୍ରହ୍ମାନନ୍ଦ ମିଶ୍ର ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଆବର୍ଜନା ଗାଡି ପ୍ରତ୍ୟେକ ଦିନ ଆସୁ ନାହିଁ। ଏପରି କି ଏହି ଅଞ୍ଚଳରେ ଡଷ୍ଟବିନ ମଧ୍ୟ ଦିଆଯାଇନାହିଁ। ଫଳରେ ଆବର୍ଜନା ରାସ୍ତାରେ ପଡି ରହୁଛି। ଏହି ପରିପ୍ରେକ୍ଷୀରେ ପଡାବାସୀଙ୍କୁ ମହାନଗର ତରଫରୁ ଡଷ୍ଟବିନ ପ୍ରଦାନ କଲେ ସେମାନେ ଉପକୃତ ହେବେ ବୋଲି କର୍ମକର୍ତ୍ତା ସୂଚିତ କରିଛନ୍ତି।

# ଏକଲବ୍ୟ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା


ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

କୁଚିଣ୍ଡା,୨୬।୨(ଡି.ଏନ.ଏ.)

କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ରବିବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁଚିଣ୍ଡା ଥାନା ଅଧିକାରୀ ଶୋଭାକର ସେଠ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଓ ଏହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏକଲବ୍ୟ ସ୍କୁଲ ଅଧ୍ୟକ୍ଷ ଚକ୍ରଧର ମାଝିଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ବିଜୁ ସାହୁ ଓ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇ ଟ୍ରାଫିକ ନିୟମ ପାଳନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ପରେ ସ୍କୁଲ ସମ୍ମୁଖ ରାସ୍ତାରେ ହେଲମେଟ ପିନ୍ଧିଥିବା ବାଇକ୍ ଆରୋହୀ, ସିଟ୍ ବେଲ୍ଟ ପିନ୍ଧିଥିବା ଓ ଟ୍ରାଫିକ ନିୟମ ପାଳନ କରୁଥିବା କାର୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ମଞ୍ଜିଲ ନାୟକ, ଭାରତୀ ଭୋଇ, ସୁରଜ ପଟେଲ, ମଧୁସ୍ମିତା ଦେହୁରି, ସୁଭାଗିନି ମହାନ୍ତି, କିରଣ ମହନ୍ତ, ଶୁଭଶ୍ରୀ ସୁଭସ୍ମିତା ପଟେଲ, ତନୟ ମହାପାତ୍ର ଓ ପୋଲିସ ବାହିନୀ ସହଯୋଗ କରିଥିଲେ।

# ଦେବଝରନରେ ସଫେଇ ସଚେତନତା


ଦେବଝରନରେ ସଫେଇ କରାଯାଉଛି।

ସମ୍ବଲପୁର,୨୬।୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଦେବଝରନ ଇକୋ ଟୁରିଜମ ଭାବେ ଘୋଷଣା ହେବା ପରେ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇଛି। ଜଳ ଭଣ୍ଡାର ଓ ଜଳପ୍ରପାତ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ବନ ବିଭାଗ ଦ୍ୱାରା ଏହା ପରିଚାଳିତ ହେଉଥିବା ବେଳେ ବନ ବିଭାଗର ପରାମର୍ଶ କ୍ରମେ ସହଯୋଗର ହାତ ବଢାଉଛନ୍ତି ସ୍ଥାନୀୟ ମହିଳା ସଂଗଠନ ଓ ଜନପ୍ରତିନିଧି। ରବିବାର ଦେବଝରନରେ ବୈଠକ ହେବା ପରେ ଆସିଥିବା ପର୍ଯ୍ୟଟକମାନଙ୍କୁ ସଚେତନ କରାଯାଇଥିଲା। ପରେ ବଣଭୋଜି ସ୍ଥାନ ଓ ଜଳପ୍ରପାତ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଡଷ୍ଟବିନ ବ୍ୟବହାର, ପ୍ଲାଷ୍ଟିକ ମୁକ୍ତ ପରିବେଶ ସମ୍ପର୍କରେ ପର୍ଯ୍ୟଟକଙ୍କୁ ପରାମର୍ଶ ଦିଆଯାଇଥିଲା। କୟାକୁଦ ସରପଞ୍ଚ ଜେମାମଣି ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ମା' ସରସ୍ୱତୀ, ଅନ୍ନପୂର୍ଣ୍ଣା, ସୁ ପ୍ରଭା, ମା' ପାର୍ବତୀ, ମା' ଦୁର୍ଗା, ଜ୍ୟୋତି-୧, ଜ୍ୟୋତି-୨, ମା' ଲକ୍ଷ୍ମୀ ମହିଳା ସଂଗଠନ ସଦସ୍ୟା ସାମିଲ ହୋଇଥିଲେ।

# ମୃତ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା

କୁଚିଣ୍ଡା, ୨୬।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁ. ଜମନକିରା ପଞ୍ଚାୟତର ସାନଗୁମ୍ମାଲୋଇ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ସନାତନ ବଦ୍ରାଙ୍କ ଲିଭର ଜନିତ ରୋଗରେ ଗତ ୧୮ ତାରିଖରେ ମୃତ୍ୟୁ ହୋଇଛି। ଏବେ ତାଙ୍କ ବିଧବା ସ୍ତ୍ରୀ ଓ ଏକମାତ୍ର ପୁଅ ଅଛନ୍ତି। ଶିକ୍ଷକଙ୍କ ଏଭଳି ଆକସ୍ମିକ ବିୟୋଗରେ ବ୍ଲକ ଶିକ୍ଷକ ସଂଘ କର୍ମକର୍ତ୍ତା କୁରେଇଟୁଆଁସ୍ଥିତ ତାଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ତାଙ୍କ ସ୍ତ୍ରୀ କୁସୁମ ବଦ୍ରାଙ୍କୁ ୨୨ହଜାର ୮ଶହ ଟଙ୍କାର ନଗଦ ସହାୟତା ରାଶି ପ୍ରଦାନ କରିଛନ୍ତି। ସଂଘ ସଭାପତି ପ୍ରଶାନ୍ତ କୁମାର ଦାସ, ଶିକ୍ଷକ ଅରୁଣ କୁମାର ନାଏକ, ଅନିଲ ନାଏକ, ଦୁଃଖବନ୍ଧୁ ସାହୁ, ପ୍ରାଣେଶ୍ୱର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ସ୍ପିକ୍ ମେକେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୨(ବ୍ୟୁରୋ)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ସ୍ପିକ୍ ମେକେ ପକ୍ଷରୁ ଦୁଇ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ତପସ୍ୱିନୀ ପ୍ରେକ୍ଷାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦାୟିତ୍ୱରେ ଥିବା ପ୍ରଫେସର କାମଦେବ ସାହୁ ଓ ସୁଶ୍ରୀ ସୁନନ୍ଦା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଶ୍ରୀ ସଂସ୍କୃତି ପୂଜାରୀ ସଂଯୋଜନା କରିଥିଲେ। ବିଜୟ ମହାପାତ୍ର ଓ ଦଳ ଗୋଟିପୁଅ ନୃତ୍ୟ, ହାଇଦ୍ରାବାଦର ଉସ୍ତାଦ ନାସିର ଅହମ୍ମଦ ଦାର୍ଶୀ ଓ ତାଙ୍କ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ବନାରସ ଘରାନାର ପଣ୍ଡିତ ସଞ୍ଜୀବ ଶଙ୍କର ଓ ପଣ୍ଡିତ ଅଶ୍ୱିନୀ ଶଙ୍କର ସେହେନାଇ ବାଦନ ଏବଂ ମୁମ୍ବାଇର ଶ୍ରୁତି ସାଡୋଲିକର ଗୀତ ଗାନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଳେଶ୍ୱରୀ ଦାଶ, ଅବସରପ୍ରାପ୍ତ ପ୍ରଫେସର ଶଶାଙ୍କ ଶେଖର ନନ୍ଦ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଜାତୀୟ ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କ ପ୍ରକୃତି ପରିଭ୍ରମଣ କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୨(ବ୍ୟୁରୋ)

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କ ପ୍ରକୃତି ପରିଭ୍ରମଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଇଏସ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ଆନୁକୂଲ୍ୟରେ ବୁଢ଼ାରଜା ହାଇସ୍କୁଲ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଜାତୀୟ ସବୁଜ ବାହିନୀର ୫୦ ଛାତ୍ରୀଛାତ୍ର ଡେବ୍ରୀଗଡ଼ ଅଭୟାରଣ୍ୟ ପରିଭ୍ରମଣରେ ଯାଇଥିଲେ। ସେଠାରେ ସେମାନେ ଜୈବ ବିବିଧତା ବିଷୟରେ ଜ୍ଞାନ ଆହରଣ କରିଥିଲେ। ଜିଲା ମାଷ୍ଟର ଟ୍ରେନର ପ୍ରକୃତିବନ୍ଧୁ ଉଦିତଚନ୍ଦ୍ର ପାଇଯୋଷୀ ଛାତ୍ରୀଛାତ୍ରଙ୍କୁ ଡେବ୍ରୀଗଡ଼ ଅଭୟାରଣ୍ୟ ବିଷୟରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କଳା ପ୍ରଦର୍ଶନ, ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ, ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଜାତୀୟ ସବୁଜ ବାହିନୀର ସ୍କୁଲ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ, ଶିକ୍ଷୟିତ୍ରୀ ଅପର୍ଣ୍ଣା ପଣ୍ଡା ଓ କ୍ରୀଡ଼ା ଶିକ୍ଷକ ସୁଜିତ ନାରାୟଣ ନାୟକ ଯୋଗଦାନ କରିଥିଲେ।


ପ୍ରକୃତି ପରିଭ୍ରମଣରେ ସବୁଜ ବାହିନୀ ଛାତ୍ରୀଛାତ୍ର।

# ଆକଷ୍ଟିକାଲ ସୋସାଇଟି ଅଫ୍ ଇଣ୍ଡିଆର ମହାଧିବେଶନ ଉଦ୍‌ଯାପିତ

## ଅନ୍ତର୍ଜାତୀୟ ସମ୍ମିଳନୀ ପ୍ରସ୍ତାବ ରଖିଲେ କୁଳପତି

ସମ୍ବଲପୁର,୨୬।୨(ବ୍ୟୁରୋ)



ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ଆୟୋଜିତ ଆକଷ୍ଟିକାଲ ସୋସାଇଟି ଅଫ ଇଣ୍ଡିଆର ତ୍ରିଦିବସୀୟ ମହାଧିବେଶନ ରବିବାର ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିସୁଟ୍‌ର କୁଳପତି ପ୍ରଫେସର ବଂଶୀଧର ମାଝି ସୋସାଇଟି ଆନୁକୂଲ୍ୟରେ ଭିସୁଟ୍‌ରେ ଏକ ଆନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବିଜ୍ଞାନ ଓ କଳା ସ୍କୁଲର ଅଧିଷ୍ଠାତା ପ୍ରଫେସର ଜୟ ପ୍ରକାଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତିନିଦିନିଆ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ସୋସାଇଟିର ସାଧାରଣ ସମ୍ପାଦକ ଡ. ମହାବୀର ସିଂହ କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଭାବେ ଆୟୋଜିତ କରିଥିବାରୁ ଉଦ୍ୟୋକ୍ତାଙ୍କୁ ସାଧୁବାଦ ଦେଇଥିଲେ। ସୋସାଇଟିର ଉପସଭାପତି ପ୍ରଫେସର ଅଜିସ୍ ଆବ୍ରାହମ ଅତିଥି ଦେବୋ ଭବଃର ଅର୍ଥ ଏଠାରେ ଅନୁଭବ କରିଥିବା କହିଥିଲେ। ସଂଗଠନ ସମ୍ପାଦକ ପ୍ରଫେସର ଗଣେଶ୍ୱର ନାଥ ଶ୍ରେଷ୍ଠ ଗବେଷଣା ନିବନ୍ଧ ପାଇଁ ପୁରସ୍କୃତ ପ୍ରତିଭାଙ୍କ ନାମ ଘୋଷଣା କରିଥିଲେ। ମୌଖିକରେ ବିନିତା ଦାଶ ଓ ଅମ୍ରିତା ନାୟକ, ପ୍ରଦର୍ଶନୀରେ ସୁଶାନ୍ତ ଓ ଜୟଶ୍ରୀ ପ୍ରମୁଖ ପୁରସ୍କୃତ ହୋଇଥିଲେ। ପ୍ରଫେସର ଗଣେଶ୍ୱର ନାଥ ବିଭିନ୍ନ ବିଭାଗର ନେତୃତ୍ୱ ନେଇଥିଲେ। ଶେଷରେ ଡ. ଭାରତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତନ୍ମୟୀ, ଆଦ୍ୟାଶା, ଦିବ୍ୟ ପ୍ରକାଶ, ସତ୍ୟଜିତ, ସୌରଭ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

**ଜେଲ ସଂଘର୍ଷରେ ମୁସେୱାଲା ହତ୍ୟାର ୨ ଅଭିଯୁକ୍ତ ନିହତ**

ପଞ୍ଜାବର ତରନ ତାରନ ଜିଲାରେ ଥିବା ଗୋଇଣ୍ଡୱାଲ ସାହିବ କେନ୍ଦ୍ରୀୟ ଜେଲର ଅନ୍ତେବାସୀଙ୍କ ମଧ୍ୟରେ ରବିବାର ସଂଘର୍ଷ ଘଟି ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମୃତ୍ୟୁ ହୋଇଛି। ୨୦୨୨ ମେ' ୨୯ରେ ପଞ୍ଜାବର ମନସାରେ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ଏମାନେ ଗିରଫ ହୋଇଥିଲେ। ରବିବାରର ସଂଘର୍ଷ ବେଳେ ଅନ୍ୟ ଜଣେ ଅନ୍ତେବାସୀ ମଧ୍ୟ ପ୍ରାଣ ହରାଇଛନ୍ତି। ଏହି ୩ ଜଣ ଗୋଟିଏ ଗ୍ରୁପ୍‌ର ସଦସ୍ୟ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଗୁଜରାଟରେ ଭୂକମ୍ପ

**ରାଜକୋଟ, ୨୬।୨:** ଗୁଜରାଟ ରାଜକୋଟରେ ରବିବାର ଦିନ ୩ଟା ୩୧ ମିନିଟରେ ୪.୩ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସମୋଲୋଜି ପକ୍ଷରୁ କୁହାଯାଇଛି। ଏହାର ଗଭୀରତା ୧୦ କି.ମି. ରହିଥିବାବେଳେ କୌଣସି ପ୍ରାଣହାନି କିମ୍ବା କ୍ଷୟକ୍ଷତି ହୋଇନାହିଁ।

### ଇଟାଲୀରେ ବୋଟ୍ ବୁଡ଼ି ୪୩ ମୃତ

**ରୋମ୍, ୨୬।୨(ଆଇଏଏନ୍‌ଏସ୍):** ଇଟାଲୀର କାଲାବ୍ରିଆ ଅଞ୍ଚଳରେ ରବିବାର ସମୁଦ୍ର ଅଶାନ୍ତ ରହିଥିବାବେଳେ ଏକ ବୋଟ୍ ଶିଳାଖଣ୍ଡ ସହ ଧକ୍କା ଖାଇ ବୁଡ଼ିଯିବାରୁ ୪୩ରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୮୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଦେଶର ଶତାଧିକ ଲୋକଙ୍କୁ ନେଇ ବୋଟ୍‌ଟି ଉପକୂଳ ସହର କ୍ରୋଟୋନ୍‌ରେ ପହଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବୋଟ୍‌ରେ ଇରାନ, ଇରାକ, ସିରିଆ, ଆଫଗାନିସ୍ତାନ, ପାକିସ୍ତାନ ଏବଂ ସୋମାଲିଆର ଯାତ୍ରୀ ଥିଲେ। ଇଟାଲୀ କର୍ତ୍ତୃପକ୍ଷ ଉଭୟ ସ୍ଥଳଭାଗ ଓ ସମୁଦ୍ରରେ ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ୬ ମାଓବାଦୀ ଗିରଫ: ବିସ୍ଫୋରକ ଜବତ

**ନୂଆଦିଲ୍ଲୀ, ୨୬।୨:** ଝାଡ଼ଖଣ୍ଡର ସିଂଘଭୂମ୍ ଜିଲାରୁ ଜଣେ ଆତ୍ମଘୋଷିତ କମାଣ୍ଡରଙ୍କ ସମେତ ୬ ମାଓବାଦୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। କେତେଜଣ ମାଓବାଦୀ ସେମାନଙ୍କ କମାଣ୍ଡରଙ୍କୁ ବିସ୍ଫୋରକ ଦେବାକୁ ଯାଉଥିବା ସୂଚନା ପାଇବା ପରେ ସେମାନଙ୍କୁ ଧରିବା ଲାଗି ପୋଲିସର ଏକ ଟିମ୍ ଗଠନ କରାଯାଇଥିଲା ବୋଲି ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି। ଉକ୍ତ ଟିମ୍ ବାରିପୋଖରୀ ଗ୍ରାମକୁ ଯାଇଥିବା ଏକ ରାସ୍ତାକୁ ଚାରିପଟୁ ଘେରି ବ୍ୟାପକ ଯାଞ୍ଚ ଚଳାଇଥିଲା। ଏହି ସମୟରେ ବୋଜ୍ ହେମ୍ବ୍ରମ ଓରଫ କିଶୁନ ହେମ୍ବ୍ରମ୍‌ଙ୍କ ସମେତ ୬ ମାଓବାଦୀଙ୍କୁ ଗିରଫ କରାଯିବା ସହ ଡେଟୋନେଟର ଓ ଜିଲୋଟିନ୍ ଜବତ ହୋଇଥିଲା।

### ରୋଗୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ: ୫ ମୃତ

**ୱାଶିଂଟନ୍, ୨୬।୨:** ଆମେରିକାରେ ଶନିବାର ମେଡିକାଲ ଟ୍ରାନ୍ସପୋର୍ଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି କାଲିଫର୍ନିଆ ରେମ୍‌ସା ହସ୍ପିଟାଲକୁ ରୋଗୀଙ୍କୁ ନେଇଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ବିମାନରେ ରୋଗୀଙ୍କ ସମ୍ପର୍କୀୟ ସାଙ୍ଗକୁ ମେଡିକାଲ ଷ୍ଟାଫ୍ ଉପସ୍ଥିତ ଥିଲେ। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ଜାରି ରହିଛି।

### ନୁହ୍‌ରେ ୩ ଦିନ ଇଣ୍ଟରନେଟ ସେବା ବନ୍ଦ

**ଚଣ୍ଡିଗଡ଼, ୨୬।୨:** ହରିୟାଣାର ନୁହ୍‌ରେ ୩ ଦିନ ଇଣ୍ଟରନେଟ୍ ଏବଂ ମେସେଜ୍ ସେବା ବନ୍ଦ କରିବା ନେଇ ରାଜ୍ୟ ସରକାର ରବିବାର ଘୋଷଣା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ କିଛିଦିନ ହେବ ଘଟୁଥିବା ସାମ୍ପ୍ରଦାୟିକ ହିଂସାକୁ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗୋଚାଲାଣ ଅଭିଯୋଗରେ ରାଜସ୍ଥାନର ୨ ମୁସଲମାନ ଯୁବକଙ୍କୁ ହତ୍ୟା ଘଟଣା ନେଇ ହରିୟାଣାରେ ସାମ୍ପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଛି। ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଦଣ୍ଡ ଦିଆଯିବା ନେଇ ଶୁକ୍ରବାର ୫୦୦ ଯୁବକ ରାସ୍ତାରୋକୋ କରିଥିବାବେଳେ ସେମାନଙ୍କ ବିରୋଧରେ ଶନିବାର ପୋଲିସ ମାମଲା ରୁଜୁ କରିଛି। ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି।

### ୨ କି.ମି. ଘୋଷାରିନେଲା ଟ୍ରକ୍: ଜେଜେ, ନାତି ମୃତ

**ନୂଆଦିଲ୍ଲୀ, ୨୬।୨:** ଉତ୍ତରପ୍ରଦେଶ ମାହୋବାରେ ଟ୍ରକ୍‌ରେ ଘୋଷାରି ହୋଇ ୬ ବର୍ଷର ବାଳକ ଏବଂ ଜେଜେଙ୍କ ମୃତ୍ୟୁ ଘଟିଛି। ୬୭ ବର୍ଷୀୟ ଉଦିତ ନାରାୟଣ ଚାନ୍‌ସୋରିଆ ଏବଂ ନାତି ସାତ୍ତ୍ୱିକ ସ୍କୁଟରରେ ମାର୍କେଟ ଯାଉଥିବାବେଳେ ଟ୍ରକ୍ ସହ ଧକ୍କା ହୋଇଥିଲା। ସ୍କୁଟରଟି ଟ୍ରକ୍‌ରେ ଫସିଯବା ଯୋଗୁ ସ୍କୁଟରକୁ ୨ କି.ମି.ରୁ ଅଧିକ ବାଟ ଘୋଷାରି ନେଇଥିଲେ। ପ୍ରତ୍ୟକ୍ଷଦର୍ଶୀ ଟ୍ରକ୍‌କୁ ଟେକା, ପଥରପିଙ୍ଗିବା ପରେ ଡ୍ରାଇଭର ଗାଡ଼ି ଅଟକାଇଥିଲେ। ସେତେବେଳକୁ ଉଦିତ ଏବଂ ସାତ୍ତ୍ୱିକଙ୍କ ମୃତ୍ୟୁ ଘଟିସାରିଥିଲା। ସ୍ଥାନୀୟ ଲୋକେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ସ୍ଥାନୀୟ ପୋଲିସ ଟ୍ରକ୍‌ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।




କିଭ୍‌କୁ ଯୁଦ୍ଧାସ୍ତ୍ର ଯୋଗାଣ ପ୍ରତିବାଦରେ ଜର୍ମାନୀ ସରକାରଙ୍କ ବିରୋଧରେ ବାମପନ୍ଥୀ ଡିଏ ଲିଙ୍କେ ପାର୍ଟି ପକ୍ଷରୁ ବର୍ଲିନରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଛନ୍ତି।



ୟୁକ୍ରେନ୍ ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ଜର୍ମାନୀର ବର୍ଲିନ୍‌ସ୍ଥିତ ବ୍ରାଣ୍ଡେନ୍‌ବର୍ଗ ଗେଟ୍‌ରେ ରୁଷିଆ ବିରୋଧରେ ବିକ୍ଷୋଭରତ ଜଣେ ଯୁବତୀ।

# ନୂଆ କଂଗ୍ରେସର ଅୟମାରମ୍ଭ



ମଲ୍ଲିକାର୍ଜୁନ ଖାର୍ଗେ

**ଦଳୀୟ ସମ୍ବିଧାନରେ ୮୫ ପରିବର୍ତ୍ତନ**

**ମହିଳା ଓ ଯୁବବର୍ଗଙ୍କ ପାଇଁ ୫୦% ପଦବୀ ସଂରକ୍ଷଣ**

**ରାୟପୁର , ୨୬।୨**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଛତିଶଗଡ଼ର ରାୟପୁରରେ ଚାଲିଥିବା ଏଆଇସିସିର ୮୫ତମ ମହାଧିବେଶନ ରବିବାର ଶେଷ ହୋଇଛି। ଏହି ଅଧିବେଶନ ଅବସରରେ ଦଳୀୟ ସମ୍ବିଧାନରେ ୮୫ଟି ପରିବର୍ତ୍ତନ ଅଣାଯାଇଥିବାବେଳେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ଓବିସି, ମହିଳା ଓ ଯୁବବର୍ଗଙ୍କ ପାଇଁ କଂଗ୍ରେସ କାର୍ଯ୍ୟକାରୀ କମିଟି ସମେତ ସମସ୍ତ ଦଳୀୟ ପଦପଦବୀର ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ଅନ୍ୟ ସଂଶୋଧନ ମଧ୍ୟରେ ରହିଛି କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ରେ ଦଳରୁ ପୂର୍ବତନ ପ୍ରଧାନମନ୍ତ୍ରୀ, ପୂର୍ବତନ ଏଆଇସିସି ଅଧ୍ୟକ୍ଷଙ୍କ ସମେତ ଲୋକ ସଭା ଏବଂ ରାଜ୍ୟ ସଭାରେ କଂଗ୍ରେସ ନେତାଙ୍କୁ ସାମିଲ କରାଯିବ। ୨୦୨୫ ଜାନୁୟାରୀ ୧ରୁ କଂଗ୍ରେସ କେବଳ ଡିଜିଟାଲ ସଦସ୍ୟତା ଆରମ୍ଭ କରିବ।

ଏହା ବ୍ୟତୀତ ମହାଧିବେଶନରେ ଦଳ ପକ୍ଷରୁ ରାଜନୈତିକ ସଂକଳ୍ପ ପ୍ରକାଶ ପାଇଛି। ଏଥିରେ ଘୃଣିତ ଅପରାଧ ବିରୋଧରେ ଆଇନ ଆଣିବା, ନିଶ୍ଚୟ ନାଗରିକ ଅଧିକାରଠାରୁ ମାଗଣା ସ୍ୱାସ୍ଥ୍ୟସେବା, ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବା ଆଦି ପ୍ରତିଶ୍ରୁତି ଦିଆଯାଇଛି। ସଂକଳ୍ପରେ କୁହାଯାଇଛି, ଚଳିତ ବର୍ଷ ୯ ରାଜ୍ୟରେ ବିଧାନସଭା ନିର୍ବାଚନ ଏବଂ ୨୦୨୪ରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ଏଗୁଡ଼ିକ ଭାରତର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ନୀତି ଆଦର୍ଶ ଆଧାରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ପରାଜିତ କରିବାକୁ ହେଲେ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଜରୁରୀ ଆବଶ୍ୟକତା। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ, ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ସ୍ୱତନ୍ତ୍ର ବର୍ଗର ପାହ୍ୟା ବଜାୟ ରଖାଯିବ ବୋଲି କଂଗ୍ରେସ ଏହାର ସଂକଳ୍ପନାମାରେ କହିଛି। ରାଜନୈତିକ ବିରୋଧୀଙ୍କୁ ଧମକ ଦେବା ଓ ସେମାନଙ୍କ ସ୍ୱରକୁ ଚାପିଦେବା ପାଇଁ ଭାଜପା ନେତୃତ୍ୱାଧୀନ ସରକାର ଇଡି, ଏନ୍‌ଆଇଏ, ସିବିଆଇ ଏବଂ ଆୟକର ବିଭାଗ ଆଦି କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର କରୁଥିବାରୁ କଂଗ୍ରେସ ଏହାର କଡ଼ା ସମାଲୋଚନା କରିଛି।

କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଥିଲେ, ଦଳ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି, ଯାହାକୁ ଏହା ମୁକାବିଲା କରିପାରିବ। ଏଥିପାଇଁ ଏକତା, ଶୃଙ୍ଖଳା ଏବଂ ଦୃଢ଼ ସଂକଳ୍ପ ଆବଶ୍ୟକ। ଆମର ଶକ୍ତି ଦଳର ତାକତରେ ରହିଛି। ଉଦ୍‌ଯାପନୀ ଭାଷଣରେ ଖାର୍ଗେ କହିଥିଲେ, ଅଧିବେଶନ ଶେଷ ହୋଇପାରେ, କିନ୍ତୁ ଏହାର ନିଷ୍କର୍ଷଗୁଡ଼ିକ ନୂଆ କଂଗ୍ରେସର ଅୟମାରମ୍ଭ। ଜାତୀୟ ସ୍ତରରେ ଆମର ଆଚରଣ ସାରା ଦେଶର ପ୍ରତ୍ୟେକ ସ୍ତରରେ ଥିବା କୋଟି କୋଟି ଦଳୀୟ ସହକର୍ମୀମାନଙ୍କୁ ପ୍ରଭାବିତ କରିବ। ସମୟ ସହ ବହୁ କିଛି ବଦଳିଛି। ଲୋକମାନଙ୍କ ଆଶା ଆକାଂକ୍ଷାରେ ପରିବର୍ତ୍ତନ ହୋଇଛି, ନୂଆ ଚ୍ୟାଲେଞ୍ଜ ମୁଣ୍ଡ ଟେକିଛି। ଏଥିସହିତ ନୂଆ ଉପାୟ ମଧ୍ୟ ମିଳିଯାଇଛି ବୋଲି ଖାର୍ଗେ କହିଥିଲେ। ସେଥିପାଇଁ କୁହାଯାଉଛି, ରାଜନୀତି ଓ ସାମାଜିକ କାର୍ଯ୍ୟର କଦାପି ଅନ୍ତ ନାହିଁ। ଏହାକୁ ଆଗେଇ ନେବାକୁ ହେବ। ଆମର ବିଭିନ୍ନ ପିଢ଼ି ଉକ୍ତ ମାର୍ଗରେ ଚାଲୁଛନ୍ତି ଏବଂ ଭବିଷ୍ୟତରେ ତାହା ଜାରି ରଖିବେ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ।

## ପୂର୍ବରୁ ପଶ୍ଚିମ ଯାତ୍ରା କରିବ କଂଗ୍ରେସ

**ନୂଆଦିଲ୍ଲୀ , ୨୬।୨**

ଭାରତ ଯୋଡ଼ୋ ଯାତ୍ରାର ସଫଳତା ପରେ କଂଗ୍ରେସ ଏବେ ପୂର୍ବରୁ ପଶ୍ଚିମ ପଦଯାତ୍ରା କରିବା ଲାଗି ଯୋଜନା କରିଛି। ଏହି କ୍ରମରେ ଅରୁଣାଚଳପ୍ରଦେଶର ପାସିଘାଟରୁ ଗୁଜରାଟର ପୋରବନ୍ଦର ପର୍ଯ୍ୟନ୍ତ ପଦଯାତ୍ରା କରିବାକୁ ଦଳ ବିଚାର କରୁଛି। ତେବେ ଏହା ଭାରତ ଯୋଡ଼ୋ ଯାତ୍ରାଠାରୁ ଭିନ୍ନ ହେବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ରବିବାର କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କନ୍ୟାକୁମାରୀରୁ କଶ୍ମୀର ଭାରତ ଯୋଡ଼ୋ ଯାତ୍ରାକୁ ସେ ତପସ୍ୟା ବୋଲି କହିଥିଲେ। ପୂର୍ବରୁ ପଶ୍ଚିମ ଯାତ୍ରାରେ ବହୁ ଜଙ୍ଗଲ ଏବଂ ନଦୀ ଅତିକ୍ରମ କରିବାକୁ ଥିବାରୁ ଏହା ଏକ ବହୁବିଧ ଯାତ୍ରା ହେବାକୁ ଥିବାବେଳେ ପଦଯାତ୍ରା ଏଥିରେ ମୁଖ୍ୟ ଭୂମିକା ନେବ ବୋଲି ଜୟରାମ କହିଛନ୍ତି। ଏପ୍ରିଲ ଓ ନଭେମ୍ବରରେ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ଥିବାରୁ ପଦଯାତ୍ରା ଜୁନ୍ ପୂର୍ବରୁ କିମ୍ବା ନଭେମ୍ବର ପୂର୍ବରୁ ଅନୁଷ୍ଠିତ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ପିଏମ୍-କିଷାନ: ଆଜି ୧୬,୮୦୦ କୋଟି ପ୍ରଦାନ କରାଯିବ

**ନୂଆଦିଲ୍ଲୀ, ୨୬।୨**

ହୋଲି ଉତ୍ସବ ଏବଂ ରବି ଫସଲ ଅମଳ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ହିତାଧିକାରୀ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ତ୍ରୟୋଦଶ କିସ୍ତି ପ୍ରଦାନ କରିବାକୁ ଯାଉଛନ୍ତି। ଏହି କିସ୍ତିରେ ମୋଟ ୧୬,୮୦୦ କୋଟି ଟଙ୍କା ପ୍ରଦାନ କରାଯିବ ଏବଂ ୮ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଚାଷୀ ଉପକୃତ ହେବେ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ରେ ହିତାଧିକାରୀ ଚାଷୀମାନଙ୍କୁ ବାର୍ଷିକ ୬ ହଜାର ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଇ ଆସୁଛି। ଏହି ଅର୍ଥ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ଉକ୍ତ ଯୋଜନା ୨୦୧୯ ଫେବୃୟାରୀରୁ ଆରମ୍ଭ ହୋଇଥିଲେ ହେଁ ୨୦୧୮ ଡିସେମ୍ବରରୁ କାର୍ଯ୍ୟକାରୀ ହୋଇଥିଲା। ପ୍ରଧାନମନ୍ତ୍ରୀ କର୍ନାଟକର ବେଲାଗାଭିରେ ଆୟୋଜିତ କାର୍ଯ୍ୟକ୍ରମରେ ୧୩ତମ କିସ୍ତି କୃଷକମାନଙ୍କ ଖାତାକୁ ପଠାଇବେ ବୋଲି ଏକ ବିବୃତିରେ କୁହାଯାଇଛି।

## 'ପ୍ଲାଷ୍ଟିକ୍ ବଦଳରେ କନା ତିଆରି ବ୍ୟାଗ ବ୍ୟବହାର କରନ୍ତୁ'

**ମନ୍ କୀ ବାତ୍**

**ନୂଆଦିଲ୍ଲୀ, ୨୬।୨**

ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୮ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବା ଅବସରରେ ଦେଶବାସୀ ପ୍ଲାଷ୍ଟିକ୍ ବ୍ୟାଗ୍ ବର୍ଜନ କରି କନାରେ ତିଆରି ବ୍ୟାଗ୍ ବ୍ୟବହାର କରିବା କଥା କହିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ଜନ ଭାଗୀଦାରିର ଅର୍ଥକୁ ବଦଳାଇ ଦେଇଛି। ହରିୟାଣାର ଦୁଲହେଦି ଗ୍ରାମର ଯୁବକୋଷ୍ଠୀଙ୍କ ଦ୍ୱାରା ଗଠିତ 'ସ୍ୱଚ୍ଛ ଇଭାମ ଜନସେବା ସମିତି' ସମ୍ପର୍କରେ ମୋଦି ମନ କୀ ବାତ୍‌ରେ କହିଛନ୍ତି। ସମିତିର ସଦସ୍ୟ ପ୍ରତିଦିନ ଭୋର ୪ଟା ବେଳେ ଭିୱାନି ସହରର ବିଭିନ୍ନ ଅଞ୍ଚଳ ବୁଲି ସଫେଇ କରୁଛନ୍ତି। ଅନ୍ୟପକ୍ଷେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲୋକପ୍ରିୟତା ଖାଲି ଦେଶରେ ନୁହେଁ ବରଂ ଦେଶ ବାହାରେ ବଢ଼ିଛି। ଏହି ଅବସରରେ ମୋଦି ହୋଲି ପର୍ବ ପାଇଁ ଦେଶବାସୀଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ପର୍ବ ପାଳନକୁ ନେଇ ନିଜ ଅଭିଜ୍ଞତା ବିଷୟରେ ଜଣାଇବାକୁ ମଧ୍ୟ ସେ ଏହି ରେଡିଓ ବାର୍ତ୍ତା କାର୍ଯ୍ୟକ୍ରମ ଜରିଆରେ କହିଛନ୍ତି।

## ନାଗରିକଙ୍କ ଧନଜୀବନ ରକ୍ଷା ରାଷ୍ଟ୍ରର ପରମ କର୍ତ୍ତବ୍ୟ

**ନୂଆଦିଲ୍ଲୀ, ୨୬।୨(ପି.ଟି.)**

ସବୁ ସମୟରେ ନାଗରିକ ଓ ଅନ୍ୟମାନଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରାଇବା ରାଷ୍ଟ୍ରର ପରମ କର୍ତ୍ତବ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ହରିୟାଣାର ଝାଜର କୋର୍ଟରେ ଥିବା ଏକ ମାମଲାକୁ ଦିଲ୍ଲୀ ଅଦାଲତକୁ ସ୍ଥାନାନ୍ତର ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଯେକୌଣସି ବ୍ୟକ୍ତିଙ୍କ ହାତରେ ପ୍ରତ୍ୟେକ ଉଦ୍ୟମ ସଫଳ ହେଲେ ଫୌଜଦାରୀ ଆଇନର ପ୍ରଭାବ ଦୁର୍ବଳ ହୋଇଯିବ ବୋଲି ଖଣ୍ଡପୀଠ କହିଥିଲେ। ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ ଦାବି ନେଇ ଜାଟ୍ ସମ୍ପ୍ରଦାୟ ୨୦୧୬ରେ ହିଂସାତ୍ମକ ଆନ୍ଦୋଳନ ଚଳାଇଥିବାବେଳେ ଝାଜର ସମ୍ପ୍ରଦାୟର ବହୁ ଘରଦ୍ୱାର ଓ ସମ୍ପତ୍ତି ପୋଡ଼ିହୋଇ ନଷ୍ଟ ହୋଇଥିଲା। ଉକ୍ତ ମାମଲାକୁ ନୂଆଦିଲ୍ଲୀ ସ୍ଥାନାନ୍ତର ପାଇଁ ଝାଜର ସମ୍ପ୍ରଦାୟର ୩୮ ଜଣ ଆବେଦନ କରିଥିଲେ। ବାର୍ ଅଧ୍ୟକ୍ଷ ଥିବା ଜଣେ ପ୍ରଭାବଶାଳୀ ଆଇନଜୀବୀଙ୍କ ପାଇଁ ମାମଲା ପ୍ରଭାବିତ ହେଉଥିବା ଆବେଦନକାରୀ ଦର୍ଶାଇଥିଲେ। ତେବେ ୪୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବାରୁ ମାମଲା ସ୍ଥାନାନ୍ତର କରିବାକୁ ଖଣ୍ଡପୀଠ ମନା କରିଦେଇଥିଲେ। ତେବେ ମାମଲା ଉପରେ କେତେକ ଟିପ୍ପଣୀ ଓ ନିର୍ଦ୍ଦେଶନାମାର ଆବଶ୍ୟକତା ରହିଥିବା କହିଥିଲେ।

## ଶହେ ରୋବୋଙ୍କୁ ବିଦାକଲା ଗୁଗଲ

**ସାନ୍‌ଫ୍ରାନ୍ସିସ୍କୋ, ୨୬।୨**




ବିଶ୍ୱର ବହୁ ଆଇଟି କମ୍ପାନୀ କର୍ମଚାରୀ ଛଟେଇ ଅଭିଯାନ ଚଳାଇଛନ୍ତି। ଗୁଗଲ ଏଥିରୁ ବାଦ୍ ପଡିନାହିଁ। ପାଖାପାଖି ୧୨,୦୦୦ କର୍ମଚାରୀଙ୍କୁ ବାହାର କରିବା ପରେ ଗୁଗଲ ଏବେ ୧୦୦ ରୋବୋଙ୍କୁ ଚାକିରିରୁ ବିଦା କରିଛି। ଏହି ରୋବୋ ଗୁଗଲର କାଫେଟେରିଆ ସଫେଇ କାର୍ଯ୍ୟରେ ନିୟୋଜିତ ଥିଲେ। କମ୍ପାନୀର ଏକ୍ସପେରିମେଣ୍ଟାଲ 'ଏକ୍ସ' ଲାବରେଟୋରି ବନ୍ଦ ହେବା ପରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି।

ପାଖାପାଖି ୧୦୦ ୱାନ୍ ଆର୍ମ ୱିଲ୍ଡ ରୋବୋଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁଗଲର କାଫେଟେରିଆରେ ଏହି ରୋବୋଙ୍କୁ ନିୟୋଜିତ କରାଯାଇଥିଲା। ଟେବୁଲ ସଫା କରିବା, ଅଳିଆ ସବୁକୁ ଅଲଗା କରିବା ଏବଂ ଏହାର ପୁନଃଚକ୍ରଣ କରିବା ସହ କୋଭିଡ୍ ସମୟରେ କନ୍‌ଫରେନ୍ସ ହଲ୍‌ର ଦେଖାରଖା ରୋବୋଙ୍କ ଦ୍ୱାରା କରାଯାଉଥିଲା। କିଛିବର୍ଷ ହେବ ପ୍ରଶିକ୍ଷଣ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ଗୁଗଲର ପ୍ୟାରେଣ୍ଟ କମ୍ପାନୀ ଆଲ୍‌ଫାବେଟ୍ ଇଣ୍ଟିଗ୍ରେଟେଡ୍ ହାର୍ଡୱେର ଏବଂ ସଫ୍ଟୱେର ସିଷ୍ଟମ ଡେଭଲପ କରିଛି। ରୋବୋଙ୍କୁ ନେଇ ଅନେକ ଦେଶର ବୈଜ୍ଞାନିକଙ୍କ ଅଧ୍ୟୟନ ଓ ଗବେଷଣା ଜାରି ରହିଛି।

## ଫ୍ରିଜ୍‌ରୁ ମିଳିଲା ମଡେଲଙ୍କ ଗୋଡ଼

- ହତ୍ୟା ଅଭିଯୋଗରେ ୪ ଗିରଫ
- ମୁଣ୍ଡ ଖୋଜୁଛି ପୋଲିସ

**ହଂକଂ, ୨୬।୨**



ନିଖୋଜ ଥିବା ହଂକଂ ମଡେଲ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଆବୀ ଚୋଇଙ୍କ କଟା ଗୋଡ଼ ଗୁରାଲ ଟାଇ ପୋ'ରେ ଥିବା ଘର ଫ୍ରିଜ୍‌ରୁ ରବିବାର ପୋଲିସ ଜବତ କରିଛି। ମଡେଲଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ୩ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ୨୮ ବର୍ଷୀୟା ଆବୀଙ୍କ ହତ୍ୟାରେ ପୂର୍ବତନ ସ୍ୱାମୀ ଆଲେକ୍ସ କୱୋଙ୍ଗ ଓ ଶାଶୁଙ୍କ ସମ୍ପୃକ୍ତି ନେଇ ପୋଲିସ ଗିରଫ କରିଛି। ଶରୀରର କଟା ଅଙ୍ଗ ସାଙ୍ଗକୁ ଏଥିରେ ବ୍ୟବହାର ହୋଇଥିବା ଉପକରଣ ସବୁକୁ ପୋଲିସ ଜବତ କରିଥିବା କହିଛି। ଡ୍ରୋନ୍ ସାହାଯ୍ୟରେ ଆବୀଙ୍କ ମୁଣ୍ଡ ଓ ଅନ୍ୟ ଅଙ୍ଗ ପୋଲିସ ଖୋଜିବା ଆରମ୍ଭ କରିଛି। ଏଲ୍' ଅଫିସିଆଲ ମୋନାକୋ ଫ୍ୟାଶନ୍ ମାଗାଜିନ୍‌ର ଡିଜିଟାଲ କଭରରେ ଆବୀଙ୍କୁ ନିକଟରେ ଦେଖାଯାଇଥିଲା। ମଙ୍ଗଳବାର ତାଙ୍କୁ ଶେଷଥର ପାଇଁ ଟାଇ ପୋ'ରେ ଦେଖାଯାଇଥିବା ପୋଲିସ କହିଛି।

## କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟାକଲେ ଆତଙ୍କବାଦୀ

**ଶ୍ରୀନଗର, ୨୬।୨**

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀମାନେ ରବିବାର କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ମୃତ ସଞ୍ଜୟ ଶର୍ମା (୪୦) ଏଟିଏମ୍‌ରେ ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ପୁଲ୍‌ୱାମାର ଅଚନ ଅଞ୍ଚଳରେ। ସେ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବଜାରକୁ ଯାଉଥିବାବେଳେ ଆତଙ୍କବାଦୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ



ମୃତ ସଞ୍ଜୟ ଶର୍ମା

ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି (ଡିପିଏପି)ର ଅଧ୍ୟକ୍ଷ ଗୁଲାମ ନବୀ ଆଜାଦ୍ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ଟାର୍ଗେଟ କିଲିଂ ଗମ୍ଭୀର ଚିନ୍ତାର ବିଷୟ ବୋଲି ଆଜାଦ୍ କହିଛନ୍ତି। କଶ୍ମୀରୀ ପଣ୍ଡିତ ହୁଅନ୍ତୁ କି ମୁସଲମାନ କିମ୍ବା ଶିଖ୍; ପ୍ରତ୍ୟେକ ଟାର୍ଗେଟ କିଲିଂ ନିନ୍ଦନୀୟ ଘଟଣା। ଗତ ୩୦ ବର୍ଷ ମଧ୍ୟରେ ଏଭଳି ଅପରାଧ ଘଟଣାରେ ଅନେକ ଗିରଫ ହୋଇଛନ୍ତି। କିନ୍ତୁ ଗତ ଦୁଇବର୍ଷରେ ଟାର୍ଗେଟ କିଲିଂରେ ସମ୍ପୃକ୍ତ ଜଣେ ହେଲେ ଅପରାଧୀଙ୍କୁ ଗିରଫ କରାଯାଇ ନାହିଁ। ତେଣୁ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଥିବାର ବାସ୍ତବତାକୁ ନେଇ ଆଜାଦ ପ୍ରଶ୍ନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବଦୁଲାଙ୍କ ସମେତ କଶ୍ମୀରୀ ପଣ୍ଡିତ ସଂଘର୍ଷ ସମିତି ମଧ୍ୟ ସଞ୍ଜୟଙ୍କୁ ହତ୍ୟା ଘଟଣାକୁ ନିନ୍ଦା କରିଛନ୍ତି।

**ଟାର୍ଗେଟ କିଲିଂ ଗମ୍ଭୀର ଚିନ୍ତାର ବିଷୟ: ଆଜାଦ୍**

**ସୋନାଲିକାର ଅତ୍ୟାଧୁନିକ ଟ୍ରାକ୍ଟର୍ ରେଞ୍ଜ୍ ଉନ୍ମୋଚିତ**

ନୂଆଦିଲ୍ଲୀ:ଗତ କିଛି ମାସ ହେବ ସବୁ ବର୍ଗର କମ୍ପାନୀ ଛଟେଇ କରୁଛନ୍ତି। ହେଲେ ବର୍ତ୍ତମାନ ଏୟାର ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୫୦୦୦ରୁ ଅଧିକ ନୂଆ ନିଯୁକ୍ତି ଦେବ ବୋଲି ଜଣାପଡିଛି। ବିଶେଷ କରି କମ୍ପାନୀ ନୂଆ ବିମାନ କିଣିବାକୁ ଯାଉଥିବାରୁ ସେଥିପାଇଁ କେବିନ କ୍ରୁ ଏବଂ ପାଇଲଟ ନିଯୁକ୍ତି ଦେବ। ନିକଟରେ କମ୍ପାନୀ ଏୟାରବସ ଏବଂ ବୋଇଂ ଠାରୁ ୪୭୦ଟି ବିମାନ କିଣିବା ପାଇଁ ରାଜିନାମା କରିଛି। ଗତବର୍ଷ ଏପ୍ରିଲରୁ ବର୍ତ୍ତମାନ ସୁଦ୍ଧା କମ୍ପାନୀ ପ୍ରାୟ ୨୦୦୦ କେବିନ କ୍ରୁ ଏବଂ ୩୦୦ ପାଇଲଟଙ୍କୁ ନିଯୁକ୍ତି ଦେଇଛି।



ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରିମିୟମ ମଡେଲ 'ଟାଟା ମୋଟର୍ସ ବ୍ଲାକ ଅଡିଶନ'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି।

## ଏଲ୍‌ଜି ରେଫ୍ରିଜରେଟରରେ ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୨୬।୨**

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ସାଇଡ୍ ବାଏ ସାଇଡ ରେଫ୍ରିଜରେଟରର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆରମ୍ଭ କରାଯାଇଛି। ଏପରିକି ଚଳିତମାସ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଫର ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। କମ୍ପାନୀ ଉକ୍ତ ରେଫ୍ରିଜରେଟର କିଣୁଥିବା ଗ୍ରାହକଙ୍କ ପାଇଁ ୫ ତାରକା ହୋଟେଲରେ ଗୋଟିଏ ରାତି ରହଣି ସହ ଟାଇମ୍ସ ପ୍ରାଇମ ଏକ୍ସକ୍ଲୁସିଭ ମେମ୍ବରଶିପ ପ୍ରୋଗ୍ରାମର ସୁବିଧା ମିଳିବ। ବିଶେଷ କରି ଟାଇମ୍ସ ପ୍ରାଇମଟାଇମ ମେମ୍ବରଶିପରେ ୬୦ରୁ ଅଧିକ ବ୍ରାଣ୍ଡ୍ ସୁବିଧା ରହିଛି। ଏହାର ଗ୍ରାହକମାନେ ଓଟିଟି ସବସ୍କ୍ରିପସନ ସହ ସପିଂ ଭାଉଚର, ଖାଦ୍ୟ ଓ ପାନୀୟ ଭାଉଚର, ଡାଇନିଂ ଭାଉଚର, ହେଲ୍‌ଥ ଏବଂ ଫିଟନେସ୍ ଭାଉଚର, ଟ୍ରାଭେଲ ଏବଂ ହସ୍ପିଟାଲିଟି ଭାଉଚର ସମେତ ଅନ୍ୟାନ୍ୟ ସୁବିଧା ପାଇପାରିବେ।

## ଜୀବିକା ପ୍ରଶିକ୍ଷଣ ତାଲିମ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୬।୨**

ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍ଏଫ୍) ସହଯୋଗରେ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍(ଏସ୍‌ପିପିଏଲ୍) ବାଲେଶ୍ୱର ଜିଲାର ବାଲିଆପାଳର ଡଗରା ଗ୍ରାମ ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ସଦସ୍ୟଙ୍କ ପାଇଁ ସବାଇ ଘାସ ହସ୍ତତନ୍ତ ସାମଗ୍ରୀ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି,ଏସ୍‌ପିପିଏଲ୍‌ର ପ୍ରଶାନିକ ବିଭାଗର ବରିଷ୍ଠ ଡିଭିଜନାଲ ମ୍ୟାନେଜର ପ୍ରମୋଦ କୁମାର ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଅଧିକାରୀ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ୨ମାସର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ୨ଜଣ ସରକାରୀ ସାର୍ଟିଫାଏଡ୍ ଟ୍ରେନରଙ୍କ ଦ୍ୱାରା ଟ୍ରେନିଂ ଅଫ୍ ଟ୍ରେନର ମଡେଲରେ ଶିକ୍ଷାଦାନ କରାଯିବ। ଏପରିକି ଉକ୍ତ କାର୍ଯ୍ୟକ୍ରମଟି ସବାଇଘାସ ହସ୍ତତନ୍ତ ସାମଗ୍ରୀ କାରବାର କରୁଥିବା ଅନ୍ୟ ଏସ୍ଏଚ୍‌ଜିମାନଙ୍କୁ ତାଲିମ ଦେବା ପାଇଁ ଏହା ବେଶ୍ ସହାୟକ ହେବ। କାରଣ ଏହା ଜରିଆରେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଦକ୍ଷତା ବୃଦ୍ଧି କରିବାକୁ ଉଭୟ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଏସ୍ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଗୁଣବତ୍ତା ଏବଂ ପରିମାଣ ବୃଦ୍ଧି କରିବା ସହ ତାଲିମ ପ୍ରୋଗ୍ରାମ ବେଶ୍ ଉପଯୋଗୀ ହେବ।

## 'ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସାମ୍ପ୍ରତିକ ପରିବର୍ତ୍ତନ'

**ଭୁବନେଶ୍ୱର,୨୬।୨**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଅଫିସର୍ସ ଆସୋସିଏଶନ୍ ଓଡ଼ିଶା ୟୁନିଟ୍‌ର ୪୨ତମ ବାର୍ଷିକ ବୈଠକ ରବିବାର ସ୍ଥାନୀୟ ରେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫେଡେରେଶନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ ସୁନୀଲ କୁମାର, ସଭାପତି କମ୍ରେଡ୍ ନିଲେଶ ପାୱାର, ଚେୟାରମ୍ୟାନ୍ କମ୍ରେଡ୍ ସଞ୍ଜୟ ଦାସ, ଉପଦେଷ୍ଟା କମ୍ରେଡ୍ ସୁନୀଲ ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ବିଓଆଇ ଏନ୍‌ବିଜି ଓଡିଶାର ପ୍ରଥମ ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ରଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ମଳୟ ଦାସ, ୟୁ.କେ. ରଥ, ଅରବିନ୍ଦ ମିଶ୍ର ଏବଂ ଆର୍.ସି.ଦାସ ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି କମ୍ରେଡ୍ ସ୍ମୃତିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ କମ୍ରେଡ୍ କମଲଜିତ୍ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ବିଶେଷ କରି ଫେଡେରେଶନ୍‌ର ଲିଡର ଏବଂ କାର୍ଯ୍ୟନିର୍ବାହୀମାନେ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସାମ୍ପ୍ରତିକ ପରିବର୍ତ୍ତନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନୂତନ ଟେକ୍ନୋଲୋଜିର ବ୍ୟବହାର ଉପରେ ମଧ୍ୟ ଅଧିକାରୀ ଓ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ ମଧ୍ୟ ବ୍ୟାଙ୍କ ଘରୋଇକରଣର ବିପଦ, ଘରୋଇ ସମ୍ପତ୍ତି ବିକ୍ରୟ ଏବଂ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କରେ ସଦସ୍ୟମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସେମାନେ କାର୍ଯ୍ୟସ୍ଥଳ ଓ ଜୀବନଚର୍ଯ୍ୟାରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ଅନୁରୋଧ କରିବା ସହ ବ୍ୟାଙ୍କର ଗୁଣାତ୍ମକ ବ୍ୟବସାୟିକ ଅଭିବୃଦ୍ଧିରେ ଏହା ସାହାଯ୍ୟ କରିବ ବୋଲି କହିଥିଲେ। ପରିଶେଷରେ ସମସ୍ତ ଲିଡର ସଦସ୍ୟମାନଙ୍କୁ ବ୍ୟାଙ୍କ ଓ ଏହାର କାର୍ଯ୍ୟକାରିତା ପ୍ରତି ଶୃଙ୍ଖଳିତ ରହିବାକୁ ଆହ୍ୱାନ କରିଥିଲେ।

## ମହିମାନନ୍ଦଙ୍କୁ 'ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ-୨୦୨୩'

**ଭୁବନେଶ୍ୱର,୨୬।୨**



ଦୀର୍ଘ ୪ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ଶିପିଂ ଓ ସାମୁଦ୍ରିକ ଶିଳ୍ପ ଏବଂ ଓଡ଼ିଶାର ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିଜ୍ଞ ଶିଳ୍ପପତି ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ)ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ରଙ୍କୁ ନିକଟରେ ସମ୍ମାନଜନକ 'ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ ୨୦୨୩' ପ୍ରଦାନ କରାଯାଇଛି। ବିଶେଷକରି ଏକ୍‌ଜିମ ଇଣ୍ଡିଆ ଶିପିଂ ଟାଇମ୍ସ ଦ୍ୱାରା କୋଲକାତାର ଦ ଲଳିତ ଗ୍ରେଟ୍ ଇଷ୍ଟର୍ନଠାରେ ଆୟୋଜିତ ଇଷ୍ଟର୍ନ ଷ୍ଟାର୍ ଆୱାର୍ଡସ-୨୦୨୩ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ 'ଇଷ୍ଟ କୋଷ୍ଟ ମାରିଟାଇମ ଫୋରମ-୨୦୨୩'ର ୮ମ ସଂସ୍କରଣରେ ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପୂର୍ବତନ ସଚିବ ଗୋପାଳ କ୍ରିଷ୍ଣାଙ୍କ ଦ୍ୱାରା ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷରେ ଓଏସ୍ଏଲ୍ ଗ୍ରୁପ୍ ବର୍ଷ ୨୦୨୩ ପାଇଁ ପୁଣିଥରେ ଷ୍ଟିଭେଡର୍ସ କମ୍ପାନୀ ଅଫ୍ ଦ ଇୟର ପୁରସ୍କାର ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଓଏସ୍ଏଲ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଚନ୍ଦନ ମିଶ୍ର ଏବଂ ଟିମ୍ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଏସ୍ଏଲ୍ ଗ୍ରୁପ୍‌ର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଓଏସ୍ଏଲ୍‌ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର କହିଛନ୍ତି, ମୁଁ ହୃଦୟପୂର୍ଣ୍ଣ ସହକାରେ ଉକ୍ତ ପୁରସ୍କାରକୁ ମୋ ସହକର୍ମୀ, କର୍ମଚାରୀ, ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଉତ୍ସର୍ଗ କରୁଛି। ସେମାନଙ୍କ କଠିନ ପରିଶ୍ରମ, ସମର୍ପଣ, ନିଷ୍ଠା ଏବଂ ସର୍ବୋପରି ସଂଗଠନର ସ୍ୱାର୍ଥ ପାଇଁ ସମସ୍ତ ବ୍ୟକ୍ତିଗତ ଉତ୍ସର୍ଗ ଲାଗି ହିଁ ଏହା ସମ୍ଭବ ହୋଇପାରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ମହିମା ମିଶ୍ର ନାମରେ ମହିମାନନ୍ଦ ମିଶ୍ର ସର୍ବତ୍ର ପରିଚିତ। ସୂଚନାଯୋଗ୍ୟ,ଗତ ବର୍ଷ ମଧ୍ୟ କୋଲକାତାଠାରେ ଆୟୋଜିତ 'ଇଷ୍ଟ କୋଷ୍ଟ ମାରିଟାଇମ ଫୋରମ-୨୦୨୨'ର ୭ମ ସଂସ୍କରଣରେ ଓଏସ୍ଏଲ୍‌କୁ 'ବର୍ଷର ସର୍ବଶ୍ରେଷ୍ଠ ଲଜିଷ୍ଟିକ୍ କମ୍ପାନୀ' ଏବଂ 'ବର୍ଷର ସର୍ବଶ୍ରେଷ୍ଠ ଷ୍ଟିଭେଡର୍ସ କମ୍ପାନୀ' ଭାବେ ପୁରସ୍କୃତ କରାଯାଇଥିଲା।

## ଡାଲମିଆ ସିମେଣ୍ଟର 'ପ୍ରୋଜେକ୍ଟ ହସ୍ତକଳା'

**ଭୁବନେଶ୍ୱର,୨୬।୨**

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ଦ୍ୱାରା ସୁନ୍ଦରଗଡ ଜିଲାର ଝଗରପୁର ଏବଂ କଟାଙ୍ଗ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ମହିଳାମାନଙ୍କ ପାଇଁ ଏକ ଅର୍ଥନୈତିକ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରୋଜେକ୍ଟ ହସ୍ତକଳା ଆରମ୍ଭ କରାଯାଇଛି। ଏପରିକି ଉକ୍ତ ପ୍ରକଳ୍ପ ଶୁଭାରମ୍ଭର ୩ ମାସ ମଧ୍ୟରେ ଅନେକ ସଫଳତା ପାଇଛି। ବିଶେଷ କରି ଉକ୍ତ ପ୍ରକଳ୍ପରେ ପ୍ରାୟ ୯୦ଜଣ ଏସ୍ଏଚ୍‌ଜି ମହିଳା ଅନନ୍ୟ ଟାଇ ଆଣ୍ଡ ଡାଇ ବାଟିକ ଉତ୍ପାଦରେ ତାଲିମ ନେଉଛନ୍ତି। ଅପରପକ୍ଷରେ ନୋଏଡାଠାରେ ଆୟୋଜିତ ସରସ ଆଜିବିକା ମେଳା ଏବଂ ରାଉରକେଲାଠାରେ ଆୟୋଜିତ ସରସ ମେଳା ସମେତ ବିଭିନ୍ନ ପ୍ରଦର୍ଶନୀରେ ପ୍ରକଳ୍ପର ମହିଳାମାନେ ଅଂଶଗ୍ରହଣ କରି ସେମାନଙ୍କର ଉତ୍ପାଦ ବିକ୍ରି କରିଛନ୍ତି। ତାହାସହିତ ସେମାନେ ଫ୍ଲିପକାର୍ଟ ଭଳି ଇ-କମର୍ସ ପ୍ଲାଟଫର୍ମରେ ମଧ୍ୟ ବିକ୍ରି କରୁଛନ୍ତି। ପ୍ରାୟ ୨.୫ ଲକ୍ଷ ଟଙ୍କାର ଉତ୍ପାଦ ବିକ୍ରି ହୋଇସାରିଛି। ଏ ସମ୍ପର୍କରେ ଡିସିବିଏଲ କମ୍ପାନୀର ମୁଖପାତ୍ର କହିଥିଲେ, ଉକ୍ତ ଉତ୍ପାଦର ବଜାରରେ ବିପୁଳ ଚାହିଦା ରହିଛି, କିନ୍ତୁ ତାହାର ଉତ୍ପାଦନ କମ ରହିଥିବାରୁ ଚାହିଦା ପୂରଣ ହୋଇ ପାରୁନାହିଁ। ଏଥିରେ ଆମ ୟୁନିଟ ନିକଟରେ ଚତୁର୍ପାର୍ଶ୍ୱରେ ଥିବା ଗ୍ରାମଗୁଡିକରେ ଥିବା ମହିଳାମାନଙ୍କ ପାଇଁ ସ୍ୱାବଲମ୍ବୀ ହେବାର ବିକଳ୍ପ ସୁଯୋଗ ନିର୍ମାଣ ଦିଗରେ ବେଶ ଉତ୍ସାହପ୍ରଦ ସମ୍ଭାବନା ରହିଥିବା ଆମେ ଲକ୍ଷ୍ୟ କରିଥିଲୁ।

**ଫୁର୍‌ସତ୍**

## ଡିଜ୍‌ନୀ ଲ୍ୟାଣ୍ଡରେ ୨୯୯୫ ଦିନ ବୁଲି ରେକର୍ଡ

**ୱାଶିଂଟନ୍**




କେବେ ଏପରି ଲୋକଙ୍କୁ ଭେଟିଛନ୍ତି, ଯିଏ ସବୁବେଳେ ଖୁସି ରହୁଥିବେ। ଆମେରିକାର କାଲିଫର୍ନିଆରେ ରହୁଥିବା ଜଣେ ଲୋକ ଅଛନ୍ତି, ଯିଏ କି ସବୁବେଳେ ଖୁସି ରହିଥାନ୍ତି। ଏଥିସହ ସେ ଏକ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ନିଜ ନାମ ଲେଖାଇଛନ୍ତି। ଜେଫ୍ ରିଡେଜ୍ ୨୯୯୫ ଦିନ ପର୍ଯ୍ୟନ୍ତ ଡିଜ୍‌ନୀ ଲ୍ୟାଣ୍ଡ ଯାତ୍ରା କରି ଗିନିଜ୍ ରେକର୍ଡ କରିଛନ୍ତି। ରିଡେଜ୍ ଜଣେ ଅବସରପ୍ରାପ୍ତ ଆର୍ମି ଅଫିସର। ତାଙ୍କ ପାଖରେ ଡିଜ୍‌ନୀ ଲ୍ୟାଣ୍ଡ ପାଇଁ ବାର୍ଷିକ ପାସ୍ ରହିଥିଲା। ସେ ତାଙ୍କ ଅବସର ଜୀବନରେ ଖୁସି ରହିବାକୁ ୨୦୧୨ ଜାନୁୟାରୀରୁ ଦୁନିଆର ସବୁଠାରୁ ଖୁସିର ସ୍ଥାନ କୁହାଯାଉଥିବା ସ୍ଥାନ ଡିଜ୍‌ନୀ ଲ୍ୟାଣ୍ଡ ଯିବା ଆରମ୍ଭ କରିଥିଲେ। ପରେ ସେ ସେହି ସ୍ଥାନର ମ୍ୟାଜିକାଲ ପାର୍କକୁ ସବୁଦିନେ ଯିବାକୁ ଲାଗିଲେ। ବେଳେବେଳେ ସେ ମଧ୍ୟ ସେହି ପାର୍କରେ ରାତି ବିତାଉଥିଲେ। ତାଙ୍କର ଏପରି ଡିଜ୍‌ନୀ ଲ୍ୟାଣ୍ଡ ଯିବା ଫଳରେ ସେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଏହି ରେକର୍ଡକୁ ନେଇ ବହୁତ ଖୁସିଥିବା କହିଛନ୍ତି। ରିପୋର୍ଟ ମୁତାବକ, ଏହି ୧୦ ବର୍ଷ ମଧ୍ୟରେ ସେ ସବୁଠାରୁ ଖୁସିରେ ରହୁଥିବା ବ୍ୟକ୍ତି ଭାବେ ରେକର୍ଡ ହାସଲ କରିଛନ୍ତି।

## ହେରାଫେରି-୪ରେ ସଞ୍ଜୟ



ମୁମ୍ବାଇ: ଫିଲ୍ମ 'ହେରାଫେରି'ରେ ଲୋକପ୍ରିୟ ଚରିତ୍ର ଅକ୍ଷୟ କୁମାର, ସୁନୀଲ ଶେଟ୍ଟୀ ଏବଂ ପରେଶ ରାୱଲ କମେଡି ଜରିଆରେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଲୋକେ ସେଥିରେ ହସି ହସି ବେଦମ୍ ହୋଇଥାନ୍ତି। ନିକଟରେ ଫିଲ୍ମର ପ୍ରମୋ ଭିଡିଓ ଶୁଟ୍ କରାଯାଇଥିଲା। ଏଥିପାଇଁ ଦର୍ଶକଙ୍କ ହେରାଫେରି-୪କୁ ନେଇ ଉତ୍କଣ୍ଠା ବଢିଛି। ତେବେ ଏଥିରେ ଭିଲେନ୍ ଚରିତ୍ରରେ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ, ସଞ୍ଜୟ ଏହି ଫିଲ୍ମରେ ଭିଲେନ୍ ଭୂମିକା ପାଇଁ ଦସ୍ତଖତ କରିଛନ୍ତି। ଏହି ୩ ଅଭିନେତାଙ୍କ ସହ ସଞ୍ଜୟଙ୍କ ଯୋଡିକୁ ଦେଖିବାକୁ ଲୋକେ ଅପେକ୍ଷା କରି ରହିଛନ୍ତି। ସଞ୍ଜୟ ବହୁତ କମେଡି କରିଥାନ୍ତି। ହେଲେ ଏଥିରେ ସଞ୍ଜୟ ଅଲଗା ଭୂମିକାରେ ନଜରକୁ ଆସୁଛନ୍ତି। ନିର୍ଦ୍ଦେଶକ ଫର୍‌ହାଦ୍ ସମ୍‌ଜିଙ୍କ ଏହି ଫିଲ୍ମ ଉକ୍ତ ୪ ଅଭିନେତାଙ୍କ ପାଇଁ ସୁପରହିଟ୍ ହେବ ବୋଲି ନିର୍ଦ୍ଦେଶକ ଆଶା କରିଛନ୍ତି। ଏଥିସହ ଅଭିନେତା ଅର୍ଶଦ ୱାର୍ସିଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମର ଶୁଟିଂ ଆସନ୍ତା ୩ ମାସ ମଧ୍ୟରେ ଆରମ୍ଭ ହେବ। ମୁମ୍ବାଇ ସମେତ ବିଦେଶରେ ମଧ୍ୟ ଫିଲ୍ମର ଶୁଟିଂ କରାଯିବ। ସଞ୍ଜୟଙ୍କୁ ନିକଟରେ ଚଳଚ୍ଚିତ୍ର ଭୁଜ୍, ସମ୍‌ସେରା, ପାନିପଥ୍, କେଜିଏଫ୍-୨ରେ ଦେଖିବାକୁ ମିଳିଥିଲା। ଏହାଛଡା ଚଳିତବର୍ଷ ସଞ୍ଜୟଙ୍କ ଆଉ ୨ ମୁଭି ଆସିବାକୁ ଯାଉଛି।

## କେନାଲର ଗୋଟିଏ ପାର୍ଶ୍ୱରୁ ଅଲଗାହୋଇ ଯୋଡ଼ିହୁଏ ବ୍ରିଜ୍

**କୋପେନହାଗେନ**

ଦୁନିଆରେ ଅନେକ ପ୍ରାକୃତିକ ସ୍ଥାନ ରହିଛି, ଯାହାକି ଅତ୍ୟନ୍ତ ମନୋରମ, ଚିତ୍ତାକର୍ଷକ ଏବଂ ଅଦ୍ଭୁତ ହୋଇଥାଏ। ହେଲେ ବର୍ତ୍ତମାନ ଯୁଗରେ ପରିବର୍ତ୍ତନ ଆସିଛି। ଫଳରେ ମଣିଷ ଅନେକ ଜିନିଷ ତିଆରି କରୁଛି, ଯାହା ଆଶ୍ଚର୍ଯ୍ୟକର ଲାଗୁଛି। ଡେନ୍‌ମାର୍କ ରାଜଧାନୀ କୋପେନହାଗେନରେ ଏକ ବ୍ରିଜ୍ ରହିଛି, ଯାହାର ତିଆରି ଶୈଳୀ ବେଶ୍ ଆଶ୍ଚର୍ଯ୍ୟଜନକ। ଏଠାରେ କେନାଲ ଉପରେ ତିଆରି ବ୍ରିଜ୍ ଅନ୍ୟ ବ୍ରିଜ୍ ଭଳି କାମ କରିଥାଏ। ହେଲେ ଏହି ବ୍ରିଜ୍ କେବଳ ପାଦଚଲା ଏବଂ ସାଇକେଲ ଆରୋହୀଙ୍କ ପାଇଁ ଉଦ୍ଦିଷ୍ଟ। ବ୍ରିଜ୍‌ଟି ଭିନ୍ନ ମାପର ୫ଟି ଗୋଲାକାର ବୃତ୍ତରେ ପ୍ରସ୍ତୁତ ହୋଇଛି। ଏଥିରେ ୫ଟି ପିଲାର ରହିଛି। ଯେଉଁଥିରେ କି ୧୧୦ଟି ଷ୍ଟିଲ୍ ତାର ବ୍ୟବହୃତ ହୋଇଛି। ଉକ୍ତ ବ୍ରିଜ୍ ସେହି କେନାଲର ୨ ପାର୍ଶ୍ୱକୁ ଯୋଡୁଛି। ହେଲେ ବ୍ରିଜ୍‌ଟି କେନାଲର ଗୋଟିଏ ପାର୍ଶ୍ୱରୁ ଅଲଗା ହେଉଥିବାବେଳେ ତାହା ପୁନଶ୍ଚ ଭାସି ଆସି ଯୋଡି ହୋଇଯାଉଛି, ଯାହାକି ସମ୍ପୂର୍ଣ୍ଣ ମ୍ୟାଜିକ୍ ଭଳି ଦୃଶ୍ୟମାନ ହୋଇଥାଏ। ବ୍ରିଜ୍‌କୁ ପ୍ରସିଦ୍ଧ ଇଞ୍ଜିନିୟର ଓଲାଫର ଏଲିଏଶନ୍ ଡିଜାଇନ କରିଥିଲେ।



## ମହିଳାଙ୍କୁ ୩ରୁ ୫ ଦିନ ମାସିକ ଋତୁସ୍ରାବଜନିତ ଛୁଟି




**ମାଡ୍ରିଡ୍:** ପ୍ରଥମ ୟୁରୋପିଆନ୍ ରାଷ୍ଟ୍ର ଭାବେ ସ୍ପେନ୍ ପ୍ରଜନନ ଅଧିକାର ଆଇନ ପ୍ରଣୟନ କରିଛି। ଯେଉଁଥିରେ କି ମହିଳା କର୍ମଚାରୀଙ୍କୁ ମାସିକ ଋତୁସ୍ରାବ ସମୟରେ ୩ରୁ ୫ ଦିନ ପର୍ଯ୍ୟନ୍ତ ଛୁଟି ଦେବାକୁ ନିଷ୍ପତ୍ତି ନେଇଛି। ଫେବୃୟାରୀ ୧୬ରେ ଅକ୍ଷମ ଅବସ୍ଥାରେ ପୀଡିତ ମହିଳାଙ୍କ ପାଇଁ ସ୍ପେନ୍ ସଂସଦ ଅସୁସ୍ଥ ଛୁଟି ଘୋଷଣା କରିଥିଲା, ଯାହାକି ୟୁରୋପ ରାଷ୍ଟ୍ରରେ ପ୍ରଥମ। ମନ୍ତ୍ରୀ ଇରେନି ମଣ୍ଟେରୋଙ୍କ ଅନୁସାରେ, ମହିଳାଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ମହିଳା ତାଙ୍କ ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା ଅନୁଭବ କରୁଥିଲେ ଏହି ଛୁଟି ନେଇପାରିବେ। ମନ୍ତ୍ରୀ କହିଛନ୍ତି, ଏହି ଅଧିକାର ବିନା ମହିଳାମାନେ ପୂର୍ଣ୍ଣ ନାଗରିକ ନୁହନ୍ତି। ସଂସଦରେ ଦିଆଯାଇଥିବା ୧୮୫ ଭୋଟ ମଧ୍ୟରୁ ୧୫୪ଟି ଭୋଟ ସ୍ପେନ୍ ସପକ୍ଷରେ ଥିଲା। ବର୍ତ୍ତମାନ ସମୟରେ ଜାପାନ, ଇଣ୍ଡୋନେସିଆ, ଜାମ୍ବିଆ ଆଦି ଦେଶଗୁଡ଼ିକରେ ମହିଳାଙ୍କୁ ଋତୁସ୍ରାବଜନିତ ଛୁଟି ଦିଆଯାଉଛି। ସ୍ପେନ୍‌ରେ ଏପରି ମହିଳାଙ୍କ ଛୁଟି ନେଇ ଅନେକ ସଂଗଠନ ବିରୋଧ କରିଛନ୍ତି। ସ୍ପେନ୍‌ର ମୁଖ୍ୟ ଶ୍ରମ ସଂଗଠନ ଏହି ପଦକ୍ଷେପକୁ ସମାଲୋଚନା କରିଛି। ଏହା ଫଳରେ ମହିଳା ତାଙ୍କ କର୍ମକ୍ଷେତ୍ରରେ କଳଙ୍କିତ ହୋଇପାରନ୍ତି ବୋଲି ସଂଗଠନ କହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ମିଷ୍ଟି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେଷ ଓଭରରେ ୫ ଉଇକେଟ ପତନ

**ୱେଲିଂଟନ୍, ୨୬।୨(ପି.ଟି.):** ଅଷ୍ଟ୍ରେଲିଆର ମହିଳା ଦିନିକିଆ ଲିଗ୍ ଫାଇନାଲର ଶେଷ ଓଭରରେ ୫ ଉଇକେଟ ପତନ ଘଟିଛି। ଶନିବାର ରାତିରେ ବ୍ଲଣ୍ଡଷ୍ଟୋନ ଆରେନାରେ ଏହି ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଟାସ୍‌ମାନିଆ ଡକ୍‌ୱର୍ଥ ଲୁଇସ୍ ପଦ୍ଧତିରେ ସାଉଥ୍ ଅଷ୍ଟ୍ରେଲିଆକୁ ୧ ରନ୍‌ରେ ପରାସ୍ତ କରିଥିଲା। ଅନ୍ତିମ ଓଭରରେ ମ୍ୟାଚ୍ ଜିତିବା ପାଇଁ ୪ ରନ୍ ଆବଶ୍ୟକ ଥିଲା। ସାରା କୋୟେଟ୍ ବୋଲିଂ କରିଥିବା ଏହି ଓଭରରେ ୩ ଖେଳାଳିଙ୍କୁ ଆଉଟ କରିଥିବା ବେଳେ ଦୁଇଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ଏପରି କି ଦୁଇଟି ରନ୍‌ଆଉଟ ମଧ୍ୟରୁ ସାରା ଗୋଟିଏ ରନ୍‌ଆଉଟ୍ କରିଥିଲେ। ନାଟକୀୟ ଅନ୍ତିମ ଓଭରର ପ୍ରଥମ ବଲ୍‌ରେ ଆନ୍ନି ଓ ନିଲ୍ ଏବଂ ଦୁଇଟି ବଲ୍ ପରେ ଅଧିନାୟିକା ଜେମା ବାର୍ସବିଷ୍ଟମ୍ପ ଆଉଟ ହୋଇଥିଲେ। ୩ ବଲ୍‌ରୁ ୩ ରନ୍ ଆବଶ୍ୟକ ଥିବା ବେଳେ ଆମାଣ୍ଡା ଜେଡ୍ ୱେଲିଂଟନ୍(୧)ଙ୍କୁ ରନ୍‌ଆଉଟ କରିଥିଲେ ସାରା। ପଞ୍ଚମ ବଲରେ ଏଲା ୱିଲସନ୍‌ଙ୍କୁ ଲେଗ୍ ବିଫୋର କରିବା ସହିତ ଶେଷ ବଲ୍‌ରୁ ଆବଶ୍ୟକ ଥିଲା ୩ ରନ୍। ୧ ରନ୍ କରି ଆନେଷ୍ଟୁ ମୁସାଙ୍ଗେ ରନ୍‌ଆଉଟ ହୋଇଥିଲେ। ଏହାକୁ ମିଶାଇ ଟାସ୍‌ମାନିଆ କ୍ରମାଗତ ଦ୍ୱିତୀୟଥର ପାଇଁ ଅଷ୍ଟ୍ରେଲୀୟ ମହିଳା ଘରୋଇ ଲିଗ୍‌ରେ ଚାମ୍ପିୟନ ହୋଇଥିଲା।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ରୌପ୍ୟ, ଶୁଭ୍ରଜିତ୍‌ଙ୍କୁ ବ୍ରୋଞ୍ଜ

**ସ୍ପାନିଶ ପାରା ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୨୬।୨ (କ୍ରୀଡ଼ା ପ୍ରତିନିଧି)

ସ୍ପେନ୍‌ର ଭିକ୍ଟୋରିଆଠାରେ ଅନୁଷ୍ଠିତ ସ୍ପାନିଶ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବାବେଳେ ଶୁଭ୍ରଜିତ ମହାରଣା ବ୍ରୋଞ୍ଜ ପଦକ ପାଇଛନ୍ତି। ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ୍‌ଙ୍କ ଯୋଡ଼ି ନିଜ ଦେଶର ନିତେଶ କୁମାର ଓ ତରୁନ ଯୋଡ଼ିଙ୍କୁ ୨୨-୨୦, ୧୨-୨୧ ,୨୧-୯ ରେ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେମିଫାଇନାଲରେ ପ୍ରମୋଦ-ସୁକାନ୍ତ ଯୋଡି ଚାଇନିଜ ତାଇପେର ହସିଙ୍ଗ ଚି ହୁଆଙ୍ଗ୍ ଓ ୟେ ଏନ୍ ଚୁଆନ୍ ଯୋଡ଼ିଙ୍କୁ ୨୧-୧୬, ୨୧-୧୭ ରେ ହରାଇ ଫାଇନାଲରେ ପହଞ୍ଚିଥିଲେ। ତେବେ ପ୍ରମୋଦ ସିଙ୍ଗଲ୍ସ ଫାଇନାଲରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେ ଟାଇଟଲ ମୁକାବିଲାରେ ଇଂଲଣ୍ଡର ଡାନିଏଲ ବେଥେଲଙ୍କଠାରୁ ୧୮-୨୧, ୮-୨୧ରେ ହାରି ଯାଇଛନ୍ତି। ଅନ୍ୟତମ ଓଡ଼ିଆ ପାରା ଆଥଲେଟ୍ ଶୁଭ୍ରଜିତ ମହାରଣା ଓ ମହମ୍ମଦ ଅର୍ବାଜ ଅନସାରୀଙ୍କ ଯୋଡ଼ି ସେମିଫାଇନାଲରେ ନିତେଶ କୁମାର ଓ ତରୁନଙ୍କଠାରୁ ୯-୨୧,୧୦-୨୧ରେ ହାରି ଯାଇଥିବାରୁ ବ୍ରୋଞ୍ଜ ପଦକ ପାଇଛନ୍ତି।



କୋଚ୍ ଶିବପ୍ରସାଦ ଦାସଙ୍କ ସହ ଶୁଭ୍ରଜିତ ମହାରଣା ଓ ପ୍ରମୋଦ ଭଗତ।

# ଫଲୋଅନ୍ ପରେ ନ୍ୟୁଜିଲାଣ୍ଡ ୨୦୨/୩

ୱେଲିଂଟନ୍,୨୬।୨(ପି.ଟି.)

ୱେଲିଂଟନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ଦୃଢ଼ ସ୍ଥିତିରେ ପହଞ୍ଚିଛି। ଫଲୋଅନ୍ ପରେ ଘରୋଇ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୨୦୨ ରନ୍ କରିଛି। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ନ୍ୟୁଜିଲାଣ୍ଡ ହାତରେ ୭ ଉଇକେଟ ରହିଥିବା ବେଳେ ଦଳ ୨୪ ରନ୍ ପଛରେ ରହିଛି। ଖେଳ ବନ୍ଦ ହେବାବେଳକୁ କେନ୍ ୱିଲିୟମସନ୍ ୨୫ ଓ ହେନ୍‌ରୀ ନିକୋଲ୍ସ ୧୮ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୩୭/୮ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ୨୦୯ ରନ୍‌ରେ ଅଲଆଉଟ ହୋଇଥିଲା। ଅଧିନାୟକ ଟିମ୍ ସାଉଦି ଆକ୍ରମଣାତ୍ମକ ଅର୍ଦ୍ଧଶତକ ହାସଲ କରିବା ସହିତ ନ୍ୟୁଜିଲାଣ୍ଡ ହାତକୁ ମ୍ୟାଚ୍‌କୁ ଫେରାଇ ଆଣିବାକୁ ପ୍ରୟାସ କରିଥିଲେ। ୪୯ ବଲ୍‌ରୁ ସାଉଦି ୭୩ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୨୦୯ ରନ୍‌ରେ ଅଲଆଉଟ ହୋଇଥିଲା। ସାଉଦିଙ୍କ ଇନିଂସ୍‌ରେ ୫ ଚୌକା ଓ ୬ ଛକା ସାମିଲ ଥିଲା। ଟମ୍ ବ୍ଲଣ୍ଡେଲ (୩୮)ଙ୍କ ସହିତ ସେ ଅଷ୍ଟମ ଉଇକେଟରେ ୯୮ ରନ୍ ଯୋଡ଼ିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ୍-୪୩୫/୮(ଘୋଷଣା)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୫୩.୨ ଓଭରରେ ୨୦୯/୧୦ (ଟିମ୍ ସାଉଦି-୭୩, ଟମ୍ ବ୍ଲଣ୍ଡେଲ-୩୮, ଟମ୍ ଲଥାମ୍-୩୫, ଷ୍ଟୁଆର୍ଟ ବ୍ରଡ୍-୪/୬୧, ଜେମ୍ସ ଆଣ୍ଡରସନ୍-୩/୩୭, ଜ୍ୟାକ୍ ଲିଚ୍-୩/୮୦)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୮୩ ଓଭରରେ ୨୦୨/୩ (ଟମ୍ ଲାଥାମ-୮୩, ଡେଭନ୍ କନ୍‌ୱେ-୬୧, କେନ୍ ୱିଲିୟମସନ୍-୨୫*, ଜ୍ୟାକ୍ ଲିଚ୍-୨/୫୯, ଜୋ ରୁଟ୍-୧/୧୮)।


## ସପ୍ତମ ଜନ୍ମଦିନ ଶୁଭେଚ୍ଛା



ଅଲିଭା ପ୍ରିୟଦର୍ଶିନୀ ମିଶ୍ର (ମିଷ୍ଟି)
ବାପା: ବିକାଶ ମିଶ୍ର, ମାଁ: ଇପ୍‌ସିତା ମିଶ୍ର
ଗ୍ରାମ: ରାଏପାଲି, ବ୍ଲକ: ଦେଓଗାଁ, ଜିଲ୍ଲା ବଲାଙ୍ଗୀର
ଆଜି ତୋର ସପ୍ତମ ଜନ୍ମବାର୍ଷିକ ଉତ୍ସବ ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ, ଏହାହିଁ ବାବା ତ୍ରିଲିଙ୍ଗେଶ୍ୱରଙ୍କ ନିକଟରେ ଆମର ଏକାନ୍ତ କାମନା।
ଶୁଭେଚ୍ଛା ସହ: ଦାଦା: ସୁରେଶ, ମାମା: ଉର୍ମିଳା, ଅଜା: ରଘୁନାଥ, ଆଈ: ତପସ୍ୱିନୀ, ଝିଅ: ଜ୍ୟୋସ୍ନା, ସିନାମୟୀ, ପିଉସା: ଶୁଭେନ୍ଦୁ, ସିପୁନ ମାମୁ: ଅଙ୍କୁଶ ଓ ଲିକୁ ଭାଇ, ଆୟୁଷ୍ମାନ୍, ବଡ଼ବାପା, ବଡ଼ମାଆ ତଥା ମିଶ୍ର ପରିବାରବର୍ଗ।
ଧ-୨୮୮୧

## Happy 1st Anniversary



BHANJA & SUJATA
ଗ୍ରାମ: ଜଗନ୍ନାଥ ପ୍ରସାଦ
ତୁମ ଦୁହିଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାର
D-2880

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
For Booking Contact: 0674-2580385

## ଫାଇନାନ୍ସ

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Alum
- Castic Soda
- Acetic Acid
- HCL Acid
- Dolomite Powder
- Sulphuric Acid
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆନ୍ତଃ ଜିଲା କ୍ରିକେଟ : ଭୁବନେଶ୍ୱର 'ବି' ଚାମ୍ପିୟନ

ଭୁବନେଶ୍ୱର,୨୬।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ୍‌ରେ ଭୁବନେଶ୍ୱର ବି' ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଅବଶିଷ୍ଟ ଓଡ଼ିଶା ଡି'କୁ ୪ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ୪୮.୧ ଓଭରରେ ୧୩୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଡି. ଗୌରବ ସର୍ବାଧିକ ୪୬ ଓ ପ୍ରିୟାଂଶୁ ମହାନ୍ତି ୨୩ ରନ୍ କରିଥିଲେ। ଭୁବନେଶ୍ୱର ପକ୍ଷରୁ ସୟଦ ତୁଫୈଲ ଅହମଦ୍ ୧୯ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ଅନୁଜ ମହାସୁପକାର ୨ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ବି' ୪୦.୩ ଓଭର ଖେଳି ୬ ଉଇକେଟରେ ୧୩୯ ରନ୍ କରି ମ୍ୟାଚ୍ ଜିତିନେଇଥିଲା। କରନ ମହାପାତ୍ର ୪୪ ଓ ଏମ୍.ଜି. ଗୋପାଳ ୩୭ ରନ୍ କରିଥିଲେ। ସୟଦ ତୁଫୈଲ ଅହମଦଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଅବଶିଷ୍ଟ ଓଡ଼ିଶା ପକ୍ଷରୁ ଶୁଭାଶିଷ ପାଲୋ ଓ ପ୍ରିୟାଂଶୁ ମହାନ୍ତି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସୂଚନା ଯେ, ଫେବୃୟାରୀ ୨ରୁ ୩୬ ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ୬ଟି ଦଳ ସୁପର ଲିଗ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ବେଳେ ଅବଶିଷ୍ଟ ଓଡ଼ିଶାର ୪ ଦଳକୁ ସାମିଲ କରାଯାଇଥିଲା। ୧୦ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବା ବେଳେ ଦୁଇ ଶୀର୍ଷ ଦଳ ଫାଇନାଲ ଖେଳିଥିଲେ। ଉଦ୍‌ଯାପନୀ ସମାରୋହରେ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନ୍‌ସିଲ୍ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସିଏ ସଦସ୍ୟ ନୃସିଂହ ଚରଣ ଚୌଧୁରୀ, ଶିବବ୍ରତ ମଲିକ୍, ଅମିତ୍ ବେହେରା, ତ୍ରଡିତ କୁମାର ରାଉତ, ଅଞ୍ଜନ କୁମାର ଖୁଣ୍ଟିଆ ଓ ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ।



ପୁରସ୍କାର ସହ ଅତିଥିଙ୍କ ଗହଣରେ ଭୁବନେଶ୍ୱର 'ବି' ଦଳ।


# Classified Everyday
0674-2580101, 2549949

REAL ESTATE

SALE

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

New House with Shops for sale at roadside Bhagwaanpur, Dhenkanal @1.5 cr. 9556079359. D-2840

Gharabari plot for sale 2km. from Sai Temple Tankapani Road Bridge. Contact: 9861616986. D-71368

କଟକ - ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Healthcare

Newly open SPA positively health benefits with expert therapist. 7849011931. D-73684

Newly open full body massage, ladies and gents. 9040171280. D-74645

Newly open SPA positively health benefit with expert. Contact: 8984068198. D-74517

Full body massage, refresh, relaxed by expert lady therapist. 8480939300. D- 2824

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

BUSINESS

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOST

I, Sri Ashok Kumar Samal, S/o Kangali Charan Samal, Director, A3 Minerals and Metal Export Pvt. Ltd. having its Regd. office At- Plot No.648/2103, Sriram Colony, P.O.- Bhairpur, P.S.- Jagatpur, Imam Nagar, Pin- 754021, Dist.- Cuttack, hereby bring to General Public Notice that on dt. 23.02.2023, Original of Regd. Sale Deed No.275 dt.16.02.2009 executed by Akshaya Kumar Nayak in favour of Smt. Ramamani Sutar relating to Plot No.4156 Ac.0.045 Dec. and Plot No.4157 Ac.0.065 Dec. of Mouza Byree and Original ROR of Khata No.1268/153 of Mouza- Byree in favour of Smruti Ranjan Nayak (which are link deeds of our property) are missed somewhere at our office and I can-not find the same after thorough search. And finder/s are requested to contact me at above address. I am going to create mortgage on said properties before Punjab National Bank, MCC, Cuttack. If any person has any objection may contact said Bank. D-2884

AFFIDAVIT

By the virtue of an affidavit sworn in the Court of Executive Magistrate, Pallahara, I Mamata Sahoo (41), W/o- Tankadhar Sahoo vill/post- Sankhamur, Pallahara, Angul mentioned in all documents. That I always putting my signature as Mamata Sahoo in official and non-official documents. Hence I declare that Mamata Sahoo W/o- Tankadhar Sahoo and Gitanjali Sahoo W/o- Tankadhar Sahoo is one and same person. D-2879

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

14th DEATH ANNIVERSARY



Balunkeswar Khadenga
O.S.J.S.
27.02.1946-27.02.2009
"OUR NANA"
Your love & affection is eternal bliss.
Your memories are beautiful yet painful.
Fondly cherished, always yours
Wife- Basanti Khadenga & Children, Bhubaneswar
ଧ-୨୮୮୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଲିଙ୍ଗରାଜ ମହାପାତ୍ର
ଅବସରପ୍ରାପ୍ତ ସୈନିକ ଓ ବ୍ୟାଙ୍କ କର୍ମଚାରୀ
ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୨୮।୦୨।୧୯୩୫
ତିରୋଧାନ: ୦୯।୦୩।୨୦୨୨
ଫାଲଗୁଣ କୃଷ୍ଣପକ୍ଷ ସପ୍ତମୀ
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ବାସନ୍ତୀ, ପୁତ୍ର ଓ ପୁତ୍ରବଧୂ, ନାତି, ନାତୁଣୀ।
ଧ-୨୮୮୨

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିନୋଦିନୀ ଶତପଥୀ
ଶିକ୍ଷୟିତ୍ରୀ, କେ.ପି. ହାଇସ୍କୁଲ
ଗୋବିନ୍ଦପୁର, ଢେଙ୍କାନାଳ
ତିରୋଧାନ: ୨୦।୦୩।୨୦୧୩
"ଦଶବର୍ଷ ପୂରି ଏଗାର ଚାଲିଲା
ଚାଲିଗଲ କାହିଁ ଦୂରେ,
ସକାଳରୁ ସଞ୍ଜ ଝୁରୁଛି ତୁମକୁ ଆସନ୍ତ କି ଫେରି ଥରେ।
ଦେଖନ୍ତ କିପରି କରୁଅଛି ମୁହିଁ ବଞ୍ଚିବାର ଅଭିନୟ,
ପାନ୍ଥଶାଳାରେ ମୁଁ କ୍ଳାନ୍ତର ପଥିକ ଅସହାୟ ନିରୁପାୟ।
(ଇତି) ତୁମର ହତଭାଗ୍ୟ
ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍: 9437147350
ଧ-୨୮୬୬

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



୰ କାହ୍ନୁଚରଣ ପଟ୍ଟନାୟକ
ଆବିର୍ଭାବ: ୦୫.୦୧.୧୯୨୯
ତିରୋଧାନ: ୨୫.୦୨.୨୦୧୫
କଲ୍ୟାଣୀନଗର, କଟକ
ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ସାମ୍ବାଦିକ ଦିବଂଗତ କାହ୍ନୁଚରଣ ପଟ୍ଟନାୟକ (କାହ୍ନୁ ସାର୍)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୮୬୮


# କଳିଙ୍ଗ ରନର୍ସ ସିଟି ମାରାଥନ

**ଭୁବନେଶ୍ୱର, ୨୬।୨ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ରନର୍ସ ପକ୍ଷରୁ ୫ମ ଜାତୀୟ ସ୍ତରୀୟ ସିଟି ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ତେଲେଙ୍ଗାନା ଓ ଦିଲ୍ଲୀ ଆଦିରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୩ ବର୍ଗରେ ଏହି ମାରାଥନ ଶିଖରଚଣ୍ଡି ପରିସରରେ ଅନୁଷ୍ଠିତ ହୋଇଥିଲା। ୨୧ କି.ମି. ପାଇଁ ସକାଳ ୫ଟା ୩୦, ୧୦ କିମି ବର୍ଗରେ ସକାଳ ୬ଟା ଓ ୫ କିମି ପାଇଁ ୬ଟା ୩୦ରେ ମାରାଥନ ଆରମ୍ଭ ହୋଇଥିଲା। ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ଟି-ଶାର୍ଟ, ଚିପ୍, ବିଆଇବି ଏବଂ ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୧୦ କି.ମି. ବର୍ଗରେ ଦେବାଶିଷ ପଟ୍ଟନାୟକ ଓ ଚିନା ଗୋପେ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ୨୧ କି.ମି.ରେ ଦୋଳମଣି ଚିରଗୁନ୍ ଓ ସମ୍ କ୍ଷେଣ୍ଟ ପ୍ରଥମ ପୁରସ୍କାର ପାଇଥିଲେ। ରାଉରକେଲାର ୭୧ ବର୍ଷୀୟା ମହିଳା ଉର୍ମିଳା ଦାସ ୧୦ କି.ମି. ବର୍ଗରେ ଭାଗନେଇ ସଫଳତାର ରେସ୍ ଫିନିଶ୍ କରିଥିଲେ। ମାରାଥନ ଅବସରରେ ପୋଲିସ ଏଡିଜି ଲଳିତ ଦାସ, ସେଣ୍ଟ୍ରୋକ୍ସି ପ୍ରତିଷ୍ଠାତା ଯଜାତି ବାତ୍ରୁ, କଳିଙ୍ଗ ରନର୍ସ ସଭାପତି ଦୁଃଖୀଶ୍ୟାମ ପାଢ଼ୀ, ସମ୍ପାଦକ ସଂଗ୍ରାମ କେଶରୀ ଜେନା, ରେସ୍ ଡାଇରେକ୍ଟର ଦୀପକ କୁମାର ମିଶ୍ର, ଉପସଭାପତି ସ୍ୱାତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମେଡ୍‌ଭେଡେଭ୍‌ଙ୍କୁ ଟାଇଟଲ

**ଦୋହା, ୨୬।୨ (ଏପି):** ଡାନିଲ ମେଡ୍‌ଭେଡେଭ୍ ତାଙ୍କ ପଦାର୍ପଣରେ କାତାର ଓପନ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ପୂର୍ବତନ ନମ୍ବର ୱାନ୍ ଖେଳାଳି ଆଣ୍ଡି ମୁରେଙ୍କୁ ୬-୪, ୬-୪ରେ ହରାଇ ଦେଇଛନ୍ତି। ଏହା ହେଉଛି ତାଙ୍କର ୧୭ତମ ସିଙ୍ଗଲ୍ସ ଟାଇଟଲ। ମେଡ୍‌ଭେଡେଭ୍ ଗତ ସପ୍ତାହାନ୍ତରେ ରୋଟରଡାମ୍ ଟାଇଟଲ ଜିତିଥିଲେ।

# ରମନ୍ ପ୍ରଭାବ



ଡ. କମଳାକାନ୍ତ ଜେନା



**ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖକୁ 'ଜାତୀୟ ବିଜ୍ଞାନ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



କଥା ୧୯୨୧ ମସିହାର। ତେତିଶ ବର୍ଷର ଜଣେ ଭାରତୀୟ ଯୁବକଙ୍କୁ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ୟୁରୋପ ପଠାଗଲା। ସେ ପ୍ରଥମ ଥର ପାଇଁ ୟୁରୋପ ଗସ୍ତ ସାରି ଜାହାଜରେ ଭାରତ ଫେରୁଥିଲେ। ଭୂମଧ୍ୟସାଗରୀୟ ଜଳ ଓ ହିମଖଣ୍ଡର ଗହନ ନୀଳିମା ତାଙ୍କୁ ଅଭିଭୂତ କଲା। ସେ ପ୍ରକୃତିର ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରୁଥିଲେ। ପ୍ରକୃତିର ନୀଳିମା ତାଙ୍କୁ ଗବେଷଣା ପାଇଁ ଉତ୍ସାହିତ କଲା। ସମୁଦ୍ରର ନୀଳ ରଙ୍ଗ ଉପରେ ସେ ଗବେଷଣା ଆରମ୍ଭ କଲେ। ଦୀର୍ଘ ୭ ବର୍ଷର ଗଭୀର ଚିନ୍ତନ ପଶ୍ଚାତ୍ ୧୯୨୮ ଫେବୃୟାରୀ ୨୮ ତାରିଖରେ ସେ ଏକ ମହାର୍ଘ ନୂତନ ସତ୍ୟ ଆବିଷ୍କାର କଲେ। ସେହି କୃତବିଦ୍ ପଦାର୍ଥ ବିଜ୍ଞାନୀ ହେଉଛନ୍ତି ସାର ଚନ୍ଦ୍ରଶେଖର ଭେଙ୍କଟରମନ୍। ଆଲୋକର ଅଦ୍ଭୁତ ବ୍ୟବହାର ସମ୍ପର୍କିତ ସେହି ସତ୍ୟର ଅନ୍ୟ ନାମ 'ରମନ୍ ପ୍ରଭାବ'। ତାଙ୍କର ଆବିଷ୍କାରକୁ ଦୁଇ ବର୍ଷ ପରେ ନୋବେଲ ସ୍ୱୀକୃତି ମିଳିଲା। ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଗ୍ରହଣ କଲେ। ୧୯୦୧ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନରେ ୧୧୬ ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ପୃଥିବୀର ୨୨୨ ଜଣ (ଜନ୍ ବାର୍ଡିନ୍ ୨ ଥର) ପଦାର୍ଥ ବିଜ୍ଞାନୀ ପୁରସ୍କାର ଗ୍ରହଣ କରିଛନ୍ତି। କିନ୍ତୁ ଅଦ୍ୟାବଧି ରମନ୍ ହେଉଛନ୍ତି ବିଜ୍ଞାନରେ ଏକମାତ୍ର ଭାରତୀୟ ନୋବେଲ ବିଜୟୀ। ତେଣୁ ଆମ ପାଇଁ ଫେବୃୟାରୀ ୨୮ ତାରିଖ ହେଉଛି ସ୍ମରଣୀୟ ଦିବସ। ସେହି ଦିବସକୁ ୧୯୮୭ ମସିହାରୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ'ର ମର୍ଯ୍ୟାଦା ମିଳିଛି।

ନୋବେଲ ପୁରସ୍କାର ହେଉଛି ପୃଥିବୀର ସବୁଠାରୁ ବଡ଼ ପୁରସ୍କାର। ୧୯୦୧ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ପ୍ରତି ବର୍ଷ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ, ଚିକିତ୍ସା ବିଜ୍ଞାନ, ଶାନ୍ତି ପ୍ରତିଷ୍ଠା ଓ ଅର୍ଥନୀତି ଭଳି ଛଅଟି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ନୋବେଲ ସମ୍ମାନ ପ୍ରଦାନ କରାଯାଏ। ସୁଇଡେନ ରସାୟନ ବିଜ୍ଞାନୀ ତଥା ଡିନାମାଇଟ ଆବିଷ୍କାରକ ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଏ। ପ୍ରତିବର୍ଷ ଅକ୍ଟୋବର ମାସରେ ନୋବେଲ ବିଜେତାମାନଙ୍କର ନାମ ଘୋଷଣା କରାଯାଇଥାଏ ଏବଂ ଡିସେମ୍ବର ୧୦ ତାରିଖରେ ପୁରସ୍କାର ପ୍ରଦାନ କରାଯାଏ। ୧୯୩୦ ମସିହାରେ ଅନ୍ତର୍ଜାତୀୟ ସ୍ତରରେ ଯେଉଁ ଭାରତୀୟ ପଦାର୍ଥ ବିଜ୍ଞାନୀଙ୍କର ନାମ ନୋବେଲ ପୁରସ୍କାର ନିମନ୍ତେ ଘୋଷଣା କରାଯାଇଥିଲା, ସେ ହେଉଛନ୍ତି ଭେଙ୍କଟରମନ୍, ଯାହାଙ୍କୁ ଆମେ ସି. ଭି. ରମଣ ବୋଲି କହୁ। ପ୍ରକୃତିପ୍ରୀତି ହିଁ ରମନ୍‌ଙ୍କୁ ଗୌରବମୟ ନୋବେଲ ସମ୍ମାନ ଆଣି ଦେଇଥିଲା।

ରମନ୍ ୧୮୮୮ ମସିହା ନଭେମ୍ବର ୭ ତାରିଖରେ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାପା ଥିଲେ ପଦାର୍ଥ ବିଜ୍ଞାନ ଅଧ୍ୟାପକ। ରମନ୍ ମାତ୍ର ୧୨ବର୍ଷ ବୟସରେ ମାଟ୍ରିକ୍ ପାସ୍ କରିଥିଲେ ଓ ୧୯ ବର୍ଷ ବୟସରେ ଏମ୍.ଏସ୍‌ସି. ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କଲେ। ଏମ୍.ଏସ୍‌ସି. ପଢ଼ିବା ସମୟରେ ୧୯୦୬ ମସିହାରେ ଆଲୋକ ସମ୍ପର୍କିତ ତାଙ୍କର ଏକ ନିବନ୍ଧ ପ୍ରକାଶିତ ହୋଇଥିଲା। ଏମ୍.ଏସ୍‌ସି. ପରେ ୧୯୦୭ ମସିହାରେ ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତା ପାଇଲେ। କିନ୍ତୁ ସିଭିଲ୍ ସର୍ଭିସ୍ ଛାଡି ୧୯୧୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଯୋଗଦେଲେ।

ଆଲୋକର ବ୍ୟବହାର ଉପରେ ତାଙ୍କର ଗବେଷଣା ଜାରି ରହିଲା। ଆଲୋକ ପାଇଁ ଆମେ ବସ୍ତୁକୁ ଦେଖିପାରୁ। ଆମକୁ ଆକାଶ ନୀଳ ଦିଶେ। ସମୁଦ୍ର ମଧ୍ୟ ନୀଳ ଦିଶେ। ୟୁରୋପରୁ ଜଳଜାହାଜରେ ଫେରିବା ସମୟରେ ଭୂମଧ୍ୟସାଗରର ଗହନ ନୀଳିମା ରମନ୍‌ଙ୍କୁ ଅଭିଭୂତ କରିଥିଲା। ବାୟୁମଣ୍ଡଳର ଅଣୁଗୁଡ଼ିକ ଆଲୋକର ରଙ୍ଗକୁ ବିଚ୍ଛୁରିତ କରିବା ହେତୁ ଆକାଶ ନୀଳ ଦେଖାଯାଏ ବୋଲି ସେ ଆଗରୁ ଜାଣିଥିଲେ। ଜଳଅଣୁ ଦ୍ୱାରା ଆଲୋକର ବିଚ୍ଛୁରଣ ସମ୍ପର୍କରେ ଅଧିକ ଜାଣିବା ପାଇଁ ୮ ଜଣ ଦକ୍ଷ ସହଯୋଗୀଙ୍କୁ ନେଇ କଲିକତାର 'ଇଣ୍ଡିଆନ୍ ଏକାଡେମୀ ଫର୍ କଲ୍ଟିଭେଶନ ଅଫ୍ ସାଇନ୍ସ' ଅନୁଷ୍ଠାନରେ ସେ ଗବେଷଣା ଚଳାଇଲେ। ଗବେଷଣା ସକାଶେ ସେ ଯେଉଁ ଉପକରଣ ବ୍ୟବହାର କରୁଥିଲେ, ତାହାର ଦାମ୍ ଥିଲା ମାତ୍ର ୨୦୦ ଟଙ୍କା। ୧୯୨୭ ମସିହାରେ ଏକ୍ସ-ରେ ବିଚ୍ଛୁରଣ କରାଗଲା। ସେତେବେଳକୁ ଆଲୋକର ବିଚ୍ଛୁରଣ ଉପରେ ରମନ୍ ଅନେକ ପରୀକ୍ଷା କରିସାରି ଥାଆନ୍ତି। କ୍ରୋମ୍ପଟନ୍‌ଙ୍କର ବିଚ୍ଛୁରଣ ଗବେଷଣା ସମ୍ପର୍କରେ ଶୁଣିଲା ପରେ ରମନ୍ ଭାବିଲେ, ଏକ୍ସ-ରେ ସହିତ ଆଲୋକର ସାମଞ୍ଜସ୍ୟ ରହିଛି। ଉଭୟ ଏକ ପ୍ରକାର ତରଙ୍ଗ। ତେଣୁ ଏକ୍ସ-ରେ ବିଚ୍ଛୁରଣ ସହିତ ଆଲୋକ ବିଚ୍ଛୁରଣର ଅନେକ ସାମସ୍ୟ ରହିବ। ଏହା ତାଙ୍କର ଗବେଷକ ମନୋବଳକୁ ଦୃଢ଼ କଲା। ସତକୁ ସତ ପର ବର୍ଷ ୧୯୨୮ ମସିହାରେ ଆଲୋକର ବିଚ୍ଛୁରଣ ସମ୍ପର୍କରେ ସେ ନୂତନ ସତ୍ୟ ଆବିଷ୍କାର କଲେ। ସେ ଜାଣିପାରିଲେ, ରଙ୍ଗୀନ ଆଲୋକ ରଶ୍ମି ତରଳ ପଦାର୍ଥ ଦେଇ ଗତି କଲେ ତା'ର ରଙ୍ଗରେ ପରିବର୍ତ୍ତନ ହେଇପାରେ। ତରଳ ପଦାର୍ଥ ଭିତରେ ଯେଉଁ ରଙ୍ଗର ଆଲୋକ ପ୍ରବେଶ କରେ, ସେହି ରଙ୍ଗର ଆଲୋକ ମିଳିବା ସହିତ ଅନ୍ୟ ରଙ୍ଗର ଆଲୋକ ମିଳିଥାଏ। ଏହି ଗବେଷଣାକୁ ୧୯୯୮ ମସିହାରେ ଆନ୍ତର୍ଜାତିକ ଐତିହାସିକ ରାସାୟନିକ ମାଇଲଖୁଣ୍ଟର ମାନ୍ୟତା ମିଳିଥିଲା।

ଆଲୋକର ପ୍ରକୃତି ବିଚିତ୍ର। ଏହା ଉଭୟ ତରଙ୍ଗ ଓ କଣିକା ଭଳି ବ୍ୟବହାର କରିଥାଏ। ଶକ୍ତିର କ୍ଷୁଦ୍ର ପୁଡ଼ିଆରେ ଏହା ଗଠିତ, ଯାହାକୁ ଆଲୋକର କଣିକା ରୂପ ବା 'ଫୋଟନ୍' ବୋଲି କୁହାଯାଏ। ଭିନ୍ନ ଭିନ୍ନ ରଙ୍ଗର ଫୋଟନ ପୁଡ଼ିଆରେ ଅଲଗା ଅଲଗା ପରିମାଣର ଶକ୍ତି ରହିଥାଏ। ସାତଟି ରଙ୍ଗର ଆଲୋକ 'ବା-ଘ-ନୀ-ସ-ହ-ନା-ଲା' ଭିତରୁ ନାଲି ରଙ୍ଗର ଫୋଟନ୍ ତୁଳନାରେ ବାଇଗଣି ରଙ୍ଗର ଫୋଟନ୍‌ରେ ଅଧିକ ଶକ୍ତି ଥାଏ। ଫୋଟନ୍‌ଗୁଡ଼ିକ ତରଳ ପଦାର୍ଥ ମଧ୍ୟରେ ଗତି କରିବା ସମୟରେ ତରଳର ଅଣୁ ସହିତ ଧକ୍କା ହୁଏ। କିନ୍ତୁ ଅନେକ ଫୋଟନ୍ ଅଣୁଗୁଡ଼ିକୁ ଏଡ଼ାଇ ବାହାରକୁ ବାହାରି ଯାଆନ୍ତି। ଏହି ଧକ୍କା ଦୁଇ କିସମର ହୁଏ। ଧକ୍କା ଫଳରେ ଫୋଟନ୍ ନିଜର ଶକ୍ତିରୁ କିଛି ଶକ୍ତି ତରଳ-ଅଣୁକୁ ଦେଇପାରେ ଅଥବା ତରଳର ଅଣୁଠାରୁ କିଛି ଶକ୍ତି ନେଇପାରେ। ଉଭୟ କ୍ଷେତ୍ରରେ ଫୋଟନ୍‌ର ଶକ୍ତିରେ ପରିବର୍ତ୍ତନ ଘଟେ। ଶକ୍ତିରେ ପରିବର୍ତ୍ତନ ଘଟିଲେ ତାହାର ରଙ୍ଗରେ ପରିବର୍ତ୍ତନ ଘଟେ। ତରଳର ଅଣୁଗୁଡ଼ିକ ଦ୍ୱାରା ଆଲୋକର ରଙ୍ଗରେ ଏଭଳି ପରିବର୍ତ୍ତନକୁ 'ରମନ୍ ପ୍ରଭାବ' କୁହାଯାଏ। ଭିନ୍ନ ଭିନ୍ନ ଅଣୁ ପାଇଁ ପରିବର୍ତ୍ତନର ମାତ୍ରା ଭିନ୍ନ ହୁଏ। ତେଣୁ ରମନ୍ ପ୍ରଭାବ ସାହାଯ୍ୟରେ ଅଣୁର ପରିଚୟ ଜଣାପଡ଼େ। ତେଣୁ ରମନ୍ ପ୍ରଭାବ ପ୍ରୟୋଗ ପୂର୍ବକ ହେରୋଇନ୍, କୋକେନ୍, ଚରସ୍ ଓ ବିସ୍ଫୋରକ ଚିହ୍ନଟ କରାଯାଇ ପାରିବ। ରକ୍ତ ଶର୍କରା, କୋଲେଷ୍ଟରଲ୍, ୟୁରିକ୍ ଅମ୍ଳ ଏବଂ ଅନ୍ୟ ରକ୍ତ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ରମନ୍ ପ୍ରଭାବ ପ୍ରୟୋଗ କରାଯାଇ ପାରିବ।

୧୯୭୦ ମସିହା ନଭେମ୍ବର ୨୧ରେ ପ୍ରକୃତିପ୍ରେମୀ ଗବେଷକ ରମନ୍ ଆଖିବୁଜିଲେ। କିନ୍ତୁ ତାଙ୍କର ଅନନ୍ୟ ପ୍ରତିଭାକୁ ଆଜି ବି ଦେଶବାସୀ ମନେରଖିଛନ୍ତି। ପ୍ରତିବର୍ଷ ଗୋଟିଏ ବିଶେଷ ବିଷୟକୁ ନେଇ ଜାତୀୟ ବିଜ୍ଞାନ ଦିବସ ପାଳିତ ହୁଏ। ୨୦୨୩ ବର୍ଷ ପାଇଁ ଏହାର ଥିମ୍ ରହିଛି 'ବିଶ୍ୱ କଲ୍ୟାଣ ନିମନ୍ତେ ବିଶ୍ୱସ୍ତରରେ ବିଜ୍ଞାନ' (ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ ୱେଲବିଙ୍ଗ୍)। ବିଜ୍ଞାନର ପ୍ରତ୍ୟେକ ହିତକଡ଼ି ବିଶ୍ୱବାସୀଙ୍କ ମଙ୍ଗଳରେ ନିୟୋଜିତ ହେବା ଜରୁରୀ।

-ସହକାରୀ ପ୍ରଫେସର, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ଅଟୋନୋମସ୍ କଲେଜ
ମୋ: ୯୪୩୯୫୦୧୬୫୧

## ଶାନ୍ତ ପରିବେଶ ଓ ବୁଦ୍ଧିମତ୍ତା



ବୁଦ୍ଧିମତ୍ତା ବଢ଼ାଇବାର ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଜଣେ ବ୍ୟକ୍ତି ଯଦି ଅଧିକାଂଶ ସମୟ ଶାନ୍ତ ପରିବେଶରେ ରୁହନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ବୃଦ୍ଧି ଘଟିଥାଏ। 'ଶାନ୍ତ ପରିବେଶ ଓ ବୁଦ୍ଧିମତ୍ତା' ଶୀର୍ଷକ ବିଷୟବସ୍ତୁ ଉପରେ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରାୟ ଶାନ୍ତ ପରିବେଶରେ ରହୁଥିଲେ ସେମାନଙ୍କର ବୁଦ୍ଧିମତ୍ତାରେ ଉନ୍ନତି ପରିଲକ୍ଷିତ ହେଉଥିଲା। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଶାନ୍ତ ପରିବେଶରେ ଜଣେ ବ୍ୟକ୍ତି ଅଧିକାଂଶ ସମୟ ରହିଲେ ତାହାର ସୁପ୍ରଭାବ ମାନସିକତା ଉପରେ ପଡ଼ିଥାଏ।

## ଅଳ୍ପରେ...



- ମଧ୍ୟାହ୍ନଭୋଜନ କରିବା ପରେ ହେଉ କି ରାତ୍ର ଭୋଜନ- ଠିକ୍ ଏହାର ପରବର୍ତ୍ତୀ ସମୟରେ ଥଣ୍ଡାଜାତୀୟ ପାନୀୟ, ଚା' କିମ୍ବା କଫି ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ। ଏଭଳି ଅଭ୍ୟାସ ପରିତ୍ୟାଗ କରିବାକୁ ଚେଷ୍ଟା କରନ୍ତୁ।
- କେତେକ ଖାଇ ସାରିବା ପରେ ପରେ ପାଣି ପିଅନ୍ତି। ଏହା ଆଦୌ ଭଲ ଅଭ୍ୟାସ ନୁହେଁ। ଜଣେ ଡାଇବେଟିସ୍ ରୋଗୀ ଖାଇସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ମେଦ ବୃଦ୍ଧି ପାଇଥାଏ।
- ପ୍ରତିଦିନ ସକାଳେ ଓ ରାତ୍ରଭୋଜନ ପରେ ଭଲଭାବରେ ବ୍ରଶ୍ କରିବାକୁ ଭୁଲନ୍ତୁ ନାହିଁ। ଦାନ୍ତଜନିତ କିଛି ସମସ୍ୟା ଥିଲେ ତାହାକୁ ଉପେକ୍ଷା ନ କରି ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ପ୍ରତିଦିନ ସକାଳୁ ବିଛଣା ଛାଡିବା ପୂର୍ବରୁ କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ତା' ସହ ଅଣ୍ଟାଜନିତ ସମସ୍ୟାରୁ ମଧ କେତେକାଂଶରେ ଉପଶମ ଦେଇଥାଏ।
- ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିଲେ ଭଲ।

## ଜଗିଙ୍ଗ: କିଛି କଥା



ନିଜକୁ ଫିଟ୍ ରଖିବା ପଛରେ ଜଗିଙ୍ଗର ଭୂମିକାକୁ ଏଡାଇ ଦିଆଯାଇ ନ ପାରେ। ପ୍ରତିଦିନ ସକାଳୁ କିଛି ସମୟ ଜଗିଙ୍ଗ କରନ୍ତୁ। ଏହାର ସମୟସୀମା ଅତିକମ୍‌ରେ ୧୫-୩୦ ମିନିଟ୍ ହେଲେ କିଛି କ୍ଷତି ନାହିଁ। ନିୟମିତ ଜଗିଙ୍ଗ କରିବା ଦ୍ୱାରା ଆମ ଶରୀର ପାଇଁ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ଶରୀରକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ମିଳେ। ପ୍ରତିଦିନ ଜଗିଙ୍ଗ କଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଦୃଢ଼ ହୋଇଥାଏ। ବିଶେଷଭାବରେ ଜଣେ ଡାଇବେଟିସ୍ ରୋଗୀ ନିୟମିତ କିଛି ସମୟ ଜଗିଙ୍ଗ କରିବା ନିହାତି ଦରକାର। ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ଏଥିରୁ ଆଉ ଏକ ଉପକାର ମିଳେ। ତାହା କ'ଣ ଜାଣନ୍ତି ? ଜଗିଙ୍ଗ କରିବା ଫଳରେ ଆମ ଶରୀରରେ ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଜଗିଙ୍ଗ କଲେ ହାର୍ଟ ଆଟାକ୍ ଏପରି କି ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ରହିଥାଏ। କେବଳ ସେତିକି ନୁହେଁ ଓଜନକୁ ସନ୍ତୁଳିତ ରଖିବାରେ ଏହା ମଧ ସାହାଯ୍ୟ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ସୁଗାର କ୍ୟାଲୋରୀ ଡ୍ରିଙ୍କ୍‌ସ ପିଇଲେ ତାହା ଶରୀରରେ ଚର୍ବି ପରିମାଣ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ୟୁନିଭର୍ସିଟି ଅଫ୍ ଟୋକିଓର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି।
- ରାତିରେ ଶୋଇବା ପୂର୍ବରୁ ମନକୁ ଶାନ୍ତ ରଖନ୍ତୁ। ଏହାପୂର୍ବରୁ ଯଦି ଟେନସନ୍‌ରେ ରହିଲେ ତେବେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।
- ସକାଳର କଅଁଳ ସୂର୍ଯ୍ୟକିରଣ ଶରୀର ପାଇଁ ବେଶ୍ ଉପକାରୀ। କାରଣ ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ 'ଡି' ଭରି ରହିଛି। ତେଣୁ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ।
- ପ୍ରତିଦିନ କିଛି ତଟକା ଫଳମୂଳ ଖାଆନ୍ତୁ। ବିଶେଷଭାବରେ ଏହାକୁ ବ୍ରେକଫାଷ୍ଟରେ ସାମିଲ କଲେ ସେଥିରୁ ବେଶ୍ ଉପକାର ମିଳିଥାଏ।
- ଖାଇବା ଭିତରେ ଯଦି ପାଣି ପିଉଛନ୍ତି ତେବେ ତାହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିବାର ଆଶଙ୍କା ରହିଛି। ଖାଇବାର କିଛି ସମୟ ପୂର୍ବରୁ ଅଳ୍ପ ପାଣି ଏବଂ ଖାଇବା ଶେଷ ହେବା ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।
- ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ଏହାର ସମାଧାନର ରାସ୍ତା ବାହାର କରନ୍ତୁ।



# ସୂର୍ଯ୍ୟପର ଭଗ୍ନ ଅଂଶ



ଡ. ଦେବାଶିଷ ମହାନ୍ତି

ଗତ କିଛି ଦିନ ହେଲା ଗୋଟିଏ ଖବର ବିଭିନ୍ନ ଗଣମାଧ୍ୟମ ଓ ଇଣ୍ଟରନେଟ୍‌ରେ ଚର୍ଚ୍ଚାରେ ରହି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଆପଣମାନେ ମଧ ସେ ଖବର ନିଶ୍ଚିନ୍ତ ପଢ଼ିଥିବେ ବା ଦେଖିଥିବେ ବା ଶୁଣିଥିବେ। ଖବରଟି ହେଲା, ଆମ ସୂର୍ଯ୍ୟରୁ ଖଣ୍ଡେ ଭାଙ୍ଗି ଯାଇ ତା' ଉତ୍ତର ମେରୁରେ ବୁଲୁଅଛି। ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରରେ ଏହାର ଚିତ୍ର ଉତ୍ତୋଳିତ ହୋଇଛି, ଯାହା ମହାକାଶ ବିଜ୍ଞାନୀଙ୍କୁ ସ୍ତବ୍ଧ କରିଦେଇଛି। ଏହାର ପରିଣାମ ବିଷୟରେ ଚାରିଆଡ଼େ ଚର୍ଚ୍ଚା ଚାଲିଛି, ଯାହାକି ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

ଏଠାରେ ମୁଁ ଆପଣମାନଙ୍କୁ ଆଶ୍ୱସ୍ତ କରିଦେବାକୁ ଚାହେଁ ଯେ, ପ୍ରଚାରିତ ହୋଇଥିବା କୌଣସିଟି ଖବର ଭଗବାନଙ୍କ କୃପାରୁ ସତ୍ୟ ନୁହେଁ। ସୂର୍ଯ୍ୟଙ୍କର କୌଣସି ଖଣ୍ଡ ଭାଙ୍ଗି ନାହିଁ। ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ସୂର୍ଯ୍ୟର ଫଟୋ ନିଏ ନାହିଁ କିମ୍ବା ଜ୍ୟୋତିର୍ବିଜ୍ଞାନୀମାନେ ବିଚଳିତ ହୋଇନାହାନ୍ତି। ତାହାହେଲେ ଆପଣମାନଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଥିବ ଯେ, ଗଣମାଧ୍ୟମରେ ଏତେ ହୋହଲ୍ଲା କାହିଁକି ? ନିଆଁ ନ ଥିଲେ ତ ଧୂଆଁ ଉଠେନି। କିଛି ତ ଘଟଣା ଘଟିଛି ? ଆଜ୍ଞା ହଁ, ଘଟଣା ତ ନିଶ୍ଚିନ୍ତ ଘଟିଛି କିନ୍ତୁ କିଛି ଚିନ୍ତାଜନକ ଘଟଣା ନ ଘଟି ଏକ ମଜାଦାର ଘଟଣା ଘଟିଛି। ସୂର୍ଯ୍ୟ ସକଳ ଶକ୍ତିର ଆଧାର। ସର୍ବବ୍ୟାପୀ ଓ ଆମ ଜୀବନଧାରଣ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ସୂର୍ଯ୍ୟ ଏକ ନକ୍ଷତ୍ର। ଏହା ଏକ ଜ୍ୱଳନ୍ତ ଗ୍ୟାସୀୟ ପିଣ୍ଡ, ଯାହା ପ୍ଲାଜ୍‌ମା ଅବସ୍ଥାରେ ଅଛି। ଏହା ମଧ୍ୟରେ ଉଦ୍‌ଜାନ ପରମାଣୁ ସଂରଚନା ପ୍ରକ୍ରିୟା ଦ୍ୱାରା ପରସ୍ପର ସହ ଯୋଡ଼ିହୋଇ ହିଲିୟମ୍ ପରମାଣୁ ଗଠନ କରୁଛନ୍ତି। ଏହି ପ୍ରକ୍ରିୟାରୁ ପ୍ରଚଣ୍ଡ ଶକ୍ତି ନିର୍ଗତ ହେଉଛି, ଯାହା ସୂର୍ଯ୍ୟକୁ ଏପରି ଏକ ଆଗ୍ନେୟ ଗୋଲକ ଅବସ୍ଥାରେ ରଖିଛି। ଏବେ ବି ସୂର୍ଯ୍ୟ ଆମ ପାଇଁ ବିସ୍ମୟକାରୀ ଓ ଏହା ବିଷୟରେ ଅନେକ ତଥ୍ୟ ଏବେ ବି ଆମ ପାଇଁ ଅଜ୍ଞାତ। ଏହା ଏବେ ଏମିତି କାଣ୍ଡ ଘଟାଇଛି ଯାହା ନିଶ୍ଚିନ୍ତ ରୂପେ ଅଦ୍ଭୁତ। ସୂର୍ଯ୍ୟର ପ୍ଲାଜ୍‌ମାରୁ ଏକ ଅତି ସୂକ୍ଷ୍ମ ପଦାର୍ଥ ବାହାରିଯାଇ ଏକ ଘୂର୍ଣ୍ଣାୟମାନ ମୁକୁଟ ପରି ସୂର୍ଯ୍ୟର ଉତ୍ତର ମେରୁରେ ଅବସ୍ଥାପିତ ହୋଇଛି। ବିଶେଷଜ୍ଞଙ୍କ ମତରେ ଏହା ୬୦ ମାଇଲ୍ ପ୍ରତି ସେକେଣ୍ଡରେ ଗତି କରୁଅଛି। ଏହା ଜ୍ୟୋତିର୍ବିଜ୍ଞାନୀମାନଙ୍କ ପାଇଁ ଏକ ଅତୀବ ମନୋରମ ମହାଜାଗତିକ ଦୃଶ୍ୟ। ଏପରି କିଛି ସତରେ ଘଟିଛି କି ନାହିଁ, ଏହା ଉପରେ ମଧ ଅଧିକ ଗବେଷଣା ଆବଶ୍ୟକ। ଯଦି ବି ଘଟିଛି ଏହିପରି ଲୀଳା ସୂର୍ଯ୍ୟ ଦେବଙ୍କ ପାଇଁ ନୂଆ ନୁହେଁ। ଏଥିରେ କିଛି ଆତଙ୍କିତ ହେବାର ନାହିଁ। ପ୍ରତି ୧୧ ବର୍ଷରେ ସୂର୍ଯ୍ୟର କ୍ରିୟାଶୀଳତାର ଚକ୍ର ବଦଳେ। ଏହି ସମୟରେ ସୂର୍ଯ୍ୟ ଅତି ଶାନ୍ତ ଏବଂ ଧୀର ଅବତାରରୁ ଉଗ୍ର ଅବତାର ଧାରଣ କରନ୍ତି। ବିରଳ ଘଟଣା ଘଟିବା ପଛରେ ସୂର୍ଯ୍ୟର ଚୁମ୍ବକୀୟ କ୍ଷେତ୍ରର ଭୂମିକା ରହିଛି ବୋଲି ବୈଜ୍ଞାନିକମାନଙ୍କର ଧାରଣା। ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ରର କେନ୍ଦ୍ର କ୍ରିୟାଶୀଳତାର ଚକ୍ର ବଦଳିଲେ ସ୍ଥାନ ପରିବର୍ତ୍ତନ କରେ। ଏହି ସ୍ଥାନ ପରିବର୍ତ୍ତନ ଯୋଗୁ ଏହିପରି ଘଟଣା ଘଟିଥାଇ ପାରେ ବୋଲି ବୈଜ୍ଞାନିକମାନେ ମତ ପ୍ରକାଶ କରିଛନ୍ତି। ଏବେ ବି ଏହିପରି ଘଟଣାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ସୂର୍ଯ୍ୟର ଅନେକ ରହସ୍ୟ ମାନବ ସମାଜ ପାଇଁ ରହସ୍ୟମୟ ହୋଇ ରହିଛି। ଏହି ବିରଳ ଘଟଣା ଏସ୍.ଡି.ଓ. ମହାକାଶ ଯାନ ଦ୍ୱାରା ଚିତ୍ରିତ ହୋଇଅଛି। 'ଏସ୍.ଡି.ଓ.' ସୂର୍ଯ୍ୟର ବାହ୍ୟତମ ବାୟୁମଣ୍ଡଳ ଯାହା କରୋନା ବୋଲି ମଧ କୁହାଯାଏ, ତାହାର ଫଟୋ ଉତ୍ତୋଳନ କରେ। ଆପଣମାନଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଥିବ ଯେ, ଯଦି ସେମିତି କିଛି ଆତଙ୍କିତ ହେବା ଭଳି ଘଟଣା ଘଟିନି ତେବେ ଗଣମାଧ୍ୟମରେ ଏ ଖବର ହଟଚମଟ ସୃଷ୍ଟି କଲା କିପରି ? ଏଭଳି ଖବର ପରିବେଷଣର ପ୍ରାରମ୍ଭିକ ଉତ୍ସ ଜଣେ ତମିତା ସ୍କୋଭ ନାମ୍ନୀ ମହାକାଶ ବିଜ୍ଞାନୀଙ୍କ ଟୁଇଟ୍। ନାସାର ସୌର ଗତିଶୀଳ ପର୍ଯ୍ୟବେକ୍ଷଣଗାର (ସୋଲାର ଡାଇନାମିକ୍ସ ଅବ୍‌ଜର୍ଭଭେଟୋରି ଏସ୍‌ଡିଓ) ଦ୍ୱାରା ଉତ୍ତୋଳିତ ଫଟୋକୁ ଦେଖି ସେ ଅତି ଉତ୍ସାହିତ ହୋଇ କରିଦେଲେ ଯେ ସୂର୍ଯ୍ୟର ଉତ୍ତର ମେରୁର କିଛି ଅଂଶ ଭାଙ୍ଗି କରି ଅଲଗା ହୋଇଯାଇଛି ଓ ଉତ୍ତର ମେରୁ ଚତୁପାର୍ଶ୍ୱରେ ଘୂରି ବୁଲୁଛି। ଏହି ଟୁଇଟ୍ ହିଁ ସବୁ ଅପପ୍ରଚାରର ମୂଳ ଆଧାର। ସମ୍ପୂର୍ଣ୍ଣ ତଥ୍ୟକୁ ଅନୁଧ୍ୟାନ ନ କରି ଏକ ଟୁଇଟ୍ ଉପରେ ଚାଞ୍ଚଲ୍ୟକର ଖବର ପରିବେଷଣ ଦ୍ୱାରା ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ମୁଁ ଏଠାରେ ସମସ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହେଁ ଯେ, ଏହି ଘଟଣାରେ ଆତଙ୍କିତ ହେବାର କିଛି ନାହିଁ। ଏହାର ପ୍ରଭାବ ମଧ ପୃଥିବୀ ଉପରେ ବେଶି କିଛି ପ୍ରଭାବ ପକାଇବ ନାହିଁ। ତେଣୁ ଇଣ୍ଟରନେଟ୍‌ରେ ମିଳୁଥିବା ଏହି ଦୃଶ୍ୟର ଭିଡିଓକୁ ଦେଖି ଏହି ମହାଜାଗତିକ ଘଟଣାକୁ ଆମେ ଉପଭୋଗ କରିବା ଓ ଏହି ଘଟଣା ବିଷୟରେ ଅପପ୍ରଚାର କରି ଅନ୍ୟମାନଙ୍କୁ ଆତଙ୍କିତ କରିବା ନାହିଁ।



-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୭/୨୦୨୩ Bhubaneswar, Monday, February 27/ 2023

# ଅଷ୍ଟ୍ରେଲିଆ ୬ଷ୍ଠଥର ଚାମ୍ପିୟନ



ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳ।

କେପ୍‌ଟାଉନ, ୨୬।୨

ଅଷ୍ଟ୍ରେଲିଆ ୬ଷ୍ଠ ଥରପାଇଁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଚାମ୍ପିୟନ ହୋଇଛି। ରବିବାର ଏଠାରେ ଅନୁଷ୍ଠିତ ଫାଇନାଲରେ ଦଳ ୧୯ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ପ୍ରଥମଥରପାଇଁ ଫାଇନାଲ ଖେଳିଥିବା ଦକ୍ଷିଣ ଆଫ୍ରିକା ଚାପ ପରିସ୍ଥିତିର ମୁକାବିଲା କରି ନ ପାରି

## ମହିଳା ଟି୨୦ ବିଶ୍ୱକପ

ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ଅଷ୍ଟ୍ରେଲିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୧୩୭ ରନରେ ସୀମିତ ରହିଥିଲା। ଚାମ୍ପିୟନ ଦଳର ବେଥ୍ ମୁନୀ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଆଶ୍‌ଲେ ଗାର୍ଡନର ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ବିବେଚିତ ହେଉଥିବା ଅଷ୍ଟ୍ରେଲିଆ ପୂର୍ବରୁ ୨୦୧୦, ୨୦୧୨, ୨୦୧୪, ୨୦୧୮ ଓ ୨୦୨୦ରେ ଚାମ୍ପିୟନ ହୋଇଥିଲା।

ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ବେଥ୍ ମୁନୀଙ୍କ ଲଢୁଆ ୭୪ ରନ ବଳରେ ସମ୍ମାନଜନକ ସ୍କୋର କରିଥିଲା। ୫୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମୁନୀ ନିଜ ଅପରାଜିତ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସଫଳତା ପାଇ ନ ଥିଲେ। ଦକ୍ଷିଣ ଆଫ୍ରିକାର ଶବନିମ ଇସମାଇଲ ଓ ମାରିଜାନେ କାପ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ଫାଇନାଲର ଚାପରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ ଦକ୍ଷିଣ ଆଫ୍ରିକା ବ୍ୟାଟର। କେବଳ ଲୌରା ଉଲଭର୍ଡଟଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଲଢ଼େଇ କରିପାରି ନ ଥିଲେ। ଉଲଭର୍ଡଟ ୪୮ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୬୧ ରନକରି ଆଉଟ ହେବା ସହ ଦକ୍ଷିଣ ଆଫ୍ରିକାର ଚ୍ୟାଲେଞ୍ଜ ଶେଷ ହୋଇ ଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୨୦ ଓଭରରେ ୧୫୬/୬ (ବେଥ୍ ମୁନୀ-୭୪*, ଆଶ୍‌ଲେ ଗାର୍ଡନର-୨୯, ଶବନିମ ଇସମାଇଲ-୨/୨୬, ମାରିଜାନେ କାପ୍-୨/୩୫, ନନ୍‌କୁଲୁଲେକୋ ମ୍ଲାବା-୧/୨୪, କ୍ଲୋଏ ଟ୍ରାୟନ-୧/୧୫)। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୩୭/୬ (ଲୌରା ଉଲଭର୍ଡଟ୍-୬୧, କ୍ଲୋଏ ଟ୍ରାୟନ-୨୫, ମେଗାନ ସ୍କୁଟ୍-୧/୨୩, ଆଶ୍‌ଲେ ଗାର୍ଡନର-୧/୨୦, ଡାର୍ସି ବ୍ରାଉନ-୧/୨୫, ଜେସ୍ ଜୋନାସେନ-୧/୨୧)।

## ସର୍ବକାଳୀନ ଶ୍ରେଷ୍ଠ ଉଇକେଟ ହାସଲକାରୀ ଇସମାଇଲ

ରବିବାର ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ଦୁଇଟି ଉଇକେଟ ଅକ୍ତିଆର କରିବା ସହିତ ଟି୨୦ ବିଶ୍ୱକପ୍‌ରେ ସର୍ବକାଳୀନ ଶ୍ରେଷ୍ଠ ଉଇକେଟ ହାସଲକାରୀ ପାଲଟିଛନ୍ତି ଦକ୍ଷିଣ ଆଫ୍ରିକାର ଶବନିମ୍ ଇସ୍‌ମାଇଲ। ଏ କ୍ଷେତ୍ରରେ ସେ ଇଂଲଣ୍ଡର ଆନ୍ୟା ଶ୍ରବଶୋଲଙ୍କୁ ସେ ପଛରେ ପକାଇଛନ୍ତି। ୨୦୧୦ରୁ ୨୦୨୦ ମଧ୍ୟରେ ଶ୍ରବ୍‌ଶୋଲ ଟି୨୦ ବିଶ୍ୱକପରେ ୨୭ ମ୍ୟାଚ ଖେଳି ୪୧ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ୨୦୦୯ରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳିଥିବା ଇସ୍‌ମାଇଲ୍ ୩୨ମ୍ୟାଚରୁ ୪୩ ଉଇକେଟ ଅକ୍ତିଆର କରିଛନ୍ତି। ଫାଇନାଲ ମ୍ୟାଚର ଅନ୍ତିମ ଓଭର ବୋଲିଂ କରୁଥିବା ଇସ୍‌ମାଇଲ ୪ର୍ଥ ବଲରେ ଏଲିସ୍ ପେରୀଙ୍କୁ ଆଉଟ୍ କରି ଶ୍ରବଶୋଲଙ୍କୁ ପଛରେ ପକାଇଥିଲେ। ଏହାର ପରବର୍ତ୍ତୀ ବଲରେ ସେ ଜର୍ଜିଆ ୱେୟାରହୋମଙ୍କୁ ବୋଲ୍ଡ କରିବା ସହ ବିଶ୍ୱକପ ଉଇକେଟ ସଂଖ୍ୟା ୪୩ରେ ପହଞ୍ଚାଇଥିଲେ।

## ଅଧିନାୟକତ୍ୱରେ ଶତକ କଲେ ଲାନିଂ

କେପ୍‌ଟାଉନ୍,୨୬।୨: ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟିକା ମେଗ୍ ଲାନିଂ୍ ନିଜ କ୍ୟାରିୟରରେ ସଫଳତାର ଆଉ ଏକ ପର୍ଦ୍ଧ ଯୋଡ଼ିଛନ୍ତି। ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବରେ ଲାନିଂ୍ ଟି୨୦ କ୍ୟାପ୍‌ଟେନ୍‌ସିପ୍‌ରେ ଶତକ ପୂରଣ କରିଛନ୍ତି। ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ସେ ଏହି କୀର୍ତ୍ତିମାନ କରିଛନ୍ତି। ୩୦ ବର୍ଷୀୟ ଲାନିଂ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୩ଟି ଟି୨୦ ବିଶ୍ୱକପ୍ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସମୁଦାୟ ପାଞ୍ଚଟି ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ବେଳେ ୨୦୧୪, ୨୦୧୮ ଓ ୨୦୨୦ ସଂସ୍କରଣରେ ଲାନିଂ୍ ଦଳର ଅଧିନାୟିକା ରହିଥିଲେ। ୧୦୦ ମ୍ୟାଚ୍‌ରେ ଲାନିଂ ନେତୃତ୍ୱ ନେଇଥିବା ବେଳେ ଏହା ମଧ୍ୟରୁ ୭୫ଟିରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏହା ବ୍ୟତୀତ ଲାନିଂ୍‌ଙ୍କ ନେତୃତ୍ୱରେ ଦଳ ଦୁଇଟି ଦିନିକିଆ ବିଶ୍ୱକପ୍ ମଧ୍ୟ ବିଜୟୀ ହୋଇଛି। ଲାନିଂ ଅଷ୍ଟ୍ରେଲିଆ ପକ୍ଷରୁ ୬ ଟେଷ୍ଟ, ୧୦୦ ଦିନିକିଆ ଓ ୧୧୫ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୪୫, ୪୪୬୩ ଓ ୩୦୦୭ ରନ୍ ସ୍କୋର କରିଛନ୍ତି। ଏହାସହିତ ଦିନିକିଆରେ କ୍ରମାଗତ ୨୬ ମ୍ୟାଚ୍ ଜିତିବାର ରେକର୍ଡ ଲାନିଂ୍‌ଙ୍କ ନାମରେ ରହିଛି।

# ଆଜିଠୁ ଅନ୍‌ଲାଇନ୍ ଟିକେଟ

## ରାଉରକେଲାରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

ଭୁବନେଶ୍ୱର, ୨୬।୨ (କ୍ରୀଡ଼ା ପ୍ରତିନିଧି)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ୬ଟି ମ୍ୟାଚ୍ ମାର୍ଚ୍ଚ ୧୦ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଘରୋଇ ଭାରତ ସମେତ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ଅଂଶଗ୍ରହଣ କରିବେ। ପ୍ରତି ଦଳ ପରସ୍ପର ସହିତ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏଥିପାଇଁ ଅନ୍‌ଲାଇନରେ ଟିକେଟ ସୋମବାର ଅପରାହ୍ନ ୧୨ଟାରୁ ଉପଲବ୍ଧ ହେବ ବୋଲି ହକି ଇଣ୍ଡିଆ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ଭାରତ ଖେଳିବାକୁ ଥିବା ମ୍ୟାଚ୍‌ଗୁଡ଼ିକ ପାଇଁ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ରଖାଯାଇଥିବାବେଳେ ଇଷ୍ଟ ଷ୍ଟାଣ୍ଡ ୪୦୦ ଏବଂ ସାଉଥ୍ ଓ ନର୍ଥ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଅଷ୍ଟ୍ରେଲିଆ ଓ ଜର୍ମାନୀ ମ୍ୟାଚ୍ ଲାଗି ୱେଷ୍ଟ ଷ୍ଟାଣ୍ଡ ମୂଲ୍ୟ ୫୦୦ ଟଙ୍କା ଅପରିବର୍ତ୍ତିତ ରଖାଯାଇଥିବାବେଳେ ଇଷ୍ଟ ଷ୍ଟାଣ୍ଡ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଅନ୍‌ଲାଇନ୍ ଟିକେଟ www.ticketgenie.inରେ ଉପଲବ୍ଧ ହେବ।

ଲିଗ୍ ଫର୍ମାଟ୍ ଅନୁସାରେ ମାର୍ଚ୍ଚ ୧୦ ତାରିଖ ପ୍ରଥମ ମ୍ୟାଚ୍‌ରେ ଜର୍ମାନୀକୁ ଭାରତ ଭେଟିବ। ୧୧ରେ ଜର୍ମାନୀ-ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ। ୧୨ରେ ଭାରତ ପ୍ରତିପକ୍ଷ ଅଷ୍ଟ୍ରେଲିଆକୁ ଭେଟିବାକୁ ଥିବାବେଳେ ୧୩ରେ ଭାରତ-ଜର୍ମାନୀ ଡବଲ ହେଡର ଅର୍ଥାତ୍ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ। ୧୪ରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ଚରଣ ମ୍ୟାଚ୍ ହେବ। ୧୫ ତାରିଖରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ସହିତ ପ୍ରୋ-ଲିଗ୍‌ର ରାଉରକେଲା ପର୍ଯ୍ୟାୟ ଶେଷ ହେବ। ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ। ‘‘ଭୁବନେଶ୍ୱର ଓ ରାଉରକେଲାରେ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ସଫଳତାର ସହ ସମ୍ପନ୍ନ ହେବାପରେ ଓଡ଼ିଶାକୁ ପୁଣି ଅନ୍ତର୍ଜାତୀୟ ହକି ଫେରୁଛି। ଏହା ବହୁତ ବଡ଼ କଥା। ଗତ ବିଶ୍ୱକପ୍ ସମୟରେ ବିର୍ସା ମୁଣ୍ଡା ଷ୍ଟାଡିୟମର ଭିତ୍ତିଭୂମି ଏବଂ ରାଉରକେଲାରେ ଉପଲବ୍ଧ ସୁବିଧା ସୁଯୋଗରେ ସମସ୍ତ ଦଳ ଖୁସି ଜାହିର କରିଥିଲେ। ଏବେ ମୁଁ ପୁଣି ସମସ୍ତ ଅଂଶଗ୍ରହଣକାରୀ ଦଳକୁ ସ୍ୱାଗତ କରୁଛି’’ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

### କାର୍ଯ୍ୟସୂଚୀ

ମାର୍ଚ୍ଚ ୧୦: ଭାରତ ବନାମ ଜର୍ମାନୀ
ମାର୍ଚ୍ଚ ୧୧: ଅଷ୍ଟ୍ରେଲିଆ ବନାମ ଜର୍ମାନୀ
ମାର୍ଚ୍ଚ ୧୨: ଭାରତ ବନାମ ଅଷ୍ଟ୍ରେଲିଆ
ମାର୍ଚ୍ଚ ୧୩: ଭାରତ ବନାମ ଜର୍ମାନୀ
ମାର୍ଚ୍ଚ ୧୪: ଜର୍ମାନୀ ବନାମ ଅଷ୍ଟ୍ରେଲିଆ
ମାର୍ଚ୍ଚ ୧୫: ଭାରତ ବନାମ ଅଷ୍ଟ୍ରେଲିଆ
(ବି.ଦ୍ର.: ମ୍ୟାଚ୍‌ଗୁଡ଼ିକ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ରାତି ୭ଟାରେ ଆରମ୍ଭ ହେବ।)

# ଜୁନିୟର ମହିଳା ହକି ଦଳ ଅପରାଜେୟ ରହିଲା

ନୂଆଦିଲ୍ଲୀ, ୨୬।୨ (ପି.ଟି.)

ଭାରତୀୟ ଜୁନିୟର ମହିଳା ହକି ଦଳ ଦକ୍ଷିଣ ଆଫ୍ରିକା ଏ’ ବିପକ୍ଷ ମ୍ୟାଚ୍‌କୁ ୪-୦ଗୋଲ୍‌ରେ ଜିତିନେଇଛି। ଏଥିସହ ଦଳ ଅପରାଜେୟ ରହି ଦକ୍ଷିଣ ଆଫ୍ରିକା ଟୁର୍ ଶେଷ କରିଛି। ଦୀପିକା ସିନିୟର ୧୩ତମ ମିନିଟ୍‌ରେ ଦଳ ପକ୍ଷରୁ ପ୍ରଥମ ଗୋଲ୍ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ସ୍କୋର କରିଥିଲେ। ଏହାର କିଛି ମିନିଟ୍ ପରେ ନୀଲମ୍(୧୫ତମ) ଏକ ପେନାଲ୍‌ଟି କର୍ନରକୁ ରୂପାନ୍ତରିତ କରି ଭାରତର ଗୋଲ ସଂଖ୍ୟା ୨ରେ ପହଞ୍ଚାଇଥିଲେ। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅନ୍ୟ ଦୁଇଟି ଗୋଲ ଅନୁ (୩୫ତମ) ଓ ସୁନ୍‌ଲିତା ଟପ୍ପୋ (୫୦ତମ) ସ୍କୋର କରିଥିଲେ। ୨୧ ବର୍ଷରୁ କମ୍ ଏସିଆ କପ୍ ପାଇଁ ଦଳ ପ୍ରସ୍ତୁତିର ଅଂଶସ୍ୱରୂପ ଦକ୍ଷିଣ ଆଫ୍ରିକା ଟୁର୍ ଆୟୋଜନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଆଗାମୀ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଉଛି। ଭାରତୀୟ ଦଳ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକାର ୨୧ ବର୍ଷରୁ କମ୍ ଦଳ ବିପକ୍ଷ ସମସ୍ତ ୩ଟି ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା।




Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jagatsinghpur: Trishul Hero, Ph: 9289922675, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.

WT.5539.2023ORI

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ